# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) Bhubaneswar, Wednesday, October 3 / 2018 ★★★★

୪୪ଶ ଭାଗ ୩୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଆଲର୍ଜି (Allergy) ନିରୂପଣ ପରୀକ୍ଷା କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ନୟାଗଡ଼, ଗଜପତି, ଜୟପୁର, ରାୟଗଡ଼ା, ଭବାନୀପାଟଣାଠାରେ 5 ଓ 6 ଅକ୍ଟୋବର ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ | ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ଜୟପୁର, ଖଣ୍ଡଗିରି, ଭୁବନେଶ୍ୱର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣାରେ 5 ଓ 6 ଅକ୍ଟୋବର ଦିନ ସକାଳ ୨ରୁ 5 ଘଟିକା ପର୍ଯ୍ୟନ୍ତ **(complete Allergy Test - Food, Skin, Inhalant)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୫ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୫ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ପଲିଥିନ ଏବଂ ନାଇଲନ୍ ସହିତ ମଧ୍ୟ ଆଲର୍ଜି ହୋଇପାରେ ।
5. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯନ୍ତ୍ରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍
(EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

**Jerath Path Labs & Allergy Testing Centre**

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**
**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

- **BHUBANESWAR** 94394-00019 — Pradhan path Lab, 351 Sahid Nagar, Opp. Indusind Bank
- **BHUBANESWAR** 77818-37952, 79034-91922 — BRL Pathology , Shop no. 3,4 , Plot no- 93, District Center, Chandrasekharpur, Nr. Khadiniketan
- **RAYAGADA** 94373-38953 — Banadurga Pathology, Old Bus Stand
- **CUTTACK** 99375-18098, 79786-11650 — Udaya Lab, Biju Patnayak Chowk Nursinghpur Plaza, Shop No. 16, Tulsipur
- **CUTTACK** 94372-27051, 70089-81993 — Deepak Diagnostics, Naya chowk, Madhupatna
- **CUTTACK** 98612-36899, 82498-78544 — Doctors diagnostic, kathagola chhak manglabag
- **JAGATSINGHPUR** 94396-15720, 78734-32849 — Medi Spot Lab, Near Ram Mandir, Medical Road
- **GAJAPATI** 90405-07796 — Ottet Telemedicine, DHH Paralakhemundi, Gajapati
- **BHAWANIPATNA** 94371-88556 — Malaya Pathology, Nr. S.B.I Main Branch
- **BHAWANIPATNA** 94372-93631 — Shree Om Pathology, Old Bus stand, OSRTC Complex
- **NABRANGPUR** 94395-78237 — Jagannath Pathology, Dwarika Nagar 1st line Chamuriaguda
- **NABRANGPUR** 80935-51942 — Lions M.J.M Diagnostic, Panjia Street
- **KORAPUT** 96580-18910 — Subhashree Pathology, Dist. Head Quaters
- **KORAPUT** 82800-28800 — Vijaya Medical & Diagnostic, Near SLN Medical College, Public School Road
- **KHORDHA** 97784-12915 — Sewa Diagnostic Centre, College Road, In Front of Govt. CHC, Jatni Khordha
- **PURI** 94390-46037, 0675-2220244 — Nidan 'a' Patholab, Balagandi Square, Grand Road, Puri
- **KEONJHAR** 94373-79591 — Srimaa Patho Clinic, Opp. Head Quarter Hospital
- **KENDRAPARA** 94374-73435, 99378-96343 — Sai Arogyam Diagnostics Centre, Medical Road
- **JAJPUR** 93384-66911, 99388-48749 — Laxmi Diagnostic Ganesh Bazar, Nr. Govt. Hoapital Jajpur Road
- **JAJPUR** 94385-10546, 78946-61952 — Om Sai Diagnostic Centre, Kanheipur (sarmistha memorial lane), Jajpur Road,
- **JAJPUR** 94371-21192, 79789-94242 — Ashok Diagnostics Jageshwarpur, Nr. Taxi Stand, Jajpur Town
- **KHANDAGIRI** 93371-03408 — Sivananda Patho Lab, 141 Chidananda Vihar
- **KHANDAGIRI** 98610-35754 — IPSA Clinic & Lab, Plot No. 678, Jagamara Road,
- **NAYAGARH** 94370-23208 — Sai Patholab Nayagarh, Back Side Of Police Field
- **JEYPORE** 82800-28800 — Ankita Medicals Rajanagar Chowk

**HELPLINE NO. : 62831-99635, 62831-94640, 94656-08041**



“ ଚାଷୀଙ୍କ ସମସ୍ୟାକୁ ନ ଶୁଣି ବର୍ବର ଭାବେ ସେମାନଙ୍କୁ ଆକ୍ରମଣ କରାଯାଉଛି। ସୁଲତାନ କବଳରେ ଥିବା ଦିଲ୍ଲୀର ବାଦ୍‌ଶାହ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି) କ୍ଷମତା ଅହଙ୍କାରରେ ବୁଡ଼ିରହି ଏସବୁ କରାଉଛନ୍ତି।

- ରଣଦୀପ ସିଂ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର



## ସଂକ୍ଷେପରେ

### କୋଲ୍‌କାତାରେ ବିସ୍ଫୋରଣ: ବାଳକ ମୃତ



**କୋଲ୍‌କାତା, ୨।୧୦(ପି.ଟି.):** ପଶ୍ଚିମବଙ୍ଗ ରାଜଧାନୀ କୋଲ୍‌କାତାର ନଗରବଜାରରେ ଏକ ବହୁତଳ ବିଶିଷ୍ଟ କୋଠା ଆଗରେ ମଙ୍ଗଳବାର ଏକ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ୭ ବର୍ଷର ବାଳକ ପ୍ରାଣ ହରାଇଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ମୃତ ବାଳକଙ୍କ ମା' ଅଛନ୍ତି। ଏହି ଘଟଣା ପାଇଁ ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଦଳ ଭାଜପା ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି। ଟିଏମ୍‌ସିର ଅଭିଯୋଗ ଯେ, ଦଳର ନେତା ତଥା ଦମ୍‌ଦମ୍ ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଞ୍ଚୁ ରୟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଭାଜପା ଏହି ବିସ୍ଫୋରଣ ଘଟାଇଛି। କିନ୍ତୁ ଗୈରିକ ଦଳ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଓଲଟା ଟିଏମ୍‌ସିକୁ ଦାୟୀ କରିଛି।

ଦମ୍‌ଦମ୍ ଥାନା ଅନ୍ତର୍ଗତ କାଜିପରା ଅଞ୍ଚଳରେ ଏକ କୋଠାର ତଳ ମହଲାରେ ଥିବା ଫଳ ଦୋକାନ ନିକଟରେ ପୂର୍ବାହ୍ଣ ୯ଟାରେ ଏହି ବିସ୍ଫୋରଣ ଘଟିଛି। ଆମୋନିୟମ୍ ନାଇଟ୍ରେଟ୍ ଜରିଆରେ ଏହି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି। ବିସ୍ଫୋରଣରେ ଜଣେ ବାଳକ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ସେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଡେପୁଟି ପୋଲିସ କମିଶନର ଆନନ୍ଦ ରୟ୍ କହିଛନ୍ତି। ସିଆଇଡି ସ୍କ୍ୱାଡ୍ ଏବଂ ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରୁଛନ୍ତି।

### ରେଳ ଦୁର୍ଘଟଣାରେ ଜଣେ ମୃତ

**ଚେନ୍ନାଇ, ୨।୧୦(ପି.ଟି.):** ମଙ୍ଗଳବାର ତାମିଲନାଡୁରେ ଦୁଇଟି ପୃଥକ୍ ରେଳ ଦୁର୍ଘଟଣା ସାମ୍ନାକୁ ଆସିଛି। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ସୂଚନା ମିଳିଛି। ଦକ୍ଷିଣ ରେଳପଥ ଅଧିକାରୀଙ୍କ ସୂଚନା ମୁତାବକ, ରାଜ୍ୟର ଆମ୍ବାଟ୍ଟୁର ଅଞ୍ଚଳରେ ଏକ ମାଲବାହୀ ଟ୍ରେନ୍ ଓଲଟିଯାଇଛି। ପରିଣାମ ସ୍ୱରୂପ ଏକ ବ୍ରେକ୍ ଭ୍ୟାନ୍ ଏବଂ ୱାଗନ୍ ଲାଇନ୍‌ଚ୍ୟୁତ ହୋଇ ୱେବ୍ରିଜ୍ କଣ୍ଟେନର ସହ ମାଡ଼ ହୋଇଥିଲା। ୱେବ୍ରିଜ୍ କଣ୍ଟେନର ତଳେ ବସିଥିବା ଜଣେ ବ୍ୟକ୍ତିଙ୍କ ଉପରେ କଣ୍ଟେନର ପଡ଼ିଯିବା ଯୋଗୁ ତାଙ୍କର ମୃତ୍ୟୁ ହୋଇଛି। ଇଗ୍‌ମୋରରେ ପାର୍କିଂ ୟାର୍ଡ ଆଡ଼କୁ ଯାଉଥିବା ଏକ ଖାଲି ଏକ୍ସପ୍ରେସ୍ ଟ୍ରେନ୍ କୋଚ୍ ଓଲଟି ଯାଇଛି।

### ଇତିହାସର ଆଇନାରେ
### ଅକ୍ଟୋବର ୩ର ପ୍ରମୁଖ ଘଟଣା

୧୯୫୨ ଅକ୍ଟୋବର ୩ରେ ବ୍ରିଟେନ 'ଅପରେସନ୍ ହରିକେନ୍' ମାଧ୍ୟମରେ ପ୍ରଥମ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଏହାଦ୍ୱାରା ଆମେରିକା ଓ ସୋଭିଏଟ୍ ୟୁନିୟନ ପରେ ବ୍ରିଟେନ୍ ବିଶ୍ୱର ତୃତୀୟ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ପାଲଟିଥିଲା।

୨୦୧୦ ଅକ୍ଟୋବର ୩ରେ ଦିଲ୍ଲୀରେ ୧୯ତମ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିତ ହୋଇଥିଲା। ୩ରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ ଏହା ଚାଲିଥିବା ବେଳେ ୭୧ ଟି ଦେଶର ୬୦୮୧ ଜଣ ଆଥଲେଟ୍ ୨୧ ଟି କ୍ରୀଡା ଏବଂ ୨୭୨ ଟି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଅନ୍ତର୍ଜାତୀୟ ଅହିଂସା ଦିବସରେ କୃଷକ ସଂଘର ବିକ୍ଷୋଭରୁ ହିଂସା

# ଦିଲ୍ଲୀମୁହାଁ ଚାଷୀଙ୍କୁ ଜୁଲମ୍

**ନୂଆଦିଲ୍ଲୀ/ଗାଜିଆବାଦ, ୨।୧୦(ପି.ଟି.)**



- ଦିଲ୍ଲୀ-ୟୁପି ସୀମାରେ ହଜାର ହଜାର ଚାଷୀ ସମାବେଶ
- ଅଟକାଇବାରୁ କେନ୍ଦ୍ର ବିରୋଧୀ ନାରାବାଜି କଲେ
- ପୋଲିସର ଲାଠିଚାର୍ଜ, ପାଣିମାଡ଼ର ଶିକାର ହେଲେ
- ଚାଷୀଙ୍କ ଆକ୍ରମଣରେ ୭ ପୋଲିସ କର୍ମଚାରୀ ଆହତ
- ସମସ୍ୟା ଉପରେ ଦୃଷ୍ଟି ଦିଆଯିବ: କେନ୍ଦ୍ର
- ସରକାରଙ୍କ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ନୁହନ୍ତି ଚାଷୀ: ବିକେୟୁ ମୁଖ୍ୟ

କେନ୍ଦ୍ର ସରକାର ଚାଷୀମାରଣ ନୀତି ଆପଣାଉଥିବା ଅଭିଯୋଗ ଆଣିବା ସହ ବିଭିନ୍ନ ଦାବି ନେଇ ପୁଣି ଦିଲ୍ଲୀ ଦରବାରମୁହାଁ ହୋଇଛନ୍ତି ଚାଷୀ। ଉତ୍ତରପ୍ରଦେଶ (ୟୁପି)ର ହତାଶ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ ଲାଗି ରାଜଧାନୀକୁ ପ୍ରବେଶ ଉଦ୍ୟମ କରିବାବେଳେ ଦିଲ୍ଲୀ-ୟୁପି ସୀମାରେ ଖଣ୍ଡଯୁଦ୍ଧ ହୋଇଛି। ଚାଷୀଙ୍କୁ ଘଉଡ଼ାଇବା ଲାଗି ମଙ୍ଗଳବାର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଛି। ପୋଲିସ ବଳପ୍ରୟୋଗ କରି ବିକ୍ଷୋଭରତ ଚାଷୀଙ୍କୁ ପାଣି ମାଡ଼ ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଚାଷୀଙ୍କ ଆକ୍ରମଣରେ ମଧ୍ୟ ଜଣେ ଏସିପିଙ୍କ ସମେତ ୭ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଅନ୍ତର୍ଜାତୀୟ ଅହିଂସା ଦିବସରେ ଘଟିଥିବା ଏହି ଘଟଣାକୁ 'ବର୍ବରୋଚିତ ଆକ୍ରମଣ' ଦର୍ଶାଇବା ସହ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ 'କୃଷକ ବିରୋଧୀ' କହି ସମାଲୋଚନା କରିଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି।

ଭାରତୀୟ କିଷାନ ସଂଘ (ବିକେୟୁ) ମୁଖ୍ୟ ନରେଶ ଟିକାଇତ୍‌ଙ୍କ ଡାକରାରେ ୟୁପିର ହଜାର ହଜାର କୃଷକ ସୋମବାର ରାତିରେ ଦିଲ୍ଲୀ ଅଭିମୁଖେ ମାଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟତଃ ୟୁପିର ଗୋଣ୍ଡା, ବସ୍ତି ଓ ଗୋରଖପୁର ଏବଂ ପଶ୍ଚିମ ୟୁପିର ଚାଷୀ ଥିଲେ। କିନ୍ତୁ ଦିଲ୍ଲୀ-ୟୁପି ସୀମାରେ ସେମାନଙ୍କୁ ଅଟକାଯାଇଥିଲା। ତଥାପି ସେମାନେ ପଛଘୁଞ୍ଚା ନ ଦେଇ ଖୋଲା ଆକାଶ ତଳେ ରାତି ବିତାଇଲେ। ମଙ୍ଗଳବାର ସକାଳେ ଆରମ୍ଭ ହୋଇଗଲା କେନ୍ଦ୍ର ବିରୋଧୀ ସ୍ୱର। କୃଷିଋଣ ଛାଡ଼ ଏବଂ ତେଲଦର କମାଅ ବୋଲି ସରକାରଙ୍କ ବିରୋଧରେ ନାରାବାଜି କରି ସେମାନେ ଦିଲ୍ଲୀ ଆଡ଼କୁ ପାଦ ବଢ଼ାଇଥିଲେ। କିଏ ଟ୍ରାକ୍ଟରରେ, ଆଉ କେତେଜଣ ଚାଷୀ ଟ୍ରଲି ନେଇ ଆସିଥିଲେ। ସେମାନଙ୍କୁ ରୋକିବା ଲାଗି ପୋଲିସ ଉଦ୍ୟମ କରିଥିଲା। କିନ୍ତୁ ବ୍ୟାରିକେଡ୍‌କୁ ଡେଇଁ ସେମାନେ ମାଡ଼ିଯିବାକୁ ଉଦ୍ୟମ କରିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଲାଠିମାଡ଼ ସାଙ୍ଗକୁ ପାଣିମାଡ଼ ଏବଂ ଲୁହବୁହା ବାଷ୍ପ ପ୍ରୟୋଗ କରି ଚାଷୀଙ୍କୁ ଛତ୍ରଭଙ୍ଗ ଦେବାକୁ ବାଧ୍ୟ କରାଯାଇଥିଲା। କିନ୍ତୁ ସେମାନେ ପଛଘୁଞ୍ଚା ଦେବା ପରିବର୍ତ୍ତେ ପୋଲିସକୁ ଜବାବ ଦେଇଥିଲେ। ଏଥିଯୋଗୁ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ସ୍ଥିତି ଉପୁଜିଥିଲା। ଦିଲ୍ଲୀ ପୋଲିସ ପ୍ରଥମେ ଲାଠିଚାର୍ଜ କରିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। କିନ୍ତୁ ପୋଲିସ ଏହାକୁ ଖଣ୍ଡନ କରିଛି। ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗିବା ସହ ଟେକାମାଡ଼ କରିବାରୁ ପରିସ୍ଥିତି ନିୟନ୍ତ୍ରଣ ଲାଗି ଆବଶ୍ୟକ ମୁତାବକ କାର୍ଯ୍ୟାନୁଷ୍ଠାନ ହୋଇଥିବା ପୋଲିସ କହିଛି। ବିକ୍ଷୋଭ ସ୍ଥଳରେ ଦିଲ୍ଲୀ ପୋଲିସର ୨,୫୦୦ କର୍ମଚାରୀ, ରାପିଡ୍ ଆକ୍ସନ୍ ଫୋର୍ସ ସମେତ ଅର୍ଦ୍ଧସାମରିକ ବାହିନୀଙ୍କୁ ମୁତୟନ କରାଯାଇଛି। ରାଜଧାନୀକୁ ସଂଯୋଗ କରୁଥିବା ରାଜପଥରେ ଚାଷୀଙ୍କ ଭିଡ଼ ଜମିଛି।

ସେପଟେ ଚାଷୀଙ୍କ ଆନ୍ଦୋଳନ ଯୋଗୁ ହରଡ଼ଘଣାରେ ପଡ଼ିଯାଇଛି କେନ୍ଦ୍ର। ସେମାନଙ୍କୁ ମନାଇବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂ ଏବଂ ଅନ୍ୟମାନଙ୍କ ସହ ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜନାଥଙ୍କ ବୈଠକ ପରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ବିକ୍ଷୋଭରତ ଚାଷୀଙ୍କୁ ଭେଟି ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଗଠିତ କମିଟି ଚାଷୀଙ୍କ ଦାବି ଉପରେ ତର୍ଜମା କରିବେ। ତେଣୁ ବର୍ତ୍ତମାନ ସେମାନେ ଆନ୍ଦୋଳନରୁ ଓହରିଯାଆନ୍ତୁ। ଏହାସତ୍ତ୍ୱେ ଚାଷୀମାନେ ନଛୋଡ଼ବନ୍ଧା। ଏହି ଚାଷୀ ଆନ୍ଦୋଳନର ପୁରୋଧା ତଥା ବିକେୟୁ ମୁଖ୍ୟ ନରେଶ ଟିକାଇତ୍ କହିଛନ୍ତି, ସରକାରଙ୍କ କଥାରେ ଚାଷୀ ସନ୍ତୁଷ୍ଟ ନାହାନ୍ତି।

ଅନେକ ଦାବି ନେଇ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାମୀନାଥନ୍ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା, ନିର୍ମାଣର ୧୦ ବର୍ଷ ପରେ ଟ୍ରାକ୍ଟର ବ୍ୟବହାର ଉପରେ ଥିବା କଟକଣା ହଟାଇବା, ଆଖୁ କ୍ରୟ ପରେ ବାକି ପଡ଼ିଥିବା ଟଙ୍କା ପରିଶୋଧ କରିବା, ଚିନିର ଯୋଗାଣ ମୂଲ୍ୟ ଏବଂ ମିନିମମ୍ ସପୋର୍ଟ ପ୍ରାଇସ୍ (ଏମ୍‌ଏସ୍‌ପି) ବୃଦ୍ଧି ଆଦି ଦାବି ଅନ୍ତର୍ଭୁକ୍ତ। ଦିଲ୍ଲୀ ସିଟି ପୋଲିସ କହିବା ଅନୁଯାୟୀ, ଭାରତୀୟ କିଷାନ ସଂଘର ହଜାର ହଜାର ସଦସ୍ୟ ହରିଦ୍ୱାରରୁ ଶୋଭାଯାତ୍ରା କରି ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିବେ ବୋଲି ସୂଚନା ମିଳିଥିଲା। ଏଣୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ପୂର୍ବ ଏବଂ ଉତ୍ତର-ପୂର୍ବ ଦିଲ୍ଲୀରେ ସୋମବାର ନିଷେଧାଦେଶ ଜାରି ହୋଇଥିଲା। ପ୍ରକାଶ ଯେ, ଉତ୍ତରାଖଣ୍ଡର ହରିଦ୍ୱାରରୁ ସେପ୍ଟେମ୍ବର ୨୩ରୁ କିଷାନ୍ କ୍ରାନ୍ତି ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ୟୁପିର ବହୁସଂଖ୍ୟକ ଚାଷୀ ସାମିଲ ହୋଇଛନ୍ତି।

# ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଆରମ୍ଭ

**ନୂଆଦିଲ୍ଲୀ/ୱାଶିଂଟନ, ୨।୧୦(ପି.ଟି.)**

୧୪୯ ତମ ଜୟନ୍ତୀ ଅବସରରେ ବିଶ୍ୱବ୍ୟାପୀ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପୂଜ୍ୟପୂଜ ପରମ୍ପରା ସହ କୁନି କୁନି ପିଲାଙ୍କ ଦ୍ୱାରା ରାଜଘାଟରେ ପୁଷ୍ପାଞ୍ଜଳି ଅର୍ପଣଠୁ ଆରମ୍ଭକରି, ସୋସିଆଲ୍ ମିଡିଆରେ 'ଇମୋଜି' ଏବଂ ହାଶ୍‌ଟ୍ୟାଗ୍ ଜରିଆରେ ଶ୍ରଦ୍ଧାଞ୍ଜଳି, ରାଜନେତାଙ୍କ ଅହିଂସା ବାର୍ତ୍ତା, ସେଲିବ୍ରିଟିଙ୍କ ଗାନ୍ଧୀବାଦ ମନ୍ତ୍ର ଜରିଆରେ ମହାନ୍ ନେତାଙ୍କୁ ସ୍ମରଣ କରାଯାଇଛି। ୧୫୦ତମ ଜୟନ୍ତୀ ଉତ୍ସବ ଆରମ୍ଭ ହେବା ସହ କଶ୍ମୀରଠୁ କନ୍ୟାକୁମାରୀ ଏବଂ ମୁମ୍ବାଇଠୁ ମିଜୋରାମ୍ ଯାଏ ସ୍ୱଚ୍ଛତା ଅଭିଯାନ ସାଙ୍ଗକୁ ଶାନ୍ତି, ସଦ୍‌ଭାବନା, ଅହିଂସା ବାର୍ତ୍ତା ସର୍ବଧର୍ମ ସମନ୍ୱୟର ବାତାବରଣ ଦେଖିବାକୁ ମିଳିଥିଲା। ଏହି ଜୟନ୍ତୀ ଉତ୍ସବ ୨୦୧୯ ଅକ୍ଟୋବର ୨ରେ ସମ୍ପୂର୍ଣ୍ଣ ହେବ। କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସମସ୍ୟା ଜର୍ଜରିତ ବିଶ୍ୱରେ ଗାନ୍ଧୀଙ୍କୁ ଜଣେ ମାର୍ଗ ଦର୍ଶକ ବୋଲି ବିବେଚନା କରିଛନ୍ତି ବିଦେଶୀ ନେତୃବୃନ୍ଦ।

**ଶାନ୍ତିଦୂତଙ୍କୁ ବିଶ୍ୱବ୍ୟାପୀ ଶ୍ରଦ୍ଧାଞ୍ଜଳି**

ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ସମାଧୀସ୍ଥଳ ରାଜଘାଟ ଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଗାନ୍ଧୀଙ୍କ ନୀତି ଆଦର୍ଶ ଏବଂ ମୂଲ୍ୟବୋଧର ଅନୁପାଳନ ପାଇଁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରସାର ଉଦ୍ଦେଶ୍ୟରେ ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ୪ ମିନିଟ୍‌ର ବୌଦ୍ଧ ଭଜନ ସହ ପ୍ରାର୍ଥନା ଆରମ୍ଭ ହୋଇ ବାହାଇ ଏବଂ ଖ୍ରୀଷ୍ଟିଆନ୍ ଧର୍ମର ପ୍ରାର୍ଥନା ଶୁଣିବାକୁ ମିଳିଥିଲା। ଏହାପରେ ହିନ୍ଦୁ ଶ୍ଳୋକ ଏବଂ ଇସ୍‌ଲାମ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ହିନ୍ଦୁ, ମୁସଲ୍‌ମାନ, ଶିଖ୍, ଜୈନ, ଇହୁଦୀ, ପାର୍ସୀ ଧର୍ମଗୁରୁ ଯୋଗ ଦେଇଥିଲେ। ଭାରତ ଗସ୍ତରେ ଆସିଥିବା ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ରାଜଘାଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟନ୍ତୀ ଉତ୍ସବ ପାଇଁ ଭାରତ ପକ୍ଷରୁ ନେଦରଲାଣ୍ଡରେ ଏକ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ କରାଯାଇଛି। ସେହିପରି ଶାନ୍ତି ଏବଂ ଅହିଂସାର ପ୍ରଚାର ଲାଗି ଗାନ୍ଧିଜୀଙ୍କୁ ସମ୍ମାନ ଜନକ ମରଣୋତ୍ତର 'କଂଗ୍ରେସନାଲ୍ ଗୋଲ୍ଡ ମେଡାଲ୍' ସମ୍ମାନ ଦେବା ଲାଗି ଆମେରିକୀୟ ଆଇନ ପ୍ରଣେତାମାନେ ଦାବି କରିଛନ୍ତି। ସେମାନଙ୍କ ମଧ୍ୟରେ କେତକଣ ଭାରତୀୟ ବଂଶୋଦ୍ଭବ ମଧ୍ୟ ରହିଛନ୍ତି। ଚାଇନାର ରାଜଧାନୀ ବେଜିଂ ସହରରେ ଥିବା ଚାଓୟାଙ୍ଗ୍ ପାର୍କରେ ମଙ୍ଗଳବାର ଗାନ୍ଧୀ ଭଜନ ଶୁଣିବାକୁ ମିଳିଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।



ରାଜଘାଟଠାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଗାନ୍ଧିଜୀଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି।

## ଫୁର୍‌ସତ

# ୬୦ବର୍ଷ ପୂରଣ କଲା ନାସା





**ୱାଶିଂଟନ୍:** ନାସା ଏହାର ମହାକାଶ ଅନୁସନ୍ଧାନ କାର୍ଯ୍ୟକ୍ରମର ୬୦ବର୍ଷ ସମ୍ପୂର୍ଣ୍ଣ କରିଛି। ପୃଥିବୀ ବାହାର ଜଗତ ଆବିଷ୍କାର ଏବଂ ନୂଆ ଜ୍ଞାନକୌଶଳ ବିକାଶରେ ଏହା ପ୍ରସିଦ୍ଧି ଅର୍ଜନ କରିପାରିଛି। ଦୀର୍ଘ ୬ ଦଶନ୍ଧି ମଧ୍ୟରେ ନାସା ମହାକାଶର ଶାନ୍ତିପୂର୍ଣ୍ଣ ଅନ୍ୱେଷଣ କରିବା ସହିତ ଗ୍ରହ ଏବଂ ସୌରମଣ୍ଡଳର ଆବିଷ୍କାର ଏବଂ ବ୍ରହ୍ମାଣ୍ଡ ବିଷୟରେ ଅନୁସନ୍ଧାନ ଜାରି ରଖିଥିବା ଉକ୍ତ ସଂସ୍ଥା ଏହାର ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛି। ବ୍ରହ୍ମାଣ୍ଡର ରହସ୍ୟ ଭେଦ କରିବା ପାଇଁ ନାସା ମହାକାଶକୁ ସ୍ପେସ୍‌କ୍ରାଫ୍ଟ ପଠାଇବା ସହିତ ସୌରମଣ୍ଡଳର ପ୍ରତ୍ୟେକ ଗ୍ରହର ନିକଟବର୍ତ୍ତୀ ପର୍ଯ୍ୟବେକ୍ଷଣ ପାଇଁ ଅନୁସନ୍ଧାନକାରୀ ପ୍ରୋବ୍ ପଠାଇଛି। ଅଗଷ୍ଟରେ ନାସା ସୂର୍ଯ୍ୟଙ୍କ ନିକଟକୁ ପାର୍କର ସୋଲାର ପଠାଇବା ଏହାର ସଦ୍ୟତମ ଉଦାହରଣ। କ୍ଷୁଦ୍ର କାର୍ ଆକୃତିର ଏହି ଐତିହାସିକ ପ୍ରୋବ୍ ସୂର୍ଯ୍ୟଙ୍କ ଠାରୁ ୩.୮ ନିୟୁତ ମାଇଲ୍ ଦୂରରେ ପହଞ୍ଚିବା ପର୍ଯ୍ୟନ୍ତ ଏହାର ଯାତ୍ରା ଜାରି ରଖିବ। ଏଥିସହିତ ନାସା ୯ଟି ମାନବଯୁକ୍ତ ମହାକାଶଯାନ ମଧ୍ୟ ପ୍ରେରଣ କରିଛି। ନାସା ୧୯୫୮ ଅକ୍ଟୋବର ୧ରୁ ସରକାରୀ ଭାବେ ଏହାର ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲା। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡ୍ୱିଟ୍ ଡି. ଆଇଜନହୋୟରଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ଏହାର ୧୦ଦିନ ପରେ ପାୟୋନିୟର-୧ ମହାକାଶକୁ ଲଞ୍ଚ୍ କରାଯାଇଥିଲା। ରକେଟ୍‌ରେ ତ୍ରୁଟି ଯୋଗୁ ଏହା ଚନ୍ଦ୍ରକୁ ପରିକ୍ରମା କରିବାର ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ରେକର୍ଡ ମାତ୍ରା ୭୦,୦୦୦ ମାଇଲ୍ ଉଚ୍ଚତା ପର୍ଯ୍ୟନ୍ତ ଏହା ଯାଇ ଚାର୍ଜଯୁକ୍ତ କଣିକାର ଏକ ଜୋନ୍ ଭାନ୍ ଆଲେନ୍ ରାଡିଏଶନ୍ ବେଲ୍ଟର ଉପସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲା। ପୁନଶ୍ଚ ଏହା ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କରି ଲଞ୍ଚ୍ ହେବାର ୪୩ ଘଣ୍ଟା ପରେ ଜଳିଯାଇଥିଲା।

# ଅଲଗା ହେବେ ଯୋଡ଼ାଶିଶୁ

**ମେଲ୍‌ବୋର୍ନ:** ଭୁଟାରେ ଜନ୍ମ ହୋଇ ଥିବା ଯୋଡ଼ାଶିଶୁ ଅଲଗା ହେବେ। ୧୪ ମାସର କନ୍ୟାସନ୍ତାନ ନିମା ଏବଂ ଡାୱାଙ୍କୁ ପୃଥକ୍ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଯମଜ ସନ୍ତାନଙ୍କୁ ଅଷ୍ଟ୍ରେଲିଆର ମେଲବୋର୍ନ ଅଣାଯାଇଛି। ସେଠାରେ ଡାକ୍ତରମାନେ ସେମାନଙ୍କୁ ପୃଥକ୍ କରିବା ଲାଗି ଜଟିଳ ଅସ୍ତ୍ରୋପଚାରର ଆୟୋଜନ କରୁଛନ୍ତି। ଚିଲ୍‌ଡ୍ରେନ୍ ଫାଷ୍ଟ ଫାଉଣ୍ଡେଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିଜାବେଥ୍ ଲଜ୍‌ଙ୍କ ଆମନ୍ତ୍ରଣ କ୍ରମେ ଯମଜ କନ୍ୟା ଏବଂ ସେମାନଙ୍କ ମା' ମେଲବୋର୍ନଠାରେ ଅବସ୍ଥାନ କରୁଛନ୍ତି। ମଙ୍ଗଳବାର ଉକ୍ତ ପରିବାର ମେଲବୋର୍ନଠାରେ ପହଞ୍ଚିବା ପରେ ରୟାଲ ଚିଲଡ୍ରେନ୍‌ସ ହସ୍ପିଟାଲ୍‌ରେ ଅପରେଶନ୍ ନିମନ୍ତେ ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଳିକା ଦ୍ୱୟଙ୍କ ବକ୍ଷ ଯୋଡି ହୋଇ ରହିଥିବା ବେଳେ ସେମାନଙ୍କର ଗୋଟିଏ ଲିଭର ଥିବା ଜଣାପଡିଛି। ଏ ସମ୍ପର୍କରେ ଲଜ୍ ସାମ୍ବାଦିକଙ୍କୁ କହନ୍ତି, ବାଳିକା ଦ୍ୱୟ ଅସୁସ୍ଥ ଅନୁଭବ କରିବା ସହିତ ସେମାନଙ୍କ ଓଜନ ହ୍ରାସ ପାଇବାରେ ଲାଗିଛି। ଅସ୍ତ୍ରୋପଚାର କରାଯିବା ପୂର୍ବରୁ ସେମାନଙ୍କର ପୁଣି ସ୍କାନ୍ କରାଯିବ ଏବଂ ଅପରେଶନ୍ ପାଇଁ ସମୟ ନିରୂପଣ ହେବ।



'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ପ୍ରୟାଣର ଚତୁର୍ବିଂଶତମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



୧୯୧୬-୧୯୯୪

ପ୍ରଣମ୍ୟ ଧନେଶ୍ୱର ରଥ
ଆବିର୍ଭାବ : ୦୪.୦୨.୧୯୧୬ ତିରୋଧାନ : ୨୮.୧୦.୧୯୯୪

PUJYA PUJA SAMAROHA
DHANESWAR RATH FOUNDATION

ପୂଜ୍ୟପୂଜା ସମାରୋହ
ତା. ୩.୧୦.୨୦୧୮, ବୁଧବାର
ସ୍ଥାନ: ଡ୍ରିମ୍‌ସ ପରିସର, ଟାଙ୍ଗୀ, କଟକ
ସମୟ - ପୂର୍ବାହ୍ଣ ଘ ୧୦.୩୦ମି
ଡ୍ରିମ୍‌ସ ଓ ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩/୨୦୧୮ | Bhubaneswar, Wednesday, October 3 / 2018 | ପୃଷ୍ଠା-୧



**ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦିଅନ୍ତୁ**

ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦେବା ସହିତ ପ୍ରତିଟି କାର୍ଯ୍ୟରେ ତାଙ୍କ ସହିତ ସାମିଲ ହୁଅନ୍ତୁ ବୋଲି କହିଛନ୍ତି ବିଶିଷ୍ଟ ଅଭିନେତ୍ରୀ ଶାବ୍‌ନା ଆଜ୍‌ମୀ ।

୦୨

୧୭

**ଜାତୀୟ ପତାକା ଧରିବେ ଥାଙ୍ଗାଭେଲୁ**

ପାରା ଏସିଆନ୍ ଗେମ୍ସ ଉଦ୍‌ଘାଟନୀ ଉତ୍ସବରେ ଥାଙ୍ଗାଭେଲୁ ମାରିୟାପ୍ପାନ ଭାରତୀୟ ଜାତୀୟ ପତାକା ଧରିବେ।






## ଆଜି ଶପଥ ନେବେ ଜଷ୍ଟିସ୍ ଗୋଗୋଇ



ଜଷ୍ଟିସ୍ ରଞ୍ଜନ ଗୋଗୋଇ

ନୂଆଦିଲ୍ଲୀ,୨।୧୦

ଭାରତର ୪୬ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ବୁଧବାର ଶପଥ ଗ୍ରହଣ କରିବେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ରଞ୍ଜନ ଗୋଗୋଇ। ସିଜେଆଇ ଜଷ୍ଟିସ ଦୀପକ ମିଶ୍ରଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିବାବେଳେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି ଜଷ୍ଟିସ ଗୋଗୋଇ। ୨୦୧୯ ନଭେମ୍ବର ୧୭ ଯାଏ ସେ ଏହି ପଦରେ ରହିବେ। ଆସାମରେ ଜନ୍ମିତ ଜଷ୍ଟିସ ଗୋଗୋଇ ଉତ୍ତର ପୂର୍ବାଞ୍ଚଳରୁ ପ୍ରଥମ ବ୍ୟକ୍ତି ଭାବେ ନ୍ୟାୟପାଳିକାର ସର୍ବୋଚ୍ଚ ପଦାସୀନ ହେବାକୁ ଯାଉଛନ୍ତି।

## ନେତାଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ଦ୍ୱନ୍ଦ୍ୱ

■ ଗଣେଶ୍ୱର, କିଶୋର, ସୁବ୍ରତ, କୁଳମଣି, ବିଭୁଙ୍କୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା ଅଫିସ, ୨।୧୦

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ ମେ ୨୧ରେ ରାଜସ୍ୱ ଆୟୁକ୍ତଙ୍କୁ ଦିଆଯାଇଥିବା ଚିଠି (ନଂ.-୧୦୬୧୪) ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ବଲାଙ୍ଗୀର ଜିଲାର ଯୋଗେନ୍ଦ୍ର ବେହେରା, କେନ୍ଦ୍ରାପଡ଼ା ଜିଲାର ସୁବ୍ରତ ତରାଇ, ଅନୁଗୋଳ ଜିଲାର ମହେଶ ସାହୁ, ସମ୍ବଲପୁର ଜିଲାର ସନାତନ ବିଶି, ଜଗତ୍‌ସିଂହପୁର ଜିଲାର କୁଳମଣି ସାମଲ ଓ ବିଭୁ ପ୍ରସାଦ ତରାଇଙ୍କ ☞ପୃଷ୍ଠା-୧୪

### ଆଜିର ମନ୍ତବ୍ୟ

"ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ବିଶ୍ୱ ସମୁଦାୟ ଏକାଠି ହେବା ଜରୁରୀ ।

- ଏମ୍. ଭେଙ୍କୟା ନାଇଡୁ, ଉପରାଷ୍ଟ୍ରପତି

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଜାତୀୟ ଜଳପଥ-୧ରେ ୫.୫ ନିୟୁତ ଟନ୍ ମାଲ୍ ପରିବହନ ହୋଇଛି।

-ଜାହାଜ ଚଳାଚଳ ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE | 02.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers

# 'ଗରିବଙ୍କ କଥା ରଖିପାରିଛି'

■ ଆରମ୍ଭ ହେଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

■ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ ୩ରୁ ୧୦ ମଧ୍ୟରେ ବ୍ଲକରେ ବଣ୍ଟାହେବ ରାଶନ କାର୍ଡ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

୨୦୧୪ ନିର୍ବାଚନ ବେଳେ ଆମେ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲୁ। ଆଜି ଆମେ ସେହି କଥାକୁ ରଖିପାରିଛୁ। ରାଜ୍ୟରେ ବର୍ତ୍ତମାନ ୨୫ ଲକ୍ଷ ଗରିବ ଲୋକ ଏହି ଯୋଜନାର ସୁବିଧା ପାଇବେ। ୧ ଟଙ୍କାରେ ଚାଉଳ ଦିଆଯିବ। ଖାଦ୍ୟ ସୁରକ୍ଷା ଆପଣଙ୍କ ଅଧିକାର। ଆମ ସରକାର ସବୁ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବେ। ମଙ୍ଗଳବାର ଅପରାହ୍ନରେ ସଚିବାଳୟଠାରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍) ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି



ଯେ, ୨୦୧୪ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫଏସଏ) କାର୍ଯ୍ୟକାରୀ ହେଲା। କିନ୍ତୁ ବହୁ ଲୋକ ଏହି ସୁବିଧା ପାଇ ପାରୁ ନ ଥିଲେ। ଏଥିପାଇଁ ବହୁବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ମୁଁ ଯେତେବେଳେ ସାଧାରଣ ଲୋକଙ୍କୁ ଭେଟିଛି ସେତେବେଳେ ବହୁ ଲୋକ ଏହି ସୁବିଧା ପାଇଁ ମୋତେ ଅନୁରୋଧ କରୁଥିଲେ। ଆଜି ସେହି ଗରିବ ଲୋକଙ୍କ କଥା ମୁଁ ରଖି ପାରିଛି। ☞ପୃଷ୍ଠା-୧୪

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

**ଦଣ୍ଡ ନୁହେଁ, ଦମ୍ଭ**

■ ଅପ୍‌ଟିକାଲ୍ ଲେଜର୍ ଉଦ୍ଭାବନ

## ୩ ଜଣଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହୋମ୍,୨।୧୦(ପି.ଟି.)

ଚକ୍ଷୁ ଚିକିତ୍ସା ଦିଗରେ ଉଲ୍ଲେଖନୀୟ ଉଦ୍ଭାବନ ପାଇଁ ତିନି ବୈଜ୍ଞାନିକ ୨୦୧୮ ପାଇଁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବେ। ସ୍ୱତନ୍ତ୍ର ଅପ୍‌ଟିକାଲ୍ ଲେଜର୍ ଉଦ୍ଭାବନ ପାଇଁ ଆମେରିକୀୟ ପଦାର୍ଥ ବିଜ୍ଞାନୀ ଆର୍ଥୁର୍ ଆଶ୍‌କିନ୍, ଫ୍ରାନ୍ସର ଜେରାର୍ଡ ମୌରୁ ଏବଂ କାନାଡାର ଡୋନା ଷ୍ଟ୍ରିକ୍‌ଲାଣ୍ଡ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅପ୍‌ଟିକାଲ୍ ଲେଜର୍ ଦୃଷ୍ଟିଶକ୍ତି ଫେରାଇବା ପାଇଁ ହେଉଥିବା ଚକ୍ଷୁ ଅସ୍ତ୍ରୋପଚାର (କରେକ୍ଟିଭ୍ ଆଏ ସର୍ଜରୀ) ପାଇଁ ଆବଶ୍ୟକ ଆଡ୍‌ଭାନ୍ସ ପ୍ରିସିସନ୍ ଇନ୍‌ଷ୍ଟ୍ରୁମେଣ୍ଟ (ସ୍ୱଷ୍ଟତା ପାଇଁ ବ୍ୟବହୃତ ଉପକରଣ) ☞ପୃଷ୍ଠା-୨



ଆର୍ଥୁର୍ ଆଶ୍‌କିନ୍ | ଜେରାର୍ଡ ମୌରୁ | ଡୋନା ଷ୍ଟ୍ରିକ୍‌ଲାଣ୍ଡ

## ନଭେମ୍ବର ପହିଲାରୁ ଚଢ଼ାଉ ଜୋରଦାର

### ପଲିଥିନ ନିଷେଧ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ରାଜ୍ୟ ସରକାର ୫ ମହାନଗର ନିଗମ ସମେତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନିଷେଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ପଲିଥିନ ଉପରେ କଟକଣା ଲଗାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବିଭାଗ ପଲିଥିନ କଟକଣା କାର୍ଯ୍ୟକାରୀ କରିବେ।

ମଙ୍ଗଳବାରଠାରୁ ପଲିଥିନ ନିଷେଧ କରାଯାଇଥିଲେ ମଧ୍ୟ ଏନେଇ ସେତେଟା ଧରପଗଡ ଜୋରଦାର କରାଯାଇ ନାହିଁ । ମାସକ ମଧ୍ୟରେ ପଲିଥିନକୁ ହଟାଇବା ପାଇଁ ବ୍ୟବସାୟୀ ଏବଂ ଉତ୍ପାଦନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ପହିଲାରୁ ଚଢାଉ ☞ପୃଷ୍ଠା-୧୪

■ ବିଧାନସଭାରେ ବିଭ୍ରାନ୍ତିକର ତଥ୍ୟ

## ୧୦୩ % ଜମିରେ ଜଳସେଚନ

### ଯାଜପୁର ଜିଲା

■ ୧,୪୫,୪୫୦ ଜମିରୁ ୧,୫୧,୭୩୭ ହେକ୍ଟର ଜମିରେ ଜଳସେଚନ

■ ବିଭ୍ରାନ୍ତିକର ତଥ୍ୟ ଦେଇ ଭୁଆଁ ବୁଲାଇବାକୁ ପ୍ରୟାସ

ଯାଜପୁର ଅଫିସ,୨।୧୦

ରାଜ୍ୟର ୩୫ ପ୍ରତିଶତ କୃଷିକ୍ଷେତ୍ରକୁ ଜଳସେଚିତ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ହେଲେ ଯାଜପୁର ଜିଲାରେ ଥିବା ମୋଟ ଚାଷ ଜମିଠାରୁ ୩.୮୧ ପ୍ରତିଶତ ଅଧିକ ଜମିରେ ଜଳସେଚନ କରାଯାଉଛି। ଅର୍ଥାତ ଜିଲାର ମୋଟ ୧,୪୫,୪୫୦ ହେକ୍ଟର ଚାଷଜମିରୁ ୨୦୧୭-୧୮ ବର୍ଷ ସୁଦ୍ଧା ୧,୫୧,୭୩୭ ହେକ୍ଟର ଜମିକୁ ଜଳସେଚନ କରାଯାଉଛି। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସ୍ପଷ୍ଟ ହୋଇଛି। ଗତ ସେପ୍ଟେମ୍ବରରେ ବିଧାୟକ ନୀତେଶ ଗଙ୍ଗଦେବଙ୍କ ୪୭୪ ନମ୍ବର ବିଧାନସଭା ପ୍ରଶ୍ନ ଉପରେ ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ-ଚିଫ ତାଙ୍କ ପତ୍ରସଂଖ୍ୟା ☞ପୃଷ୍ଠା-୧୪



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଶୀ
ପରିବାରବର୍ଗ


ସ୍ୱରୂପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Wanted Brahmin bride, 29, 5'7", SBI Clerk, early marriage. 6371071123.D-63851

Bride wanted for marriage, living togather with 45 yrs groom having business and also staying with Father and Mother. 7656937540.D-64187

ଧୋବାଜାତି ଇଞ୍ଜିନିୟର ଭୁବନେଶ୍ୱରରେ କମ୍ପାନି ଚାକିରି ପୁଅପାଇଁ ପାତ୍ରୀ ଆବଶ୍ୟକ। 8280036743, 9337065883. D-58699

Wanted service holder bride for Khandayat groom 29+ B.Tech Software Engg. at Bangalore. Early marriage. Contact No.: 7008606797, 9861117487. D-8597

Teli boy 1985, 5'5" BA serving Bhubaneswar. Monthly 50,000/- 'Sunasansar'. 9937512659.D-8644

### GROOM WANTED

Divorcee bride Lecturer 34, Teacher 40 (caste-no-bar). Contact: 7873374269. D-65007

ସୁନ୍ଦର ଅବିବାହିତା ବ୍ରାହ୍ମଣ ୩୮ବର୍ଷ ପାତ୍ରୀଙ୍କ ପାଇଁ ଯେକୌଣସି ଜାତିର ପାତ୍ର ଦରକାର। ଯୋଗାଯୋଗ: 7381460017. D-60817

**Groom required for 29 years M.Sc. Microbilogy, Pre PHD in Utkal University, continuing JRF, Teli Girl, Jagamara, Bhubaneswar. Mob: 9439621642.** D-8650

Now Matrimonial ads. only on Wednesday & Sunday Book 1 Get 1 FREE

## classified




**SALE**

Bolero Plus, Bolero SLE, Innova 2016, TATA ACE, Magic. 9853020992.D-63381




**SALE**

ଭୁବନେଶ୍ୱର AIIMS Medical DOON School ନିକଟ gharabari patta plot. 9777553622. D-64701

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64331

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

4355 sqft. (66X66) ଘରବାଡି ପ୍ଲଟ୍ immediate sale. At-Padmabati Vihar near Damana Chhaka. 9937645829. D-8676

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

2000 sqft. gharabari plot with boundary, electric pole at Pitapalli, Khurdha, near Viswass College. 9437587142, 8339067811. D-8698

ଝାରପଡା ମହାଦେବନଗରରେ yellowzone ଘରବାରି plot patta ସହିତ ମିଳୁଛି। Contact: 9178031478. D-64610

ପଳାଶୁଣୀ ଛକରୁ 200 mtr ଦୂରରେ yellowzone ଘରବାରି boundary corner plot ବିକ୍ରିହେବ। 9178031478.D-64611

Duplex sale in GGP Colony Srustivilla, କେଶୁରାରେ ଘରବାରି plot ପଚ୍ଛା ସହିତ ମିଳୁଛି। 9178031478. D-64612

8400 sft gharabari residential plot immediately sale Hanspal on NH-5, Bhubaneswar. Contact Deepak: 9937329999 (Conditions apply). D-64511




Nayapalli single room attached bath, kitchen Rs. 5000/- for single emplyee. Contact: 8455886887.D-8594

**Prime commercial RCC building space of 700 sqft. on the main road near Bharat Petroleum Petrol Pump at Rasulgarh, Bhubaneswar for corporate office, godown etc. Contact: 9437042688, 9861092096.** D-8584




Shivam logistic packers movers. Household/ car relocation countrywide. 9777044177, 9338461133. D-8576




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888.D-64189

Saishree ayurvedic full body massage ladies & gents. Contact: 7438896074. D-64602

Ayurvedic full body massage ladies / gents smart expert therapist. 9114697517. D-64603

Newly open herbal full body massage with refreshment well trained therapist. 7381239385.D-64604

New open herbal full body massage ladies/ gents. Contact: 8117033493.D-64605

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38535

Herbal full body massage by smart/ expert therapist. Contact: 8338067247.D-64193

Experience full body massage with us by experts. Enquiry: 7377048581.D-64194

### ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



(ଆଶୀ)
**ଅନ୍‌ଭିଷା ପଣ୍ଡା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ମାଆ, ଜେଜେମାଆ, ଜେଜେବାପା, ଅଜା, ଆଈ, ମାମୁ, ମାଇଁ, କକା, ଖୁଡୀ, ପିଇସା, ପିଇସୀନାନୀ, ସବୁ ଭାଇଭଉଣୀ ଓ ବନ୍ଧୁପରିବାରବର୍ଗ। ଧ-୮୬୭୫

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ପ୍ରିନ୍ସି)
**ପ୍ରଭାସ୍ କୁମାର ଭୋଇ**
**ଶିଶୋ: କଟକ**

ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମେ ଦୀର୍ଘାୟୁ ହୁଅ, ଯଶସ୍ୱୀ ହୁଅ, ତୁମ ଭବିଷ୍ୟତ ଚଲାପଥ କୁସୁମିତ ହେଉ ଏହାହିଁ କାମନା। ଶୁଭେଚ୍ଛା ସହ: ବାପା, ମା, ବଡବାପା, ବଡମାମା, ଜେଜେ, ମା, ଖୁସି, ପରିବାରବର୍ଗ। ଧ-୮୫୨୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### Important Notice

To whome so it may concern this is to inform to the general public that plots No- Hall-4511, Sabak- 1727 at Mouza Gadakan and the plots No. 1580, 1581, 1565 of Mouza Mancheswar are under dispute and as per High Court order W.P. (C) No. 1620/2012 date of order 9.2.2012 and M.C. No. 1352/2012 the property is under status quo. No transaction may be done from Baby Pattnaik/ Om Sai Saran Estcon (P) Ltd, by any public. If so doing it at his or her own risk. S.K. Motwani.
D-62127

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(କୁନ୍‌ମୁନ୍)
**ଶ୍ରଦ୍ଧା ଦାସ**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଆଗାମୀ ଦିନ ମଙ୍ଗଳମୟ ଓ ଦୀର୍ଘ ଜୀବନ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଜେଜେ, ମା, ବାପା, ବୋଉ, ଦାଦା, ବନ୍ଧୁ ଓ ପରିବାରବର୍ଗ। ଧ-୮୬୩୫

### ଜନ୍ମଦିନ ଶୁଭେଚ୍ଛା



**ମାନି**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମେ ଦୀର୍ଘାୟୁ, ଯଶସ୍ୱୀ ହୁଅ ଏବଂ ତୁମ ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମାଆ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୮୬୪୫


## ଛାତ୍ର ସଂସଦ ନିର୍ବାଚନ: ଆଜି ନାମାଙ୍କନପତ୍ର ଦାଖଲ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଛାତ୍ର ସଂସଦ ନିର୍ବାଚନ ଲାଗି ବୁଧବାର ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ରହିଛି। ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିବେ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ। ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ।

ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ ଏବଂ ଏହା ପରେ ଅପରାହ୍ନ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ସୂଚନାଯୋଗ୍ୟ, ଆସନ୍ତା ୧୧ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବା ନେଇ ଗତମାସ ୨୮ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତା ପ୍ରେମଲତା ମିଶ୍ର**
ତିରୋଧାନ : ୨୦୦୩
A148, ଶହୀଦ ନଗର, ଭୁବନେଶ୍ୱର

ଆଜିର ପଞ୍ଚଦଶ ବାର୍ଷିକୀ ଶ୍ରାଦ୍ଧ ଦିବସରେ ତୁମର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି। ଯେଉଁଠାରେ ଅଛ ଭଲରେ ଥାଅ। ତୁମର ସ୍ନେହ ଓ ଆଶୀର୍ବାଦ ସର୍ବଦା ପରିବାର ପ୍ରତି ଥାଉ।

ସ୍ୱାମୀ ପ୍ରଫେସର ହରିହର ମିଶ୍ର
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ
ଆତ୍ମୀୟ ସ୍ୱଜନବୃନ୍ଦ। ଧ-୬୪୫୦୯

### ତୃତୀୟ ଶ୍ରାଦ୍ଧବାର୍ଷିକ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କିରଣବାଳା ବେହେରା**
ତିରୋଧାନ : ୦୩.୧୦.୨୦୧୫
R.C. Behera Mansion
By-Pass, Bhadrak - 756100, Odisha

ମାମା' ଆମ ପାଇଁ ସବୁକିଛି କରି ଦେଇ, ବାପାଙ୍କୁ ଆମର ଦାୟିତ୍ୱ ଦେଇ ସୁଖ ସମୟ ଆରମ୍ଭରୁ ଚାଲିଗଲ। ଏ ଜୀବଦଶାରେ ଆମର ଓ ବାପାଙ୍କର ଲୁହର ଧାର ଶୁଖିବ ନାହିଁ। ତୁମ୍ଭର ଆତ୍ମା ଶାନ୍ତି ପାଉ ଓ ଆମକୁ ଆଶିଷ ଦେଉଥାଅ। ଏହାହିଁ ଜଗନ୍ନାଥଙ୍କ ପାଖରେ ଆମ୍ଭର ପ୍ରାର୍ଥନା।

ହତଭାଗା :
ସୁମନ (ବାବୁନୁ), ଦିପିକା (ମାମା)
ଧ-୬୪୩୩୪

### ଏକାଦଶାହ ଉପଲକ୍ଷେ



**୰ ରୂପଶ୍ରୀ ମଲିକ୍**
ସ୍ୱାମୀ - ଶ୍ରୀ ମହେନ୍ଦ୍ର କୁମାର ମଲିକ୍
(ଟାଙ୍କୁଣୀ, ଚୁଡିଦା, ଭଦ୍ରକ)
ଆର୍ବିଭାବ : ୧୩.୦୪.୧୯୮୭
ତିରୋଧାନ : ୨୩.୦୯.୨୦୧୮

ତୁମେ ଆମକୁ ଅବେଳାରେ ଛାଡ଼ି ଆରପାରିକୁ ଚାଲିଗଲ। ଆଜି ତୁମର ଏକାଦଶାହ ପାଳନ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଯେ ତୁମର ଆତ୍ମା ଚିରଶାନ୍ତି ଓ ଅମର ରହୁ।

**ଶୋକସନ୍ତପ୍ତ ପରିବାରବର୍ଗ :**
ସ୍ୱାମୀ-ମୁନା, ଭାଇ-ସ୍ୱାନିଲ୍, ଅନିଲ୍, ସୁନିଲ୍, ମାମୁଁ ଓ ଦେଇ। ଧ-୮୬୯୫

### ସପ୍ତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ବିରଞ୍ଚିନାରାୟଣ ଦାସ**
ପ୍ଲଟ ନଂ- ୧୨୭୦, ଜୟଦୁର୍ଗା ନଗର, ବମିଖାଲ, ଭୁବନେଶ୍ୱର
(୧୯୫୫-୨୦୧୧)

ଏ ଭିତରେ ସାତବର୍ଷ ବିତିଯାଇଛି ସବୁକିଛି ବଦଳିଛି, ଆଜି କିନ୍ତୁ ତୁମେ ନାହଁ ମୁଁ ଅଛି। ଏକା କରି ଚାଲିଗଲ ସଂସାର ଜଞ୍ଜାଳର ବୋଝ ଦେଇ, କିପରି ବୁଝିବି ମୁଁ ଜାଣେନା ପାରିବି କି ନାହିଁ। ଇତି ତୁମର ହତଭାଗିନୀ ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୧୩


## ପ୍ରଥମ ପୃଷ୍ଠାରୁ...

### ୩ ଜଣଙ୍କୁ ପଦାର୍ଥ ...

ଉଦ୍ଭାବନ କରିବାରେ ସହାୟକ ହୋଇଛି। ୫୫ ବର୍ଷ ପରେ ପ୍ରଥମକରି ଜଣେ ମହିଳା ଭାବେ ଷ୍ଟ୍ରିକ୍‌ଲାଣ୍ଡ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାକୁ ଯାଉଛନ୍ତି। ୧୯୦୧ରୁ ଏପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନରେ କେବଳ ୩ ଜଣ ମହିଳା ନୋବେଲ ପୁରସ୍କାର ହାସଲ କରିଛନ୍ତି। ସେହିପରି ୯୬ ବର୍ଷୀୟ ଆଶ୍‌କିନ୍ ହେବେ ନୋବେଲ ପୁରସ୍କାର ଗ୍ରହଣ କରିବାରେ ସବୁଠାରୁ ବୟସ୍କ ବ୍ୟକ୍ତି। ଆମେରିକୀୟ ଅର୍ଥନୀତିଜ୍ଞ ଲିଓନିଡ୍ ହୁର୍‌ୱିକ୍‌ଙ୍କ ରେକର୍ଡକୁ ସେ ଭାଙ୍ଗିଛନ୍ତି। ୨୦୦୭ରେ ୯୦ ବର୍ଷ ବୟସରେ ଲିଓନିଡ୍ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିଲେ। ୯ ନିୟୁତ ସ୍ୱିଡିଶ୍ କ୍ରୁନର (୧.୦୧ ନିୟୁତ ଆମେରିକୀୟ ଡଲାର) ପୁରସ୍କାର ରାଶିରୁ ଅଧା ଆଶ୍‌କିନ୍ ପାଇବେ ଏବଂ ଅବଶିଷ୍ଟାଂଶ ମୌରୁ ଏବଂ ଷ୍ଟ୍ରିକଲାଣ୍ଡ ମିଳିତ ଭାବେ ପାଇବେ।

ଚକ୍ଷୁ ଅସ୍ତ୍ରୋପଚାର ଗବେଷଣା ଦିଗରେ ଆଶ୍‌କିନ୍‌ଙ୍କ ଅବଦାନ ହେଲା ଅପ୍‌ଟିକାଲ୍ ଟ୍ୱିଜର୍ସ ଉଦ୍ଭାବନ। ଏହା କଣିକା, ପରମାଣୁ, ଭୂତାଣୁ ଏବଂ ଅନ୍ୟାନ୍ୟ ଜୀବନ୍ତ କୋଷକୁ ନିଜର ଲେଜର୍ ବିମ୍ ଫିଙ୍ଗର୍ସରେ ଟାଣି ରଖିଥାଏ। ଏହାସହ ଭୌତିକ ତତ୍ତ୍ୱକୁ ସ୍ଥାନାନ୍ତର କରିବା ପାଇଁ ଆଲୋକର ବିକିରଣ ଚାପକୁ ସେ ବ୍ୟବହାର କରିବାରେ ମଧ୍ୟ ସଫଳ ରହିଥିଲେ। ତାଙ୍କର ଏହି ଗବେଷଣା କାଳ୍ପନିକ ବିଜ୍ଞାନର ପୁରୁଣା ସ୍ୱପ୍ନ ବୋଲି ସ୍ୱିଡିଶ୍ ଏକାଡେମୀ ପକ୍ଷରୁ କୁହାଯାଇଛି। ୧୯୮୭ରେ ଜୀବନ୍ତ ଜୀବାଣୁର କ୍ଷତି ନ ଘଟାଇ ତାକୁ କାବୁ କରିବା ଲାଗି ଆଶ୍‌କିନ୍ ଟ୍ୱିଜର୍ସ ବ୍ୟବହାର କରିବା ଏକ ଯୁଗାନ୍ତକାରୀ ଗବେଷଣା। ୧୯୫୨ରୁ ୧୯୯୧ ଯାଏ 'ଏଟି ଆଣ୍ଡ ଟି ବେଲ୍' ଲାବରେଟୋରିରେ କାମ କରିବା ବେଳେ ଆଶ୍‌କିନ ଏହି ଉଦ୍ଭାବନ କରିଥିଲେ।

ସେହିପରି ୭୪ ବର୍ଷୀୟ ମୌରୁ ଏବଂ ଷ୍ଟ୍ରିକ୍‌ଲାଣ୍ଡ ଅଲ୍‌ଟ୍ରା-ଶର୍ଟ ଅପ୍‌ଟିକାଲ୍ ପଲ୍‌ସ ବିକାଶ କରିବା ଯୋଗୁ ନୋବେଲ ପାଇଁ ମନୋନୀତ ହୋଇଛନ୍ତି। ଅଲ୍‌ଟ୍ରା-ଶର୍ଟ ଅପ୍‌ଟିକାଲ୍ ପଲ୍‌ସ ହେଉଛି ମଣିଷଙ୍କ ଦ୍ୱାରା ପ୍ରସ୍ତୁତ ସବୁଠାରୁ ସୂକ୍ଷ୍ମ ଏବଂ ତୀବ୍ର ଲେଜର୍ ପଲ୍‌ସ। ସେମାନଙ୍କ ଗବେଷଣା ଏବେ ଦୃଷ୍ଟିଶକ୍ତି ସୁଧାର ପାଇଁ ହେଉଥିବା ଚକ୍ଷୁ ଚିକିତ୍ସାରେ ବ୍ୟବହାର କରାଯାଉଛି। ମୌରୁ ଇକୋଲ୍ ପଲିଟେକ୍ନିକ୍ ଅଫ୍ ଫ୍ରାନ୍ସ ଏବଂ ଆମେରିକାର ୟୁନିଭର୍ସିଟି ଅଫ୍ ମିଶିଗାନ୍‌ର ଅନୁଦାନରେ ଗବେଷଣା କରିଥିଲେ। ସେହିପରି ମୌରୁଙ୍କ ଛାତ୍ରୀ ଷ୍ଟ୍ରିକ୍‌ଲାଣ୍ଡ କାନାଡାର ୟୁନିଭର୍ସିଟି ଅଫ୍ ୱାଟରଲୁର ଜଣେ ପ୍ରାଧ୍ୟାପିକା। ନୋବେଲ ପୁରସ୍କାର ଘୋଷଣା ପରେ ଆଶ୍ଚର୍ଯ୍ୟ ହୋଇପଡ଼ିଥିବା କହିଛନ୍ତି ଷ୍ଟ୍ରିକ୍‌ଲାଣ୍ଡ। କାରଣ ପଦାର୍ଥ ବିଜ୍ଞାନରେ ସାଧାରଣତଃ କମ୍ ମହିଳା ଏହି ପୁରସ୍କାର ପାଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

## ମହାଲକ୍ଷ୍ମୀ ପାଳିଲେ ଦ୍ୱିତୀୟା ଓଷା

ପୁରୀ ଅଫିସ, ୨।୧୦: ଶ୍ରୀମନ୍ଦିରରେ ମଙ୍ଗଳବାର ମହାଲକ୍ଷ୍ମୀ ପାଳନ କରିଛନ୍ତି ଦ୍ୱିତୀୟା ଓଷା। ସକାଳ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଠାକୁରାଣୀ ସାହତପାହଚ ତଳେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏଠାରେ ପାରମ୍ପରିକ ବିଧି ଅନୁଯାୟୀ ବ୍ରତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସେଠାରେ ମହାଲକ୍ଷ୍ମୀ ବ୍ରତ ପାଠ କରଯିବା ସହ ଭୋଗ ବନ୍ଦାପନା ହୋଇଥିଲା।

## 'ମହିଳାଙ୍କ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ'

ନୂଆଦିଲ୍ଲୀ: ମହିଳାମାନେ ଶିକ୍ଷିତ ହେବା ସହିତ ଆର୍ଥିକ ସ୍ୱାବଲମ୍ବନଶୀଳ ହେବା ଉଚିତ ବୋଲି ବିଶିଷ୍ଟ ଅଭିନେତ୍ରୀ ଶାବନା ଆଜ୍‌ମୀ ପ୍ରକାଶ କରିଛନ୍ତି। ସେ ମିଜ୍‌ୱାନ୍ ୱେଲ୍‌ଫେୟାର ସୋସାଇଟି ନାମରେ ଏକ ଏନ୍‌ଜିଓ ଚଳାଉଛନ୍ତି। ଏଠାରେ 'ଅସ୍ମିତା-ଓମ୍ୟାନ୍' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଲେ, ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ମହିଳାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ମହିଳାଙ୍କୁ ସେମାନଙ୍କ ଜୀବନସାଥୀ ସମ୍ମାନ ଦେବା ସହିତ ପ୍ରତିଟି କାର୍ଯ୍ୟରେ ତାଙ୍କ ସହିତ ସାମିଲ ହୁଅନ୍ତୁ। ମହିଳା ସଶକ୍ତୀକରଣ ନିମନ୍ତେ ସେମାନେ ପଦାକୁ ଗୋଡ କାଢ଼ି ବାହାର ଜଗତକୁ ଅନୁଭବ କରିବା ଉଚିତ। ଫାଉଣ୍ଡେଶନ୍ ଫର ମ୍ୟାନେଜମେଣ୍ଟ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏଫ୍‌ଏମ୍‌ଆରଟି)ର ଏହି କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ଦକ୍ଷତା ଚିହ୍ନିହେବ। ଏଥିସହିତ ମନରେ ସ୍ୱାଧୀନ ଚିନ୍ତାଧାରା ପୋଷଣ କରି ସମାଜରେ ପରିବର୍ତ୍ତନ ଆଣିଥିବା ମହିଳାଙ୍କୁ ଏହା ଏକତ୍ର ହେବାର ସୁଯୋଗ ସୃଷ୍ଟି କରିଛି। ମିଜ୍‌ୱାନ୍ ହେଉଛି ଶାବ୍‌ନାଙ୍କ ପଡୋଶୀ ଗାଁ। ଏଠିକାର ଏନ୍‌ଜିଓ ମହିଳାଙ୍କୁ ରୋଜଗାରକ୍ଷମ କରିବା ସହିତ ଆତ୍ମନିର୍ଭରଶୀଳ କରାଇପାରିଛି। ଏହି ଗାଁ ବାଲ୍ୟ ବିବାହ ପାଇଁ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ତାଙ୍କ ନିଜସ୍ୱ ଏନ୍‌ଜିଓର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଏହି କୁପ୍ରଥାକୁ ସେଠାରେ ଦୂର କରାଯାଇ ପାରିଛି ବୋଲି ଶାବ୍‌ନା ପ୍ରକାଶ କରିଥିଲେ।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ ଅବଶ୍ୟ ଟେନ୍‌ସନ କିଛି ମାତ୍ରାରେ କମିଯିବ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ। ସଭାସମିତି,ସଙ୍ଗଠନ,ରାଜନୀତି କ୍ଷେତ୍ରରେ ଉନ୍ନତ ମାନର ସୁଫଳ ପାଇବେ। କୃତ୍ତିକା ନକ୍ଷତ୍ର ବୃଥା ତର୍କ ନ କରି ଯୁକ୍ତି ବିବାଦଠାରୁ ଦୂରେଇ ରହିବା ଭଲ।

**ବୃଷ** — କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଉପକୃତ ହେବେ। ରୋହିଣୀ ନକ୍ଷତ୍ର ବନ୍ଧୁମାନଙ୍କ ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ସମସ୍ୟାରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅପଚେଷ୍ଟା କରି ଧରା ପଡିଯାଇପାରନ୍ତି।

**ମିଥୁନ** — କର୍ମକ୍ଷେତ୍ରର ପରିସ୍ଥିତିକୁ ଆଖି ଆଗରେ ରଖି ଯେସାକୁ ତେସା ନୀତିରେ କାମ କରିବେ। ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କଳା, ସାହିତ୍ୟରେ, ପ୍ରଶାସନିକ ସ୍ତରରେ ଏପରିକି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଆର୍ଦ୍ରା ନକ୍ଷତ୍ରର ସାମାନ୍ୟ କାରଣରୁ ମନ ଅଶାନ୍ତ ରହିବ।

**କର୍କଟ** — ସ୍ୱଗୃହାଭିମୁଖୀ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ, କିନ୍ତୁ କର୍ମକ୍ଷେତ୍ର ସନ୍ତୋଷଜନକ ରହି ନ ପାରେ। ସ୍ୱାର୍ଥହାନି ଆଶଙ୍କାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଶ୍ଲେଷା ନକ୍ଷତ୍ର ଶୀଘ୍ର ଶୀଘ୍ର କାମଟିକୁ ସମ୍ପନ୍ନ କରିବା ସକାଶେ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ସିଂହ** — ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ପ୍ରତିବନ୍ଧକ କାରଣରୁ ଯାହା କଲେ ମଧ୍ୟ ସୁଫଳ ମିଳିବ ନାହିଁ ବରଂ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ ବହୁମୁଖୀ ଆକାର ଧାରଣ କରିବ, କିନ୍ତୁ ଲାଭର ମାତ୍ରା ବଢ଼ି ନ ପାରେ। ମଘା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ।

**କନ୍ୟା** — ପାରିବାରିକ ଜୀବନରେ ଉଚିତ ବୁଝାମଣାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଉପରିସ୍ଥ କର୍ମଚାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିଯିବେ। ଆଇନ ଅଦାଲତରୁ ସୁଫଳ ପାଇ ସମସ୍ୟା ସମାଧାନ ହୋଇଯିବ। ଚିତ୍ରା ନକ୍ଷତ୍ରର ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ତୁଳା** — କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ଯୋଗଦେଲେ ଲାଭବାନ୍ ହେବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ଯୋଗୁ ଖୁସୀ ହେବେ। ସ୍ୱାତୀ ନକ୍ଷତ୍ର ହଠାତ୍ ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା** — ସରକାରୀ ସ୍ତରରେ ନିଜର ଅବହେଳାରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟ,ବ୍ୟବସାୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଅନୁରାଧା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତୁ ନାହିଁ, ଯଦ୍ୱାରା ଦୁଶ୍ଚିନ୍ତା ବୃଦ୍ଧି ହେବ।

**ଧନୁ** — ଆଜି ପାଖପଡ଼ୋଶୀଙ୍କ ସାହାଯ୍ୟ ନେଇ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶକରି ସଫଳତା ପାଇପାରନ୍ତି। ହାତକୁ ନେଇଥିବା କାମ ପାଇଁ ଟେନ୍‌ସନ ବଢିବ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍‌ରେ କଷ୍ଟ ପାଇପାରନ୍ତି। ମୂଳା ନକ୍ଷତ୍ରର ଦୂରଯାତ୍ରା ସଫଳ ହେବ।

**ମକର** — ଆଜି ଅନ୍ୟମାନଙ୍କ ସାହାଯ୍ୟ ନେଇ ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ପାରିବେନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ। ଶ୍ରବଣା ନକ୍ଷତ୍ର ମନୋରଞ୍ଜନ ସକାଶେ ମନ ବଳାଇବେ, କିନ୍ତୁ ଆର୍ଥିକ ଦୁରବସ୍ଥା ତାହା କରାଇଦେବ ନାହିଁ।

**କୁମ୍ଭ** — ଯାହା କରନ୍ତୁନା କାହିଁକି ଆଂଶିକ ସଫଳତା ପାଇବେ ଯାହାକି ସନ୍ତୋଷଜନକ ନ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଅସୁବିଧାର କାରଣ ହୋଇପାରେ। ଶତଭିଷାର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** — ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ଆତ୍ମପ୍ରସାଦ ଅନୁଭବ କରିପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଅର୍ଥାଭାବ ହେତୁ ପୂର୍ଣ୍ଣାଙ୍ଗ ନ ହୋଇପାରେ। ଜମିଜମା କାରବାର, ଆଲୋଚନା, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ। ରେବତୀ ନକ୍ଷତ୍ର ପାରିବାରିକ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ।

ଆଜି ଆଶ୍ୱିନ କୃଷ୍ଣ ନବମୀ ବୁଧବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, କର୍କଟ ରାଶିର ଘାତବାର, ନବମୀର ଶ୍ରାଦ୍ଧ। ଦିବା ଘ୮ ।୪୭ମି. ଗତେ ଘ୧୦।୨୦ମି. ମଧ୍ୟେ ଅମୃତବେଳା । ଦିବା ଘ୧୦।୨୦ମି. ଗତେ ଘ୧୧ ।୫୪ମି. ମଧ୍ୟେ, ଘ୨ ।୫୭ମି. ଗତେ ଘ୪ ।୩୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧ ।୫୫ମି. ଗତେ ଘ୧ ।୦୪ମି. ମଧ୍ୟେ ରାହୁକାଳ।



ଛତିଶଗଡ଼ ବିଳାସପୁର ଅନ୍ତର୍ଗତ ତଖତପୁର ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଭିଡିଓ ତିଆରି କରି ଜଣେ ଯୁବକ ତାଙ୍କୁ ବ୍ଲାକ୍‌ମେଲ କରି ବଳାତ୍କାର କରୁଥିଲେ। କୋଲ୍ଡ୍‌ଡ୍ରିଙ୍କସ୍‌ରେ ନିଶା ମିଶାଇ ମହିଳାଙ୍କ ଅଶ୍ଳୀଳ ଭିଡିଓ କରିବା ପରେ ଯୁବକ ଜଣକ ଏଭଳି କରୁଥିବା ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।









# ଉଦ୍‌ଘାଟିତ ହେଲା 'ମହାତ୍ମା ସେତୁ'

ବାଲିଅନ୍ତା,୨।୧୦(ଡି.ଏନ୍.ଏ.)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପୁରୁଣା ଜଗନ୍ନାଥ ସଡ଼କର କୁଶଭଦ୍ରା ନଦୀ ଉପରେ ନବନିର୍ମିତ 'ମହାତ୍ମା ସେତୁ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ୫୦ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଲିଅନ୍ତାସ୍ଥିତ ଗାନ୍ଧୀପୀଠରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରେ ଆୟୋଜିତ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏହାପରେ ସେତୁସ୍ଥଳକୁ ଯାଇ ଗାନ୍ଧିଜୀଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିଥିଲେ। ସେତୁର ଉଦ୍‌ଘାଟନୀ ଫଳକକୁ ଉନ୍ମୋଚନ କରିବା ପରେ ସେତୁ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନ କରିସାରିବା ପରେ ମୁଖ୍ୟମନ୍ତ୍ରୀ ସେତୁ ଉପରେ ଚାଲିଚାଲି ଯାଇ ନ ଥିଲେ କି ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ନ ଥିଲେ।

କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ ସଦ୍‌ଭାବନା ଜ୍ୟୋତିଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ପୂର୍ତ୍ତ ବିଭାଗର ଭୁବନେଶ୍ୱର ଡିଭିଜନ-୨ ପକ୍ଷରୁ ୨୬.୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମହାତ୍ମା ସେତୁ ୧୧ ସ୍ପାନ୍ ବିଶିଷ୍ଟ। ୨୦୧୪ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମହାତ୍ମା ସେତୁ' ଉଦ୍‌ଘାଟନ କରୁଛନ୍ତି।

- ସେତୁର ଲମ୍ବ ୩୮୦ ମି., ଚୌଡ଼ା ୧୦.୫ ମି.
- ସେତୁସ୍ଥଳରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ
- ଗାନ୍ଧୀ ସଦ୍‌ଭାବନା ଜ୍ୟୋତିଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଲେ

୩୮୦ମିଟର ଲମ୍ବ ଏବଂ ୧୦.୫ମିଟର ଚୌଡ଼ା ବିଶିଷ୍ଟ ଏହି ସେତୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ହୋଇଛି। ବାଲିଅନ୍ତାରୁ ଭୁବନ ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ଜଗନ୍ନାଥ ସଡ଼କ ଦେଇ ଗାନ୍ଧିଜୀ ୧୯୩୪ ମସିହାରେ ଉତ୍କଳ ପଦଯାତ୍ରା ସମୟରେ ବାଲିଅନ୍ତାକୁ ଆସିଥିଲେ। ଏଠାରେ ସେ ନିକୁଞ୍ଜ ବିହାରୀ ମନ୍ଦିରରେ ୩ଦିନ କାଳ ଅବସ୍ଥାନ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ସେତୁକୁ 'ମହାତ୍ମା ସେତୁ' ନାମରେ ନାମିତ କରାଯାଇଛି।

ସେତୁ ଉଦ୍‌ଘାଟନୀ ଉତ୍ସବରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା, ଭୁବନେଶ୍ୱର ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେତୁ ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଭୁବନେଶ୍ୱର ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ଦାସ, ସହକାରୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର ଓ ଦିଲୀପ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା ସହ ସହଯୋଗ କରିଥିଲେ। ଉତ୍ସବ ଅବସରରେ ସେତୁର ଉଭୟ ପାର୍ଶ୍ୱରେ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

# ସମୁଦ୍ରରେ ବୁଡ଼ି ଜଣେ ଛାତ୍ର ନିଖୋଜ, ୨ ଉଦ୍ଧାର

ପାରାଦୀପ,୨।୧୦(ସ୍ୱ.ପ୍ର.)

ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ପାରାଦୀପରେ ଏକ ଅଭାବନୀୟ ଘଟଣା ଘଟିଛି। ସକାଳ ୯ଟାରେ ସାଙ୍ଗମାନଙ୍କ ସହ ସମୁଦ୍ରରେ ଗାଧୋଉଥିବାବେଳେ ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ତାଙ୍କର ଅନ୍ୟ ୨ଜଣ ସାଙ୍ଗଙ୍କୁ ସେଠାରେ ଉପସ୍ଥିତ ଜଣେ ନୋଳିଆ ଉଦ୍ଧାର କରିଛନ୍ତି। ନିଖୋଜ ଛାତ୍ର ହେଲେ ସ୍ଥାନୀୟ ମଧୁବନ ଗୋପାଳଜୀଉ କଲୋନୀର ଅଜୟ ଦାସଙ୍କ ପୁଅ ଅଂଶୁମାନ। ଉଦ୍ଧାର ହୋଇଥିବା ୨ ଛାତ୍ର ଶୁଭମ୍‌କୁଲୁ ଓ ସାଇଜ୍ୟୋତିଙ୍କୁ ଗୁରୁତର ଅବସ୍ଥାରେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ସମସ୍ତେ ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିଲେ।

ପ୍ରତ୍ୟକ୍ଷଦର୍ଶୀ ତଥା ସେମାନଙ୍କ ସାଙ୍ଗ ମିର୍ଜା ଫିରୋଜ କହିଛନ୍ତି ଯେ ସେମାନେ ୬ଜଣ ସମୁଦ୍ର କୂଳରେ ଭଲିବଲ୍ ଖେଳୁଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଗାଧୋଇବା ପାଇଁ ସମୁଦ୍ରକୁ ଲମ୍ଫ ମାରିଥିଲେ। ଏହି ସମୟରେ ସମୁଦ୍ର ଢେଉରେ ସେମାନେ ଭିତରକୁ ଭାସିଯାଇଥିଲେ। ସେଠାରେ ମାଛ ଧରୁଥିବା ଜଣେ ନୋଳିଆ ନିଜ ଜୀବନକୁ ବାଜି ଲଗାଇ ୨ଜଣଙ୍କୁ କୂଳକୁ ଟାଣି ଆଣିଥିଲେ। କିନ୍ତୁ ଅଂଶୁମାନ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ସିଆଇଏସ୍‌ଏଫ୍, ଅଗ୍ନିଶମ କର୍ମଚାରୀ, ମେରାଇନ୍ ପୋଲିସ ପହଞ୍ଚିଥିଲେ ହେଁ ନିଖୋଜ ଛାତ୍ରଙ୍କ ସନ୍ଧାନ ମିଳିନାହିଁ। ସୂଚନାଯୋଗ୍ୟ, ସ୍କୁଲ ଛୁଟି ଥିବାରୁ ପିଲାମାନେ ଖେଳିବାକୁ ବେଳାଭୂମିକୁ ଯାଇଥିଲେ।




Accessories shown may not be part of the standard equipment. #Finance at the sole discretion of the financier. Schemes cannot be clubbed. +5 year Warranty without any additional charges. *For more details on the award, please visit https://india.jdpower.com/ . ^^ Paytm offer valid till 31st October 2018 for all models. Other terms & conditions apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR**: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph: 8860629978. PURI: Krishna TVS, Ph.: 9861049633. **CUTTACK**: Arnapurna TVS, Ph.: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph.:7735911808. **NAYAGARH:** Kumar TVS, Ph.: 9778728751. **CHANDIKHLOE**: Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph: 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph: 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph: 9090507765; Kalapathar, Durgananda Communication, Ph: 9776942339; Ranpur, Omm Automobiles, Ph: 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph: 8093198397; Balugaon, Satya Narayan Motors, Ph: 9937886712; Singhpur, Sai Motors, Ph: 9439002157; Duburi, Jayshree Motors, Ph: 9439176344; Kujang, Iniva Motors, Ph: 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph: 9658971360, 06756-252360; Trisuliya, Ideal Motors, Ph: 9437586155, Khandapada, Spandan Automobiles, Ph: 9853479471, 9937153901; Uttara, Bhubaneswar, Jyote Uttara, Ph: 7440030006; Erasama, Krishna Motors, Ph: 9937084847; Krushnanandapur, Ashhad Motors, Ph: 9237066573; Niali, Bharat Automobiles, Ph: 0671-2803357, 9040091921; Puranakatak, Bhairabi Automobiles, Ph: 7873727545, 9439071610; Chandpur, Rashmi Agency, Ph: 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph: 9078802288; Balichandrapur, Sarthak Motors, Ph: 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph: 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph: 9938837705; Sai Damodar Associates, Kandarpur, Ph: 0671-2802345, 9090098000; Phulnakhara, Dhaitree Associates, Ph: 0671-2356967, 7440037801; Kuakhia, Subas Automobiles, Ph: 8114398333; Bari, L.S.Motors, Ph: 8917596087; Balianta, Pratikshya Motors, Ph: 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph: 9090889132; Chandol, S B Motors, Ph: 9437108541; Brahmabarada, Friends Automobile, Ph : 9668166377, 7008050051. McCann/Blr/Tvs/968/09/18

ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ଇ ଭଲ ଭାବେ ଜଣା । -ଶ୍ରୀଅରବିନ୍ଦ

# ଦଣ୍ଡ ନୁହେଁ, ଦମ୍ଭ

ସମାଜରେ ବଳାତ୍କାର ପୀଡ଼ିତାଙ୍କ ଦୁଃଖ କହିଲେ ନ ସରେ। ଏଭଳି କୁତ୍ସିତ ଅତ୍ୟାଚାରର ଶିକାର ହୋଇଥିବା ପୀଡ଼ିତା ଜୀବନସାରା ଏହାକୁ ନେଇ ମନସ୍ତାପରେ ଥାଆନ୍ତି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ ମାମଲା ଚାଲିଥିଲେ ମଧ୍ୟ ତାଙ୍କ ଉପରେ ଶାରୀରିକ ଓ ମାନସିକ ଚାପ ପଡ଼ିଚାଲିଥାଏ। ଅନେକ କ୍ଷେତ୍ରରେ ସମୟ ଏଭଳି ଆସେ, ଯେତେବେଳେ ଅଭିଯୁକ୍ତଙ୍କ ଧମକରୁ ବଞ୍ଚିବାକୁ ଯାଇ ପୀଡ଼ିତା ନିଜ ବୟାନରୁ ଓହରିଯିବାକୁ ବାଧ୍ୟ ହୋଇଥାଆନ୍ତି। କେବଳ ସେତିକି ନୁହେଁ, ପରିବାର, ସାଙ୍ଗସାଥୀ ଏବଂ ପଡ଼ୋଶୀ ମଧ୍ୟ ମାନସିକ ଚାପ ପକାଇବାରେ ପଛରେ ରହନ୍ତି ନାହିଁ। ଫଳରେ ପୀଡ଼ିତାଙ୍କ ସାମାଜିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ। ମନେହୁଏ ଯେପରି ତାଙ୍କ ଦୁଃଖ ବୁଝିବା ପାଇଁ ପୃଥିବୀରେ କେହିନାହାନ୍ତି। ଏଭଳି ମାନସିକ ସ୍ଥିତି ବୁଝିବା ଅତ୍ୟନ୍ତ କଷ୍ଟକର। କହିଦେବା ସହଜ, ବଞ୍ଚିବା ଅସମ୍ଭବ ହୋଇପଡ଼େ।

ସେପ୍ଟେମ୍ବର ୨୯ରେ ଜଷ୍ଟିସ ରଞ୍ଜନ ଗୋଗୋଇ, ନବୀନ ସିହ୍ନା ଓ କେ.ଏମ୍. ଯୋଶେଫ୍‌ଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ରାୟ ଦେଇ କହିଛନ୍ତି ଯେ, ଅଭିଯୁକ୍ତଙ୍କ ବିରୋଧରେ ପୀଡ଼ିତା ଦେଇଥିବା ବୟାନକୁ ଯଦି ନିଜେ ବଦଳାଇ ଦିଅନ୍ତି, ତେବେ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରାଯାଇପାରେ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଏକ ଆପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବା ଏକ ଗମ୍ଭୀର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଭଳି ଅନୁମତି ଦିଆଗଲେ ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଓ ସମାଜ ପ୍ରତି ଉପହାସ ସଦୃଶ ହେବ ବୋଲି ସର୍ବୋଚ୍ଚ ଅଦାଲତ ଅନୁଭବ କରି ଏହି ରାୟ ଦେଇଛନ୍ତି । କିନ୍ତୁ କେଉଁଭଳି ପରିସ୍ଥିତିର ସାମ୍ନା କରି ପୀଡ଼ିତା ଏପରି ପଦକ୍ଷେପ ନେଉଛନ୍ତି ତାହା ବିଚାରଯୋଗ୍ୟ। ସମସ୍ତେ ଜାଣନ୍ତି ଯେ, ଜଣେ ଯୁବତୀ ବା ମହିଳା ବଳାତ୍କାର ଭଳି ଅତ୍ୟାଚାରର ସମ୍ମୁଖୀନ ହେଲେ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବହୁ ଟାହିଟାପରାର ଶିକାର ହେବାକୁ ପଡ଼େ। ଅଭିଯୁକ୍ତ ଅର୍ଥ ଓ ବାହୁବଳ ଜରିଆରେ ପୀଡ଼ିତା କିମ୍ବା ତାଙ୍କ ପରିବାର ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରିଥାଆନ୍ତି। ଏପରିକି ସାକ୍ଷୀମାନେ ମଧ୍ୟ ଭୟଭୀତ ହୋଇ ବୟାନ ବଦଳାଇ ଦେଇଥାଆନ୍ତି। କେତେକ କ୍ଷେତ୍ରରେ ପୀଡ଼ିତାଙ୍କୁ ବିବାହ କରିବାର ଲୋଭ ଦେଖାଇ ବା ଟଙ୍କାପଇସା ଦେଇ ମାମଲା ରଫାଦଫା କରିଦିଆଯାଇଥାଏ। ସୁପ୍ରିମକୋର୍ଟ ଯେଉଁ ମାମଲାକୁ ଭିତ୍ତି କରି ଉପରଲିଖିତ ରାୟ ଦେଇଛନ୍ତି, ତାହାର ପୃଷ୍ଠଭୂମି ଦେଖିଲେ ବଳାତ୍କାର ପୀଡ଼ିତାଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିଥିବ ବୋଲି କୁହାଯାଇପାରେ। ଗୁଜରାଟରେ ୨୦୦୪ରେ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ପୀଡ଼ିତାଙ୍କ ମା' ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ଗିରଫ ହେବା ପରେ ତଳ କୋର୍ଟ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦେଇଥିଲେ। ହେଲେ ଏହାର ୬ ମାସ ପରେ ପୀଡ଼ିତା ଓ ତାଙ୍କ ଭଉଣୀ, ଯେ କି ଘଟଣାର ମୁଖ୍ୟ ସାକ୍ଷୀ ଥିଲେ କୋର୍ଟରେ ବୟାନ ବଦଳାଇ ଦେଇଥିଲେ। ଫଳରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଇଥିଲେ। କିନ୍ତୁ ଗୁଜରାଟ ହାଇକୋର୍ଟ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତି ଦେଖି ତଳକୋର୍ଟ ରାୟକୁ ଖାରଜ କରି ଦେଇଥିଲେ। ଅଭିଯୁକ୍ତ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ପୀଡ଼ିତା ବୟାନ ବଦଳାଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି କହିଲେ ମଧ୍ୟ ଡାକ୍ତରୀ ରିପୋର୍ଟ ସହ ଅନ୍ୟାନ୍ୟ ପ୍ରମାଣ ଭିତ୍ତିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ। ଏଥିସହିତ ରାୟରେ ଦର୍ଶାଯାଇଛି, ଏଭଳି କ୍ଷେତ୍ରରେ ପୀଡ଼ିତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇପାରେ। କାରଣ ନ୍ୟାୟିକ ପ୍ରକ୍ରିୟାକୁ ବଦଳାଇବା ପାଇଁ ପୀଡ଼ିତା ତାଙ୍କ ବୟାନ ବଦଳାଇଲେ କୋର୍ଟ ନୀରବଦ୍ରଷ୍ଟା ସାଜିପାରିବ ନାହିଁ। ଦେଖିବାକୁ ଗଲେ ଅନେକ କ୍ଷେତ୍ରରେ ପୂର୍ବ ରାଗ ଓ ଶତ୍ରୁତା ଶୁଝାଇବା ପାଇଁ କେତେକ ମହିଳା ବଳାତ୍କାର ଭଳି ଅଭିଯୋଗ ମିଛରେ ଆଣିଥାଇପାରନ୍ତି। ମିଥ୍ୟା ମାମଲା ଆଣୁଥିବା ମହିଳାଙ୍କୁ ଏହି ରାୟ ବାଧକ ସାଜିପାରେ। ଏହା ମଧ୍ୟ ସତ୍ୟ ଯେ, ବଳାତ୍କୃତା ମାମଲା ରୁଜୁ କରିବାରୁ ପଛଘୁଞ୍ଚା ଦିଅନ୍ତି। ସମାଜରେ ଏକଘରକିଆ ହେବାର ଭୟ, ପାରିପାର୍ଶ୍ୱିକ ଚାପ ଏବଂ ଦୀର୍ଘସମୟ ମାମଲା ଚାଲିବାର ଆଶଙ୍କା ସେମାନଙ୍କୁ ନ୍ୟାୟ ପ୍ରକ୍ରିୟାରୁ ଦୂରେଇ ରଖେ। ପ୍ରକୃତ ପୀଡ଼ିତାଙ୍କ ପାଇଁ ଏଭଳି ରାୟ ଅଧିକ ଚାପ ସୃଷ୍ଟି କରିବ। କାରଣ ତାହା ସହିତ ଆବଶ୍ୟକ ସହଯୋଗ ଯଥା କାଉନ୍‌ସେଲିଂ ଓ ସାକ୍ଷୀଙ୍କୁ ସୁରକ୍ଷା ଅପୂରଣୀୟ ରହିଗଲା। ଭାରତବର୍ଷରେ ସାକ୍ଷୀଙ୍କୁ କେମିତି ଭୟଭୀତ କରାଯାଏ, ତାହାର ସଦ୍ୟ ପ୍ରମାଣ ପେହେଲୁ ଖାନ୍ ହତ୍ୟା ମାମଲାରେ ସାକ୍ଷୀ ଦେବାକୁ ଯାଉଥିବା ତାଙ୍କ ପୁଅ ଏବଂ ଓକିଲଙ୍କ ଉପରେ ଗୁଳିମାଡ଼ ଦର୍ଶାଇଛି। ଏଭଳି ସ୍ଥଳେ ଜଣେ ବଳାତ୍କାର ପୀଡ଼ିତା କିଭଳି ଦମ୍ଭ ପାଇବେ ସେ ଦିଗରେ ଅଧିକ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି।

# ମୋ ସୌନ୍ଦର୍ଯ୍ୟ ତୁମ ବୁଦ୍ଧିମତ୍ତା



ସରଳ କୁମାର ଦାସ

କୁହାଯାଏ ତିନି ତୁଣ୍ଡରେ ଛେଳି କୁକୁର। ଅର୍ଥାତ୍ ବହୁ ଲୋକଙ୍କ ମୁହଁରେ ମିଛ କଥାଟିକୁ ବାରମ୍ବାର କୁହାଗଲେ ତାହା ସତ ଭଳି ଜଣା ପଡିଥାଏ। ସତଟି ମିଛ ହୋଇଯାଏ। ଏହିଭଳି କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଜଣଙ୍କର ସମ୍ମାନହାନି ବା ଭାବମୂର୍ତ୍ତି କ୍ଷୁଣ୍ଣ କରିବାରେ ସକ୍ଷମ ହୋଇଥାନ୍ତି। ଏହିପରି ସାଧାରଣ ଲୋକଙ୍କୁ ବ୍ୟବହାର କରି ଜଣେ ବ୍ୟକ୍ତିକୁ ମହିମାମଣ୍ଡିତ କରିବା ସଙ୍ଗେସଙ୍ଗେ ଜନସାଧାରଣଙ୍କ ସମ୍ମୁଖରେ ତା'ର ଏକ ଭିନ୍ନ ଛବି ପ୍ରସ୍ତୁତ କରିହୁଏ। ଅନେକ ପ୍ରବାଦ ପୁରୁଷଙ୍କ ସହ ଉପାଖ୍ୟାନମାନ ଯୋଡା ହେବା କେବଳ ସଂଯୋଗ ନୁହେଁ। ସ୍ଥଳ ବିଶେଷରେ ଉପାଖ୍ୟାନ ସହ ଜଡିତ ଘଟଣାଟି ସମ୍ପୂର୍ଣ୍ଣ ମିଛ ହୋଇଥିବା ବେଳେ ଅଧିକାଂଶ କ୍ଷେତ୍ରରେ ଘଟଣାଟି ବର୍ଣ୍ଣିତ ଢଙ୍ଗରେ ଘଟି ନ ଥାଏ। ସେଥିରେ ମସଲା ଦେଇ ତାକୁ ସାମାଜିକ ଓ ରାଜନୈତିକ ଭାବେ ପରିପୁଷ୍ଟ କରାଯାଏ।

ମଜାର କଥା, ଅନେକ ସମୟରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପାଖ୍ୟାନର ବର୍ଣ୍ଣନାରେ ଆମୋଦିତ ହୋଇଥାନ୍ତି ଓ ଏହାକୁ ଉପଭୋଗ କରିଥାନ୍ତି, ହେଲେ ତା'ର ପ୍ରତିବାଦ କରିବାକୁ ଚାହିଁ ନ ଥାନ୍ତି ବା କରିପାରି ନ ଥାନ୍ତି। ସେଥିପାଇଁ ଏଭଳି ପ୍ରବାଦ ପୁରୁଷଙ୍କ ମଧ୍ୟରୁ କେହି କେହି ନିଜ ଆତ୍ମଜୀବନୀ ଲେଖିବା ପାଇଁ କୁଣ୍ଠାବୋଧ କରିଥାନ୍ତି, କାରଣ ସେହି ମିଛଟିକୁ ଆଉ ଥରେ ସମର୍ଥନ କରି ବର୍ଣ୍ଣନା କରିବାକୁ ତାଙ୍କ ବିବେକ ବାଧା ଦିଏ। ପ୍ରଖ୍ୟାତ ଲେଖକ ଜର୍ଜ ବର୍ନାଡ ଶ'ଙ୍କୁ କେନ୍ଦ୍ର କରି ଗଢି ଉଠିଥିବା ସେ ଭଳି ଏକ ବହୁଚର୍ଚ୍ଚିତ ଉପାଖ୍ୟାନ ହେଉଛି 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା', ଯାହାର ସତ୍ୟତା ଉଦ୍‌ଘାଟନ କରିବାକୁ ଭିନ୍ନ ଭିନ୍ନ ଭାବେ ପ୍ରଚେଷ୍ଟା ହୋଇଛି।

ବହୁଳଭାବେ ପ୍ରଚାରିତ ଉପାଖ୍ୟାନଟି ଏହିପରି- ଥରେ ଜଣେ ରୂପବତୀ ଯୁବତୀ ପ୍ରଖ୍ୟାତ ନାଟ୍ୟକାର ଶ'ଙ୍କୁ ପ୍ରସ୍ତାବ ଦେଲେ, ''କେତେ ଭଲ ହୁଅନ୍ତା ଯଦି ଆମେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇ ଏମିତି ଏକ ସନ୍ତାନକୁ ଜନ୍ମ ଦିଅନ୍ତେ ଯିଏ ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତାର ଅଧିକାରୀ ହୁଅନ୍ତା।'' ସେତେଟା ସୁଦର୍ଶନ ନ ଥିବା ପ୍ରତ୍ୟୁତ୍ପନ୍ନମତି ବର୍ନାଡ ଶ' ଉତ୍ତର ଦେଲେ, ''ସତରେ ତାହା ବିସ୍ମୟକର ହୁଅନ୍ତା। ହେଲେ ଯଦି ଆମ ସନ୍ତାନଟି ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତାର ଅଧିକାରୀ ହୁଏ ତେବେ ?''

ଯୁବତୀ ଜଣକ ସେ ସମୟର ପ୍ରସିଦ୍ଧ ନୃତ୍ୟାଙ୍ଗନା ଇସାଡୋରା ଡଙ୍କାନ ଥିଲେ ବୋଲି ବିଶ୍ୱାସ କରାଯାଏ। ଆମେରିକାରେ ଜନ୍ମିତ ଇସାଡୋରା ପଶ୍ଚିମ ୟୁରୋପ ଓ ରୁଷିଆକୁ ତାଙ୍କ କର୍ମକ୍ଷେତ୍ରରେ ପରିଣତ କରିଥିଲେ। ଗତ ଶତାବ୍ଦୀର ପ୍ରଥମ ତିନି ଦଶକରେ ସେ ତାଙ୍କ ନୃତ୍ୟ ଓ ନୃତ୍ୟଶୈଳୀ ଯୋଗୁ ସମଗ୍ର ୟୁରୋପରେ ଚହଳ ପକାଇଥିଲେ। ତାଙ୍କ ସୌନ୍ଦର୍ଯ୍ୟ କେବଳ ପତ୍ରପତ୍ରିକାର ଚର୍ଚ୍ଚା ଭିତରେ ସୀମିତ ନ ରହି ସେ ସମୟର ସମ୍ଭ୍ରାନ୍ତ ସମାଜରେ ଚର୍ଚ୍ଚିତ ହେବା ସହିତ କିଛି ସ୍ଥପତି, ଚିତ୍ରକର ଓ ଚିତ୍ରୋତ୍ତୋଳକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦୁଇ ଦୁଇ ଥର ବିବାହ କରି ଦୁଇଟି କନ୍ୟା ସନ୍ତାନର ଜନନୀ ହୋଇଥିବା ଇସାଡୋରା ବ୍ୟକ୍ତିଗତ ଜୀବନରେ ତାଙ୍କ ଉନ୍ମୁକ୍ତ ଜୀବନଶୈଳୀ ପାଇଁ ଚର୍ଚ୍ଚିତ ଥିଲେ। କେତେକଙ୍କ ମତରେ ଇସାଡୋରା ବର୍ନାଡ ଶ'ଙ୍କୁ ପ୍ରସ୍ତାବଟି ସିଧାସଳଖ ନ ଦେଇ ପତ୍ର ମାଧ୍ୟମରେ ଦେଇଥିଲେ। ସେ ଯାହା ହେଉ ନା କାହିଁକି, ଇସାଡୋରା ଓ ବର୍ନାଡ ସ'ଙ୍କ ଉପାଖ୍ୟାନଟି ସେତେବେଳକୁ ସର୍ବତ୍ର ପ୍ରସାରିତ ହୋଇ ସାରିଥାଏ।

ଠିକ୍ ଏତିକି ବେଳେ ମାକ୍ସ ହାୟେକ ନାମକ ଜଣେ ଲେଖକଙ୍କର ଏପରି ଏକ ଗଳ୍ପ ପ୍ରକାଶିତ ହେଲା, ଯେଉଁଥିରେ ପୂର୍ବୋକ୍ତ ଉପାଖ୍ୟାନର ସାମଞ୍ଜସ୍ୟ ଥିଲା। ହାୟେକ ଏହାକୁ ବର୍ନାଡ ଶ'ଙ୍କ ଜୀବନରେ ଘଟିତ ଘଟଣାରୁ ଚୋରି କରିଛନ୍ତି ବୋଲି ଏକ ଇଟାଲୀୟ ପତ୍ରିକାରେ ପ୍ରକାଶ ପାଇବା ପରେ ବିବାଦ ଘନେଇଲା। ଉପାଖ୍ୟାନର ସତ୍ୟତା ସମ୍ପର୍କରେ ଏକ ଜର୍ମାନ ପତ୍ରିକାର ସମ୍ପାଦକ ବର୍ନାଡ ଶ'ଙ୍କୁ ସିଧାସଳଖ ପଚାରିଲେ। ବର୍ନାଡ ଶ' ୧୯୨୬ରେ ଏକ ପତ୍ର ମାଧ୍ୟମରେ ତାଙ୍କର ଇସାଡୋରାଙ୍କ ସହ ସମ୍ପର୍କ ଥିବା କଥାକୁ ଅସ୍ୱୀକାର କରିବା ସହିତ ଉଭୟଙ୍କ ମଧ୍ୟରେ ସେଭଳି କୌଣସି ବାର୍ତ୍ତାଳାପ ହୋଇ ନ ଥିଲା ବୋଲି କହିଥିଲେ। ସେ ଲେଖିଥିଲେ, ''ଇଟାଲୀୟ ସାମ୍ବାଦିକ ଜଣକ ହେଉଛନ୍ତି ନର୍ତ୍ତକୀ ଓ ତାଙ୍କ ପ୍ରସ୍ତାବର ଉଦ୍ଭାବକ। ମାକ୍ସ ହାୟେକ ଚତୁର ଉତ୍ତରକୁ ଚୋରି କଲେ, ଆଉ ମୋତେ ସେହି ଗପର ନାୟକ କରିଦେଲେ, କାରଣ ସମ୍ବାଦପତ୍ରଗୁଡ଼ିକ ମୋ ବାବଦରେ ଏହିଭଳି ଅନେକ ଗପ ଛାପିଥାନ୍ତି। ସେଥିରୁ ଅନେଶତ ଭାଗ ସମ୍ପୂର୍ଣ୍ଣ ମିଛ ହୋଇଥିବା ବେଳେ, ଅଧା ଅର୍ଦ୍ଧସତ୍ୟ। ବାକି ଅଧା ସତ ହେଲେ ମଧ୍ୟ ତା'ର ଉପସ୍ଥାପନା ନିମ୍ନମାନର।'' ଅବଶ୍ୟ ସେ ୧୯୩୧ରେ ନାଟ୍ୟକାର ସିଓଲେ ଷ୍ଟୋକ୍‌ସଙ୍କ ସହ ଏକ ସାକ୍ଷାତ୍‌କାରରେ ସ୍ୱୀକାର କରିଥିଲେ ଯେ ସେ ସେହି ଚତୁର ଉତ୍ତରଟି ଦେଇଥିଲେ ମଧ୍ୟ ତାହା ଅନ୍ୟ ଜଣେ ବିଦେଶୀ ଅଭିନେତ୍ରୀଙ୍କ ପ୍ରତି ଅଭିପ୍ରେତ ଥିଲା, ଇସାଡୋରାଙ୍କ ପ୍ରତି ନୁହେଁ।

ବର୍ନାଡ ଶ' ନୁହନ୍ତି, ବରଂ ବିଭିନ୍ନ ସମୟରେ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' ଉପାଖ୍ୟାନ ସହ ଆହୁରି ଅନେକ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ନାମ ଶୁଣିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଥିଲେ ୧୯୨୧ର ନୋବେଲ ପୁରସ୍କାରପ୍ରାପ୍ତ ଫରାସୀ ସାହିତ୍ୟିକ ଆନାଟୋଲି ଫ୍ରାନ୍ସଙ୍କ ସହ ଇସାଡୋରା ଡଙ୍କାନ, ଆଲବର୍ଟ ଆଇନଷ୍ଟାଇନଙ୍କ ସହ ଜଣେ କୋରସ ଗାୟିକା ଏବଂ ନାଟ୍ୟକାର ଆର୍ଥର ମିଲରଙ୍କ ସହ ଅଭିନେତ୍ରୀ ମେରିଲିନ ମନ୍‌ରୋ। ତେବେ ବର୍ନାଡ ଶ' ଅସ୍ୱୀକାର କରିଥିବା ସତ୍ତ୍ୱେ ଆଜିଯାଏ ଏ ଉପାଖ୍ୟାନ କଥା ଚର୍ଚ୍ଚା ହେଲେ ତାଙ୍କ ନାମ ଆପଣା ଛାଏଁ ମନକୁ ଆସିଯାଏ।

ଏଣିକି ଆଜିକାଲିକାର ବ୍ୟକ୍ତି ବିଶେଷଙ୍କୁ ନେଇ ବେଶି ଉପାଖ୍ୟାନ ଶୁଣିବାକୁ ମିଳୁନାହିଁ। ଏକଥା ନୁହେଁ ଯେ ଆଜିକାଲି ବିଶାଳ ବ୍ୟକ୍ତିତ୍ୱଙ୍କ ଅଭାବ ଅଛି ବା ସେମାନଙ୍କୁ ମହିମାମଣ୍ଡିତ କରିବା ପ୍ରଚେଷ୍ଟାରେ ଲୋକେ ଅସତ୍ୟର ଆଶ୍ରୟ ନେଉ ନାହାନ୍ତି। ତେବେ ଇଣ୍ଟରନେଟ, ଦୃଶ୍ୟ-ଶ୍ରାବ୍ୟ ଆଦି ମାଧ୍ୟମର ବହୁଳ ପ୍ରସାର ଫଳରେ ମିଥ୍ୟା ପ୍ରସାର କରିବା ପାଇଁ କିଛି ଲୋକ ଯେପରି ବ୍ୟଗ୍ର, ସତ୍ୟ ଉଦ୍‌ଘାଟନ କରିବାକୁ ଆଉ କିଛି ଲୋକ ସେହିପରି ତତ୍ପର ଥିବା ଯୋଗୁ ମିଛ ଆଉ ଦୀର୍ଘ ସମୟ ତିଷ୍ଠି ନ ପାରି ଧରାଶାୟୀ ହେଉଛି ଓ ଏଭଳି ଅପଚେଷ୍ଟା କରୁଥିବା ଲୋକେ ନିନ୍ଦିତ ହେଉଛନ୍ତି। ତେଣୁ ସେହି ମିଥ୍ୟା ଆଉ ଉପାଖ୍ୟାନ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରୁନାହିଁ। ଅବଶ୍ୟ କେତେକ କ୍ଷେତ୍ରରେ ଉପାଖ୍ୟାନରେ ବର୍ଣ୍ଣିତ ବ୍ୟକ୍ତି ବା ଘଟଣାର ସତ୍ୟତା ଅପେକ୍ଷା ସେଥିରେ ସନ୍ନିବେଶିତ ମର୍ମଟି ଏତେ ଅର୍ଥପୂର୍ଣ୍ଣ ହୋଇଥାଏ ଯେ ତାହା କାଳଜୟୀ ହୋଇଯାଏ, ଯାହା ହୋଇଛି ଚର୍ଚ୍ଚିତ ଉପାଖ୍ୟାନ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' କ୍ଷେତ୍ରରେ।

ମୋ- ୯୪୩୭୦୩୮୦୧୫,
saral_das@yahoo.co.in

# ସିଙ୍ଗାପୁର ଓ ଭାରତ: ସ୍ୱଚ୍ଛ ଭବିଷ୍ୟ ପାଇଁ ପରିକଳ୍ପନା



ଲି ହେନ୍ ଲୁଙ୍ଗ

ଆଜକୁ ଚାରିବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ପର୍ଯ୍ୟନ୍ତ 'ସ୍ୱଚ୍ଛ ଭାରତ'ର ପରିକଳ୍ପନାକୁ ସାକାର କରିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିଲେ। ଏହା ବି ଏକ ସଂଯୋଗ ଯେ, ୨୦୧୯ ଅକ୍ଟୋବର ୨ ହେଉଛି ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ, ଯିଏ ସ୍ୱଚ୍ଛତାକୁ ରାଷ୍ଟ୍ରୀୟ ପ୍ରାଥମିକତାର ସଂଜ୍ଞା ଦେଇଥିଲେ। ଗତ ଚାରିବର୍ଷରେ ଭାରତ ୮ କୋଟି ୮୦ ଲକ୍ଷ ଘରେ ଶୌଚାଳୟ ନିର୍ମାଣ କରି ଏବଂ ୪ ଲକ୍ଷ ୧୭ ହଜାର ଗାଁକୁ ଖୋଲାରେ ଶୌଚ ହେବାରୁ ମୁକ୍ତ ଘୋଷଣା କରି ଏ ଦିଗରେ ଯଥେଷ୍ଟ ଅଗ୍ରଗତି କରିଛି।

ସିଙ୍ଗାପୁର ମଧ୍ୟ ଆଗରୁ ଏହି ରାସ୍ତାରେ ଅଗ୍ରସର ହୋଇଛି। ସ୍ୱାଧୀନତା ପରଠାରୁ ହିଁ ଆମେ ଆମ ଲୋକଙ୍କ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ବାତାବରଣ ଗଢ଼ିତୋଳିବା ଲାଗି କଠିନ ପରିଶ୍ରମ କରିଛୁ। ପ୍ରାରମ୍ଭରେ ଅନେକ ଘରେ ମଳ ନିଷ୍କାସନର ବ୍ୟବସ୍ଥା ନ ଥିଲା। ମଳକୁ ବାଲ୍‌ତିରେ କାଢ଼ି ସ୍ୱତନ୍ତ୍ର ଟ୍ରକ୍ ଯୋଗେ ମଳ ଶୋଧନ ସଂଯନ୍ତ୍ର ପର୍ଯ୍ୟନ୍ତ ନିଆଯାଉଥିଲା ଏବଂ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ମାନବ ମଳକୁ ପ୍ରାୟତଃ ପାଖ ନାଳ ଓ ନଦୀରେ ପକାଇ ଦିଆଯାଉଥିଲା। ଏହାଦ୍ୱାରା ଜଳ ପ୍ରଦୂଷଣ ହେଉଥିଲା। ସ୍ୱଚ୍ଛତା ଅଭାବରୁ ଅନେକ ରୋଗ ବ୍ୟାପୁଥିଲା।

ଆମର ରାଷ୍ଟ୍ର ନିର୍ମାତାମାନେ ନିର୍ଣ୍ଣାୟକ ଢଙ୍ଗରେ କାମ କରିବାର ସଂକଳ୍ପ ନେଲେ। ସେମାନେ 'ସିଙ୍ଗାପୁରକୁ ସ୍ୱଚ୍ଛ ରଖିବା' ନାମରେ ଏକ ରାଷ୍ଟ୍ରୀୟ ଅଭିଯାନ ଆରମ୍ଭ କଲେ। ଆମେ ପ୍ରତ୍ୟେକ ଘରେ ମଳ ନିଷ୍କାସନର ବ୍ୟବସ୍ଥା କଲୁ। ନଦୀଗୁଡ଼ିକୁ ସଫା କଲୁ। ସିଙ୍ଗାପୁରକୁ ଏକ ସ୍ୱଚ୍ଛ ଓ ସବୁଜ ସହର ଭାବେ ଗଢ଼ି ତୋଳିଲୁ। ବିଶେଷ ପଦ୍ଧତିରେ ଆମେ ସିଙ୍ଗାପୁର ନଦୀକୁ ସଫା କଲୁ। ଏହି ପ୍ରକ୍ରିୟାରେ ଆମକୁ ହଜାର ହଜାର ଜବରଦଖଲକାରୀ, ଘର ଅଗଣାରେ ଚାଲୁଥିବା ଉଦ୍ୟୋଗ, ଘୁଷୁରି ପାଳନ କରୁଥିବା କାଞ୍ଜିଘର ଏବଂ ପ୍ରଦୂଷଣର କେତେକ ସ୍ରୋତକୁ ନଦୀ ତଟବର୍ତ୍ତୀ ଅଞ୍ଚଳରୁ ହଟାଇବାକୁ ପଡ଼ିଥିଲା। ଆଜି ଏକ ସ୍ୱଚ୍ଛ ସିଙ୍ଗାପୁର ନଦୀ ସହର ଦେଇ ପ୍ରବାହିତ ହୋଇ ମରିନା ଜଳାଶୟରେ ପତିତ ହୋଇଛି, ଯାହା ସହରକୁ ପାନୀୟ ଜଳ ଯୋଗାଣର ମୁଖ୍ୟ ଅବଲମ୍ବନ ହୋଇଛି।

ଆକାର ଦୃଷ୍ଟିରୁ ଭାରତ ସିଙ୍ଗାପୁରଠାରୁ କାହିଁ କେତେଗୁଣ ବଡ଼। ଗଙ୍ଗାନଦୀ ସିଙ୍ଗାପୁର ନଦୀଠାରୁ ହଜାରେ ଗୁଣ ବଡ଼। ତା' ସତ୍ତ୍ୱେ ସିଙ୍ଗାପୁର ଓ ଭାରତ ମଧ୍ୟରେ ସ୍ୱଚ୍ଛତା ଅଭିଯାନରେ ଅନେକ ସାଦୃଶ୍ୟ ରହିଛି। ପ୍ରଥମତଃ ଉଭୟ ଦେଶର ଅନୁଭବ ସଂକଳ୍ପ ଓ ନେତୃତ୍ୱର ମହତ୍ତ୍ୱ ଦର୍ଶାଉଛି। ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଲି କୁଆନ ୟୁ ଏବଂ ପ୍ରଧାନମନ୍ତ୍ରୀ ମୋଦି ଉଭୟେ ହିଁ ଦେଶକୁ ସ୍ୱଚ୍ଛ ଓ ସବୁଜ କରି ଗଢ଼ିତୋଳିବା ଉପରେ ପ୍ରାଥମିକତା ଦେଇଛନ୍ତି। ଉଭୟେ ହିଁ ଜନଜାଗରଣ ବଢ଼ାଇବା ଲାଗି ନେତୃତ୍ୱ ନେଇଛନ୍ତି। ଉଭୟ ନେତା ହାତରେ ଝାଡୁ ଧରି ରାସ୍ତା ସଫା କରିବା ପାଇଁ ଜନତାଙ୍କ ସହ ମିଶିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଲି ହେଉଛନ୍ତି ତାଙ୍କ ପାଇଁ ବ୍ୟକ୍ତିଗତ ପ୍ରେରଣା।

ଦ୍ୱିତୀୟତଃ ସଫଳତା ପାଇଁ ଏକ ଦୀର୍ଘକାଳୀନ ରାଷ୍ଟ୍ରୀୟ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ସିଙ୍ଗାପୁରରେ ଆମେ ମଳ ନିଷ୍କାସନ ଓ ଜଳ ନିଷ୍କାସନ ପ୍ରଣାଳୀକୁ ଅଲଗା କରିବାର ଏକ ମାଷ୍ଟର ପ୍ଲାନ କରିଥିଲୁ। ଏହାର ଉଦ୍ଦେଶ୍ୟ ଥିଲା ବର୍ଷାଜଳକୁ ପ୍ରଦୂଷିତ ହେବାରୁ ବଞ୍ଚାଇବା, ଯାହା ଫଳରେ ତାକୁ ବ୍ୟବହାରକ୍ଷମ କରିହେବ। ଏଥିସହ ମଳ ଶୋଧନ ସଂଯନ୍ତ୍ରରୁ ବାହାରୁଥିବା ପାଣିକୁ ଆମେ ରିଭର୍ସ ଅସ୍ମୋସିସ୍ ପଦ୍ଧତିରେ ଶୋଧନ କରି ପୁନଃ ବ୍ୟବହାରଯୋଗ୍ୟ କରୁଛୁ। ଏହାଦ୍ୱାରା ଆମେ ଜଳ ଅଭାବଜନିତ ସମସ୍ୟାର ମୁକାବିଲା କରିପାରୁଛୁ।

ଭାରତରେ ସ୍ୱଚ୍ଛ ଭାରତ ଅଭିଯାନରେ ସାଧାରଣ ଲୋକ, ଶିଳ୍ପଜଗତ ଓ ବିଦ୍ୟାଳୟଗୁଡ଼ିକ ସମ୍ପୃକ୍ତ ହୋଇ କାମ କରିବାରେ ବହୁତ ସଫଳତା ମିଳିପାରିଛି। ବିଦ୍ୟାଳୟର ସ୍ୱଚ୍ଛତା ଓ ପାନୀୟ ଜଳ ସୁବିଧା ସମ୍ପର୍କିତ ୨୦୧୮ ମସିହା ପାଇଁ ୟୁନିସେଫ୍‌ର ବିଶ୍ୱ ରିପୋର୍ଟରେ ପ୍ରକାଶ ପାଇଛି ଯେ, ୨୦୦୬ ତୁଳନାରେ ଏହି ସମୟରେ ଭାରତର ପ୍ରାୟ ସବୁ ବିଦ୍ୟାଳୟରେ ସ୍ୱଚ୍ଛତାର ବିକାଶ ହୋଇପାରିଛି। ୨୦୦୬ରେ ଏହି ସୁବିଧା ୫୦ ପ୍ରତିଶତ ବିଦ୍ୟାଳୟରେ ଥିଲା।

ତୃତୀୟତଃ ସିଙ୍ଗାପୁର ଓ ଭାରତ ଉଭୟ ହିଁ ଅନ୍ତର୍ରାଷ୍ଟ୍ରୀୟ ସହଯୋଗକୁ ମହତ୍ତ୍ୱ ଦିଅନ୍ତି। ଏହା ଜରୁରୀ ନୁହେଁ ଯେ, ଅଲଗା ଅଲଗା ଦେଶରେ ଏକ ପ୍ରକାର ସମାଧାନ ସଫଳ ହେବ। ବରଂ ସବୁ ଦେଶ ପରସ୍ପର ମଧ୍ୟରେ ନିଜର ଅନୁଭବକୁ ବାଣ୍ଟିବା ମାଧ୍ୟମରେ ତାହାର ଲାଭ ଉଠାଇପାରିବେ। ମୁଁ ମହାତ୍ମା ଗାନ୍ଧୀ ଅନ୍ତର୍ରାଷ୍ଟ୍ରୀୟ ସ୍ୱଚ୍ଛତା ସମ୍ମେଳନର ସଫଳ ଆୟୋଜନ ପାଇଁ ଭାରତକୁ ଅଭିନନ୍ଦନ ଜଣାଉଛି। ସିଙ୍ଗାପୁର ମଧ୍ୟ ଏପରି ମଞ୍ଚର ଆୟୋଜନ କରିଥାଏ ଏବଂ ପ୍ରତି ଦୁଇ ବର୍ଷରେ ଥରେ ଆୟୋଜନ କରାଯାଉଥିବା ବିଶ୍ୱ ନଗର ଶିଖର ସମ୍ମେଳନ ଓ ସିଙ୍ଗାପୁର ଅନ୍ତର୍ରାଷ୍ଟ୍ରୀୟ ଜଳ ସପ୍ତାହ ହେଉଛି ତାହାର ଦୃଷ୍ଟାନ୍ତ। ସ୍ୱଚ୍ଛତା ଉପରେ ଜାଗରଣ ସୃଷ୍ଟି କରିବା ପାଇଁ ନଭେମ୍ବର ୧୯କୁ ସ୍ୱଚ୍ଛତା ଦିବସ ରୂପେ ପାଳନ କରିବା ନିମନ୍ତେ ସିଙ୍ଗାପୁରର 'ସମସ୍ତଙ୍କ ପାଇଁ ସ୍ୱଚ୍ଛତା'ର ସଂକଳ୍ପକୁ ଜାତିସଂଘ ୨୦୧୩ରେ ଗ୍ରହଣ କରିନେଇଛି। ଏହି ଅବସରରେ ସିଙ୍ଗାପୁର ଭାରତ ସହ ନିଜର ଅନୁଭବ ବାଣ୍ଟିବାରେ ଖୁସି ଅନୁଭବ କରୁଛି, ଯେତେବେଳେ କି ଭାରତ ସାରା ଦେଶରେ ଅଧିକ ବାସଯୋଗ୍ୟ ଏବଂ ସ୍ଥାୟୀ ସ୍ମାର୍ଟ ସହରର ନିରନ୍ତର ବିକାଶ କରୁଛି। ୧୦୦ ଅଧିକାରୀଙ୍କୁ ନଗର ନିୟୋଜନ, ଜଳ ଏବଂ ଆବର୍ଜନା ପରିଚାଳନା ବିଷୟରେ ପ୍ରଶିକ୍ଷଣ ଦେବା ଲାଗି ସିଙ୍ଗାପୁର ଭାରତର ନଗର ଏବଂ ରାଷ୍ଟ୍ର ନିୟୋଜନ ସଂଗଠନକୁ ସହଯୋଗ କରୁଛି। ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ପରି ରାଜ୍ୟ, ଯିଏ ନିଜ ସହରଗୁଡ଼ିକର ବିକାଶ କରୁଛନ୍ତି, ସିଙ୍ଗାପୁର ଏ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ମୁଁ ଭାରତକୁ ସ୍ୱଚ୍ଛ କରିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନର ସଫଳତା କାମନା କରୁଛି।

ପ୍ରଧାନମନ୍ତ୍ରୀ, ସିଙ୍ଗାପୁର

## ଏଇ ଭାରତରେ

ତାମିଲନାଡୁର କୋଇମ୍ବାଟୁରସ୍ଥିତ ରେସକୋର୍ସ ରୋଡଠାରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଚରଖାର ଏକ ବୃହତ୍ ପ୍ରତିରୂପ ନିର୍ମାଣ କରାଯାଇଛି। ଏହାର ଲମ୍ବ ୧୫ଫୁଟ ଏବଂ ଉଚ୍ଚତା ୯ଫୁଟ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ବିଦେଶୀ ବସ୍ତ୍ର ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଏହା ବଦଳରେ ନିଜ ହାତରେ ସୂତାକାଟିବା ସହିତ ଖଦିଲୁଗା ବୁଣି ପିନ୍ଧିବାକୁ ସେ ଭାରତବାସୀଙ୍କୁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ନିଜ ହାତରେ ଚରଖା ସାହାଯ୍ୟରେ ସୂତା କାଟୁଥିଲେ। ସାଢ଼େ ୬ଫୁଟ ପ୍ରସ୍ଥ ବିଶିଷ୍ଟ 'ଚରଖା' ନିର୍ମାଣ କରି ଯୁବପିଢ଼ିଙ୍କ ମଧ୍ୟରେ ଖଦି ଆନ୍ଦୋଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଆହୁରି ମଧ୍ୟ ଗାନ୍ଧୀ ଚରଖାରେ ସୂତା କାଟୁଥିବାର ଏକ ବୃହତ୍ ଫଟୋଚିତ୍ର ଏଠାରେ ସ୍ଥାନିତ କରାଯାଇଛି। ଗାନ୍ଧୀଙ୍କ ଆଦର୍ଶର ପ୍ରଚାର କରୁଥିବା ଏକ ସଂଗଠନ ଦେଶଭକ୍ତନ୍ (ଦି ପାଟ୍ରିଅଟ୍) ଏବଂ ଲାୟନ୍‌ସ କ୍ଲବ୍ ଅଫ୍ ଆରିଷ୍ଟୋ ସହଯୋଗରେ ଏହା ନିର୍ମାଣ କରାଯାଇଛି। ଏଠାରେ ଥିବା ଗାନ୍ଧୀ ମ୍ୟୁଜିୟମ୍‌ରେ ୫୧ଫୁଟ ଲମ୍ବ, ୩୩ଫୁଟ ଉଚ୍ଚ ଏବଂ ୨୭ଫୁଟ ପ୍ରସ୍ଥର ଏକ ଚରଖା ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ରହିଥିବା ଲାୟନ୍ସ କ୍ଲବ୍ ପକ୍ଷରୁ ସୂଚନା ମିଳିଛି।



ଜିଲା ଡାଏରୀ

## ଢେଙ୍କାନାଳ

### ନିର୍ବାଚନ ପାଇଁ ସଜବାଜ

ଢେଙ୍କାନାଳ ଜିଲାରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକ ଦଳ ଗୁଡିକ ପକ୍ଷରୁ ପ୍ରସ୍ତୁତି ଜୋର ଧରିଛି। ବିଭିନ୍ନ ଦଳ ପକ୍ଷରୁ ସାଂଗଠନିକ ବୈଠକ କରାଯାଇ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଇଭିଏମ୍ ଓ ଭିଭିପାଟ୍ ମେଶିନ ଜିଲା ସଦର ମହକୁମାରେ ପହଞ୍ଚିବା ପରେ ଏହାକୁ ଯାଞ୍ଚ କରାଯିବା କାର୍ଯ୍ୟକ୍ରମ ରହିଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ସଚେତନତା ରଥ ଜିଲାର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରୁଛି। ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନ କରାଯାଉଛି। ବିଭିନ୍ନ ଅଞ୍ଚଳକୁ ରାଜ୍ୟ ଓ ଜିଲାସ୍ତରୀୟ ନେତାଙ୍କ ଗସ୍ତ ମଧ୍ୟ ଆରମ୍ଭ ହୋଇଯାଇଛି। ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଜୋର ଧରିଛି।

-ରତନ ନାୟାର

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ    ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସିତ ଚୂତ।    (ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | | | | | A | | | | 5 | 0 | | | |
| | A | 7 | B | 1 | | | C | | 9 | 2 | E | | | |
| | | | 9 | 4 | | 6 | | | | | 1 | | D | 0 |
| | | | | | | 2 | 4 | | | B | 3 | 8 | 1 | |
| | | | | | 8 | | 7 | 5 | | | A | | | |
| | | 1 | 8 | B | | | 2 | | A | | | 6 | E | C |
| 6 | | 5 | | 2 | | | | | | 3 | | D | 9 | |
| 0 | | E | | | D | 3 | | | B | 8 | | | | A |
| 4 | 3 | | | A | | | | | | 9 | | | 7 | |
| | | | | E | | | | | | | | | | B |
| | | 4 | 1 | 6 | | 9 | | 2 | 7 | | | E | | |
| | | 6 | | | | 0 | A | | D | | | | | |
| | 5 | A | | | 4 | | | 1 | | | 8 | | | |
| | C | | | | | | | | | | | | | 5 |
| | D | | 2 | | | 4 | 3 | 7 | | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | C | 2 | D | 5 | 3 | 9 | 7 | B | E | 6 | A | 1 | 0 |
| 3 | D | 2 | 7 | 8 | 9 | 6 | C | 1 | A | 5 | 0 | E | B | 4 |
| B | 9 | 6 | 1 | C | 0 | 5 | E | A | 4 | 8 | D | 2 | 7 | 3 |
| 7 | A | 0 | E | B | 6 | 4 | 8 | 2 | 9 | 3 | 1 | D | C | 5 |
| E | 5 | 1 | 3 | 4 | A | 0 | B | D | 2 | C | 7 | 6 | 9 | 8 |
| D | E | 5 | 0 | 1 | 8 | 7 | 2 | C | 6 | 4 | 9 | B | 3 | A |
| 0 | 7 | 8 | 9 | 2 | 4 | B | 5 | E | 1 | A | 3 | C | 6 | D |
| 9 | 6 | 3 | B | 7 | C | A | 0 | 4 | 8 | D | 5 | 1 | 2 | E |
| 1 | C | B | A | 3 | E | D | 6 | 8 | 7 | 0 | 2 | 5 | 4 | 9 |
| 4 | 2 | A | 5 | 6 | D | 1 | 3 | 9 | C | B | E | 0 | 8 | 7 |
| 2 | 3 | 4 | 8 | 5 | 7 | C | A | 0 | D | 6 | B | 9 | E | 1 |
| 5 | B | D | C | 9 | 2 | E | 7 | 3 | 0 | 1 | 8 | 4 | A | 6 |
| C | 8 | E | D | A | 3 | 9 | 1 | 6 | 5 | 2 | 4 | 7 | 0 | B |
| 6 | 0 | 7 | 4 | E | 1 | 2 | D | B | 3 | 9 | A | 8 | 5 | C |
| A | 1 | 9 | 6 | 0 | B | 8 | 4 | 5 | E | 7 | C | 3 | D | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଯନ୍ତାରେ ଓଡ଼ିଶା

ମହାଶୟ,

ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଓଡିଶାର ଋଣଭାର ସମ୍ପର୍କରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବାର ଖବର ପ୍ରକାଶ ପାଇଛି। ୨୦୦୦-୦୧ରେ ଓଡିଶାରେ ଋଣର ପରିମାଣ ୨୧,୦୦୧.୮୮ କୋଟି ଥିବା ବେଳେ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଏହା ୯୧,୯୪୩ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ସୂଚନା ଦେଇଛନ୍ତି। ଓଡ଼ିଶାର ଜନସଂଖ୍ୟା ଏବେ ୪ କୋଟି ୩୦ ଲକ୍ଷ ଥିବା ବେଳେ ମୁଣ୍ଡପିଛା କେତେ ଋଣ ଅଛି, ତାହା ଅନୁମେୟ। ଯେପରି ଜଣାପଡୁଛି ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଅବସ୍ଥାରେ ପହଞ୍ଚିଗଲାଣି। ପ୍ରତି ଋଣର ବାର୍ଷିକ କିସ୍ତି ଓ ସୁଧର ପରିମାଣ ଯାହା ହେଲେ ମଧ୍ୟ ପରିଶୋଧ କରିବାକୁ ହେବ। ଆୟ ତୁଳନାରେ ଯଦି ଅଧିକ ବ୍ୟୟ କରାଯାଏ, ତେବେ ଋଣ ପାଇଁ ଅନ୍ୟ ସଂସ୍ଥା ନିକଟକୁ ଯିବା ଛଡା ଉପାୟ ନ ଥାଏ। ତେଣୁ ବ୍ୟୟ ସଙ୍କୋଚନ କରିବା ଅପରିହାର୍ଯ୍ୟ। ନଚେତ୍ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଅସମ୍ଭବ ନୁହେଁ। ଋଣଭାରରେ ବୁଡିଗଲେ ବିକାଶ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ଠପ୍ ଯେ ନ ହେବ, ତାହା କହିହେବ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ରାଜ୍ୟ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ରାଜ୍ୟର ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ୨୦୦୬ରୁ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି। ଇତିମଧ୍ୟରେ ୨୩ଟି ରାଜ୍ୟର ପେନ୍‌ସନରମାନେ ଚିକିତ୍ସା ଭତ୍ତା ପାଇସାରିଲେଣି। କେନ୍ଦ୍ର ସରକାରଙ୍କ ପେନ୍‌ସନରମାନେ ବହୁ ଆଗରୁ ଏହା ପାଉଛନ୍ତି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁସାରେ ଏମାନେ ବର୍ଦ୍ଧିତ ହାରରେ ଏହା ପାଉଛନ୍ତି। ଓଡ଼ିଶାର ପୂର୍ବତନ ବିଧାୟକମାନଙ୍କ ପାଇଁ ରାଜ୍ୟ ସରକାର ମାସିକ ୨୦୦୦ ଟଙ୍କାର ଚିକିତ୍ସା ଭତ୍ତା ଗତ କ୍ୟାବିନେଟ୍‌ରେ ମଞ୍ଜୁର କରିଛନ୍ତି, ଏହା ସ୍ୱାଗତଯୋଗ୍ୟ। ତେବେ ମାତ୍ର ପାଞ୍ଚବର୍ଷ କାର୍ଯ୍ୟ କରି ଯଦି ବିଧାୟକମାନେ ଚିକିତ୍ସା ଭତ୍ତା ପାଇବେ, ତେବେ ୩୦ରୁ ୪୦ ବର୍ଷ କାର୍ଯ୍ୟ କରି ପେନ୍‌ସନରମାନେ କାହିଁକି ପାଇବେ ନାହିଁ ? ଏହା ପେନ୍‌ସନରମାନଙ୍କ ନ୍ୟାଯ୍ୟ ଦାବି। ରାଜ୍ୟ ସରକାର ଅତିଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଗାନ୍ଧୀଙ୍କ ସହ ପୂଜା ପାଇଲେ ସେବକ ରଘୁ

ରାଜକନିକା, ୨।୧୦(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ୧୫୦ ବର୍ଷ ଜୟନ୍ତୀ ଉତ୍ସବ ମଙ୍ଗଳବାର ରାଜକନିକା ବ୍ଲକର ଜାଗୁଲାଇ ଗ୍ରାମରେ ନିଆରା ଢ଼ଙ୍ଗରେ ପାଳନ କରାଯାଇଛି। ଗ୍ରାମବାସୀ ଗାନ୍ଧିଜୀଙ୍କ ସହ ତାଙ୍କ ସେବକ ରଘୁ ନାୟକଙ୍କୁ ପୂଜା କରିଛନ୍ତି। ଏହି ଗ୍ରାମରେ ରଘୁ ଜନ୍ମଗ୍ରହଣ କରିଥିଲେ। ଏଥିଲାଗି ଗାନ୍ଧିଜୀଙ୍କ ଜୟନ୍ତୀ ଅବସରରେ ଗାନ୍ଧୀ ରଘୁ ସ୍ମୃତି କମିଟି, ଗ୍ରାମବାସୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର ଏକତ୍ରିତ ହୋଇ ରଘୁ ଏବଂ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ଭଜନ ଗାଇ ଗ୍ରାମ ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଗାନ୍ଧୀ-ରଘୁ ସ୍ମୃତି କମିଟିର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସୂତାର, ଜାଏମାଳବ ନୋଡ଼ାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସାହୁ,ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ନାୟକ, ସେଫାଳୀ କୁମାରୀ ନାୟକ, ସରସ୍ୱତୀ ସାମଲ, ମମତା ଦାସ ଓ ସିଆରସିସି ନିର୍ମଳ ସାହୁ ଯୋଗଦେଇ ଗାନ୍ଧୀ ଏବଂ ରଘୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ ।

# ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ମହାକାଳପଡା, ୨।୧୦(ଡି.ଏନ୍.ଏ.)

ଡାକ୍ତର ଅନୁପସ୍ଥିତ ଥିବାରୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଉତ୍ତେଜନା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଦାୟିତ୍ୱରେ ଥିବା ଡାକ୍ତରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ବ୍ଲକ ଅନ୍ତର୍ଗତ କିଆରବାଙ୍କ ଗ୍ରାମର ସଞ୍ଜୁ ପାହିଲି(୬୫) ଓ ମହାକାଳପଡା ଗ୍ରାମର ପ୍ରତ୍ୟୁଷା ବେହେରା(୪)ଙ୍କ ମୁଣ୍ଡ କୌଣସି କାରଣରୁ ଫାଟିଯାଇଥିଲା। ଉଭୟ ଚିକିତ୍ସା ନିମନ୍ତେ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ନ ଥିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେ ପହଞ୍ଚିବା ପରେ ଧାରଣାରେ ବସିଥିବା




ଡାକ୍ତରଖାନା ଆଗରେ ଲୋକମାନେ ପାଟିତୁଣ୍ଡ କରୁଛନ୍ତି।

## ଥାନାରେ ଅଭିଯୋଗ

ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ସ୍ଥାନୀୟ ଲୋକେ ମିଳିତ ହୋଇ ପଣ୍ଡାଙ୍କ ବିରୋଧରେ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଣ୍ଡା ସେମାନଙ୍କ ସହ ଅଶାଳୀନ ବ୍ୟବହାର କରିଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏ ସମ୍ପର୍କରେ ଡ.ପଣ୍ଡା କହିଛନ୍ତି, ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ରୋଗୀଙ୍କ ଚିକିତ୍ସା ଦାୟିତ୍ୱ ମୋ ଉପରେ ରହିଛି। ଏଥିଯୋଗୁ ସଞ୍ଜୁ ଓ ପ୍ରତ୍ୟୁଷାଙ୍କ ଚିକିତ୍ସାରେ ସାମାନ୍ୟ ବିଳମ୍ବ ହୋଇଥିଲା। ସେ ଥାନାରେ ଦିଆଯାଇଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି କହିଥିଲେ।

# ଭିତରକନିକାରୁ ୬ ମତ୍ସ୍ୟଜୀବୀ ଗିରଫ, ୨ ଡଙ୍ଗା ଜବତ

ରାଜନଗର, ୨।୧୦(ଡି.ଏନ୍.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନର ବାଉଁଶଗଡ ନଦୀରୁ ବେଆଇନଭାବେ ମାଛ ଧରୁଥିବା ବେଳେ ମଙ୍ଗଳବାର ୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨ଟି ଡଙ୍ଗା ଜବତ କରାଯାଇଛି। ଏନେଇ ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ମାମଲା (ନଂ-୧୬୬/୧୮)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭିତରକନିକା ଅଭୟାରଣ୍ୟ ଅନ୍ତର୍ଗତ ମହାକୂଳଡିଆଁ ଜଙ୍ଗଲବ୍ଲକ ମଧ୍ୟରୁ ମାଛ ମାରୁଥିବା ବେଳେ କେରୁଆଁପାଳ ଗାଁର ମନୋରଞ୍ଜନ ମଣ୍ଡଳ, ବାପି ସାହୁ, ଧନଞ୍ଜୟ ମଣ୍ଡଳକୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ଡଙ୍ଗା ଜବତ କରାଯାଇଛି। ସେହିପରି ଠାକୁରଡିଆ ଫରେଷ୍ଟବ୍ଲକ ଅନ୍ତର୍ଗତ ଟିକାୟତନଗର ଗାଁରୁ ଭାନୁମାଇତି, ଗୁଲୁ ମଣ୍ଡଳ ଓ ବଗପାଟିଆ ଗାଁର ଶଶାଙ୍କ ଶେଖର ମାଇତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଫାଇବର ବୋଟ ଜବତ କରାଯାଇଛି। ସାତଭାୟା ଫରେଷ୍ଟର ସଞ୍ଜୟ କୁମାର ପ୍ରଧାନ, ଫରେଷ୍ଟଗାର୍ଡ ତ୍ରିଦୀପ ପ୍ରଧାନ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉରେ ରାଜନଗର ବନବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନରେ ମତ୍ସ୍ୟଜୀବୀଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ବେଆଇନ୍ ଭାବେ ନିଷିଦ୍ଧାଞ୍ଚଳରେ ମାଛ ଧରିବାକୁ ନେଇ ବହୁ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏହି ଜାତୀୟ ଉଦ୍ୟାନରୁ ସୋମବାର ବେଆଇନ ଭାବେ ମାଛ ଧରୁଥିବା ବେଳେ ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିଲା।

# ଦଳରେ ରହିଥିବା ନେଇ ଦେଲେ ସ୍ପଷ୍ଟୀକରଣ

ରାଜନଗର, ୨।୧୦(ଡି.ଏନ୍.ଏ.)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତରେ ସୋମବାର ନୂତନ ସଭାପତି ଚୟନ କରାଯାଇଛି। ଏହି ଅବସରରେ ସମିତି ସଭ୍ୟା ସୁକାନ୍ତୀ ରାଉତଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ଦଳୀୟ ନିଷ୍ପତ୍ତି ବିରୋଧରେ ସେ କାର୍ଯ୍ୟ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏନେଇ ସୁକାନ୍ତି ମଙ୍ଗଳବାର

## ସମିତିସଭ୍ୟାଙ୍କ ପ୍ରେସ ବିବୃତି

ପ୍ରେସ ବିବୃତି ଜରିଆରେ ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ଅବସରରେ କଣ୍ଡିରାରେ ଏକ ବୈଠକର ଆୟୋଜନ ହୋଇଥିଲା। ଏଥିରେ ସୁକାନ୍ତି କହିଥିଲେ, ମୁଁ ଏବେବି ଦଳରେ ରହିଛି। ମୋ ସହିତ କର୍ମୀଙ୍କ ସମର୍ଥନ ରହିଛି। ସେ ଓ ତାଙ୍କ ସମର୍ଥକଙ୍କ ଅଜାଣତରେ ନୂତନ ସଭାପତି ଚୟନ କରାଯାଇଛି ବୋଲି ସେ ବୈଠକରେ ଅଭିଯୋଗ କରିଥିଲେ। ଏନେଇ ସେ ପୂର୍ବତନ ପଞ୍ଚାୟତ ସଭାପତି ନବକିଶୋର ମହାନ୍ତି ଲିଖିତ ଭାବେ ଜଣାଇଛନ୍ତି। କଣ୍ଡିରାଠାରେ ଆୟୋଜିତ ବୈଠକରେ ଅମର କୁମାର ରାଉତ, ରବୀନ୍ଦ୍ର ସେଠୀ, ସୁନାକର ଦାସ, ପ୍ରତାପ କୁମାର ଖଟୁଆ, ଭକ୍ତ ଚରଣ ସେଠୀ, କୃପାସିନ୍ଧୁ ବେହେରା, ମାନଗୋବିନ୍ଦ ପାଢୀ ଓ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ମାର୍ଶାଘାଇ, ୨।୧୦ (ଡି.ଏନ୍.ଏ.)

ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ପକ୍ଷରୁ ସୋମବାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ରମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୨୩ ଜଣ କର୍ମୀ ବ୍ଲକର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ଗାନ୍ଧୀ ମୂର୍ତ୍ତି ପରିସର ଆଦି ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନ, ପ୍ରଗତି ସହାୟକ ପ୍ରଶାନ୍ତ କୁମାର ଜେନା, ମୁଖ୍ୟ କିରାନୀ ଅଶୋକ କୁମାର ବେହେରା, ସହକାରୀ ପ୍ରଗତି ସହାୟକ ମଳୟ କୁମାର ପାତ୍ର, ମାର୍ଶାଘାଇ ବ୍ଲକ ଗ୍ରାମ୍ୟ ସମ୍ବଳ କର୍ମୀ ସଭାପତି ରେଖାଞ୍ଜଳୀ ନାୟକ, ଉପ ସଭାପତି ଅର୍ଚ୍ଚନା ପଲ୍ଲାର, ସମ୍ପାଦିକା ସୁଜାତା ସାମନ୍ତରାୟ, ସହ ସମ୍ପାଦିକା ଉଷାରାଣୀ ଦାସ, କୋଷାଧ୍ୟକ୍ଷ ନିଳିମା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।




# ଜାନୁୟାରୀରେ ସାଗରବେଳା ମହୋତ୍ସବ

ରାଜନଗର, ୨।୧୦(ଡି.ଏନ୍.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ବାରଗାଁ ମାଟିଆମଙ୍ଗଳା ପୀଠରେ ସାଗରବେଳା ମହୋତ୍ସବ ଜାନୁୟାରୀ ୨ୟ ସପ୍ତାହରୁ ଆରମ୍ଭ ହେବ। ଏନେଇ ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ପରିଷଦର ଏକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଗରବେଳା ମହୋତ୍ସବର ସଭାପତି ଡା. ଅଭୟ କୁମାର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ କମିଟିର ମହାସଚିବ ଭାବେ ପ୍ରଫେସର ସତ୍ୟବାଦୀ ଜେନାଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଡ. ଧରଣୀଧର ରାଉତ, ବୈକୁଣ୍ଠ ନାଥ ସ୍ୱାଇଁ, ପ୍ରଭାତ କୁମାର ମିଶ୍ର, ଦାମୋଦର ବିଶ୍ୱାଳ, ଡ. ସୁବାଷ ଚନ୍ଦ୍ର ପ୍ରଧାନ ଓ ଅନିଲ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୈଳାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା ଅଫିସ, ୨।୧୦

କେନ୍ଦ୍ରାପଡ଼ା ବ୍ଲକ ଜମରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱନାଥ ମହାପାତ୍ରଙ୍କୁ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିପାଇଁ ଅନୁଷ୍ଠିତ ସଭାରେ ସିଆରସିସି ପ୍ରମୋଦ କୁମାର ସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ଢୋଲ ପଞ୍ଚାୟତ ସରପଞ୍ଚ ଝୁନା ମଲ୍ଲିକ, ଶିକ୍ଷକନେତା ଭାସ୍କର ଦାସ, ମନୋରଞ୍ଜନ ବାରିକ, ମାନଭଞ୍ଜନ ପ୍ରଧାନ, ବିଶ୍ୱବନ୍ଧୁ ଜେନା, ସେକ୍ ଖତିବ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷକ ମହାପାତ୍ରଙ୍କ ଛାତ୍ରବତ୍ସଳତା, କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ ରଣା, ସହକାରୀ ଶିକ୍ଷକ ଦୁଃଶାସନ ସେଠୀ ସଭା ପରିଚାଳନା କରିଥିଲେ। ଏଥିରେ ପରିଚାଳନା କମିଟ ସଦସ୍ୟ ଓ ଅଭିଭାବକ ଯୋଗ ଦେଇଥିଲେ।







2218.2017F

## ସଂକ୍ଷେପରେ

### ମହାତ୍ମା ଗାନ୍ଧୀ, ଶାସ୍ତ୍ରିଜୀଙ୍କ ଜୟନ୍ତୀ

ଧର୍ମଶାଳା, ୨।୧୦(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ କାଏମାଠାରେ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ସଭାଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କିଷାନ ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଅଖିଳ ସ୍ୱାଇଁ, କୃଷକ ନେତା ବସନ୍ତ ପରିଡା, ନାରୀନେତ୍ରୀ ମିଲି ମଲିକ, ପ୍ରଫୁଲ୍ଲ ରାୟ, ସୁଧାକର ରାଉତ, ପୂର୍ଣ୍ଣଚନ୍ଦ୍ର ତରାଇ, ଅମରେନ୍ଦ୍ର ସାମଲ, ଶରତ ନାଥ, ସାଗର ପାଳ, କିଷାନ ପଲେଇ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୀଳାଦେଇପୁରଠାରେ କଂଗ୍ରେସ ନେତା ଶ୍ୟାମସୁନ୍ଦର ସାମଲଙ୍କ ଅଧକ୍ଷତାରେ ଜୟନ୍ତୀ ପାଳିତ ହୋଇଥିଲା। ଉତ୍ସବରେ ଧର୍ମଶାଳା ବିକାଶ ମଞ୍ଚ ସଭାପତି ଶ୍ରୀକାନ୍ତ ସାହୁ, ହରିହର ମଲ୍ଲିକ, ଶ୍ୟାମସୁନ୍ଦର ବାରିକ, ପ୍ରଭାକର ସାହୁ, ବିଜୟ ସ୍ୱାଇଁ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

### ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା, ୨।୧୦(ଡି.ଏନ୍.ଏ.): ଧର୍ମଶାଳା ବ୍ଲକର ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଦାନନ୍ଦ ନାୟକ ଶନିବାର ଚାକିରିରୁ ଅବସର ନେଇଛନ୍ତି। ଏ ନେଇ ବ୍ଲକ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅମ୍ବିକା ପ୍ରସାଦ ଦାଶ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଅନ୍ୟମାନଙ୍କ ଉପେନ୍ଦ୍ର କୁମାର ଜେନା, ପ୍ରଭାତ କୁମାର ଦେଓ, ବିଦ୍ୟୁତ୍‌ଲତା ମହାପାତ୍ର, ପ୍ରଜ୍ଞାପରମିତା ସାମଲ, ନିର୍ମଳ ଚନ୍ଦ୍ର ପଣ୍ଡା, ସୁବାସ କୁମାର ଆଇଚ, ମହେଶ୍ୱର ମହାନ୍ତି, ମାନଗୋବିନ୍ଦ ବରାଳ, ବନମାଳୀ ଦାଶ, ଅଭିରାମ ମହାନ୍ତି, ନିର୍ମଳ ପଣ୍ଡାଙ୍କ ସମେତ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ପାଲ ତଳେ ବିତୁଛି ଜୀବନ

- ଆବାସ ଯୋଜନାରେ ପରିବାର ଗୃହ ପାଇବାରୁ ବଞ୍ଚିତ
- ପ୍ରଶାସନ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ମଧ ହତାଶ

**ଚଢ଼େଇଧରା, ୨।୧୦ (ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମରେ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ମାଳମାଳ ଯୋଜନା ପ୍ରଣୟନ କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ କୋଟି କୋଟି ଟଙ୍କା ମଞ୍ଜୁର କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୯ ସୁଦ୍ଧା ସମସ୍ତ ଚାଳ ଘରକୁ ପକ୍କା ଘର କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମ ୱାର୍ଡ ନଂ ୧ରେ ରହୁଥିବା ବିନୋଦ ମଳିକ ଆବାସ ଯୋଜନାରେ ଗୃହ ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଛନ୍ତି। ଘର ଖଣ୍ଡିକ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଦ୍ୱାରସ୍ଥ ହୋଇ ମଧ ଘରଟିଏ ପାଇ ପାରି ନ ଥିବା ବିନୋଦ ଅଭିଯୋଗ କରିଛନ୍ତି।

ଛଅ ମାସ ତଳେ ହୋଇଥିବା ସାମାନ୍ୟ ଝଡ ବତାଶରେ ସମ୍ପୂର୍ଣ୍ଣ ଘର ହରାଇଥିଲେ ବିନୋଦ। ଦିନ ମଜୁରିଆ ହୋଇଥିବାରୁ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇଥିବା ବଳେ ଘରଟିଏ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇ ପଡିଛି। ତେଣୁ ବାଧ ହୋଇ ୩ ପୁଅ ଓ ସ୍ତ୍ରୀଙ୍କ ସହ ବିନୋଦ ଭଙ୍ଗା ଘର ଉପରେ ପାଲଟାଣି ରହୁଛନ୍ତି। ଘରଡିହ ଖଣ୍ଡିକ ଛାଡିଦେଲେ ତାଙ୍କ ପାଖରେ ଅନ୍ୟ କିଛି ସମ୍ବଳ ନାହିଁ। ଅର୍ଥ ଅଭାବରୁ ପିଲାମାନଙ୍କୁ ପାଠ ପଢ଼ାଇ ପାରୁ ନାହାଁନ୍ତି। ସରକାରଙ୍କ ପକ୍ଷରୁ ଗରୀବଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି। ହେଲେ ଘର ଖଣ୍ଡିକ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଦୌଡି ମଧ ନିରାଶ ହୋଇଛନ୍ତି। ଗରିବ ଓ ଅଶିକ୍ଷିତ ହୋଇଥିବାରୁ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ କେହି ତାଙ୍କ ଦୁଃଖ ଶୁଣୁନଥିବା ବିନୋଦ କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଗୋବିନ୍ଦ ବରାଳଙ୍କୁ ଫୋନ୍‌ରେ ବାରମ୍ବାର ଯୋଗାଯୋଗ କଲେ ମଧ ସେ କୌଣସି ଉତ୍ତର ଦେଇ ନ ଥିଲେ।


ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯାହା**
**ବାନ୍ଧି ମାଇଲେ ସେଇଆ ।**

ଯେକୌଣସି ପ୍ରକାରର ଆଘାତ ଶରୀର ପକ୍ଷେ ଯନ୍ତ୍ରଣାଦାୟକ ହୋଇଥାଏ। ମାରିବାର ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୋକା ଦେଇଗଲୁ ମତେ ନାଗର**
**ମୋ ସଂସାର ହେବ ତୋ ପାଇଁ କାଳ ।**

ବିଶ୍ୱାସ ଓ ଭରସାକୁ ପାଥେୟକରି ଗଢ଼ି ଉଠିଥାଏ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଧୋକାଦେବାକୁ ଆରମ୍ଭ କରେ, ଭରସା ତୁଟିଯାଏ। ବେଶିଦିନ ରହିପାରେ ନାହିଁ ସମ୍ପର୍କ। ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ, ଯାହାକୁ ସହ୍ୟ କରିବା କଷ୍ଟକର ହୋଇଯାଇଥାଏ। ଏପରି ସ୍ଥଳେ ପ୍ରେମ ପଥରେ ଧୋକା ଦେଇଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତହେବା ସହ ଅଭିସମ୍ପାତ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଭିନ୍ନ ଦାବିରେ ଭାଜପା ଯୁବମୋର୍ଚ୍ଚାର ଆନ୍ଦୋଳନ ଡାକରା



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

**ଡୁବୁରୀ, ୨।୧୦(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାରି ନିଯୁକ୍ତି କ୍ଷେତ୍ରରେ ବିଭିନ୍ନ କଳ କାରଖାନା କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ, ପ୍ରଦୂଷଣ ନିୟନ୍ତ୍ରଣ, ପାରପାର୍ଶ୍ୱିକ ଉନ୍ନୟନ, ବିସ୍ଥାପିତ, ଶ୍ରମିକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲା ପ୍ରଶାସନ ଓ କାରଖାନା କର୍ତ୍ତୃପକ୍ଷଙ୍କ ଉଦାସୀନ ମନୋଭାବ ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ଆନ୍ଦୋଳନ ଡାକରା ଦେଇଛି। ମଙ୍ଗଳବାର ଡୁବୁରୀ ସ୍ଥିତ ଶାରଳା ପ୍ୟାଲେସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଗତ ମେ ୨ ତାରିଖରେ ନିଯୁକ୍ତି ପତ୍ର ପାଇ ମୈଥାନ ଇସ୍ପାତ କାରଖାନାକୁ ଯାଇଥିବା ସ୍ଥାନୀୟ ଅଞ୍ଚଳର କୁଶଳି ଶ୍ରମିକଙ୍କୁ କୌଣସି କାରଣ ନଥାଇ ମଧ ସେମାନଙ୍କ ନିଯୁକ୍ତିକୁ ବାତିଲ କରିଦିଆଯିବା ଘଟଣାକୁ ସମ୍ମିଳନୀରେ ନିନ୍ଦା କରଯାଇଥିଲା। ଏଥିସହ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟକୁ ଯାଜପୁରରୋଡକୁ ଉଠାଇ ନେବା ପଛରେ ରହିଥିବା କାରଣର ଖୁଲାସା ହେବା ଆବଶ୍ୟକ ବୋଲି ଖବର ଦାତା ସମ୍ମିଳନୀରେ ଦାବି କରାଯାଇଛି। ଏ ନେଇ ବୁଧବାର ଦଳ ପକ୍ଷରୁ ୧୫ ଦଫା ସମ୍ବଳିତ ଦାବିପତ୍ର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏକ ମାସ ମଧରେ ଦାବିଗୁଡିକୁ ପୂରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ସ୍ୱରୂପ କଳକାରଖାନାଗୁଡିକୁ ଅଚଳ କରିଦିଆଯିବ ବୋଲି ଯୁବମୋର୍ଚ୍ଚାର ଜିଲା ସଭାପତି ଆଲେକଜାଣ୍ଡର ଦାସ କହିଛନ୍ତି। ସମ୍ମିଳନୀରେ ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳସାମନ୍ତ, ମଣ୍ଡଳ ସଭାପତି ପୁଷ୍ପକ ମହାପାତ୍ର, ରବି ପୁହାଣ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗାୟତ୍ରୀ ପରିବାର ପକ୍ଷରୁ ରକ୍ତଦାନ ଶିବିର

**ଧର୍ମଶାଳା, ୨।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ରବିବାର ଧର୍ମଶାଳା ଗାୟତ୍ରୀ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅବସରପ୍ରାପ୍ତ ଜିଲା ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସାହୁ ଓ ରୋଟାରିଆନ୍ ମିନତୀ ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଗାୟତ୍ରୀ ପରିବାରର ଜିଲା ମୁଖ୍ୟ ପ୍ରଭାରୀ ପୀତବାସ ଦାଶ, ମଦନ ମୋହନ ରାଉତ, ଚନ୍ଦ୍ରମଣି ନାୟକ, ନବଘନ ମହାନ୍ତି, ପ୍ରମୋଦ କୁମାର ସାହୁ, ପାର୍ବତୀ ସାହୁ, ବିବେକାନନ୍ଦ ଜେନା, ଆନନ୍ଦ ଜେନା ପରିଚାଳନା କରିଥିଲେ। ୧୫ନଂ ଜୋନ୍ ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଜଳଧର ସାହୁ, କାହ୍ନୁ ଚରଣ ଦାଶ, ତ୍ରିଲୋଚନ ପ୍ରଧାନ, ନୃସିଂହ ମିଶ୍ର, ଈଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା


ପଦଯାତ୍ରାରେ ବିଧାୟକଙ୍କ ସହ ଅନ୍ୟମାନେ

**ଧର୍ମଶାଳା/ଚଢେଇଧରା, ୨।୧୦(ଡି.ଏନ୍.ଏ.)**

ରାଜ୍ୟ ବିଜୁ ଜନତା ଦଳ ନିର୍ଦ୍ଦେଶ କ୍ରମେ ପବିତ୍ର ଗାନ୍ଧୀ ଜୟନ୍ତୀରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୧ନଂ ଜୋନ୍‌ରେ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଜେଡି ପକ୍ଷରୁ ରେଖିଦେଇପୁର ଓ ଏଣ୍ଡଳବା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପହଞ୍ଚି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ପଦଯାତ୍ରାରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ଏମ୍‌ପି ପ୍ରତିନିଧି ଉତ୍କଳ ଦାସ, ୧୧ନମ୍ବର ଜୋନ୍ ପର୍ଯ୍ୟବେକ୍ଷକ ଦିଲୀପ ବଳ, ଜଳଧର ମହାନ୍ତି, ଜିଲା ପରିଷଦ ସଭ୍ୟା ସୁରେଖା ନାୟକ, ପ୍ରଣତି ଲେଙ୍କା, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ସାଗର ନାୟକ, ବ୍ଲକ ସଭାପତି ନିରଞ୍ଜନ ବଳ, ରାମଚନ୍ଦ୍ର ରାଉତ, ରାକେଶ ନାୟକ, ହିମାଂଶୁ ଜେନା, ପ୍ରଦୀପ ପାଲ, ରାଜ୍ୟ ପରିଷଦ ସଦସ୍ୟ ଜଳଧର ସାହୁ ସମେତ ୧୧ନମ୍ବର ଜିଲାପରିଷଦ ଜୋନ୍‌ର ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ଯୋଗଦେଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145




Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur













Dhanlaxmi
Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି
ସମସ୍ତ ଋଣ
ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ। ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% । ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଜୁ ଯୁବ ବାହିନୀ ପକ୍ଷରୁ ସଚେତନତା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୨।୧୦(ସ୍ୱ.ପ୍ର.)

ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତର ବିଜୁ ଯୁବ ବାହିନୀ ତରଫରୁ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା । ନିଶାକୁ ନାଁ କାର୍ଯ୍ୟକ୍ରମରେ ସରପଞ୍ଚ ବନ୍ଦିତା ଦାସ, ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଦାସ, ସୁରେଶ ପଣ୍ଡାଙ୍କ ସହିତ ବିଜୁ ଯୁବ ବାହିନୀର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଶୋଭାଯାତ୍ରରେ ଯାଇ ଜନ ସଚେତନତା ସୃଷ୍ଟି କରିଥିଲେ । ପରେ ଯୁବ ବାହିନୀର ସଭାପତି ସୌମ୍ୟରଞ୍ଜନ ମହାପାତ୍ର, ସମ୍ପାଦକ ଦେବାଶିଷ ବାରିକ, ଆକାଶ ଭୂୟାଁ, ଦେବାଶିଷ ପଣ୍ଡା, ଆକାଶ ସିଂହ, ମାନସ ନାୟକ, ତ୍ରିଲୋଚନ ମଳିକ, ଜିତେନ୍ଦ୍ର ସାହୁ, ଅର୍ପିତା ପ୍ରିୟଦର୍ଶିନୀ ନାଥ, ଲିପସା ରାଣୀ ଦାଶ, ତୁଳସୀ ମଳିକ ପ୍ରମୁଖ ସୂର୍ଯ୍ୟମଣି ନୋଡାଲ ୟୁପି ସ୍କୁଲ ଓ ଚନ୍ଦନନଗର ବାଳିକା ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ ।

■ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ପଞ୍ଚାୟତ ଅଫିସରେ ତାଲା

# ସ୍ୱୟଂ ସହାୟକା ଗୋଷ୍ଠୀର ମହିଳାଙ୍କ ଥାନା ଘେରାଉ

ପଟ୍ଟାମୁଣ୍ଡାଇ,୨।୧୦(ସ୍ୱ.ପ୍ର.)

ମଙ୍ଗଳବାର ପଟ୍ଟାମୁଣ୍ଡାଇ ବ୍ଲକ ଅରଡପଲ୍ଲୀ ପଞ୍ଚାୟତ ଅଫିସରେ ଗ୍ରାମସଭା ଚାଲିଥିବା ବେଳେ ମହିଳାମାନଙ୍କୁ ସମିତି ସଭ୍ୟ ଶ୍ରୀକାନ୍ତ ସାହୁ ଅଶାଳୀନ ବ୍ୟବହାର କରିବା ଭଳି ଅଭାବନୀୟ ଘଟଣା ଘଟିଛି । ଏହାକୁ ବିରୋଧ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସରକାରୀ କର୍ମଚାରୀ, ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇ ବିଭିନ୍ନ ସ୍ଲୋଗାନ ଦେଇ ହୋ ହଲ୍ଲା କରିଥିଲେ । ଖବରପାଇ ପୋଲିସ ପହଞ୍ଚି ତାଲା ଖୋଲି ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିମାନଙ୍କୁ ଉଦ୍ଧାର କରିଥିଲେ । ଏହା ପରେ ଅରଡପଲ୍ଲୀ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ପଟ୍ଟାମୁଣ୍ଡାଇ ଥାନାରେ ସମିତି ସଭ୍ୟ ସାହୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହିତ ତାଙ୍କ ଗିରଫ ଦାବି କରି ଥାନା ଘେରାଉ କରିଥିଲେ । ଅନୁରୂପ ଭାବେ ଏହି ଘଟଣା ନେଇ ଅନ୍ୟ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଗ୍ରାମସଭାରେ ଅରଡପଲ୍ଲୀ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହାସଂଘ ଗୃହ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା । ଏହି ସମୟରେ ସମିତି ସଭ୍ୟ ଶ୍ରୀକାନ୍ତ ସାହୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ଓ ଧମକ ଦେବା ଘଟଣାକୁ ମହିଳାମାନେ ବିରୋଧ କରିଥିଲେ । ଏପରିକି ଜଣେ ମହିଳାଙ୍କୁ ମାଡ ମାରିବାକୁ ଧମକ ଦେବା ପ୍ରତିବାଦରେ ମହିଳାମାନେ ପଞ୍ଚାୟତ ଅଫିସରେ ତାଲା ପକାଇ ହୋ ହଲ୍ଲା କରିଥିଲେ । ତେବେ ଏ ଦିଗରେ ପଟ୍ଟାମୁଣ୍ଡାଇ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ମହିଳାମାନେ ବାଧ୍ୟ ହୋଇ ଅପରାହ୍ଣରେ ଥାନା ଘେରାଉ କରିଥିଲେ । ବୁଧବାର ଏସପିଙ୍କ ଅଫିସ ସମ୍ମୁଖରେ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଧାରଣା ଦିଆଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।


ପଞ୍ଚାୟତ ଅଫିସରେ ମହିଳାମାନେ ତାଲା ପକାଇ ଦେଇଛନ୍ତି ।

## ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା, ସ୍ୱତନ୍ତ୍ର ଗ୍ରାମସଭା ବାତିଲ


ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ଧାରଣା ଦେଇଛନ୍ତି ।

ରାଜନଗର, ୨।୧୦(ଡି.ଏନ୍.ଏ.)

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜନଗର ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମାତ୍ର ବ୍ଲକ ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତରେ ମଙ୍ଗଳବାର ଗ୍ରାମସଭା ବାତିଲ ହୋଇଯାଇଛି । ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀ ଚୟନ ପାଇଁ ଏହି ପଞ୍ଚାୟତରେ ଏପର୍ଯ୍ୟନ୍ତ ସର୍ଭେ ହୋଇ ନାହିଁ । ଏହାକୁ ବିରୋଧ କରି ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ । ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ କିରଣ କୁମାର ନାୟକ, ସମିତି ସଭ୍ୟ ସରୋଜ କୁମାର ରାଉତ, ନାଏବ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରାଉତଙ୍କ ସମେତ ୧୭ଜଣ ୱାର୍ଡସଭ୍ୟ ଧାରଣାରେ ବସିରହିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସେଠାରେ ପହଞ୍ଚି କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖି ଫେରି ଆସିଥିଲେ । ଫଳରେ ଗାନ୍ଧୀଜୟନ୍ତୀ ଅବସରରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମସଭା ବାତିଲ ହୋଇଯାଇଛି । ତେବେ ବ୍ଲକର ଅନ୍ୟ ୨୮ ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ରାଜନଗର ପଞ୍ଚାୟତରେ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ସଭାରେ ନିଶାନିବାରଣ, ପଲିଥିନ ବ୍ୟାନ, ଏମଜିଏନଆରଇଜିଏସ ଯୋଜନାରେ ଶ୍ରମବଜେଟ ଓ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ହୋଇଥିଲା । ଏହି ସଭାରେ ସମିତିସଭ୍ୟ ସତ୍ୟବାନ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାଧୀନ କୁମାର ସାହୁ, ଜିଆରଏସ ଇତିଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାରେ ୱାର୍ଡସଭ୍ୟ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ ।

# ଗାନ୍ଧୀଙ୍କ ଜୀବନ ଦର୍ଶନରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ମାର୍ଶାଘାଇ,୨।୧୦(ଡିଏନ୍ଏ)

୧୫୦ ତମ ଗାନ୍ଧୀ ଜୟନ୍ତୀ ଅବସରରେ ମହାକାଳପଡା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ଗଣଦୌଡ ଓ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ବ୍ଲକ କ୍ରସିଙ୍ଗ ଛକ ଠାରୁ ଜୁଣ ଛକ ଗାନ୍ଧୀ ମୂର୍ତ୍ତି ପର୍ଯ୍ୟନ୍ତ ବିଜୁ ଯୁବ ବାହିନୀ ତରଫରୁ ସକାଳ ୯ଟାରେ ଗଣଦୌଡ ହୋଇଥିଲା । ପରେ ଜୁଣଛକସ୍ଥିତ ଗାନ୍ଧୀ ଓ ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଗାନ୍ଧୀଙ୍କ ଜୀବନ ଦର୍ଶନ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ । ଗାନ୍ଧିଜୀ ବାଲ୍ୟ କାଳରୁ ନିର୍ଭିକତାର ମନ୍ତ୍ର ରାମନାମ ଜପ କରୁଥିଲେ । ଏପରି କି ମୃତ୍ୟୁ ସମୟରେ ଗୁଳି ବିଦ୍ଧ ଅବସ୍ଥାରେ ତାଙ୍କ ପାଟିରୁ ବାହାରି ପଡ଼ିଥିଲା ହେ ରାମ । ଅହିଂସା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ତାଙ୍କର ଦେଶପ୍ରେମ, ବଳିଦାନ ତାଙ୍କୁ ଜାତିର ପିତା ଭାବେ ପରିଚୟ ଦେଇଛି ବୋଲି ବିଧାୟକ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମହାକାଳପଡା ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ ,ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ସୀତାଲତା ପରିଡା,ଉପାଧ୍ୟକ୍ଷା ମମତା ପ୍ରଧାନ,ବିଜେଡି ମହିଳା ସଭାନେତ୍ରୀ ଶର୍ମିଷ୍ଠା ନାୟକ,ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା,ମହାକାଳପଡା ବ୍ଲକ ବିଜେଡି ସଭାପତି ଶ୍ରୀଧର ସାମଲ,ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ,ଗଙ୍ଗାଧର ପରିଡ଼ା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ,ବିଜେଡି ଯୁବନେତା ହୀରକ ପରିଡା, ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ ମଲ୍ଲିକ, ନଳିନୀପ୍ରଭା ଚୌଧୁରୀ, କବିତା ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟା ଭାରତୀ ଦଳାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ମହାତ୍ମାଗାନ୍ଧୀଙ୍କ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସରସ୍ୱତୀ ଶିଶୁ ମନ୍ଦିର ,ସେଣ୍ଟ ଜାଭିୟର ହାଇସ୍କୁଲ ,ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବରିଷ୍ଠ ବିଜେଡି ନେତା ଚନ୍ଦ୍ରମଣି ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ମାର୍ଶାଘାଇ ମହିଳା ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁବାସ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସମାରୋହରେ ଅତିଥିମାନେ ।

## ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଜକନିକା,୨।୧୦(ଡି.ଏନ୍.ଏ)

ରାଜକନିକାରେ ଭାଜପା ସଂଗଠନର ବିକାଶ ଓ ଅଭିବୃଦ୍ଧି ଲକ୍ଷ୍ୟରେ ଇତିମଧ୍ୟରେ ଆୟତନଠାରେ ପୂର୍ବକନିକା ମଣ୍ଡଳର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଭାଜପା ପୂର୍ବକନିକା ମଣ୍ଡଳପ୍ରଭାରୀ ସଞ୍ଜୟ ବେହୁରାଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବରିଷ୍ଠନେତା ଭକ୍ତବନ୍ଧୁ ମିଶ୍ର, ବ୍ରଜସୁନ୍ଦର ଭୂୟାଁ, ସତ୍ୟଜିତ ସ୍ୱାଇଁ, ସହଦେବ ରାଉତ,କାର୍ତ୍ତିକ ଦାସ, କର୍ଣ୍ଣରାଜ ବାରିକ,ନାରୀନେତ୍ରୀ ଜିତା ଦାସ ଓ ସଂଘମିତ୍ରା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।



ଧରିତ୍ରୀ
DHARITRI
ବୁଧବାର, ୩ ଅକ୍ଟୋବର, ୨୦୧୮



ସମଲିଙ୍ଗୀ ବିବାହ ପାଇଁ ୨ ଯୁବତୀ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ଉଭୟଙ୍କ ପରିବାର ଏହାକୁ ବିରୋଧ କରୁଥିବାରୁ ସେମାନେ ସୁରକ୍ଷା ଲାଗି ପୋଲିସର ସହାୟତା ନେଇଛନ୍ତି। ପୋଲିସ ସେମାନଙ୍କୁ ପ୍ରତିଦିନ ଯୋଗାଯୋଗରେ ରହିବା ପାଇଁ ପରାମର୍ଶ ଦେଇଛି। ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ ବିବାହିତା ହୋଇଥିବାବେଳେ ଅନ୍ୟ ଜଣେ ବିବାହ କରି ନ ଥିବା ପୋଲିସ କହିଛି।



## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଭ୍ୟାନ୍‌ରୁ ଲକ୍ଷାଧିକ ଟଙ୍କା ଲୁଟ୍

**କପ୍ତିପଦା,୨।୧୦(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପେଡ଼ାଗଡ଼ି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଲୁଟେରାମାନେ ବନ୍ଧୁକ ଦେଖାଇ ଏକ ପିକ୍‌ଅପ୍ ଭ୍ୟାନରୁ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ବାଲେଶ୍ୱର ଜିଲା ଜାନୁଗଞ୍ଜ ଗ୍ରାମର ଦିଲ୍ଲୀପ୍ କୁମାର ସାହୁ ଓ ମନୋରଞ୍ଜନ ସାହୁ ଏହି ପିକ୍‌ଅପ୍ ଭ୍ୟାନ (ନଂ.ଓଆର୍‌୦୨ଏଡ଼ି୦୧୪୫)ରେ ଅଣ୍ଡା ବୋଝେଇ କରି ଉଦଳାର ଜନୈକ ବ୍ୟବସାୟୀଙ୍କୁ ଦେବାକୁ ଆସିଥିଲେ। ସେମାନେ ତାଙ୍କ ନିକଟରୁ ୧ଲକ୍ଷ ୧୫ହଜାର ଟଙ୍କା ଧରି ଘରକୁ ଫେରୁଥିଲେ। ପେଡ଼ାଗଡ଼ି ଛକଠାରୁ ଅନତି ଦୂରରେ ଅନ୍ୟ ଏକ କାର୍‌ରେ କେତେକ ଦୁର୍ବୃତ୍ତ ଆସି ଭ୍ୟାନକୁ ଅଟକାଇଥିଲେ। ସେମାନେ ବନ୍ଧୁକ ଦେଖାଇ ଭ୍ୟାନ ଚାଳକ ଓ ଗାଡିରେ ଥିବା ଏହାର ମାଲିକ ଦିଲ୍ଲୀପ୍ କୁମାର ସାହୁଙ୍କୁ ଭୟଭୀତ କରାଇ ସମସ୍ତ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଗାଡ଼ି ମାଲିକ ଓ ଡ୍ରାଇଭର ଏନେଇ କପ୍ତିପଦା ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିବା କହିଛି।

### ବିଚ୍ଛିନ୍ନାଞ୍ଚଳରେ ମାଓବାଦୀ ମେଳି

**ମାଲକାନଗିରି,୨।୧୦(ଡି.ଏନ.ଏ.):** ମାଓବାଦୀ ସଙ୍ଗଠନର ଛାମୁଆ ସଙ୍ଗଠନ ଭାବେ ପରିଚିତ ଆଦିବାସୀ ବିପ୍ଲବୀ ଚାଷୀ ମୂଲିଆ ସଂଘ ପକ୍ଷରୁ ବେଜିଙ୍ଗି ଅଞ୍ଚଳରେ ଏକ ପ୍ରଜାମେଳି ଅନୁଷ୍ଠିତ ହୋଇଥିବା ଖବର ମିଳିଛି। ୨ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଗୁରୁପ୍ରିୟା ସେତୁକୁ ଉଦ୍‌ଘାଟନ କରି ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ତେବେ ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା କୌଣସି ଆଦିବାସୀ ଏଥିରେ ଉପକୃତ ହେବେ ନାହିଁ। ବର୍ତ୍ତମାନ ମଧ୍ୟ ଏହି ଅଞ୍ଚଳର ୬ଟି ପଞ୍ଚାୟତର ଲୋକେ ବିକାଶ କଣ ଜାଣିନାହାନ୍ତି। ଏହି ପଞ୍ଚାୟତବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରୁ ଏବେ ବି ବଞ୍ଚିତ ହୋଇ ରହିଛନ୍ତି। ଆନ୍ଧ୍ର-ଓଡିଶା, ମାଲକାନଗିରି-କୋରାପୁଟ-ବିଶାଖାପାଟଣା ଜୋନାଲ କମିଟି ପକ୍ଷରୁ ଆୟୋଜିତ ଏହି ମେଳିରେ ରାଜ୍ୟ ସରକାର ବିଚ୍ଛିନ୍ନାଞ୍ଚଳରେ ଯେଉଁ ଗୁରୁପ୍ରିୟା ସେତୁ ନିର୍ମାଣ କରିଛନ୍ତି ତାହା ବିକାଶ ପାଇଁ ନୁହେଁ ବରଂ ବିନାଶ ପାଇଁ। ଏହି ଅଞ୍ଚଳର ଖଣି ଖାଦାନ ଏବଂ ବକ୍ସାଇଟ୍ ଲୁଟ୍ କରିବା ଉଦ୍ଦେଶ୍ୟରେ ସେତୁ ନିର୍ମାଣ କରାଯାଇଛି ବୋଲି ମାଓବାଦୀମାନେ ଅଭିଯୋଗ କରିଥିଲେ। ନିରିହ ଆଦିବାସୀଙ୍କୁ ବିସ୍ଥାପିତ କରି ସେମାନଙ୍କ ଭିଟାମାଟି କମ୍ପାନୀ ହାତରେ ଟେକି ଦେବା ପାଇଁ ଆନ୍ଧ୍ର ଓ ଓଡିଶା ସରକାର ମସୁଧା କରିଥିବା ସେମାନେ ଅଭିଯୋଗ କରିଥିଲେ। ସେହିଭଳି ବିଚ୍ଛିନ୍ନାଞ୍ଚଳ ପଣସପୁଟ, ପାପରମେଟଲା, ଯୋଡାମ୍ବ, ଯନ୍ତ୍ରୀ, ଅଣ୍ଡ୍ରାପାଲି ଆଦି ପଞ୍ଚାୟତରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ଫସଲ ହାନୀ ମଧ୍ୟ ହୋଇଛି। ଜଳସ୍ତର ବୃଦ୍ଧି ପାଉଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଜଳ ନିଷ୍କାସନ କରାଯାଉନାହିଁ। ଫଳରେ ଆଗାମୀ ଦିନରେ ବହୁ ଗ୍ରାମ ଜଳମଗ୍ନ ହେବା ସମ୍ଭାବନା ରହିଛି ବୋଲି ସେମାନେ ଆରୋପ କରିଥିଲେ। ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବ, ଅଣ୍ଡ୍ରାପାଲି, ପଣସପୁଟ ପଞ୍ଚାୟତର ମହିଳାପୁରୁଷମାନେ ଯୋଗ ଦେଇଥିଲେ।

■ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ

# ସ୍ୱାଭାବିକ ହେଉଛି ବ୍ୟବସ୍ଥା

**ପୁରୀ ଅଫିସ, ୨।୧୦**



ଧାଡ଼ିଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନେ।

- ■ ଶୋଷଣ ମୁକ୍ତ ହେବେ ଭକ୍ତ, ପ୍ରଭାବିତ ହେବେ ଧୂଳିଆ
- ■ ସ୍ଥାନୀୟ ବାସିନ୍ଦା ଓ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି
- ■ ପୁରୀବାସୀଙ୍କ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ
- ■ ଧାଡ଼ିଦର୍ଶନକୁ ବିରୋଧ କରି ଆଜି ପୁରୀ ବନ୍ଦ
- ■ ବ୍ୟବସ୍ଥାକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ଅସନ୍ତୋଷ

ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଧାଡ଼ିଦର୍ଶନ ବ୍ୟବସ୍ଥାକୁ ଆହୁରି ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ସ୍ଥାନୀୟ ବାସିନ୍ଦା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଧାଡ଼ି ଆରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଧାଡ଼ିରେ ଯିବାକୁ ହେଲେ ପୁରୀବାସୀଙ୍କୁ ପରିଚୟପତ୍ର ଦେଖାଇବାକୁ କୁହାଯାଇଛି। ଅନ୍ୟପକ୍ଷରେ ଧାଡ଼ି ଦର୍ଶନ ସମେତ ୮ ଦଫା ଦାବି ନେଇ ବୁଧବାର ପୁରୀ ବନ୍ଦ ଡାକରା ଦେଇଛି ଶ୍ରୀଜଗନ୍ନାଥ ସେନା। ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ଲାଗି ଆରମ୍ଭ ହୋଇଥିବା ଧାଡ଼ିଦର୍ଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ରୀମନ୍ଦିରର ସବୁ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନର ଅନୁମତି ଦେବାକୁ ମନ୍ତ୍ରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ବ୍ୟବସ୍ଥାର ଦ୍ୱିତୀୟ ଦିନରେ ଭକ୍ତ ସୁବିଧାରେ ଦର୍ଶନ କରିବା ସହ ସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଦ୍ୱାରା ଭକ୍ତ ଶୋଷଣରୁ ରକ୍ଷା ପାଇବେ ଏବଂ ଧୂଳିଆ ପ୍ରଭାବିତ ହେବେ ବୋଲି କୁହାଯାଉଛି।

ଶ୍ରୀମନ୍ଦିରରେ ସୋମବାର ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରେ ହାତଗଣତି କେତେଜଣ ଭକ୍ତ ବ୍ୟାରିକେଡ ଭାଙ୍ଗି ବିଭ୍ରାଟ ସୃଷ୍ଟି କରିଥିଲେ। ପରେ ଏହା ସ୍ୱାଭାବିକ ହୋଇଥିଲା। ସୋମବାର ଦିନତମାମ୍ ସୁରୁଖୁରରେ ଦର୍ଶନ ହୋଇଥିବାରୁ ମଙ୍ଗଳବାର ଏହି ବ୍ୟବସ୍ଥା ଜାରି ରହିଛି। ଏହି ବ୍ୟବସ୍ଥା ଆରମ୍ଭ ପରେ ସ୍ଥାନୀୟ ଲୋକଙ୍କର କିଛି ସମସ୍ୟା ହେଉଛି ବୋଲି ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ପରେ ପ୍ରଶାସନ ଏଥିରେ କିଛିଟା ସୁଧାର ଆଣିବା ଲାଗି ପଦକ୍ଷେପ ନେଇଛି। ମଙ୍ଗଳବାର ପୁରୀ ସହରବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡି କରାଯାଇଛି। ଏହି ଧାଡିରେ ଯିବାକୁ ହେଲେ ସେମାନଙ୍କୁ ପୁରୀବାସୀ ବୋଲି ପରିଚୟପତ୍ର ଦେବାକୁ ପଡିବ। କିନ୍ତୁ ଏହି ପରିଚୟପତ୍ର ବ୍ୟବସ୍ଥାରେ କେତେକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ପୁରୀରେ ବିଭିନ୍ନ ଅଞ୍ଚଳରୁ ଆସି ଭଡ଼ାରେ ରହୁଥିବା, ଏଠାରେ ଚାକିରି କରିଥିବା ଏବଂ ପୁରୀବାସିନ୍ଦାଙ୍କ ଘରକୁ ଅତିଥି ଆସିଲେ ସେମାନଙ୍କ ଦର୍ଶନକୁ ନେଇ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ମହାପ୍ରସାଦ ଆଣିବାକୁ ଚାହୁଁଥିବା ବ୍ୟକ୍ତି ଉତ୍ତର ଦ୍ୱାର ଦେଇ ଯିବାକୁ ବ୍ୟବସ୍ଥା ହୋଇଛି।

ଦ୍ୱିତୀୟ ଦିନର ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବାହାରୁ ଆସିଥିବା ଦର୍ଶନାର୍ଥୀ ପସନ୍ଦ କରିଛନ୍ତି। ଜଣେ ଭକ୍ତ ପହଞ୍ଚିବା ପରେ ସିଂହଦ୍ୱାରରୁ ଦର୍ଶନ କରାଇଦେବାକୁ କହି କେତେଜଣ ଧୂଳିଆ ଭକ୍ତଙ୍କୁ ଟାଣି ନେଉଥିଲେ। ଏହି ବ୍ୟବସ୍ଥା ଫଳରେ ସେଥିରୁ ଭକ୍ତ ନିସ୍ତାର ପାଉଛନ୍ତି। ସିଧାସଳଖ ଧାଡ଼ିରେ ଯାଇ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ନିଜ ଇଚ୍ଛା ଅନୁସାରେ ବେଢା ପରିକ୍ରମା କରୁଛନ୍ତି। ଏହି ବ୍ୟବସ୍ଥାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ବୁଧବାର ପୁରୀ ବନ୍ଦ ଡାକରା ଦେଇଛି। ବନ୍ଦ ପରେ ଯଦି ଧାଡ଼ି ଦର୍ଶନ ବ୍ୟବସ୍ଥା ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ ହେବ ବୋଲି ଜଗନ୍ନାଥ ସେନା ଚେତାବନୀ ଦେଇଛି। ଅପରପକ୍ଷରେ ଧାଡ଼ିଦର୍ଶନ ନେଇ ରାଜସ୍ୱ ମନ୍ତ୍ରୀ ମଙ୍ଗଳବାର ମୁହଁ ଖୋଲିଛନ୍ତି। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଧାଡ଼ିଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ। ସ୍ଥାନୀୟ ଲୋକେ ମଙ୍ଗଳ ଆଳତି ଏବଂ ବଡ଼ସିଂହାର ବେଶ ଦେଖିବା ପାଇଁ ପ୍ରତ୍ୟହ ଯାଇଥାନ୍ତି। ଗୋଟିଏ ଦ୍ୱାରରେ ପ୍ରବେଶ ଫଳରେ ସେମାନେ ହଇରାଣ ହେବେ। ମହାପ୍ରସାଦ ଆଣିବା ପାଇଁ ମଧ୍ୟ ସମସ୍ୟାରେ ପଡିବେ। ତେବେ ରାଜ୍ୟ ସରକାର ସଂସ୍କାର ବ୍ୟବସ୍ଥା ଆରମ୍ଭ କରୁଥିବା ବେଳେ ବରିଷ୍ଠ ମନ୍ତ୍ରୀ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବାକୁ ନେଇ ଭିନ୍ନ ଚର୍ଚ୍ଚା ଧରିଛି। ଏହି ବ୍ୟବସ୍ଥା ପୂର୍ବରୁ ସ୍ଥାନୀୟ ବିଧାୟକ ଭାବେ ସେ ସବୁ ପକ୍ଷଙ୍କ ସହ ଆଲୋଚନା କରି ସୁବ୍ୟବସ୍ଥିତ କଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠୁଛି।

■ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା

# ଖାଦ୍ୟ ସୁରକ୍ଷା ନୁହେଁ, ଭୋଟ୍ ସୁରକ୍ଷା ଆଇନ

**ଭୁବନେଶ୍ୱର,୨।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ନାହିଁ। ହିତାଧିକାରୀ ଚୟନପ୍ରକ୍ରିୟାରେ ବ୍ୟାପକମାତ୍ରାରେ ଦୁର୍ନୀତି କରାଯାଇଛି। ଏହାକୁ ଦଳୀୟ ଆଧାରରେ କରାଯାଇ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି।

ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଦେଶସାରା କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରାଯାଇଛି। ମାତ୍ର କୌଣସି ରାଜ୍ୟର ଗରିବଙ୍କ ସଂଖ୍ୟା ନେଇ ଆପତ୍ତି ଉଠି ନାହିଁ। ମାତ୍ର ୨୦୧୧ ପରେ ରାଜ୍ୟରେ ୩୪ ଲକ୍ଷ ନୂଆ ଗରିବ ଲୋକ ସୃଷ୍ଟି ହୋଇଥିବା ଓ ଏମାନଙ୍କୁ କେନ୍ଦ୍ରର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ରାଜ୍ୟ ସରକାର ଯୁକ୍ତି କରିଥିଲେ। ତାଙ୍କର ଏହି ଯୁକ୍ତି ବିଜେଡି ସରକାର ୧୯ ବର୍ଷ ଶାସନର ବିଫଳତାର ପ୍ରମାଣ। ସବୁ ସରକାର ନିଜ ରାଜ୍ୟରେ ଗରିବଙ୍କ ସଂଖ୍ୟା କମ୍ କରିବା ପାଇଁ ନିର୍ବାଚିତ ହୋଇଥାଆନ୍ତି। ମାତ୍ର ରାଜ୍ୟ ସରକାରଙ୍କ ୧୯ ବର୍ଷ ଶାସନରେ ଗରିବ ସଂଖ୍ୟା ୩୪ଲକ୍ଷ ବଢିଥିବା କଥା କହି ମୁଖ୍ୟମନ୍ତ୍ରୀ ନିଜ ବିଫଳତାର ପ୍ରମାଣ ଦେଇଛନ୍ତି। ଏହା କ'ଣ ବିଜେଡି ସରକାରର କଠିନ ପରିଶ୍ରମ ଓ ଶ୍ରେଷ୍ଠ ପ୍ରଶାସକର ଫଳ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତତ୍କାଳୀନ କଟକ ମେୟରଙ୍କ ଭଳି ଅଯୋଗ୍ୟ ନେତା ଓ କର୍ମୀଙ୍କୁ ସାମିଲ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ପ୍ରଥମେ ୩୪ଲକ୍ଷ ପରେ ୩୨ଲକ୍ଷ ତାହାପରେ ୨୫ ଲକ୍ଷ ଓ ପରେ ୨୨ଲକ୍ଷ ହିତାଧିକାରୀ ସାମିଲ ବିଷୟରେ ତଥ୍ୟ ଦେଇଛନ୍ତି। ଏବେ ଯେତିକି ହିତାଧିକାରୀ ଚୟନ କରାଯାଇଛି ତାହାର ତାଲିକା କାହିଁକି ୱେବସାଇଟ ମାଧ୍ୟମରେ ଜିଲା, ବ୍ଲକ, ପଞ୍ଚାୟତ ୱାରି ସ୍ପଷ୍ଟ କରାଯାଇନାହିଁ ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ୨୫ ଲକ୍ଷ ହିତାଧିକାରୀ ମାସକୁ ୫ କିଲୋ ଚାଉଳ ପାଇବେ। ଚାଉଳ କିଲୋ ୩୨ ଟଙ୍କା ହିସାବରେ ବାର୍ଷିକ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଲାଭ ନେଉଥିବା ହିତାଧିକାରୀମାନେ କିଏ ଏହା ଜାଣିବା ରାଜ୍ୟବାସୀଙ୍କ ଅଧିକାର। ଏହା ଖାଦ୍ୟ ସୁରକ୍ଷା ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଓଡିଆ ଟିକସଦାତାଙ୍କ ଝାଳବୁହା ଅର୍ଥକୁ ରାଜନୈତିକ ସ୍ୱାର୍ଥ ପାଇଁ ଖର୍ଚ୍ଚ ହେଉଛି ବୋଲି ମହାନ୍ତି ଅଭିଯୋଗ କରିଛନ୍ତି।

କଂଗ୍ରେସ ମଧ୍ୟ ଏନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଜୟଦେବ ଜେନା କହିଛନ୍ତି ଯେ, ଏହା ଖାଦ୍ୟ ସୁରକ୍ଷା ଆଇନ ନୁହେଁ ବରଂ ବିଜେଡିର ଭୋଟ୍ ସୁରକ୍ଷା ଆଇନ। ବିଜେଡି ନିଜର ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବା ପାଇଁ ଦଳୀୟ କର୍ମୀଙ୍କୁ ହିତାଧିକାରୀ ଭାବେ ଚୟନ କରି ରାଜନୀତି କରୁଛି। ଉପା ସରକାର ପ୍ରଥମେ ଏହି ଯୋଜନା ଆରମ୍ଭ କରିଥିଲା ବୋଲି ସେ କହିଛନ୍ତି।

# ଭାଜପା ନେତ୍ରୀଙ୍କୁ ଅଟକାଇବା ଆଳରେ ଅସଦାଚରଣ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**



ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ନବୀନ ନିବାସକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

- ■ ଭିଡିଓ ଫୁଟେଜକୁ ଅତିରଞ୍ଜିତ କରାଯାଇଛି: ଡିସିପି
- ■ ପୋଲିସ ଗଣତନ୍ତ୍ରକୁ ହତ୍ୟା କରିଛି: ପ୍ରଭାତୀ

ମହିଳାଙ୍କ ପ୍ରତି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ମହିଳା ସଦସ୍ୟାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ନବୀନ ନିବାସ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବା ଆଳରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପୋଲିସ ଗଣତନ୍ତ୍ରକୁ ହତ୍ୟା କରିବା ସହିତ ନିଜର ସୀମା ଲଙ୍ଘିଥିବା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

ମୋର୍ଚ୍ଚାର ଅଭିଯୋଗ ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମୋର୍ଚ୍ଚାର ସଦସ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ଯାଇଥିଲେ। ହେଲେ ରାଜମହଲ ଛକରେ ପୋଲିସ ସେମାନଙ୍କୁ ଅଟକାଇବା ସହ ଲାଠିମାଡ଼ କରିଥିଲା। ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଓ ରାଜ୍ୟ ମହିଳା ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ କେତେଜଣ ମହିଳାଙ୍କୁ ଲାଠି ମାଡ ହୋଇଥିଲା। ସେଠାରୁ ପୋଲିସ ଏକାଧିକ ମହିଳାଙ୍କୁ ଗିରଫ କରିନେଇ ପରେ ଛାଡି ଦେଇଥିଲା। ପରବର୍ତ୍ତୀ ସମୟରେ ମୋର୍ଚ୍ଚାର କେତେଜଣ ସଦସ୍ୟା ଅଟୋରେ ନବୀନ ନିବାସ ଅଭିମୁଖେ ଯାଇଥିଲେ। ସେମାନେ ନବୀନ ନିବାସ ସମ୍ମୁଖରେ ଅଟୋରୁ ଓହ୍ଲାଇଥିଲେ। କିନ୍ତୁ ସେଠାରେ ମହିଳା ପୋଲିସ ଉପସ୍ଥିତ ଥିଲେ ମଧ୍ୟ ସେମାନେ ମହିଳାମାନଙ୍କୁ ଅଟକାଇ ନ ଥିଲେ। ବରଂ କେତେଜଣ ବରିଷ୍ଠ ପୁରୁଷ ପୋଲିସ ଅଧିକାରୀ ମହିଳାମାନଙ୍କୁ ଅଟକାଇବା ଆଳରେ ଅସଦାଚରଣ କରିଥିଲେ। ୧୫ ମିନିଟ ଧରି ସେଠାରେ ପୋଲିସ ଓ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଭାଜପା ମହିଳା ମୋର୍ଚ୍ଚା ନିନ୍ଦା କରିଛି। ଏ ନେଇ ବୁଧବାର ଏକ ମହିଳା ଟିମ୍ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଅସଦାଚରଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିବ ବୋଲି ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଭାତୀ ପରିଡା କହିଛନ୍ତି।

ସେ ଆହୁରି କହିଛନ୍ତି, ପୋଲିସ ଗଣତନ୍ତ୍ରକୁ ହତ୍ୟା କରିଛି। ଆମେ ନବୀନ ନିବାସକୁ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମହାରଥୀଙ୍କୁ ବହିଷ୍କାର କରିବା ଲାଗି ଦାବି କରିବୁ ବୋଲି ପୋଲିସକୁ ଆଗରୁ ଜଣାଇଥିଲୁ। କିନ୍ତୁ ପୋଲିସ ରାଜମହଲ ଛକରେ ଆମକୁ ଅଟକାଇ ଲାଠିମାଡ଼ କଲା। ସେହିପରି ମହିଳା ପୋଲିସ ବଦଳରେ ପୁରୁଷ ପୋଲିସ ମହିଳାମାନଙ୍କୁ ଅଟକାଇବା ବାହାନାରେ ଅସଦାଚରଣ କଲେ। ମହିଳାମାନଙ୍କୁ ଯେଭଳି ଅସଦାଚରଣ କରାଯାଇଛି ତାହାର ଫଟୋ ଏବଂ ଭିଡିଓ ନେଇ ବୁଧବାର ପୋଲିସ ଡିଜିଙ୍କୁ ଭେଟିବୁ। ପୋଲିସ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ସମ୍ପର୍କରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ସେଠାରେ ମହିଳା ପୋଲିସ ରହିଥିଲେ। ହେଲେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାଙ୍କୁ ଯେଉଁ ସ୍ଥାନରେ ବିକ୍ଷୋଭ କରିବା ପାଇଁ କୁହାଯାଇଥିଲା, ସେମାନେ ସେଠାରେ କରି ନ ଥିଲେ। ବରଂ ଅଟୋରେ ଲୁଚି ନବୀନ ନିବାସ ଅଭିମୁଖେ ଯାଇଥିଲେ। ସେଠାରେ ସେମାନଙ୍କୁ ମହିଳା ପୋଲିସ ଅଟକାଇଥିଲା। ତଥାପି ସେମାନେ ମାନି ନ ଥିଲେ। ବାଧ୍ୟ ହୋଇ ପୁରୁଷ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଯେଉଁ ଭିଡିଓ ଗଣମାଧ୍ୟମରେ ପ୍ରସାରଣ କରାଯାଉଛି ତାହାକୁ ଅତିରଞ୍ଜିତ କରାଯାଉଛି। ସେଭଳି କିଛି ହୋଇନାହିଁ ବୋଲି ଡିସିପି କହିଛନ୍ତି।

ସେମିଷ୍ଟର ଫଳକୁ ନେଇ ଭଙ୍ଗାରୁଜା ଘଟଣା

## ୪ ଛାତ୍ରଙ୍କ ସମେତ ଅନ୍ୟ ଜଣେ କୋର୍ଟ ଚାଲାଣ

**ଫୁଲବାଣୀ ଅଫିସ, ୨।୧୦**

କନ୍ଧମାଳ ଜିଲା ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ସେମିଷ୍ଟର ଫଳକୁ ନେଇ ସୋମବାର ହୋଇଥିବା ଭଙ୍ଗାରୁଜା ଘଟଣାରେ ଫୁଲବାଣୀ ଟାଉନ ଥାନା ପୋଲିସ ୪ ଛାତ୍ରଙ୍କ ସମେତ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୌମ୍ୟାକାନ୍ତ ଥାଟି, ବିକାଶ ନାୟକ, ରାକେଶ ଦିଗାଲ, ଇ.ଦେବାନନ୍ଦ ପାତ୍ର ଏବଂ ଅନ୍ୟଜଣେ ହେଲେ ଲକି ମହାନ୍ତି। ଛାତ୍ରମାନଙ୍କ କହିବା ଅନୁସାରେ, ସେମିଷ୍ଟର ଫଳକୁ ଜାଣିଶୁଣି ଖରାପ କରି ଦିଆଯାଇଛି। ଆମେ ଅଧ୍ୟକ୍ଷଙ୍କୁ ଜଣାଇବାରୁ ସେ କିଛି ଶୁଣିଲେ ନାହିଁ। ଫଳରେ ଏପରି ଘଟଣା ଘଟିଲା।

ସୂଚନାଯୋଗ୍ୟ, ସେମିଷ୍ଟର ଫଳାଫଳକୁ ନେଇ ଛାତ୍ରମାନେ ସୋମବାର ଅଧ୍ୟକ୍ଷଙ୍କ ଅଫିସ ଏବଂ କମନରୁମ ଭଙ୍ଗାରୁଜା କରିଥିଲେ। ଥାନାରେ ଏନେଇ ନଂ.୧୭୧/୧୮ରେ ମାମଲା ରୁଜୁ ହୋଇଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୪.୭ |
| ଚାନ୍ଦବାଲି | ୩୫.୦ | ୨୬.୬ |
| କଟକ | ୩୪.୬ | ୨୫.୦ |
| ପାରାଦ୍ୱୀପ | ୩୫.୨ | ୨୭.୩ |
| ଭୁବନେଶ୍ୱର | ୩୫.୫ | ୨୫.୪ |
| ଗୋପାଳପୁର | ୩୫.୮ | ୨୫.୪ |
| ପୁରୀ | ୩୪.୬ | ୨୭.୬ |
| ଅନୁଗୋଳ | ୩୫.୧ | ୨୨.୬ |
| ବାରିପଦା | ୩୬.୨ | ୨୪.୫ |
| ଝାରସୁଗୁଡ଼ା | ୩୫.୫ | ୨୩.୫ |
| କେନ୍ଦୁଝର | ୩୨.୯ | ୨୧.୮ |
| ସମ୍ବଲପୁର | ୩୫.୮ | ୨୩.୦ |
| ସୁନ୍ଦରଗଡ଼ | ୩୪.୦ | --- |
| ହୀରାକୁଦ | ୩୫.୭ | ୨୩.୬ |
| ତାଳଚେର | ୩୬.୧ | ୨୪.୩ |
| ଭବାନୀପାଟଣା | ୩୩.୪ | ୨୩.୮ |
| ବଲାଙ୍ଗୀର | ୩୫.୦ | ୨୩.୮ |
| କୋରାପୁଟ | ୩୦.୨ | ୧୮.୬ |
| ଫୁଲବାଣୀ | --- | ୧୯.୫ |
| ଟିଟିଲାଗଡ଼ | ୩୪.୫ | ୨୨.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୬.୬ | ୨୨.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ରାଜ୍ୟବ୍ୟାପୀ ୬୦ ହଜାର ଶିକ୍ଷକଙ୍କ ଅନଶନ

## ୩ରୁ ୮ ଗ୍ରାମ ସ୍ୱରାଜ ଏବଂ ଜନ ଦରବାର

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ଶିକ୍ଷକମାନେ ରାଜ୍ୟବ୍ୟାପୀ ଅନଶନ କରିଛନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ୬୦ ହଜାର ଶିକ୍ଷକ ପ୍ରତି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟା ଧରି ଅନଶନ କରିଥିଲେ। ସେହିପରି ଭୁବନେଶ୍ୱର ଲୋୟର ପିଏମଜିଠାରେ ମଧ୍ୟ ଶିକ୍ଷକ ଏବଂ ଅଧ୍ୟାପକମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ଅନଶନ କରିଥିଲେ। ବୁଧବାରଠାରୁ ଗ୍ରାମ ସ୍ୱରାଜ ଯାତ୍ରା ଓ ଜନ ଦରବାର ଆରମ୍ଭ ହେବ ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା କହିଛନ୍ତି।



ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅନଶନରେ ବସିଛନ୍ତି।

ସୂଚନାଯୋଗ୍ୟ, ମିଳିତ ମଞ୍ଚ ପକ୍ଷରୁ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ଅହୋରାତ୍ର ଧାରଣା ମଙ୍ଗଳବାର ୪୮ ଦିନରେ ପହଞ୍ଚିଛି। ସରକାର ସେମାନଙ୍କ ଦାବି ପୂରଣ ଲାଗି ସାମାନ୍ୟତମ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ତେଣୁ ବାଧ୍ୟହୋଇ ଶିକ୍ଷକମାନେ ଗାନ୍ଧୀ ଜୟନ୍ତୀରେ ପ୍ରତୀକ ଅନଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟମାନଙ୍କ ଉପରେ ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ପ୍ରତିବାଦରେ ଗାନ୍ଧିଜୀ ଅନଶନରେ ବସୁଥିଲେ। ସ୍ୱାଧୀନତାର ୭୨ବର୍ଷ ପରେ ଆଜି ରାଜ୍ୟ ସରକାର ଶିକ୍ଷକ, ଅଧ୍ୟାପକମାନଙ୍କ ଶ୍ରମକୁ ଶୋଷଣ କରି ଶିକ୍ଷାର ପ୍ରସାର କରୁଛନ୍ତି ବୋଲି ବାହାବା ମାରୁଥିବା ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ମଙ୍ଗଳବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟାର ଯାଜପୁର ଜିଲା ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଅନଶନରେ ଥିବାବେଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହା ସତ୍ତ୍ୱେ ସରକାର ନିର୍ବିକାର ହୋଇ ବସି ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ଆସନ୍ତା ୩ରୁ ୮ ତାରିଖ ଯାଏ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରି ମିଳିତ ମଞ୍ଚ ଗ୍ରାମ ସ୍ୱରାଜ ଏବଂ ଜନଦରବାର ଭଳି ଚରମ ଆନ୍ଦୋଳନାତ୍ମକ ଡାକରା ଦେଇଛି। ଏହାପରେ ବି ସରକାର ଯଦି ନିଦରୁ ନ ଉଠନ୍ତି ତେବେ ଆସନ୍ତା ୯ତାରିଖ ଗୋପବନ୍ଧୁ ଜୟନ୍ତୀରେ ଜନସାଧାରଣଙ୍କୁ ସାଥୀରେ ଧରି ବିରାଟ ଜନସମାବେଶ କରାଯିବ ବୋଲି ମିଳିତ ମଞ୍ଚର ସଭାପତି ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୩ ଅକ୍ଟୋବରର,୨୦୧୮



## ସଂକ୍ଷେପରେ

### ୱାର୍ଡସଭ୍ୟାଙ୍କୁ ଏସିଡ୍ ମାଡ଼ ଅଭିଯୋଗ

ବାଲିପାଟଣା,୨।୧୦(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ଅମଣାକୁଦ ପଞ୍ଚାୟତ ଖୁଲିସ ଗ୍ରାମର ୱାର୍ଡସଭ୍ୟା ବଲି ଭୋଇଙ୍କୁ ମଙ୍ଗଳବାର ସକାଳେ ଏସିଡ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ୨ଜଣ ଯୁବକ ଏକ ବାଇକ୍‌ରେ ଆସି ବଲିଙ୍କ ଘର କବାଟକୁ ବାଡେଇଥିଲେ। ବଲି କବାଟ ଖୋଲିବା ମାତ୍ରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଯୁବକମାନେ ତାଙ୍କ ମୁହଁକୁ ଏସିଡ ଫିଙ୍ଗିଥିଲେ। ସେ ଚିତ୍କାର କରିବାରୁ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ପରିବାରଲୋକେ ବଲିଙ୍କୁ ଚିକିତ୍ସା ପାଇଁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ବଲିଙ୍କ ସ୍ୱାମୀ ଯୁଗଳ ଭୋଇ ବନମାଳିପୁର ଫାଣ୍ଡିରେ ଅଭିଯୋଗ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବାଲିପାଟଣା ଥାନା ଅଧିକାରୀ ଆକାଶ ରଣା କୁହନ୍ତି, ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।

### ଅନଶନରୁ ଓହରିଲେ ଝାରପଡ଼ା ଜେଲ ଅନ୍ତେବାସୀ

**କଏଦୀଙ୍କ ମୃତଦେହ ନେଲେ ପରିବାର**

କଟକ ରୋଡ,୨।୧୦(ଡି.ଏନ୍.ଏ.): ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଗତ ସୋମବାରଠାରୁ ଅନଶନ ଚଳାଇଥିବା ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ କଏଦୀ ମଙ୍ଗଳବାର ସେମାନଙ୍କ ଆନ୍ଦୋଳନରୁ ଓହରିଯାଇଛନ୍ତି। ସୂଚନାଥାଉ କି, ଗତ ୩୦ତାରିଖରେ ଝାରପଡ଼ା ଜେଲରେ ୧୦ବର୍ଷ କାରାଦଣ୍ଡ ଭୋଗୁଥିବା ଜଟଣୀ ବଡତୋଟା ନୂଆସାହି ଗ୍ରାମର ଗଦାଧର ସାହୁଙ୍କ ମୃତ୍ୟୁ ଘଟିଥିଲା। ବାରମ୍ବାର ଜେଲରେ କଏଦୀଙ୍କ ମୃତ୍ୟୁ ଘଟୁଥିବା ନେଇ ଅନ୍ୟ ଅନ୍ତେବାସୀ ଗଦାଧରଙ୍କ ପରିବାରଙ୍କୁ କ୍ଷତିପୂରଣ ଦେବା ସହ ମୃତ୍ୟୁର ନିରପେକ୍ଷ ତଦନ୍ତ ନେଇ ଦାବି କରିଥିଲେ। ତେବେ ଜେଲ କର୍ତ୍ତୁପକ୍ଷଙ୍କ ବଦଳି ପରେ ଦାୟିତ୍ୱରେ ଥିବା ଅଧିକାରୀ ଏହି ଘଟଣାର ସମାଧାନ ପନ୍ଥା ବାହାର କରିବାରେ ବିଫଳ ହୋଇଥିଲେ। ଫଳରେ ଜେଲ ବିଭାଗ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଜେଲ ଅଧୀକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ ମଙ୍ଗଳବାର ଝାରପଡା ଜେଲରେ ପହଞ୍ଚି ଆନ୍ଦୋଳନରତ କଏଦୀଙ୍କ ସହ ଆଲୋଚନା କରିଥିଲେ। ପରେ ଅନଶନରେ ବସିଥିବା କଏଦୀଙ୍କ ଅନଶନ ଭଙ୍ଗ କରିଥିବା ଅଧୀକ୍ଷକ ସ୍ୱାଇଁ କହିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

- ଭାଜପା ପ୍ରତିଶ୍ରୁତି ଫମ୍ପା ମାଠିଆ ସଦୃଶ: ମୁଖ୍ୟମନ୍ତ୍ରୀ
- କାଗଜ ନ ଦେଖି ନିଜର ୪ଟି ଯୋଜନା ସମ୍ପର୍କରେ କୁହନ୍ତୁ ମୁଖ୍ୟମନ୍ତ୍ରୀ: ଭାଜପା

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ବିଜେଡି ସରକାର ଓଡିଶାର ସାଢେ ୪କୋଟି ଓଡିଆଙ୍କ ଭରସାର ପ୍ରତୀକ। ଆମେ ସବୁବେଳେ ଲୋକମାନଙ୍କ ସହିତ ରହି ସେମାନଙ୍କ ପାଇଁ କାମ କରିଚାଲିଛୁ। ଆମେ କଥାରେ ନୁହେଁ କାମରେ ବିଶ୍ୱାସ କରୁ। ଭାଜପା ହେଉଛି ଫମ୍ପା ମାଠିଆ। ଫମ୍ପା ମାଠିଆର ଶବ୍ଦ ବେଶି। ଭାଜପାର ପ୍ରତିଶ୍ରୁତି ସେହିଭଳି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାରଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ମାସେବ୍ୟାପୀ ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଉପରେ ଜବରଦସ୍ତ ବର୍ଷିଛନ୍ତି। କେନ୍ଦ୍ର ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଏବେ ଯାଏ ପାଳନ କରି ନ ଥିବା କଥା କହିଥିବା ବେଳେ ରାଜ୍ୟ ସରକାରଙ୍କ ଯୋଜନାର ସଫଳତା ସମ୍ପର୍କରେ ଏହି ଅବସରରେ ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଟାର୍ଗେଟ ପରେ ଭାଜପା ପାଲଟା ଆକ୍ରମଣ କରିଛି।

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝରଣା ସାହିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦେବା ପାଇଁ ଭାଜପା ତାର ନିର୍ବାଚନୀ ଇସ୍ତାହାରରେ କହିଥିଲା। ମାତ୍ର ସରକାରକୁ ଆସିବାର ୪ବର୍ଷ ପରେ ସୁଦ୍ଧା ଭାଜପା ସରକାର ନିଜ ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଏବେ ମଧ୍ୟ ରାଜ୍ୟବାସୀ ସେହି ପ୍ରତିଶ୍ରୁତିକୁ ଅପେକ୍ଷା କରିଛନ୍ତି। ତେଣୁ ପ୍ରତିଶ୍ରୁତି କିଏ ପାଳନ କରୁଛି, କିଏ କରୁ ନାହିଁ ସେକଥା ରାଜ୍ୟବାସୀ ଭଲଭାବେ ଜାଣିଛନ୍ତି। ଫମ୍ପା ମାଠିଆର ଶବ୍ଦ ବେଶି। ଆମେ ଯାହା ପ୍ରତିଶ୍ରୁତି ଦେଇଛୁ ପୂରଣ କରିଛୁ। ଖାଦ୍ୟ ସୁରକ୍ଷା, ଆଶ୍ରୟ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ଆମ ସଫଳତାର ୪ଟି ସ୍ତମ୍ଭ। ଓଡିଶାବାସୀଙ୍କ କଲ୍ୟାଣ ପାଇଁ ମୋ ସରକାରରେ ଟଙ୍କାର ଅଭାବ ରହିବ ନାହିଁ। ଗତ ୪ବର୍ଷରେ ରାଜ୍ୟରେ ୧୮ଲକ୍ଷ ପକ୍କାଘର ତିଆରି କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଆମ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ସାରା ଦେଶରେ ମଡେଲ୍ ହୋଇଛି। ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ଆମର କାର୍ଯ୍ୟକ୍ରମ ଏକ ଭଲ ପଦକ୍ଷେପ। ରାଜ୍ୟବାସୀ ବିଜେଡି ସହ ଅଛନ୍ତି ଏବଂ ଆଗକୁ ରହିବେ ବୋଲି ସେ କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏହି ପଦଯାତ୍ରା ଚାଲିବ। ଏହାକୁ ସଫଳ କରିବାକୁ ବିଜେଡିର ସବୁ କର୍ମୀଙ୍କ ସହଯୋଗ କାମନା କରୁଛି। ଆଜି ସାରା ବିଶ୍ୱ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ବୋଲି ସେ କହିଛନ୍ତି। ଭୁବନେଶ୍ୱର ଜିଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ବିଧାୟକ, କର୍ପୋରେଟର ପ୍ରମୁଖ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ପାଲଟା ଆକ୍ରମଣ କରି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିନା କାଗଜରେ ରାଜ୍ୟ ସରକାରଙ୍କ ୪ଟି ସାମାଜିକ ବିକାଶ ଯୋଜନା ସମ୍ପର୍କରେ କୁହନ୍ତୁ। ରାଜ୍ୟର ବିକାଶ ପାଇଁ ଉପା ସରକାର ତାର ଶେଷ ୫ବର୍ଷ ଶାସନ କାଳରେ ୪୧୯୦କୋଟି ଟଙ୍କା ଦେଇଥିଲା, ମାତ୍ର ମୋଦି ସରକାର କେବଳ ପଞ୍ଚମ ବର୍ଷରେ ୫୨୦୦କୋଟି ଟଙ୍କା ଦେଇଛନ୍ତି। ଏହା କ'ଣ ଭାଜପାର ଫମ୍ପା ମାଠିଆ କି ବୋଲି ସେ ପ୍ରଶ୍ନ କରିଛନ୍ତି। ୫ବର୍ଷ ମଧ୍ୟରେ ମୋଦି ସରକାର ଓଡିଶାରେ ୫୪୪୯ କିମି ଜାତୀୟ ରାଜପଥ ନିର୍ମାଣ ପାଇଁ ନୀତିଗତ ନିଷ୍ପତ୍ତି ଓ ଅର୍ଥର ବ୍ୟବସ୍ଥା କରିଛନ୍ତି। କେବଳ ପେଟ୍ରୋଲିୟମ ବିଭାଗ ପକ୍ଷରୁ ୧ ଲକ୍ଷ ୩୪ହଜାର ୭୮୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶରେ ଭିତ୍ତିଭୂମି ଓ ବିକାଶ ଯୋଜନା ଫମ୍ପା ଆବାଜ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି।



ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

### ବାଣୀବିହାରରେ ପ୍ରତିଷ୍ଠା ହେବ 'ଗାନ୍ଧିଆନ୍ ପିସ୍ ସେଣ୍ଟର'

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନୀ ଅଧ୍ୟୟନ ଓ ଗବେଷଣା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ରେ 'ଗାନ୍ଧିଆନ୍ ପିସ୍ ସେଣ୍ଟର' ପ୍ରତିଷ୍ଠା ହେବ। ଗାନ୍ଧିଜୀଙ୍କ ଚିନ୍ତାଧାରା ସାଙ୍ଗକୁ ଗାନ୍ଧୀବିଚାର କିଭଳି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରିବ ସେଥିପାଇଁ ଏହି କେନ୍ଦ୍ର ଉଦ୍ୟମ ଜାରି ରଖିବ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ଚଣ୍ଡିଖୋଲର ଗ୍ରାମ୍ୟ ପରିସରରେ 'ଗ୍ଲୋବାଲ୍ ଷ୍ଟଡି ଅଫ୍ ରୁରାଲ ସୋସାଇଟି' ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିରେ ଗ୍ରାମୀଣ ଅର୍ଥନୀତି ଓ ଗ୍ରାମାଞ୍ଚଳର ବିକାଶ ସମ୍ପର୍କିତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯିବ, ଯାହା ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ଆସନ୍ତାବର୍ଷ ଗାନ୍ଧୀ ଜୟନ୍ତୀରେ ଏହାକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବାକୁ ଯୋଜନା ରହିଛି ବୋଲି କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଘୋଷଣା କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ଦ ଷ୍ଟଡି ଅଫ୍ ସୋସିଆଲ ଏକ୍ସକ୍ଲୁଜନ ଆଣ୍ଡ ଇନ୍‌କ୍ଲୁସିଭ ପଲିସି, ପ୍ଲାଟିନମ ଜୁବିଲି କୋଅର୍ଡିନେଶନ କମିଟି ଏବଂ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ମଙ୍ଗଳବାର ପିଜି କାଉନ୍‌ସିଲ ହଲ୍‌ରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ କୁଳପତି ଏ ନେଇ ସୂଚନା ଦେଇଛନ୍ତି। ଏହି ଅବସରରେ 'ଗାନ୍ଧୀଙ୍କର ଅନ୍ତର୍ଭୁକ୍ତିକରଣ ଦର୍ଶନ: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଗୁଳିମାଡ଼ରେ ମାଈହାତୀ ମୃତ

ପରଜଙ୍ଗ, ୨।୧୦(ଡି.ଏଚ୍.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଘାଘରାମୁଣ୍ଡା ବିଟ୍ ଅଧୀନ ଅସନବାହାଳି ଛୋଟାନଳା ମହାଜନତଇଲା ଗ୍ରାମ୍ୟ ଜଙ୍ଗଲରୁ ମଙ୍ଗଳବାର ଏକ ଗୁଳିବିଦ୍ଧ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ହାତୀର ଆଖି ଏବଂ ଡାହାଣ ପାର୍ଶ୍ୱ ପେଟରେ ଗୁଳି ବାଜିଛି। ହାତୀର ହତ୍ୟାକାରୀ ପେସାଦାର ଶିକାରୀ। ବିଦ୍ୟୁତ୍ ତାରରେ ଛନ୍ଦି ହୋଇପଡ଼ିଥିବା ବେଳେ ଅତି ନିକଟରୁ ଗୁଳିକରି ହାତୀକୁ ହତ୍ୟା କରାଯାଇଥିବା ବନ ବିଭାଗ ଅନୁମାନ କରୁଛି।

କିଛିଦିନ ହେଲା ଉକ୍ତ ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ହାତୀ ବ୍ୟାପକ ଫସଲ ନଷ୍ଟ କରି ଚାଲିଛନ୍ତି। ଏ ସଂକ୍ରାନ୍ତରେ ବନ ବିଭାଗକୁ ଅଞ୍ଚଳବାସୀ ଅବଗତ କରାଇଥିଲେ। ହେଲେ ହାତୀ ଘଉଡ଼ାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏଥିରେ ଅତିଷ୍ଠ ହୋଇ ସୋମବାର ରାତିରେ କେହି ହାତୀକୁ ଗୁଳି କରିଥିବା ଚର୍ଚ୍ଚା ହେଉଛି। ସୂଚନାପାଇ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ରେଞ୍ଜର ସୁରେଶ ଚନ୍ଦ୍ର ବେହେରା, ଫରେଷ୍ଟର ରାମଚନ୍ଦ୍ର ରାଉତ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। କଙ୍କଡ଼ାହାଡ଼ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟବିକ୍ରମ ତରାଇ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ହାତୀର ମୁଣ୍ଡ ଏବଂ ପେଟରୁ ୨ଟି ଗୁଳି ବାହାର କରାଯାଇଛି।

ଏ ନେଇ ରେଞ୍ଜର କୁହନ୍ତି, ଉକ୍ତ ହାତୀର ଆନୁମାନିକ ବୟସ ୩୦ ବର୍ଷ ହେବ। ତା'ର ଏକ ଶାବକ ରହିଛି। ଘଟଣାସ୍ଥଳରୁ କିଛି ଦୂରରେ ହାତୀପଲ ଗର୍ଜନ କରୁଛନ୍ତି। ହାତୀକୁ କିଏ ଗୁଳି କରିଛି ତାହା ଜଣାପଡ଼ିନାହିଁ। ପୂର୍ବରୁ ବିଦ୍ୟୁତ୍ ଜାଲ ବିଛାଇ ସଂରକ୍ଷିତ ଜଙ୍ଗଲରେ ହାତୀ ଶିକାର କରାଯାଇଥିବା ନଜିର ରହିଛି। ବିଦ୍ୟୁତ୍ ଜାଲରେ ଛନ୍ଦି ହୋଇ ପଡ଼ିଥିବା ଉକ୍ତ ମାଈ ହାତୀକୁ ମଧ୍ୟ ନିକଟରୁ ଗୁଳି ମରାଯାଇଥିବା ବନ ବିଭାଗ ଅନୁମାନ କରୁଛି। ସୂଚନାଯୋଗ୍ୟ, ମହାବିରୋଡ ରେଞ୍ଜ ଅଧୀନରେ ହାତୀମୃତ୍ୟୁ ଏକ ସାଧାରଣ ଘଟଣା ହୋଇଗଲାଣି। କିଛିଦିନ ତଳେ ଏକ ନରହନ୍ତା ଦନ୍ତା ଏବଂ ଶାବକର ମୃତଦେହ ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା।



- ଗ୍ରାମ୍ୟ ଜଙ୍ଗଲରୁ ମୃତଦେହ ଉଦ୍ଧାର
- ପେସାଦାର ଶିକାରୀଙ୍କ ସମ୍ପୃକ୍ତି ସନ୍ଦେହ

### ପ୍ରମୁଖ ଟ୍ରେନ୍‌ରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ ଲଗାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର,୨-୧୦

ପ୍ରମୁଖ ଟ୍ରେନଗୁଡିକରେ ସାନିଟାରୀ ନାପକିନ ଭେଣ୍ଡିଂ ମେଶିନ ସ୍ଥାପନ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ହୋଇଛି। ରେଲୱେ ପକ୍ଷରୁ ପୂର୍ବରୁ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସରେ ଏହି ସୁବିଧା ପ୍ରଦାନ କରାଯାଇଥିଲା। ଉକ୍ତ ପଦକ୍ଷେପକୁ ମହିଳା ଯାତ୍ରୀଙ୍କ ପକ୍ଷରୁ ଭଲ ରେସପନ୍ସ ମିଳିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ଏହାର ପରିସୀମାରେ ଆସୁଥିବା ସମସ୍ତ ଟ୍ରେନଗୁଡିକରେ ଅଟୋମେଟିକ ସାନିଟାରି ଭେଣ୍ଡିଂ ମେଶିନ ଲଗାଇବାକୁ ଯୋଜନା ରଖିଛି। ୨୫ଟି ଟ୍ରେନରେ ଏହି ସୁବିଧା ତ୍ୱରିତ ଭାବେ ଯୋଗାଇ ଦିଆଯିବ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ମଧୁଲିକା ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯାଉଛି। ଟ୍ରେନରେ ଅଟୋମେଟିକ ସାନିଟାରୀ ଭେଣ୍ଡିଂ ମେଶିନ ସ୍ଥାପନ କରିବା ଦିଗରେ ପୂର୍ବତଟ ରେଳପଥ ଭାରତୀୟ ରେଲୱେରେ ପ୍ରଥମ। ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡିକରେ ଏହି ମେଶିନ ଲାଗି ସାରିଲାଣି। ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସରେ ଉକ୍ତ ମେଶିନର ସ୍ଥାପନ ହୋଇଛି।

ସେହିଭଳି ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ, ପୁରୀ-ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ, ପୁରୀ-ଆନନ୍ଦ ବିହାର ନନ୍ଦନକାନନ ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ଓଡିଶା ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର ଏଲ୍‌ଟିଟି ଦ୍ୱିସାପ୍ତାହିକ ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ (ଭାୟା-ସମ୍ବଲପୁର, ଆଗ୍ରା, ଟାଟା) , ବିଶାଖାପାଟଣା-ନିଜାମୁଦ୍ଦିନ ସ୍ୱର୍ଣ୍ଣ ଜୟନ୍ତୀ ଏକ୍ସପ୍ରେସ ଭଳି ବିଭିନ୍ନ ଟ୍ରେନଗୁଡିକରେ ଏହି ସୁବିଧା ରହିବ। ସାନିଟାରୀ ଭେଣ୍ଡିଂ ମେଶିନରେ ୭୫ ଖଣ୍ଡ ନାପକିନ ରହିପାରିବ। ଏହାର ପ୍ରତି ଖଣ୍ଡ ଲାଗି ଗ୍ରାହକଙ୍କୁ ୫ ଟଙ୍କା ଦେବାକୁ ପଡିବ। ମୋଟ ୬୩ ଟ୍ରେନର ୯୦ ରେକ୍‌ରେ ଏଭଳି ସୁବିଧା ପ୍ରଦାନ ନେଇ ପୂର୍ବତଟ ରେଳପଥ ଯୋଜନା ରଖିଛି। ଏହା ମଧ୍ୟରେ ପୁରୀରୁ ଛାଡୁଥିବା ୨୬ଟି ଟ୍ରେନ ରହିଥିବା ବେଳେ ବିଶାଖାପାଟଣାରୁ ୧୨ଟି, ସମ୍ବଲପୁରଠାରୁ ୫ଟି ଟ୍ରେନ ରହିଛି।




- ନବୀନ, ପ୍ରତାପଙ୍କ ଉପରେ ବର୍ଷିଲେ ଦାମ

# ମୋତେ କୋଟିଏ ଟଙ୍କା ଯଚାଯାଇଥିଲା

ଲଳିତଗିରି,୨।୧୦(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକ ନୃତ୍ତାଙ୍ଗଠାରେ ମଙ୍ଗଳବାର ବିରୂପା ସାହିତ୍ୟ ସଂସଦ ପକ୍ଷରୁ ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ ଓ ବଡ଼ମାଷ୍ଟ୍ରେ ବିଶ୍ୱନାଥ ପଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମାହାଙ୍ଗା ଭଞ୍ଜ ସାହିତ୍ୟର ବାହକ। ମାହାଙ୍ଗା ବୈଷ୍ଣବ ପାଣିଙ୍କ ସାହିତ୍ୟର ପୃଷ୍ଠଭୂମି। ଏହି ମାଟିରେ ସାହିତ୍ୟିକ ଓ ଲେଖକ ଅଗଣ୍ୟ। ଆଉ ଏହି ମାହାଙ୍ଗାବାସୀ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନିର୍ବାଚିତ କରିଛନ୍ତି, ଯାହାଙ୍କର ଅପସଂସ୍କୃତି ଓ ଦୁର୍ନୀତି ହେଉଛି ବାହକ। ଆଉ ଆଜି ସେ ମୋ ବିରୋଧରେ ସମାବେଶ କରୁଛନ୍ତି। ପଟ୍ଟାମୁଣ୍ଡାଇରେ ତାଙ୍କ ଘର। ସେ କଟକ ଯୋବ୍ରାରେ ରହୁଛନ୍ତି। ବର୍ତ୍ତମାନ ତାଙ୍କର କେତେ କ'ଣ ସମ୍ପତ୍ତି ରହିଛି। ଏବେ ସେ ଆଉ ଜଣେ ବନ୍ଧୁଙ୍କ ଘରକୁ ଯାଇ କବାଟ କିଳି ନାଚୁଛନ୍ତି। ଆଉ ସେପରି ଲୋକ କୁଜଙ୍ଗ ଯାଇ ସମାବେଶ କରୁଛନ୍ତି। ଏଥିସହ ଦାମ କହିଛନ୍ତି, ବାରିପଦାରେ ଜଣେ ଅଫିସର ଓ ଜିଲାପାଳ ୫୯ କୋଟି ଟଙ୍କାର ସାର କିଣିଥିଲେ, କିନ୍ତୁ ଗଛ ଲଗାଇଲେ ନାହିଁ। ତଦନ୍ତବେଳେ ସମ୍ପୃକ୍ତ ଅଫିସର ଧରାପଡ଼ିଲେ। ମୁଁ ତାଙ୍କୁ ନିଲମ୍ବିତ କରିଥିଲି। ପରେ ସମ୍ପୃକ୍ତ ଅଫିସର ମୋ ନିକଟରେ ପହଞ୍ଚି କୋଟିଏ ଟଙ୍କା ନେଇ ମୋତେ ଛାଡ଼ିଦେବାକୁ କହିଥିଲେ। ମୁଁ ତାଙ୍କୁ ମନା କରିଥିଲି। ଏହାପରେ ସେ ଯାଇ ପାଣ୍ଡିଆନ୍‌ଙ୍କୁ କହିଥିଲେ। ତା'ପରେ ମୋ ମନ୍ତ୍ରୀପଦ ଯାଇଥିଲା ବୋଲି କହିଛନ୍ତି। ମୁଁ ବିଧାନସଭାରେ ଦୁର୍ନୀତି ନେଇ ପ୍ରଶ୍ନ କରିଥିଲି। ହେଲେ ମୁଖ୍ୟମନ୍ତ୍ରୀ ଏହାକୁ ହସରେ ଉଡ଼ାଇ ଦେଇଥିଲେ। ସେହିପରି କହିଥିଲେ, ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଯେଉଁ ପୁତ୍ର ତାଙ୍କ ଚିତାଭସ୍ମକୁ ସାର୍ବଜନୀନ କରିବାକୁ ଦେଇ ନ ଥିଲେ, ସେହି ପୁତ୍ର ୧୮ ବର୍ଷ ହେବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇ ବିଜୁ ବାବୁଙ୍କ ନାମରେ ଶାସନ ଚଳାଇଛନ୍ତି। ନବୀନବାବୁଙ୍କଠାରେ ବିଜୁବାବୁଙ୍କ ଚିନ୍ତାଚେତନା ଓ ମାନସିକତା ତିଳେ ମାତ୍ର ନାହିଁ। ବିଜୁବାବୁ ଓଡିଶାର ସ୍ୱାର୍ଥ ପାଇଁ ନିଜ ଶିଳ୍ପ ପ୍ରତିଷ୍ଠାନଠାରୁ ଆରମ୍ଭ କରି ଧନ ସମ୍ପତ୍ତି ସବୁ କିଛି ଉତ୍ସର୍ଗ କରିଥିଲେ। ଏପରି କି ମା'ଙ୍କୁ ସମ୍ମାନ ଓ ଗାଁକୁ କାମ ତାଙ୍କର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖାଦେଇଛି। କ୍ଷମତା ଓ ସମ୍ପତ୍ତି ଆହରଣ କରିବା ନବୀନଙ୍କ ପ୍ରଥମ ଲକ୍ଷ୍ୟ। ସେହିପରି ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଦୁର୍ନୀତି, ବ୍ୟଭିଚାର ନବୀନ ଶାସନର ନୀତିରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଏଥିରେ ନୃତ୍ତାଙ୍ଗ ସମିତିସଭ୍ୟ ରମାକାନ୍ତ ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ଦିବ୍ୟ ସୁନ୍ଦର ଆଚାର୍ଯ୍ୟ ଯୋଗଦେଇ ଗାନ୍ଧିଜୀ, ଶାସ୍ତ୍ରିଜୀ ଓ ବଡ଼ମାଷ୍ଟ୍ରେଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ମାହାଙ୍ଗାର ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍ ଓ ସଫଳ ଚାଷୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସମ୍ପାଦକ ବିଷ୍ଣୁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମାହାଙ୍ଗାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।




ନୃତ୍ତାଙ୍ଗଠାରେ ବିରୂପା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଡା. ଦାମୋଦର ରାଉତ ଓ ଅନ୍ୟ ଅତିଥି ଉପସ୍ଥିତ।

- ଧରାପଡ଼ିଗଲା ସର୍ବଶିକ୍ଷା ଅଭିଯାନ ଚେହେରା

# ରାଜ୍ୟରେ ୫୫,୮୬୮ ଝିଅ ସ୍କୁଲ ଯାଉନାହାନ୍ତି

କଟକ ଅଫିସ, ୨।୧୦

ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ। ଏହି ସ୍ଲୋଗାନ ଦେଇ ବାଳିକା ସମୃଦ୍ଧି ଯୋଜନା ଭଳି ଅନେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟତଃ ସର୍ବଶିକ୍ଷା ଅଭିଯାନରେ ୬ରୁ ୧୪ ବର୍ଷର ପିଲାଙ୍କ ପାଇଁ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ୨୦୦୯ରେ ଶିକ୍ଷାଧିକାର ଆଇନ ପ୍ରଣୟନ କରାଯାଇଛି। ହେଲେ ବାସ୍ତବ ଚିତ୍ର ଅଲଗା। ରାଜ୍ୟରେ ୧୧ରୁ ୧୪ ବର୍ଷ ବୟସ ମଧ୍ୟରେ ୫୫,୮୬୮ ଝିଅ ସ୍କୁଲ ଯାଉ ନ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୮୮୨୦ ଅନୁସୂଚିତ ଜାତିର ହୋଇଥିବା ବେଳେ ୩୩,୪୭୦ ଅନୁସୂଚିତ ଜନଜାତି ଓ ୧୩,୫୭୮ ଝିଅ ଅନ୍ୟ ବର୍ଗର ବୋଲି ରିପୋର୍ଟରୁ ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଏସ୍‌ଏଜି (ସ୍କିମ ଫର ଆଡୋଲସେଣ୍ଟ ଗର୍ଲସ) ଯୋଜନାରେ ହୋଇଥିବା ସର୍ଭେରୁ ଏହି କଥା ଜଣାପଡ଼ିଛି। କିଶୋରୀ ବାଳିକାଙ୍କୁ ସ୍ୱାବଲମ୍ବୀ କରିବା ସହିତ ଆତ୍ମରକ୍ଷା ଓ ଆତ୍ମନିର୍ଭରଶୀଳତା ପାଇଁ ଉକ୍ତ ଯୋଜନା ପ୍ରଣୟନ କରାଯାଇଛି। ଏହି ଯୋଜନା ଲାଗୁ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ଚାଲିଥିବା ସବଳା କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯାଇଛି।

ଏସ୍‌ଏଜି ପାଇଁ ହୋଇଥିବା ସର୍ଭେ ଅନୁଯାୟୀ ସ୍କୁଲ ଯାଉ ନ ଥିବା ଝିଅଙ୍କ ସଂଖ୍ୟା କୋରାପୁଟ ଜିଲାରେ ସର୍ବାଧିକ ଥିବାବେଳେ ମୟୂରଭଞ୍ଜ ଜିଲାରେ ସର୍ବନିମ୍ନ ରହିଛି। କୋରାପୁଟ ଜିଲାରେ ୧୦,୫୯୯ ଝିଅ ସ୍କୁଲ ଯାଉ ନ ଥିବା ବେଳେ ମୟୂରଭଞ୍ଜରେ ଏହି ସଂଖ୍ୟା ମାତ୍ର ୬ ରହିଛି। ରାଜ୍ୟର ଭଦ୍ରକ ଜିଲାରେ ୧୧ରୁ ୧୪ ବର୍ଷ ବୟସ ମଧ୍ୟରେ ସମସ୍ତ ଝିଅ ସ୍କୁଲ ଯାଉଥିବା ରିପୋର୍ଟ କହୁଛି। ତେବେ କୋରାପୁଟରେ ଅନୁସୂଚିତ ଜାତିର ୧୨୦୭ ଝିଅ ଥିବାବେଳେ ଅନୁସୂଚିତ ଜନଜାତିର ୭୭୯୮ ଓ ୧୫୯୪ ଝିଅ ଅନ୍ୟ ବର୍ଗର ରହିଛନ୍ତି। ସେହିପରି ଅନୁଗୋଳରେ ୪୨୮, ବଲାଙ୍ଗୀରରେ ୯୪୨, ବାଲେଶ୍ୱରରେ ୨୬୧, ବରଗଡ଼ରେ ୬୬୧, ବୌଦ୍ଧରେ ୧୧୬, କଟକରେ ୧୮, ଦେବଗଡ଼ରେ ୧୧୦, ଢେଙ୍କାନାଳରେ ୬୧୧, ଗଜପତିରେ ୫୫୨, ଗଞ୍ଜାମରେ ୪୨୯୬, ଜଗତ୍‌ସିଂହପୁରରେ ୩୦, ଯାଜପୁରରେ ୪୧୨, ଝାରସୁଗୁଡ଼ାରେ ୧୨୬, କଳାହାଣ୍ଡିରେ ୭୧୩୨, କନ୍ଧମାଳରେ ୧୦୧୬, କେନ୍ଦ୍ରାପଡ଼ାରେ ୨୦୩, କେନ୍ଦୁଝରରେ ୨୬୩୬, ଖୋର୍ଦ୍ଧାରେ ୧୧୨୧, ମାଲକାନଗିରିରେ ୫୫୮୫, ନବରଙ୍ଗପୁରରେ ୮୮୯୯, ନୟାଗଡ଼ରେ ୧୨୯୦, ନୂଆପଡ଼ାରେ ୧୩୫୫, ପୁରୀରେ ୭୬, ରାୟଗଡ଼ାରେ ୫୩୦୨, ସମ୍ବଲପୁରରେ ୪୦୧, ସୁବର୍ଣ୍ଣପୁରରେ ୬୭ ଓ ସୁନ୍ଦରଗଡ଼ରେ ଏହି ସଂଖ୍ୟା ୧୫୯୯ ରହିଛି।

ମୁଖ୍ୟତଃ ଏହି ରିପୋର୍ଟକୁ ଦେଖିଲେ ସ୍ପଷ୍ଟ ହେଉଛି ଯେ, ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଶିକ୍ଷା ଅଦ୍ୟାବଧି ଅପହଞ୍ଚ ହୋଇ ରହିଛି। ୨୦୦୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାରଙ୍କ ସମୟରେ ସର୍ବଶିକ୍ଷା ଅଭିଯାନ ଦେଶରେ ପ୍ରଣୟନ କରାଯାଇଥିଲା। ପ୍ରତି ୨ ବର୍ଷରେ ଥରେ ସର୍ବଶିକ୍ଷା ଅଭିଯାନର ଅଗ୍ରଗତି ଉପରେ ପ୍ରତ୍ୟେକ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ମାତ୍ର ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ସରକାରୀ ତଥ୍ୟ ଉପରେ ସନ୍ଦେହ ଉପୁଜିଛି। କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପାଧ୍ୟକ୍ଷ ବାଙ୍କନିଧି ବେହେରା କହିଛନ୍ତି ଯେ, ବିଭିନ୍ନ ଜିଲାରୁ ସରକାରଙ୍କୁ ଯେଉଁ ତଥ୍ୟ ଦିଆଯାଉଛି ତାହା ବାସ୍ତବ ନୁହେଁ। ମୁଖ୍ୟତଃ ସର୍ବଶିକ୍ଷା ଅଭିଯାନରେ ଆସୁଥିବା ଅର୍ଥ ହରିଲୁଟ କରାଯାଉଛି। ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। କଟକ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଏଲୋରା ଭାରତୀ ଜେନା କୁହନ୍ତି, ଆମ ଜିଲାରେ ମାତ୍ର ୧୮ ଜଣ ସ୍କୁଲ ଯାଉ ନ ଥିବା ସର୍ଭେରୁ ଜଣାପଡ଼ିଛି। ସେଥିରୁ ୧୦ ଜଣ ଅନୁସୂଚିତ ଜାତି, ୭ ଜଣ ଅନୁସୂଚିତ ଜନଜାତି ଓ ଜଣେ ଝିଅ ଅନ୍ୟବର୍ଗର ରହିଛନ୍ତି। ସ୍କୁଲ ଯାଉ ନ ଥିବା ବା ଆଉଟ ଅଫ ସ୍କୁଲ ପିଲାଙ୍କ ସଂଖ୍ୟା ଆମ ଜିଲାରେ ଅତ୍ୟନ୍ତ ନଗଣ୍ୟ ଥିବା ଜେନା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ନାଉଗାଁ,୨।୧୦(ସ୍ୱ.ପ୍ର): ନାଉଗାଁ ବଜାରର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମଙ୍ଗଳବାର ନିକଟସ୍ଥ ଗୋବରୀ ନଦୀରୁ ପାରମ୍ପରିକ ରୀତିରେ ମାଟି ଅନୁକୂଳ କରାଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା କରାଯିବା ସହିତ ମା’ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଆସିଥିଲା। କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଜଗନ୍ନାଥ ଦାସ, ସଭାପତି ଅଶୋକ କୁମାର ମହାନ୍ତି, ଉପସଭାପତି ମନୋଜ କୁମାର ନାୟକ, ଦେବଜ୍ୟୋତି ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ମହାବୀର ଲାଇବ୍ରେରି ବାର୍ଷିକ ଉତ୍ସବ



ବିରିଡ଼ି,(ଡି.ଏନ.ଏ.)/ବାଲିଆ,୨।୧୦: ବିରିଡ଼ି ବ୍ଲକ ମଧଶାସନସ୍ଥିତ ମହାବୀର ଲାଇବ୍ରେରୀର ଏକାଦଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ଡ. ସୁଦର୍ଶନ ଶତପଥୀ, ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଲେ ଲାଇବ୍ରେରୀ ହେଉଛି ଜ୍ଞାନର ଗନ୍ତାଘର। ପିଲାମାନେ ପୁସ୍ତକ ଅଧ୍ୟୟନ କରି ଶିକ୍ଷାର ଚରମ ସୋପାନକୁ ଯାଇପାରିବେ। କିନ୍ତୁ ଛାତ୍ରୀଛାତ୍ର, ଯୁବତୀ ଯୁବକମାନେ ଆଉ ଲାଇବ୍ରେରୀକୁ ନ ଯାଇ ମୋବାଇଲ ଇଣ୍ଟରନେଟରେ ମନୋନିବେଶ କରୁଛନ୍ତି, ଯାହାକି ଠିକ୍ ନୁହେଁ। ପ୍ରାରମ୍ଭରେ ପଣ୍ଡିତ ଗୁରୁପ୍ରସାଦ ରଥଙ୍କ ଦ୍ୱାରା ବେଦ ପାଠ, କବି ପୀତାମ୍ବର ମହାପାତ୍ରଙ୍କ ଦ୍ୱାରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଲାଇବ୍ରେରୀର ସମ୍ପାଦକ ଉମାକାନ୍ତ ରଥ। ଏହି ଅବସରରେ ଲାଇବ୍ରେରୀର ମୁଖପତ୍ର ‘ପତ୍ରପ୍ରଭା’କୁ ଅତିଥିମାନେ ଉନ୍ମୋଚନ କରିବା ସହିତ ଶିଶୁ ସାହିତ୍ୟିକ ନୀରଞ୍ଜନ ଖଟୁଆ, ଶ୍ରେଷ୍ଠ ପାଠକ ରମାକାନ୍ତ ବେହେରା, ଶ୍ରେଷ୍ଠ ପରାମର୍ଶଦାତା ଚନ୍ଦ୍ରମଣୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ୨୦ଜଣ କବୟିତ୍ରୀ ଓ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ ସଂଯୋଜନା କରିଥିଲେ କାଦମ୍ବିନୀ ପରିଜା ଓ ଗୀତିକାର ବାବାଜୀ ଚରଣ ଜେନା। ଏଥିରେ ଗୀତିକବି ବାମଦେବ ସ୍ୱାଇଁ, ଖବରଦାତା ନୀଳମଣୀ ସାହୁ, ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ, ଲାଇବ୍ରେରୀ ଉପଦେଷ୍ଟା ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଭବାନୀକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା,୨।୧୦(ସ୍ୱ.ପ୍ର.)- ବାଲିକୁଦା ବ୍ଲକ ମୂଳୁଗାଁ ପଞ୍ଚାୟତ କରମଙ୍ଗସ୍ଥିତ ଶାରଳା ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ କଲେଜର ଅଧ୍ୟକ୍ଷ ଅଜୟ କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ନରେନ୍ଦ୍ର ନାଥ ମହାନ୍ତି ଯୋଗଦେଇ ଦାସଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଅଧ୍ୟାପକ ବାବୁଜୀ ଚରଣ ଭୋଳ, ଆଲୋକ ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଅଧ୍ୟାପିକା ସରୋଜ ନଳିନୀ ତ୍ରିପାଠୀ, କାନନବାଳା ହରିଚନ୍ଦନ, କର୍ମଚାରୀ ପ୍ରକାଶ ସ୍ୱାଇଁ, କିଶୋର ସ୍ୱାଇଁ, ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗଦେଇ ଦାସଙ୍କ ସ୍ୱାଧୀନତା ସଂଗ୍ରାମରେ ଥିବା ଭୂମିକା ଉପରେ ଗୁରୁତ୍ୱାରୋପ ଥିଲେ। ଏହି ଅବସରରେ ଦାସ ତାଙ୍କ ସଂଗ୍ରାମ ଜୀବନର ଅନୁଭୂତିକୁ ପିଲାମାନଙ୍କ ମଧ୍ୟରେ ବାଣ୍ଟିଥିଲେ। ପ୍ରତାପ ବାରିକ, ବସନ୍ତ ରାଉତ, ପରିଚାଳନା ପରିଷଦ ସଭ୍ୟ ଭାଗିରଥି ସ୍ୱାଇଁ ଉତ୍ସବ ପରିଚାଳନା କରିଥିଲେ।

# ତେଜିଲା ନିଶା ନିବାରଣ ସ୍ୱର

- ମିଳିତ ନିଶା ନିବାରଣ ସମିତିର ଶୋଭାଯାତ୍ରା
- ଗାନ୍ଧୀ ଜୟନ୍ତୀରୁ ମଦ ମୁକ୍ତ ଭାରତ ଗଠନ ଆହ୍ୱାନ
- ବିଧାୟକଙ୍କୁ ୨୦୦୦ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ

କୁଜଙ୍ଗ, ୨।୧୦(ସ୍ୱ.ପ୍ର)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କୁଜଙ୍ଗରେ ମିଳିତ ଓଡ଼ିଶା ନିଶାନିବାରଣ ସମିତି ପକ୍ଷରୁ ନିଶା ନିବାରଣ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କୁଜଙ୍ଗ ବଜାରରେ ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ନିଶାକର ମୁଦୁଲିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମିଳିତ ଓଡ଼ିଶା ନିଶାନିବାରଣ ସମିତିର ଜିଲ୍ଲା ସଭାପତି ବାବୁରାମ ଚୌଧୁରୀ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ରାମ ରାଜ୍ୟ ଗଠନ ନିଶା ନିବାରଣ ଦ୍ୱାରା ସମ୍ଭବ ବୋଲି କହିଥିଲେ। ଏଥିସହ ପବିତ୍ର ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ବ୍ୟାପୀ ମଦମୁକ୍ତ ଭାରତ ଗଠନ ପାଇଁ ସେ ଆହ୍ୱାନ ଦେଇଥିଲେ। ନଭେମ୍ବର ୨୩ ଋଷିପ୍ରତୀମ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ଏହି ସଚେତନତା ଅଭିଯାନ ହେବ ବୋଲି ସେ କହିଥିଲେ। ଏଥିସହ ଶୋଭାଯାତ୍ରା, ପଥପ୍ରାନ୍ତ ସଭା ସହ ଶେଷରେ ଭୁବନେଶ୍ୱରରେ ବିଧାନ ସଭା ସମ୍ମୁଖରେ ବିକ୍ଷୋଭ କରାଯାଇ ଅଭିଯାନ ସମାପନ କରାଯିବ। କୁଜଙ୍ଗର ହଜାର ହଜାର ମହିଳା ଓ ପୁରୁଷ ଏଥିରେ ସାମିଲ ହେବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ଦ୍ୱୀଜବର ବେହେରା, କବି ପୀତାମ୍ବର ତରାଇ ପ୍ରମୁଖ କୁଜଙ୍ଗକୁ ମଦମୁକ୍ତ କରାଯିବାର ଶପଥ ନେଇ ଗାନ୍ଧିଜୀଙ୍କୁ ଉତ୍ସର୍ଗ କରିବାକୁ କହିଥିଲେ। କୋଠିରେ ମଦମୁକ୍ତି ଅଭିଯାନ ଚଳାଇଥିବା କର୍ଣ୍ଣରାଜ ସ୍ୱାଇଁ, ଦଳିତ ନେତା ମନୋଜ ପାତ୍ର, ଆଇନଜୀବୀ କୈଳାସ ପରିଡ଼ା, ଗଣ୍ଡିକୀପୁର ହେଲ୍ପ ଲାଇନର ଅକ୍ଷୟ କୁମାର ସାହୁ, ଦେବ ପଟ୍ଟନାୟକ, ଜୟକୃଷ୍ଣ ସ୍ୱାଇଁ, ହରେକୃଷ୍ଣ ସେଠୀ, ହିମାଂଶୁ ଶେଖର ଦାସ, ଗୋପାଳ ଦାସ, କୃଷ୍ଣଚନ୍ଦ୍ର ଦାସ, ଲକ୍ଷ୍ମୀଧର ସ୍ୱାଇଁ, ବଲ୍ଲଭ ରାଉତ, ରବୀନ୍ଦ୍ର ନାଥ ସାମଲ, ଲକ୍ଷ୍ମୀଧର ବେହେରା, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ଦେବବାଳା ମହାପାତ୍ର, ଶଙ୍କର୍ଷଣ ସ୍ୱାଇଁ, ଯଜ୍ଞ ରାଉତ, ଧ୍ରୁବ ମହାପାତ୍ର, ବିପିନ ତ୍ରିପାଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଶେଷରେ ୨୦୦୦ ଦସ୍ତଖସ୍ତ ସମ୍ବଳିତ ଦାବିପତ୍ର ବିଧାୟକଙ୍କ ନିକଟକୁ ପଠାଯାଇଥିଲା।



ନିଶା ନିବାରଣ ଅଭିଯାନରେ ସାମିଲ୍ ହୋଇଥିବା ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

## ବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

ବାଲିକୁଦା, ୨।୧୦(ସ୍ୱ.ପ୍ର.)

ବାଲିକୁଦା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାହ୍ନୁଚରଣ ନାୟକ ସ୍ମୃତି ସଂସଦ ଆୟୋଜନ କ୍ରମେ କଟକର ଅଭୀପ୍ସା ପକ୍ଷରୁ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷକ ବିଜୟ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜନତା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବାଲିକୁଦା ପୂଜ୍ୟପୂଜା ସଂସଦର ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅଭୀପ୍ସାର ପ୍ରତିଷ୍ଠାତା ତଥା କାହ୍ନୁଚରଣ ସ୍ମୃତି ସଂସଦର ସମ୍ପାଦକ ସଂଗ୍ରାମ କେଶରି ନାୟକ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନ ଆଦର୍ଶ ଉପରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯଥା କ୍ରମେ ୬ଷ୍ଠ ଶ୍ରେଣୀର ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ମହାନ୍ତି, ୯ମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ୬ଷ୍ଠ ଶ୍ରେଣୀର ଛାତ୍ରୀ ମେହେଦା ବିନ ନାଦଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଆର୍ପିତ ହେରିନ୍‌ଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା। ୧୦ମ ଶ୍ରେଣୀର ଛାତ୍ରୀ ବିୟୁଟି ରାଉତଙ୍କୁ ଅନୁଷ୍ଠାନ ପକ୍ଷରୁ ୨ଟି ଟେଷ୍ଟପେପର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଅମ୍ବିକା ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ମିତା ପଣ୍ଡା, ମୋନାଲିସା ଜେନା, ବିନୋଦିନୀ ଦାସ, ବନାନୀ ବନଶ୍ରୀ, ଶିକ୍ଷକ ଶୁଭକାନ୍ତ ଖଟୁଆ ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନିରଞ୍ଜନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ପାରାଦୀପରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ପାରାଦୀପ, ୨।୧୦(ସ୍ୱ.ପ୍ର.)

ପାରାଦୀପ ନଗର ବିଜେଡି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହା ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ପୌରାଞ୍ଚଳର ୧୯ଟି ୱାର୍ଡ ପରିକ୍ରମା କରିବ। ପ୍ରଥମ ଦିନରେ ଦଳର କର୍ମୀମାନେ ୮ ଓ ୯ ନଂ. ୱାର୍ଡରେ ପଦଯାତ୍ରା କରିଥିଲେ। ଏହି ଅବସରରେ ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳ ଓ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଦଯାତ୍ରାରେ ଶଙ୍କର ପ୍ରସାଦ ରାଉତ, ଅଜୟ ନାୟକ, ସୁଶୀଲ କୁମାର ମହାପାତ୍ର, ପ୍ରଭାତି ନାୟକ, ଅଟଳ ପରିଡ଼ା, ଆଲୋକ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବାରୁ ଏହି ପଦଯାତ୍ରାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜୋରଦାର ରାଜନୈତିକ ଚର୍ଚ୍ଚା ହୋଇଛି। ସମ୍ପ୍ରତି ପାରାଦୀପରେ ଦଳର ପରିଚାଳନା ଦାୟିତ୍ୱ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଉପରେ ନ୍ୟସ୍ତ କରାଯାଇଛି। କୁଜଙ୍ଗରେ ମହିଳା ସମାବେଶ ପରେ ଏବେ ପାରାଦୀପରେ ପଦଯାତ୍ରା କରାଯିବା ନିଆରା ପରିବେଶ ସୃଷ୍ଟି କରିଛି।




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

## ନୂଆଗଡ଼ର ୨ ଘରୁ ଟଙ୍କା, ସୁନା ଚୋରି

ପାରାଦୀପ,୨।୧୦(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମର ମଝିସାହିରୁ ସୋମବାର ମଧ୍ୟରାତିରେ ଦୁଇଟି ଘରୁ ବଡ଼ ଧରଣର ଚୋରି ହୋଇଛି। ଘଟଣା ପରେ ଲକ୍ ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହ ଖୋଳତାଡ଼ କରୁଛି। ଚୋରମାନେ ରାତି ୧ରୁ ୩ଟା ମଧ୍ୟରେ ଘର ଝରକା ଗ୍ରୀଲ ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଛନ୍ତି। ଅଶୋକ ସ୍ୱାଇଁଙ୍କ ଘରୁ ୩୦୦ ଗ୍ରାମରୁ ଅଧିକ ଓଜନର ସୁନା ଅଳଙ୍କାର ଓ ୭୬ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ରବିବାର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ସୋସାଇଟିରୁ ଏହି ଟଙ୍କା ଆଣି ସେ ଘରେ ରଖିଥିଲେ। ସେହିପରି ନିମାଇଁ ରାଉତଙ୍କ ଘରୁ ୧୦ ହଜାର ଟଙ୍କା ଓ ଅନ୍ୟ ଦରକାରୀ କାଗଜପତ୍ର ଚୋରି ହୋଇଛି। ଗାଁ ମଝିରେ ଏତେବଡ଼ ଘଟଣା ଘଟିଥିଲେ ହେଁ କେହି ଟେର ପାଇନାହାନ୍ତି। ଏପରିକି ୨ ଜଣଙ୍କ ଘରେ ଲୋକେ ଶୋଇଥିବାବେଳେ ଅତି ସନ୍ତର୍ପଣରେ ଏପରି ଚୋରି ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ସଂକଳ୍ପ ଦିବସ ପାଳନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସଂଗଠନର କର୍ମକର୍ତ୍ତା।

ରଘୁନାଥପୁର,୨।୧୦(ଡି.ଏନ.ଏ.)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଜଗତ୍‌ସିଂହପୁର ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ରଘୁନାଥପୁର ବ୍ଲକ ତାରପୁର ବାଇପାସ୍‌ସ୍ଥିତ ମା’ ନାରାୟଣୀ ପୀଠରେ ସଂକଳ୍ପ ଦିବସ ପାଳିତ ହୋଇଛି। ଉତ୍ତରପ୍ରଦେଶ ଲକ୍ଷ୍ନୌସ୍ଥିତ କର୍ମଯୋଗ ସେବା ସଂସ୍ଥାନ ଏହି ଦିବସରୁ କୃଷକ ସଙ୍ଗଠନ ସହ ମିଶି ଓଡ଼ିଶାରେ କୃଷକମାନଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ସତ୍ୟାଗ୍ରହର ମୁଳୁଦୁଆ ପକାଇଲା ବୋଲି ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ପ୍ରକାଶ କରିଥିଲେ। ଉପଦେଷ୍ଟା ତଥା ଶିଶୁରୋଗ ବିଶେଷଜ୍ଞ ଡା. ରାଜକିଶୋର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ସଂକଳ୍ପ ସଭାରେ କର୍ମଯୋଗ ସେବା ସଂସ୍ଥାନର ସଂସ୍ଥାପକ ଅମିତ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ କୃଷକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଥିଲେ। ପରିଚାଳନା ଦାୟିତ୍ୱରେ ଥିବା ସଙ୍ଗଠନର ସମ୍ପାଦକ ଇଂ. ବାବାଜି ଚରଣ ଜେନା କହିଥିଲେ କେତେକ ଫାଇଦାବାଦୀ ସଙ୍ଗଠନ ନିଜର ସ୍ୱାର୍ଥ ହାସଲ ପାଇଁ କାୟା ବିସ୍ତାର କରିଥିଲେ ସୁଧା, ସେମାନଙ୍କ ଦ୍ୱାରା ଚାଷୀ ସମସ୍ୟା ସମାଧାନ ହୋଇପାରିବ ନାହିଁ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପବିତ୍ର କୁମାର ମହାନ୍ତି, ସାମାଜିକ କର୍ମୀ ବିଜୟ ପାଲଟା ସିଂ, ସାରଦା ପ୍ରସାଦ ରାୟ ଓ ସଞ୍ଚାଳକ ବିନୋଦ ବିହାରୀ ମହାନ୍ତି ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସମ୍ପର୍କରେ ମନ୍ତବ୍ୟ ରଖିବା ସହ ସର୍ବଦା ସତ୍ୟକୁ ଅନୁସରଣ କରିବାକୁ ଆହ୍ୱାନ କରିଥିଲେ। ବର୍ଷିୟାନ କଳାକାର ପରମାନନ୍ଦ ରାଉତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏହି ସଭାରେ ବିଚିତ୍ର କୁମାର ସ୍ୱାଇଁ, କେଦାରନାଥ ପରିଜା, ସିଦ୍ଧାର୍ଥ ତ୍ରିପାଠୀଙ୍କ ସମେତ ବହୁ ଜ୍ଞାନୀ ଗୁଣି ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ।

## ବିଜୁ ଯୁବ ବାହିନୀର ନିଶା ନିବାରଣ ଅଭିଯାନ

ଏରସମା, ୨।୧୦(ସ୍ୱ.ପ୍ର.)

ଏରସମା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ବରଦା ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ବିଚିତ୍ର ଖଣ୍ଡୁଆଳ,ଉମେଶ ରାଉତ,ମହିମା ସ୍ୱାଇଁ, ଆଶିଷ କୁମାର ସ୍ୱାଇଁ ପ୍ରମୁଖ ୫୦ରୁ ଊର୍ଦ୍ଧ କର୍ମକର୍ତ୍ତା ସାମିଲ ହୋଇଥିଲେ। ସେମାନେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏରସମା ପଞ୍ଚାୟତ ପରିକ୍ରମା କରିଥିଲେ। ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପଥପ୍ରାନ୍ତ ସଭା କରି ଲୋକଙ୍କୁ ବୁଝାଇଥିଲେ। ସେହିପରି କୃଷ୍ଣଚନ୍ଦ୍ରପୁର ପଞ୍ଚାୟତରେ ଅନୁଷ୍ଠିତ ନିଶା ମୁକ୍ତି ଅଭିଯାନରେ ମାନସ ରଞ୍ଜନ ସ୍ୱାଇଁ, ସଭାପତି ପ୍ରଭଞ୍ଜନ ଦାସ, ଆଶିଷ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ପାରାଦୀପ, ୨।୧୦(ସ୍ୱ.ପ୍ର.)

ପାରାଦୀପର ବିଭିନ୍ନ ସ୍ଥାନରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାରାଦୀପ ପୌର ପାଳିକା ପକ୍ଷରୁ ମଙ୍ଗଳବାର ସମୁଦ୍ର ବେଳାଭୂମିରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ପୌରାଞ୍ଚଳର ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ପୌର ଉପାଧ୍ୟକ୍ଷ ପ୍ରଭାତି ନାୟକ, କାଉନ୍‌ସିଲର ମନୋଜ ବେହେରା, ଶଙ୍କର ପ୍ରସାଦ ରାଉତ, କୈଳାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପାରାଦୀପ ଉପକଣ୍ଠ ନୂଆଗଡ଼ ସରସ୍ୱତୀ ଶିଶୁ ବଦ୍ୟାମନ୍ଦିର ପକ୍ଷରୁ ଦୁଇ ଜନନାୟକଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ‘ଅହିଂସାର ପୂଜାରୀ’ ଶୀର୍ଷକ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିସହ ସ୍ୱଚ୍ଛତା, ପ୍ଲାଷ୍ଟିକ ଓ ପଲିଥିନ୍ ମୁକ୍ତ ପରିବେଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଦର୍ଶ ପ୍ରୟାସ ପକ୍ଷରୁ ବଜ୍ର ମହାକାଳୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ ଓ ବୃକ୍ଷରୋପଣ କରାଯାଇଥିଲା। ବିଶ୍ୱାଳି ଗ୍ରାମରେ ବାବୁ ବାଲୁଙ୍କେଶ୍ୱର ଗ୍ରାମ୍ୟ କଲ୍ୟାଣ ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।




ପାରାଦୀପ ପୌର ପରିଷଦ ପକ୍ଷରୁ ଆୟୋଜିତ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।



କୁଜଙ୍ଗ ବିବି ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥି।

ଏରସମା,(ସ୍ୱ.ପ୍ର.)

ଏରସମା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏରସମା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ପରିସରରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ଜେନାଙ୍କ ସଭାପତିତ୍ୱରେ ଦୁଇ ମହାନ ରାଷ୍ଟ୍ର ନାୟକଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର ଜିଲ୍ଲା ଆବାହକ ପ୍ରସନ୍ନ କୁମାର କୁଅଁର, ନିଶା ନିବାରଣ ସଙ୍ଘ କର୍ମକର୍ତ୍ତା ଅମ୍ବିକା ପ୍ରସାଦ ମହାନ୍ତି, ଉମାକାନ୍ତ ତରାଇ, ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ମକରଧ୍ୱଜ ପ୍ଲବିକ ସ୍କୁଲ ପରିସରରେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷକ ପଣ୍ଡିତ କ୍ଷେତ୍ରମୋହନ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଏଥିରେ ସ୍କୁଲ ଚେୟାରମ୍ୟାନ ରବୀନ୍ଦ୍ରନାଥ ସ୍ୱାଇଁ, ଉପଦେଷ୍ଟା ବୈଷ୍ଣବ ଚରଣ ସ୍ୱାଇଁ, ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ଶିକ୍ଷକ ହରେକୃଷ୍ଣ ଦଳାଇ, ଗୌରକିଙ୍କର ମହାପାତ୍ର, ସ୍ୱର୍ଣ୍ଣପ୍ରଭା ଅକାଳ ପ୍ରମୁଖ ଯୋଗ ଦେଇଥିଲେ।

ନାଉଗାଁ,(ସ୍ୱ.ପ୍ର.)

ନାଉଗାଁ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟରେ ଏହି ଅବସରରେ ପିଲାମାନେ ବିଦ୍ୟାଳୟ ପରସର ଓ ବାହାର ପାର୍ଶ୍ୱ ସଫା କରିଥିଲେ। ଏଥିସହ ସ୍ୱଚ୍ଛତା ଉପରେ ସେମାନଙ୍କ ମଧ୍ୟରେ ତର୍କ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଭୋଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନାଉଗାଁ ବଜାରରେ ରାଜ୍ୟ ଛାତ୍ର କଂଗ୍ରେସ ସମନ୍ୱୟ କମିଟି ସଦସ୍ୟ ସୁନିଲ କୁମାର ମାଟିଆଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଗାରୋଇସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଜେନା ପୌରୋହିତ୍ୟ କରିଥିଲେ। ଏଥିରେ ଗାଁର ମା, ମାଟି ଅନୁଷ୍ଠାନ ପକ୍ଷରୁ ରଞ୍ଜିତ କୁମାର ଦାସ, ସହକାରୀ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ନେହେରୁ ଯୁବକେନ୍ଦ୍ର ସଂଯୋଜକ ପବିତ୍ର କୁମାର ସୁବୁଦ୍ଧି, ୟୁନିସେଫର ଡିପିସି ଗଣେଶ ରାମ ପଣ୍ଡା, ବିଚିତ୍ର କୁମାର ପଣ୍ଡା, ଶିକ୍ଷକ ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତ ହେଉଛି ଜୀବନ ଓ ନିଶା ହିଁ ମୃତ୍ୟୁ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନେହେରୁ ଯୁବ କେନ୍ଦ୍ରର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାଲିଆ

ପୂର୍ବତନ ସରପଞ୍ଚ ଦିବାକର ନାୟକଙ୍କ ସଭାପତିତ୍ୱରେ ବିରିଡ଼ି ହାଟଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ସଂଯୋଜକ ବିଧାନ ଚନ୍ଦ୍ର ଜେନା, ଆବାହକ ବସନ୍ତ କୁମାର ବେହେରା, ସମ୍ପାଦକ ରମେଶ ନାୟକ, ସହସମ୍ପାଦକ କିଶୋର ପଟ୍ଟନାୟକ, ରଞ୍ଜିତ ଖଣ୍ଡୁଆଳ, ବୀରବର ବେହେରା ପ୍ରମୁଖ ଯୋଗଦେଇ ବିରିଡ଼ି ହାଟ ଠାରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

କୁଜଙ୍ଗ,(ସ୍ୱ.ପ୍ର)

କୁଜଙ୍ଗର ବନବିହାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ଡା. କୁଳମଣୀ ସାମଲ ମୁଖ୍ୟ ଅତିଥି, ବିଡିଓ କିଶୋରଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ନିଶାକର ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ଦାସ, ଶିକ୍ଷକ ଧୀରେନ୍ଦ୍ର ପଲେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗାନ୍ଧୀଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାନ ପ୍ରଦର୍ଶନୀ ଏବଂ ପ୍ରାଚୀର ପତ୍ରିକା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସଞ୍ଜୀବ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ବାଲିଆରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ପାରାଦୀପର ଆଦର୍ଶ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।



"ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ ତାହା ନୁହେଁ ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
- ରମଣ ମହର୍ଷି



## ସୌଭାଗ୍ୟ ଯୋଜନାରେ ଦୁର୍ନୀତି, ତଦନ୍ତ ଦାବି

**ଦଶରଥପୁର ବ୍ଲକ**
- ବିଦ୍ୟୁତ୍ ସଂଯୋଗ ପାଇଁ ଉତ୍କୋଚ ମାଗୁଛନ୍ତି କର୍ମଚାରୀ
- ଘଟଣାର ତଦନ୍ତ ପାଇଁ ଜିଲାପାଳଙ୍କୁ ଚିଠି

ଦଶରଥପୁର୨୧୦(ଡିଏନ୍ଏ)

ଦଶରଥପୁର ବ୍ଲକରେ ସୌଭାଗ୍ୟ ଯୋଜନା ବାଟବଣା ହୋଇଛି। ଦଶରଥପୁର ବିଦ୍ୟୁତ୍ ଉପଖଣ୍ଡ ଦୁର୍ନୀତିର ସୀମା ଲଂଘିଥିବା ନେଇ ବ୍ଲକ କଂଗ୍ରେସ ସହ ସ୍ଥାନୀୟ ଅଞ୍ଚଳର କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ନେଇ ଦଶରଥପୁର କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ଜୋନ୍ ସଭାପତି ବିମଳ ମଲ୍ଲିକ୍, ସରପଞ୍ଚ ଇନ୍ଦ୍ରଜିତ୍ ଦାସ, ଛାତ୍ରନେତା ଚନ୍ଦ୍ରଶେଖର ସାହୁ, ସବ୍ୟସାଚୀ ଦାସ ପ୍ରମୁଖ ଘଟଣାର ତଦନ୍ତ ପାଇଁ ସୋମବାର ଯାଜପୁର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ପ୍ରକାଶ ଯେ, ବିଦ୍ୟୁତ୍ ସେବାରୁ ବଞ୍ଚିତ ପରିବାରକୁ ସରକାର ସ୍ଥାୟୀ ଉପଭୋକ୍ତା କରିବା ପାଇଁ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନାରେ ଉପଭୋକ୍ତାଙ୍କୁ ବିନା ମୂଲ୍ୟରେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ସହ ମାଗଣାରେ ୩୫ ମିଟର ସର୍ଭିସ ତାର,୧ ଏଲ୍ଇଡି ବଲ୍ବ,୧ ଷ୍ଟେରଡ,୧ ସୁଇଚ ଏବଂ ୧ପ୍ଲଗ୍ କିଟ୍ ପ୍ରଦାନ ପାଇଁ ନିୟମ କରିଛନ୍ତି । ତେବେ ଏହି କିଟ୍ ଯୋଗାଇଦେବା ପାଇଁ କେତେକ ଠିକାସଂସ୍ଥା ସରକାରଙ୍କଠାରୁ କାର୍ଯ୍ୟାଦେଶ ପାଇଛନ୍ତି । ହେଲେ ଠିକାଦାରଙ୍କଠାରୁ ଆରମ୍ଭକରି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ,ଏସ୍ଡିଓ, ଜେଇଇ ଏବଂ ଲାଇନ୍ମ୍ୟାନ ପର୍ଯ୍ୟନ୍ତ ସମସ୍ତେ ଲକ୍ଷଲକ୍ଷ ଟଙ୍କା ଲୁଟ୍ କରି ଏହି ଯୋଜନାର ଲାଭ ଉଠାଉଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ବିଭାଗର ଜଣେ ଅଧିକାରୀ ନାମ ଗୋପନ ରଖି ଦୁର୍ନୀତି ସମ୍ପର୍କରେ କହିଛନ୍ତି । ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଏଯାବତ୍ ୮ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ଯୋଜନାରେ ସାମିଲ କରାଯାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିବାବେଳେ ଏହି ଉପଭୋକ୍ତାଙ୍କ ମଧ୍ୟରୁ ୬ ହଜାରଙ୍କୁ କିଟ୍ ଦିଆ ନ ଯାଇ ବିଦ୍ୟୁତ ସଂଯୋଗ ପାଇଁ ଟଙ୍କା ମଗାଯାଇଛି । ତେବେ ଏହି ବାବଦକୁ ପ୍ରାୟ ୨୧ ଲକ୍ଷ ଟଙ୍କା ସମସ୍ତେ ମିଶି ଲୁଟ୍ କରିଥିବା ଅଧିକାରୀ ଜଣକ କହିଛନ୍ତି । ସେହିପରି ଏହି ଯୋଜନାରେ ବସାଯାଉଥିବା ବିଦ୍ୟୁତ୍ ଖୁଣ୍ଟ ପାଇଁ ଖୁଣ୍ଟ ମୂଳରେ ଅଢେଇ ଫୁଟର ଢଳେଇ ପଡିବାକୁ ନିୟମ ରହିଛି । ମାତ୍ର ଠିକାଦାର କୌଣସି ଗୋଟିଏ ଖୁଣ୍ଟ ମୂଳେ ଢଳାଇ ନ ପକାଇ ଏବାବଦ ଅର୍ଥ ଆତ୍ମସାତ୍ କରିଛନ୍ତି । ଅପରପକ୍ଷରେ ଉପଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଉପଭୋକ୍ତାଙ୍କଠାରୁ ୧୦/୨୦ ହଜାର ଟଙ୍କା ଉତ୍କୋଚ ନେଇ ବିଦ୍ୟୁତ୍ ସଂଯୋଗ କରୁଥିବା ଜଣାପଡ଼ିଛି । ବିଦ୍ୟୁତ୍ ଖୁଣ୍ଟ ମୂଳରେ ଢଳାଇ ପକାଯାଉ ନ ଥିବାରୁ କିଛିଦିନ ତଳେ ଲଗାଣ ବର୍ଷାରେ କୟାଁଗୋଲା ଅଞ୍ଚଳରେ ଖୁଣ୍ଟ ଶୋଇ ପଡ଼ିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ବିରଞ୍ଚି ଦଳାଇଙ୍କୁ ପଚାରିବାରେ, ଠିକାଦାର ତାଙ୍କ କାମ କରିଛନ୍ତି। ଯଦି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ଆସେ ତେବେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା ଯାତ୍ରା

ବାଲିଚନ୍ଦ୍ରପୁର,୨।୧୦(ସ୍ୱ.ପ୍ର.)- ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ଓ ବାଲିପଡ଼ିଆ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମାଣ୍ଡୁକା ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅଶ୍ୱିନ କୁମାର ବଳ ସଭାପତିତ୍ୱ କରିଥିଲେ। ମାଣ୍ଡୁକା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ନିଶା ନିବାରଣ ଉପରେ ସଚେତନ କରାଯାଇଥିଲା। ସେହିପରି ବାଲିପଡ଼ିଆ ବିଜୁ ଯୁବ ବାହିନୀ ପକ୍ଷରୁ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ତେଲେଙ୍ଗେଶ୍ୱର କ୍ଲବ ନିକଟରେ ଏକ ସଭା ଆୟୋଜନ କରାଯାଇଥିଲା। । ବୌଦ୍ଧ ଗବେଷକ ହରିଶ ଚନ୍ଦ୍ର ପୃଷ୍ଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଶା ନିବାରଣ ଉପରେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର କୁମାର ବାରିକ, ଅମିତ ସାହୁ, ମନୋଜ ଓଝା, ପୂର୍ଣ୍ଣଚନ୍ଦ୍ର ମଲିକ, ସୂର୍ଯ୍ୟପ୍ରସାଦ ଶତପଥୀ, ଦିଲୀପ ନାୟକ, ସଞ୍ଜୟ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଗାନ୍ଧୀ, ଶାସ୍ତ୍ରୀଙ୍କୁ ଆଦର୍ଶ ଭାବେ ଗ୍ରହଣ କରିବାକୁ ଆହ୍ୱାନ

ରସୁଲପୁର,୨।୧୦(ଡିଏନଏ)- ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ବରଦା ଯୁବକ ସଂଘଠାରେ ବ୍ରହ୍ମବରଦା ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବ ବାହିନୀର ପଞ୍ଚାୟତ ସଭାପତି ବିରଜା ପାଣ୍ଡେଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ବିଜୟ ଦାସ, ମୁଖ୍ୟବକ୍ତା ଭାବେ ହିନ୍ଦ୍ ମଜୁଦୁର ସଭାର ରାଜ୍ୟ ସମ୍ପାଦକ ପ୍ରଦୀପ ଦାସ, ସମ୍ମାନିତ ଅତିଥି ଶିକ୍ଷାପ୍ରେମୀ ପ୍ରତାପ କେଶରୀ ଦେଓ, ମିଶନ ଶକ୍ତି ସଭାନେତ୍ରୀ ଅହଲ୍ୟ ମଣ୍ଡଳ ପ୍ରମୁଖ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉଭୟ ମହାପୁରୁଷଙ୍କର ସମାୟନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା, ଅହିଂସା, ସତ୍ୟ ଭଳି ଗୁଣମାନ ଯୁବ ସମାଜର ଆଦର୍ଶ ହେଉ ବୋଲି ମତ ରଖିଥିଲେ। ଏହା ହେଲେ ସମାଜରେ ପରିବର୍ତ୍ତନ ଘଟିବା ସହ ଏହି ଦୁଇ ନେତା ଦେଶ ପାଇଁ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ ବୋଲି ମତ ରଖିଥିଲେ। ଯୁବ ବାହିନୀ ସମ୍ପାଦକ ଅବଦୁଲ ୱାହିଦ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିନବନ୍ଧୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗରିପୁର ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ ଜୟନ୍ତି କମିଟି ପକ୍ଷରୁ ସଭାପତି ପଦ୍ମନାଭ ବାଭିଙ୍କ ଅଧକ୍ଷତାରେ ଗାନ୍ଧି ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଶିକ୍ଷକ ବାମଦେବ ସାହୁ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଶିର କୁମାର ମହାନ୍ତି, ଯୋଗେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କବି ପାଣ୍ଡ ଦାସ, ପ୍ରଶାନ୍ତ ରାଉତ, ନରୋତ୍ତମ ସାହୁ, ଅଭୟ ତିଆଡୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନରେନ୍ଦ୍ର ବାଭି ଧନ୍ୟବାଦ ଦେଇଥିଲେ।

## ବ୍ୟାପିଲା ଡେଙ୍ଗୁ, ୬ ଆକ୍ରାନ୍ତ

ସିଂହପୁର,୨।୧୦(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତରେ ଏପର୍ଯ୍ୟନ୍ତ ଡେଙ୍ଗୁରେ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ପ୍ରକାଶ ଯେ, ଓଳେଇ ଚନ୍ଦନପୁର ପଞ୍ଚାୟତସ୍ଥିତ ଚନ୍ଦନପୁର ଗ୍ରାମ ଅଳିଆ ଆବର୍ଜନାରେ ଭରପୁର ଥିବାରୁ ଡେଙ୍ଗୁ ବ୍ୟାପୁଛି। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଚନ୍ଦନପୁର ଗ୍ରାମର ପ୍ରଶାନ୍ତ ଜେନା, ବିକାଶ ଜେନା, ରମା ରାଉଳ, ଶ୍ୟାମସୁନ୍ଦର ରଣା, ଜୟନ୍ତୀ ରଣା, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତିହୋଇଛନ୍ତି। ତୁରନ୍ତ ଏକ ଡାକ୍ତରୀ ଦଳ ଉକ୍ତ ଅଞ୍ଚଳ ପରିଦର୍ଶନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଜୁ ଯୁବ ବାହିନୀ ତରଫରୁ ମିନି ମାରାଥନ

ଦଶରଥପୁର,୨।୧୦(ଡିଏନ୍ଏ)



ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ମିନି ମାରାଥନ ।

ଗାନ୍ଧୀ ଜୟନ୍ତୀ ଅବସରରେ ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତର ବିଜୁ ଯୁବବାହିନୀ ତରଫରୁ ମଙ୍ଗଳବାର ବ୍ଲକରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସକାଳ ୭ଟାରୁ ନନ୍ଦିପୁର ପଞ୍ଚାୟତର ନନ୍ଦିପୁର ଛକଠାରୁ ଅସନପୁର ପଞ୍ଚାୟତର ଛତ୍ରପଡ଼ା ଛକ ୪.୫କି.ମି. ପର୍ଯ୍ୟନ୍ତ ମାରାଥନ କରାଯାଇଥିଲା। ଏହି ମିନି ମାରାଥନକୁ ନନ୍ଦିପୁର ଛକଠାରେ ଅସନପୁରର ସରପଞ୍ଚ ଦିବାକର ସାମଲ ଉଦ୍ଘାଟନ କରିଥିଲେ । ୨୦୪ ଜଣ ଯୁବକ ଓ ଜୁନିୟର ବିଭାଗରେ ମାତ୍ର ଜଣେ ଏହି ଦୌଡ଼ରେ ସାମିଲ ହୋଇଥିଲେ। ଦଶରଥପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର, ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପୂର୍ବତନ ପ୍ରତିନିଧି ପ୍ରଭାକର ଦାସ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଛତ୍ରପଡ଼ା ଡାକବଙ୍ଗଳା ପଡ଼ିଆଠାରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା । ସରପଞ୍ଚ ଦିବାକର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଯୁବ ବାହିନୀ ସଭାପତି ପ୍ରଭାତ ଚନ୍ଦ୍ର ଦାସ ଯୁବ ବାହିନୀର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଦସ୍ୟମାନେ ବିଜୁ ଯୁବ ବାହିନୀ ଗଠନ ଓ ଉଦ୍ଦେଶ୍ୟକୁ ଠିକ୍ ରୂପେ କାର୍ଯ୍ୟ କରିବା ଓ ନିଶା ନିବାରଣ ବାବଦରେ ସଚେତନତା ସୃଷ୍ଟି କରିବା ଉପରେ ବକ୍ତବ୍ୟ ରଖିଥିଲେ। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଜେଡି ସଂଯୋଜକ ପ୍ରଦୀପ ମହାନ୍ତି, ପ୍ରତିଭା ମଲ୍ଲିକ, ପ୍ରଭାକର ଦାସ, ନିନାରାଣୀ ସାମଲ, ସତ୍ୟପ୍ରିୟ ମହାନ୍ତି, ଦିବ୍ୟ ପ୍ରକାଶ ନାୟକ, ସଞ୍ଜୀବ ସାମଲ, ପ୍ରତାପ ଜେ. ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବାହିନୀ ସମ୍ପାଦକ କଳ୍ପତରୁ ମଲ୍ଲିକ, ପ୍ରିୟରଞ୍ଜନ ମହାପାତ୍ର, ବିରଞ୍ଚି ନାରାୟଣ ଦାସ, ମନୋଜ କୁମାର ମହାନ୍ତି, ପ୍ରସନ୍ନ ସାମଲ ପ୍ରମୁଖ ଯୋଗଦେଇଥିଲେ । ଦୌଡ଼ରେ ପ୍ରଥମ ହୋଇଥିବା କାଳୀପ୍ରସାଦ ପଣ୍ଡାଙ୍କୁ ଟ୍ରଫି ସହ ନଗଦ ୧୫୦୦ ଟଙ୍କା ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ହିମାଂଶୁ ବେହୁରିଆଙ୍କୁ ଟ୍ରଫି ସହ ୧୦୦୦ ଟଙ୍କା ଓ ପ୍ରମାଣପତ୍ର ଏବଂ ତୃତୀୟ ଭାବେ ପ୍ରିୟଦର୍ଶୀ ସତ୍ୟରଞ୍ଜନ ଦାସଙ୍କୁ ଟ୍ରଫି ସହ ୮୦୦ ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜୁନିୟର ବିଭାଗରେ ଆକାଶ ସିଂଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ୭ ଜଣ ପ୍ରତିଯୋଗିଙ୍କୁ ମେଡାଲ ସହ ପ୍ରମାଣପତ୍ର ଓ ୫୦ ଜଣଙ୍କୁ କେବଳ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ମଙ୍ଗଳପୁର ଥାନା ଓ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତା ପ୍ରଦାନ କରିଥିବାବେଳେ ସଞ୍ଜୀବ ସାମଲ, କାଶୀନାଥ ମଲ୍ଲିକ, ଦିଲ୍ଲୀପ କୁମାର ଦାସ, ସତୀଶ କୁମାର ଦାସ, ରାମଚନ୍ଦ୍ର ଦାସ, ଦେବାଶିଷ ଦାସ, ବିମଳ କୁମାର ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ନିଶା ହଟାଅ ଦେଶ ବଞ୍ଚାଅ ଅଭିଯାନ ଆରମ୍ଭ




ନିଶାନିବାରଣ ଅଭିଯାନରେ ଶୋଭାଯାତ୍ରା ।

ବରୀ,୨।୧୦(ସ୍ୱ.ପ୍ର.)

ବରୀ ଅଞ୍ଚଳରେ ମଙ୍ଗଳବାର ନିଶା ହଟାଅ ଦେଶ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ପଦଯାତ୍ରା ହୋଇଥିଲା। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ସମାଜ ଆନ୍ଦୋଳନ ଓଡ଼ିଶା, ଜାହ୍ନବୀ ମହିଳା ମହାସଂଘ, ଆଶ୍ୱସନା ଆଦି ସଙ୍ଗଠନ ନେତୃତ୍ୱରେ କଳାମାଟିଆ ଶହୀଦ ପୀଠରୁ ପଦଯାତ୍ରା ବାହାରି ବାଲିବିଲି ଗାନ୍ଧୀ ଛକରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ରାମଧ୍ୱନୀ କରାଯାଇଛି। ସେଠାରୁ ପୁନଶ୍ଚ ପଦଯାତ୍ରାରେ ଆସି ରାମଚନ୍ଦ୍ରପୁର, ବରୀ ଦରଗା, ବାଗଦା ଦେଇ ରମାଦେବୀ ଗୋପବନ୍ଧୁ ଆଶ୍ରମରେ ପହଞ୍ଚିଥିଲେ। ପରେ ଯତୀନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ସରୋଜ ଜେନା, ଗଗନ ଜେନା, ବିଷ୍ଣୁଚରଣ ମହାନ୍ତି, କାହ୍ନୁଚରଣ ବେହେରା, ଇନ୍ଦୁମତି ସାହୁ, ଲୋକନାଥ ଦାସ, ଶଙ୍କର୍ଷଣ ସାହୁ, ତପନ ଜେନା, ସତ୍ୟ କର, ଶ୍ୟାମସୁନ୍ଦର ପଣ୍ଡା, ଆରତି ଦେଓ, ମନୋଜ ଦାସ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ବରୀକୁ ନିଶାମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବା ସହ ବରୀ ବ୍ଲକର ୨୯ ପଞ୍ଚାୟତ ପରିକ୍ରମା କରାଯିବ ବୋଲି କୁହାଯାଇଛି।

■ଗଣଅନଶନ ଭଣ୍ଡୁର କରିବାକୁ ଉଦ୍ୟମ

## ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଲେ କର୍ତ୍ତୃପକ୍ଷ

ଯାଜପୁରରୋଡ,୨।୧୦(ନି.ପ୍ର.)–

ବ୍ୟାସନଗର ସ୍ୱୟଂଶାସିତ ମହାବଦ୍ୟାଳୟ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଗାନ୍ଧୀ ଜୟନ୍ତୀ ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଥିବା ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଦେବାର କାର୍ଯ୍ୟକ୍ରମ ଥିଲା। ହେଲେ ଏହି ଗଣଅନଶନକୁ ଭଣ୍ଡୁର କରିବାପାଇଁ କଲେଜ କର୍ତ୍ତୃପକ୍ଷ ଗାନ୍ଧୀ ଜୟନ୍ତୀ ପାଳନ ନ କରି କଲେଜ ମହାବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। କଲେଜ ଫାଟକରେ ତାଲା ପଡ଼ିଥିବାରୁ ପୁରାତନ ଛାତ୍ରସଂସଦ କର୍ମକର୍ତ୍ତା ଓ ପୁରାତନ ଛାତ୍ରୀଛାତ୍ର ସେଠାରେ ଏକ ସଭା କରିଥିଲେ। କଲେଜର ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବା ପାଇଁ କର୍ତ୍ତୃପକ୍ଷ ଏପରି କରିଥିବା କୁହାଯାଇଛି। ଆଗାମୀ ଦିନରେ ପୁରାତନ ଛାତ୍ର ସଂସଦ ପୁନର୍ବାର ଆନ୍ଦୋଳନ କରିବାକୁ ଚେତାବନୀ ଦେବା ସହ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିଥିଲେ। ସଂସଦ ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଉପସଭାପତି ପ୍ରଫୁଲ୍ଲ ନାୟକ, ପ୍ରମୋଦ କୁମାର ରାଉତ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଉପଦେଷ୍ଟା ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟ ଦୁର୍ନୀତି ସମ୍ପର୍କିତ ୧୦ ଦଫା ଦାବିପତ୍ର ବିଶିଷ୍ଟ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଆଇଜିପି ଗ୍ରାଣ୍ଟ ନିମନ୍ତେ ୧୦ କୋଟି ୫୨ ହଜାର ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ପରିଚାଳନାଗତ ତ୍ରୁଟି ଯୋଗୁ କାର୍ଯ୍ୟକାରୀ ହୋଇପାରୁନାହିଁ।

### ପୂର୍ବତନ ଶିକ୍ଷକଙ୍କ ବିୟୋଗରେ ଶୋକ

ରସୁଲପୁର,୨।୧୦(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ପୂର୍ବତନ ଶିକ୍ଷକ ସନ୍ତୋଷ କୁମାର ଆଏଚ(୭୫)ଙ୍କର ମୃତ୍ୟୁ ଘଟିଛି। ଆଏଚ କିଛିଦିନ ଧରି ଅସୁସ୍ଥ ରହି କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବରରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଦୀର୍ଘବର୍ଷ ଧରି ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ । ଶିକ୍ଷକଙ୍କ ମୃତ୍ୟୁ ଖବର ଜାଣି ବହୁ ପୁରାତନ ଛାତ୍ରୀଛାତ୍ର ତାଙ୍କ ଗ୍ରାମରେ ଉପସ୍ଥିତ ରହି ଗୁରୁଙ୍କ ଶେଷ ଦର୍ଶନ କରିଥିଲେ।

## ଭାଜପା ପକ୍ଷରୁ ଜନଜାଗରଣ ଯାତ୍ରା

ରସୁଲପୁର,୨।୧୦(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତରେ ଭାଜପା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଶାଖା ପକ୍ଷରୁ ମଙ୍ଗଳବାର ଏକ ଜନଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାଜପା ପଞ୍ଚାୟତ ପ୍ରମୁଖ ରବୀନ୍ଦ୍ର ରଥଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଜାଗରଣ ଯାତ୍ରାର ଶୁଭାରମ୍ଭ କରିଥିଲେ। ଭାଜପା କର୍ମୀଙ୍କ ଗହଣରେ ପରିଡା ପଞ୍ଚାୟତ ପରିକ୍ରମା କରି କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବିଶେଷ କରି ସରକାରଙ୍କ ଜନହିତକର ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କବିରୋଧରେ ସ୍ଲୋଗାନ ଦେଇଥିଲେ। ଉକ୍ତ ଜନଜାଗରଣ ଯାତ୍ରା ରାହାମ୍ବା ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ ସମାପନ ହୋଇଥିଲା। ଅତିଥିମାନେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲାବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଚୈତନ୍ୟ ସାମଲ, ମହେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଜିଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତ୍ରିନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବୟସ୍କ ଦିବସ



ବୟସ୍କ ଦିବସରେ ଉପସ୍ଥିତ ଅତିଥି ।

କୋରେଇ,୨।୧୦(ସ୍ୱ.ପ୍ର.)

କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟ ପରିସରରେ କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନନ୍ଦକିଶୋର ସିଂହ ପଲ୍ଲୀବିକାଶ ସାଂସ୍କୃତିକ ଫାଉଣ୍ଡେଶନ ଦ୍ୱାରା ମଙ୍ଗଳବାର ଦ୍ୱିତୀୟ ଅଧିବେଶନରେ ବୟସ୍କ ଦିବସ ଅନୁଷ୍ଠିତ ହୋଇଯାଇଛି। ଯୁଗୋଳକିଶୋର ମିଶ୍ର ପବିତ୍ର ବେଦପାଠ କରି ପ୍ରଥମ ଅଧିବେଶନ ଉଦଘାଟନ କରିବା ପରେ ସଂସଦ ଉପସଭାପତି ବିନୋଦ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ରୀନା ମହାପାତ୍ର, ବ୍ରଜେଶ୍ୱରୀ ସିଂହ, ସରିତା ପୃଷ୍ଟି, ଅର୍ପିତା ଦାସଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମଧ୍ୟାହ୍ନରେ ଫାଉଣ୍ଡେଶନ ସଭାପତି ନନ୍ଦକିଶୋର ସିଂହ ଅଧ୍ୟକ୍ଷତା କରିଥିଲେ । ସାହିତ୍ୟ ସଂସଦ ସମ୍ପାଦକ ସୂର୍ଯ୍ୟମଣି ଖୁଣ୍ଟିଆ ଫାଉଣ୍ଡେଶନର ଆଭିମୁଖ୍ୟ ସମ୍ପର୍କରେ ସୂଚନାଦେବା ସହ ମଞ୍ଚ ପରିଚାଳନା କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁରୁଜନଙ୍କ ପ୍ରତି ଭକ୍ତି ପୂର୍ବକ କର୍ତ୍ତବ୍ୟ ପାଳନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ନାଟ୍ୟକାର ଦୀନବନ୍ଧୁ ନାୟକ ମୁଖ୍ୟ ଆଲୋଚକ, ପ୍ରାଧ୍ୟାପକ ଶିବଚରଣ ମାଝି ସମ୍ମାନିତ ବକ୍ତା, କାହ୍ନୁଚରଣ(ଜୁନିୟର)ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ରୁଦ୍ରନାରାୟଣ ପୃଷ୍ଟି, ରମାକାନ୍ତ ଜେନା, ସଂଯୁକ୍ତା ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୁରୁ ବୈକୁଣ୍ଠ ନନ୍ଦଙ୍କ ନିର୍ଦ୍ଦେଶନାରେ ପ୍ରଯୁକ୍ତା ନନ୍ଦ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ପାଇଁ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଶିଶୁସାହିତ୍ୟିକ ତଥା ଶିକ୍ଷାବିତ ଗିରିଧାରୀ ସ୍ୱାଇଁ ଓ ବିଶିଷ୍ଟ ସଙ୍ଗୀତଜ୍ଞ ହାଡିବନ୍ଧୁ ରଣାଙ୍କୁ ବୟସ୍କ ଦିବସ ସମ୍ମାନ ପ୍ରଦାନ ଏବଂ ନାଟ୍ୟ ନିର୍ଦ୍ଦେଶକ ଘଟେଶ୍ୱର ଦାସଙ୍କୁ ଗାୟକ ନଟରାଜକଳା ସମ୍ମାନ ଓ ସଙ୍ଗୀତ ତଥା ନୃତ୍ୟ ନିର୍ଦ୍ଦେଶକ ବାବାଜୀଚରଣ ରଣାଙ୍କୁ ଜୟଦେବ ଉତ୍ସବ ସମ୍ମାନ ପ୍ରଦାନ ସ୍ୱରୂପ ପୁଷ୍ପଗୁଚ୍ଛ ସହ ଅଙ୍ଗବସ୍ତ୍ର ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ନନ୍ଦକିଶୋର ସିଂହଙ୍କ ପତ୍ରିକା ବୋଲେ ହୁଁଟି ଉନ୍ମୋଚନା କରାଯାଇଥିଲା। ମଳୟ କୁମାର ମଲ୍ଲିକ, ଅକ୍ଷୟ କୁମାର ବାରିକ, ବାଇଧର ମାଝି, ନବଘନ ସ୍ୱାଇଁ, ଓ ରୀନା ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କଡ଼ା ସୁରକ୍ଷା ମଧ୍ୟରେ ହେଲା ଗ୍ରାମସଭା, ପଲ୍ଲିସଭା

**ଖାନନଗର ପଞ୍ଚାୟତ**
- ବୈଠକରେ ଗାଇଡ୍‌ଲାଇନ୍ ଦେଖାଇ ପାରିଲେନି ଅଧିକାରୀ
- ନିୟମ ଅନୁଯାୟୀ ସଭା ହୋଇ ନ ଥିବା ଅଭିଯୋଗ

ଦଶରଥପୁର,୨।୧୦(ଡିଏନ୍ଏ)



ଗତ ତ୍ରିସ୍ତରୀୟ ନିର୍ବାଚନ ପରଠାରୁ ଦଶରଥପୁର ବ୍ଲକ ରାଜନୈତିକ ବିବାଦରେ ଛନ୍ଦି ହୋଇପଡିଥିଲା। ଖାନନଗର ପଞ୍ଚାୟତରେ ପ୍ରଶାନ୍ତ ସାହୁ ସରପଞ୍ଚ ଭାବେ ଦାୟିତ୍ୱ ନେବାର ୧୯ ମାସ ପରେ ପ୍ରଥମଥର ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ମଙ୍ଗଳବାର ଗ୍ରାମସଭା ଓ ପଲ୍ଲିସଭା ଅନୁଷ୍ଠିତ ହୋଇଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ଜଣାଯାଇଛି । ତେବେ ସରପଞ୍ଚଙ୍କ ବିରୋଧି ଗୋଷ୍ଠୀ ଏହି ସଭାକୁ ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇ ଲେଖାଯାଇଥିବା ରିଜୋଲ୍ୟୁଶନ୍ ନୋଟ୍‌ରେ କେତେକ ସର୍ତ୍ତାବଳୀ ଉଲ୍ଲେଖ ରଖିବାକୁ ଦାବି କରିଥିବାବେଳେ ସଭା କାର୍ଯ୍ୟ କରାଉଥିବା ପ୍ରଶାସନିକ ଅଧିକାରୀ ରିଜୋଲ୍ୟୁଶନରେ ଉକ୍ତ ସର୍ତ୍ତ ସମ୍ବନ୍ଧରେ ଲେଖିଥିବା ଦେଖାଯାଇଛି । ଅପରପକ୍ଷରେ ସମ୍ପୃକ୍ତ ପଞ୍ଚାୟତର ବିରଜା ମଲ୍ଲିକ୍, ନରେନ୍ଦ୍ର ମଲ୍ଲିକ୍, ବିନୋଦ ମଲ୍ଲିକ୍, ଅମୂଲ୍ୟ ମହାପାତ୍ର, ଚନ୍ଦ୍ରକାନ୍ତ ଦାସ, ବିଜୟ ରାଉତ, ନାଏବ ସରପଞ୍ଚ ପ୍ରତିମା ମଲ୍ଲିକ୍, ସବିତା ଦାସ, ମମତା ବାରିକ୍ ପ୍ରମୁଖ ବୈଠକରେ ଯୋଗଦେଇ ବ୍ଲକ୍ ତରଫରୁ ବୈଠକକୁ ପରିଚାଳନା କରିବାକୁ ଆସିଥିବା କନିଷ୍ଠ ଯନ୍ତ୍ରୀ କ୍ଷିତିସ୍ ଚନ୍ଦ୍ର ପାତ୍ରଙ୍କୁ ବୈଠକ ବାବଦରେ ଗାଇଡ୍‌ଲାଇନ୍ ଦେଖାଇବାକୁ ଦାବି କରିଥିଲେ । କନିଷ୍ଠ ଯନ୍ତ୍ରୀ ପାତ୍ର ଗାଇଡ୍‌ଲାଇନ୍ ଦେଖାଇ ନ ପାରି ଦାବି କରିଥିବା ଲୋକଙ୍କ ନାମ ବୈଠକର ରିଜୋଲ୍ୟୁଶନରେ ଉଲ୍ଲେଖ କରି ଆଗାମୀ ଦିନରେ ଗାଇଡ୍‌ଲାଇନ୍ ଦେଖାଇବାକୁ ଉଲ୍ଲେଖ କରିବା ପରେ ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତର ଜନସଂଖ୍ୟା ଅନୁପାତ ଅନୁଯାୟୀ ଶତକଡା ୧୦ ଭାଗରୁ ୧ ଭାଗ ଜନସାଧାରଣ ପଲ୍ଲିସଭାରେ ରହିବାକୁ ନିୟମ ଥିବାବେଳେ ଉକ୍ତ ସଂଖ୍ୟାର ୧ ଭାଗ ମହିଳା ରହିବାକୁ ନିୟମ ରହିଛି। ହେଲେ ବୈଠକରେ ଆବଶ୍ୟକ ସଂଖ୍ୟକ ପଞ୍ଚାୟତବାସୀଙ୍କ ସହ ମହିଳା ଉପସ୍ଥିତ ନ ଥିବାରୁ ବିରୋଧୀମାନେ ଏହାକୁ ବେଆଇନ ଦର୍ଶାଇଛନ୍ତି। ଘଟଣା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ, ଫେବୃୟାରୀ ଓ ଜୁନ୍ ମାସରେ ଅନୁଷ୍ଠିତ ପଲ୍ଲୀସଭା ଓ ଗ୍ରାମସଭା ବୈଠକରେ କୋରମ୍‌ର ଆବଶ୍ୟକତା ଥାଏ । ମାତ୍ର ବର୍ତ୍ତମାନ ଏହାର ଆବଶ୍ୟକତା ନାହିଁ। ଏ ନେଇ ବୈଠକରେ ପ୍ରଶ୍ନ କରାଯାଇଥିବାରୁ କିଛି ଦିନ ମଧ୍ୟରେ ଗାଇଡ୍‌ଲାଇନ୍ ଦେଖାଇବାକୁ ରେଗୁଲେଶନରେ ଲେଖିଦେଇଛନ୍ତି ବୋଲି କହିଥିଲେ । ସୂଚନାଯୋଗ୍ୟ, ଗତ ଅଗଷ୍ଟ ୩୧ରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସରପଞ୍ଚ ସାହୁଙ୍କୁ ବିରୋଧ କରିବା ସହ ଗଣ୍ଡଗୋଳ କରିଥିଲେ। ଏହାପରେ ସରପଞ୍ଚ ସମର୍ଥକଙ୍କୁ ନେଇ ସମୀକ୍ଷା ବୈଠକ କରୁଥିବାବେଳେ ବିରୋଧି ବିଜେଡି ଗୋଷ୍ଠୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଏ ନେଇ ଉଭୟ ପକ୍ଷରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ଯାଜପୁର ପୋଲିସର ଉପରିସ୍ଥ ଅଧିକାରୀ ଘଟଣାର ତଦନ୍ତ କରିବା ପରେ ପୃଥକ୍ ପୃଥକ୍ ମାମଲା ରୁଜୁ କରିଥିଲେ । ଅଭିଯୋଗର ଅଳ୍ପ କିଛିଦିନ ପରେ ପୁନଶ୍ଚ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ସୁଧାକର ନାୟକ ରାଶନ କାର୍ଡ ହିତାଧିକାରୀ ପ୍ରକ୍ରିୟା କାର୍ଯ୍ୟର ତଦନ୍ତ କରୁଥିବାବେଳେ ସରପଞ୍ଚଙ୍କ ସମର୍ଥିତ ଲୋକ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସମ୍ପୃକ୍ତ ଅଧିକାରୀ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ ।

## ସଂକ୍ଷେପରେ

### ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଗଣଧାରଣା



**କେନ୍ଦ୍ରାପଡ଼ା ଅଫିସ୍, ୨।୧୦:** ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷକ ବସନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସରକାରଙ୍କ ଶିକ୍ଷାନୀତିକୁ ସମାଲୋଚନା କରାଯାଇଥିଲା। ଏଥିରେ ଶିକ୍ଷକ ନେତା ଚିତ୍ତରଞ୍ଜନ କବି, ଅରୁଣ କୁମାର ଦାସ, ପ୍ରଣବ କୁମାର ଜେନା, ଧନେଶ୍ୱର ପାତ୍ର, ବୃନ୍ଦାବନ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ସତ୍ୟରଞ୍ଜନ ସାହୁ, ବାବାଜି ଚରଣ ଦାସ ଯୋଗ ଦେଇ ଶିକ୍ଷକଙ୍କ ଚଳିତ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏଠାରେ ସେମାନେ ଚାକିରି ସର୍ତ୍ତାବଳୀରେ କୋହଳ, ଅବସରକାଳୀନ ସୁବିଧା, ଦରମା ବୃଦ୍ଧି, ସପ୍ତମ ବେତନ କମିସନ ଲାଗୁ, ରିସାଇଡ ଅର୍ଡର ପ୍ରତ୍ୟାହାର, ଚାକିରି କାଳ ୬୨ବର୍ଷକୁ ବୃଦ୍ଧି ଆଦି ଦାବିକୁ ଉପସ୍ଥାପନ କରିଥିଲେ। ଏଥିସହ ଦାବି ପୂରଣ ନହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ। ଏହି ପ୍ରତିବାଦ ସଭାରେ ଗୋଲକ ଚନ୍ଦ୍ର ସାହୁ, ଭଜକୃଷ୍ଣ ରାଉତ, ଶିକ୍ଷାବିତ୍ ଅଜୟ ସାମଲ, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ ଦାଶ, ତ୍ରୈଲୋକ୍ୟନାଥ ସ୍ୱାଇଁ, ଉମେଶ ଚନ୍ଦ୍ର ସିଂ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ସମାଜର ଆନ୍ଦୋଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

### ବରିଷ୍ଠ ନାଗରିକ ଦିବସ

**ଡେରାବିଶ, ୨।୧୦ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ବାଲିଆସ୍ଥିତ ବୀଣାପାଣି ସଙ୍ଗୀତ ସଦନ ସଭାକକ୍ଷରେ ବରିଷ୍ଠ ନାଗରିକ ପରିଷଦ ଡାଳିଜୀ, ଚାନ୍ଦୋଳ ଆନୁକୂଲ୍ୟରେ ମଙ୍ଗଳବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ରାଜକିଶୋର ଜେନା ବରିଷ୍ଠ ନାଗରିକ ଦିବସ ଆଭିମୁଖ୍ୟ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପଣ୍ଡା, ନିରଞ୍ଜନ ସ୍ୱାଇଁ, ଦେବକୀନନ୍ଦନ ମିଶ୍ର, କାର୍ତ୍ତିକ ଚରଣ ନାୟକ, ବାନାମ୍ବର ସାହୁ, ଦାମୋଦର ସାମଲ, ବ୍ରଜସୁନ୍ଦର ମିଶ୍ର, ବିଷ୍ଣୁ ଚରଣ ମିଶ୍ର, ଗୋପୀନାଥ ରାଉତ, ନଟବର ଭଦ୍ର, ଦିବାକର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

■ ଆରମ୍ଭ ହେଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# କ୍ଷୁଧାମୁକ୍ତ ଭାରତ ଗଠନ ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା

**କେନ୍ଦ୍ରାପଡ଼ା ଅଫିସ, ୨।୧୦**

୨୦୧୩ରେ ଖାଦ୍ୟ ସୁରକ୍ଷା ଆଇନ ଉପା ସରକାରଙ୍କ ଅମଳରେ ହୋଇଥିଲା। ଏନ୍‌ଡିଏ ସରକାର ଏଥିରେ କୌଣସି ବାହାବା ନେବାପରି କାର୍ଯ୍ୟ କରିନାହାନ୍ତି। ତେବେ କ୍ଷୁଧାମୁକ୍ତ ଭାରତ ଗଠନ ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା। ଏଥିପାଇଁ ନିୟମ ସମ୍ବିଧାନରେ ସ୍ଥାନ ପାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇ ନଥିଲା। ୧୯୯୦ରେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଶାସନ ଦାୟିତ୍ୱ ନେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭିପି ସିଂଙ୍କୁ ଏକ ପତ୍ର ଲେଖି ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ପାଇଁ ଅନୁରୋଧ କରିଥିଲେ। ତାଙ୍କର ସ୍ୱପ୍ନ ଥିଲା ଓଡିଶାର କୌଣସି ନାଗରିକ ଭୋକିଲା ରହିବେ ନାହିଁ। ମଙ୍ଗଳବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ସଭାରେ ଅତିଥିମାନେ ମଙ୍ଗଳବାର ଉପରୋକ୍ତ ମତ ଦେଇଛନ୍ତି। ସହରର ଟାଉନହଲଠାରେ କେନ୍ଦ୍ରାପଡ଼ା ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଏକ ସାଧାରଣ ସଭା ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଜିଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୯୦,୧୯୮ ଜଣ ଥିବାବେଳେ ମୋଟ ୬୪, ୪୧୪ ଜଣ ଯୋଜନାରେ ସାମିଲ ହୋଇଥିବା ଏଠାରେ ସୂଚନା ମିଳିଥିଲା। ଏଥିରେ ରାଜ୍ୟ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ, ଏମ୍‌ପି ପ୍ରତାପ ଦେବ, ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ପିଡି ଦିଲ୍ଲୀପ କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ସିଏସ୍‌ଓ ରଜନୀକାନ୍ତ ବିଶ୍ୱାଳ ଓ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ।

# ଗାନ୍ଧୀମୂର୍ତ୍ତି ତଳେ ଜିଲା ଭାଜପାର ସତ୍ୟାଗ୍ରହ



ସତ୍ୟାଗ୍ରହରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

**କେନ୍ଦ୍ରାପଡ଼ା ଅଫିସ୍, ୨।୧୦**

ଗତ ଲଗଘୁଚାପ ଜନିତ ଲଗାଣ ବର୍ଷାରେ ଜିଲାର ୨୪୯ ପଞ୍ଚାୟତରୁ ୨୪୫ ପଞ୍ଚାୟତ ଅଞ୍ଚଳର କୃଷିକୁ ନଷ୍ଟ କରିଦେଇଛି। ଏଥିରେ ଜିଲାର ୭୦ହଜାର ହେକ୍ଟର ଚାଷ ଜମି ନଷ୍ଟ ହୋଇଛି। କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ଫଳରେ ଚାଷରେ ନିୟୋଜିତ ଅର୍ଥ ଫେରିପାଇବା ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଋଣ ପରିଶୋଧ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଣେ ଚାଷୀ ଋଣ ପାଇଁ ଆତ୍ମହତ୍ୟା କରିଛନ୍ତି। ରାଜ୍ୟ ସରକାର କୃଷି ଋଣ ଛାଡ଼ କରନ୍ତୁ ଅଥବା ଗାଦି ଛାଡନ୍ତୁ ବୋଲି ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଆୟୋଜିତ ସତ୍ୟାଗ୍ରହରେ ବରିଷ୍ଠ ନେତା ଓ କୃଷକ ଆହ୍ୱାନ ଦେଇଛନ୍ତି। ସହରର ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ସଭାପତି ଦୁର୍ଯ୍ୟୋଧନ ସାହୁ ଅଧ୍ୟତାରେ ଜିଲା ଭାଜପା ପକ୍ଷରୁ ସତ୍ୟାଗ୍ରହ ହୋଇଥିଲା। ଏଥିରେ ବରିଷ୍ଠ ନେତା ଭୁବନମୋହନ ଜେନା, ଉତ୍କଳ କେଶରୀ ପରିଡ଼ା, ଦୋଳଗୋବିନ୍ଦ ନାୟକ, ଅଲେଖ ଜେନା, ବ୍ରଜସୁନ୍ଦର ଭୂୟାଁ, ଉମାକାନ୍ତ ପଟ୍ଟନାୟକ, ପବିତ୍ର ପରିଡ଼ା, ବିଜୟ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ପରିବାରର ଆର୍ଥିକ ପରିଚାଳନା ପାଇଁ ବାଧ୍ୟ ହୋଇ କୃଷିକୁ ଜିଲାର ୭୦ ଭାଗ ଲୋକ ଜୀବିକା କରିଛନ୍ତି। ତେବେ ଏହି ଜିଲାରେ କୃଷିକ୍ଷେତକୁ ଜଳ ପରିଚାଳନା, ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପ୍ରାପ୍ତି, ବିଭାଗୀୟ ଅଧିକାରୀଙ୍କ ଭିଜନ ଡକ୍ୟୁମେଣ୍ଟ ନଥିବା ସହ ସମନ୍ୱୟର ଅଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଗତ ଲଗାଣ ବର୍ଷାଜନିତ କ୍ଷତିକୁ ଠିକ୍ ଆକଳନ ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଥିଲେ।

# ପୁନର୍ବାସ ପକ୍ଷରୁ ପ୍ରଯତ୍ନ କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୨।୧୦**

ସହରର କାକଟସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମସ୍ତିଷ୍କ ପକ୍ଷାଘାତ ଓ ଅଟିଜିମ ଆକ୍ରାନ୍ତ ଶିଶୁଙ୍କ ପାଇଁ ଏକ ପ୍ରଯତ୍ନ କର୍ମଶାଳା ମଙ୍ଗଳବାର ଆୟୋଜିତ ହୋଇଯାଇଛି। ସହରର ମାଧପୁରସ୍ଥିତ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଉକ୍ତ ରୋଗରେ ଆକ୍ରାନ୍ତ ଶିଶୁଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଅବଗତ କରାଯିବା ସହ ମାଗଣା ଥେରାପି ଚିକିତ୍ସା କରାଯାଇଥିଲା। ଏଥିପାଇଁ ପୁନର୍ବାସ ସଭାପତି ଶ୍ୟାମାଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡା. ଆନନ୍ଦଗୋପାଳ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ଫିଜିଓଥେରାପିଷ୍ଟ ଡା. ଗିରିଜା ଶଙ୍କର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ ଯେ, ମସ୍ତିଷ୍କ ପକ୍ଷାଘାତ ଓ ଅଟିଜିମ ଆକ୍ରାନ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ସମ୍ବେଦନଶୀଳତା ଓ ସତର୍କତା ଅବଲମ୍ବନ ନ କଲେ ଭବିଷ୍ୟତରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କର୍ମଶାଳା ପରେ ୩୫ ଭିନ୍ନକ୍ଷମ ଶିଶୁଙ୍କ ଚିକିତ୍ସା କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦିକା ବନସ୍ମିତା ନାୟକ, ଶେଷଦେବ ନାୟକ, ସମୀର ଚାନ୍ଦ, ସଞ୍ଜୟ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ନିଶା ନିବାରଣ ପାଇଁ ଦାବିପତ୍ର

**କେନ୍ଦ୍ରାପଡା ଅଫିସ, ୨।୧୦**

ପାଟକୁରା ବିଧାନସଭା କ୍ଷେତ୍ରରେ ସମ୍ପୂର୍ଣ୍ଣ ନିଶା କାରବାର ବନ୍ଦ ଦାବିରେ ୧୦ହଜାର ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଓଡ଼ିଶା ମିଳିତ ନିଶା ନିବାରଣ ମଞ୍ଚ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ଆବାହକ ଆଇନଜୀବୀ ପ୍ରଦୀପ କୁମାର ଦାଶ ବିଧାୟକଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଆବାହକ ଦାଶ ସୂଚନା ଦେଇଛନ୍ତି ଯେ, ନିଶା ଦ୍ରବ୍ୟରୁ ଆମଦାନୀ ରାଜସ୍ୱ ଅପେକ୍ଷା ରାଜ୍ୟର କ୍ଷତି ବହୁତ ହେଉଛି। ଜନଜୀବନ ହାନି, ପାରିବାରିକ କଳହ ପରି ସାମାଜିକ ସୁରକ୍ଷା ବିପନ୍ନ ହେବା ସହିତ ସ୍ୱାସ୍ଥ୍ୟଗତ ଖରାପ କାରଣରୁ ବହୁଲୋକଙ୍କ ଜୀବନହାନି ହେଉଛି। ସେହିପରି ସଡ଼କ ଦୁର୍ଘଟଣାର ୮୦ଭାଗ କାରଣ ନିଶା ଗ୍ରହଣ ବୋଲି ତଥ୍ୟ ମିଳିଛି। ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ ପାଇଁ ଓଡ଼ିଶା ମିଳିତ ନିଶା ନିବାରଣ ମଞ୍ଚ ରାଜ୍ୟ ଆବାହକ ପଦ୍ମଚରଣ ନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରର ବିଧାୟକଙ୍କୁ ଏଭଳି ଦାବିପତ୍ର ପ୍ରଦାନ କରାଯାଇ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି। ଦାବିପତ୍ର ପ୍ରଦାନ ସମୟରେ ଶ୍ରମିକନେତା ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, କୃତିବାସ ଦାସ, ଦିବ୍ୟସିଂହ ଦାସ, ବସନ୍ତ ପଲାଇ, ଶଶାଙ୍କ ଦାସ, ନିରଞ୍ଜନ ସାହୁ, ରାଜକିଶୋର ଜେନା, ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇଥିଲେ।

# ମହାତ୍ମା ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା ଅଫିସ, ୨।୧୦**

କେନ୍ଦ୍ରାପଡ଼ା ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଜିଲା, ବ୍ଲକ ପ୍ରଶାସନ, ପୌରପାଳିକା ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ପ୍ରଶାସନର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷରୁ ରାମଧୁନ ପ୍ରଚାର ସହ ସହରର ପୁରୁଣା ବସଷ୍ଟାଣ୍ଡ ଓ ଗରାପୁରଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଭା ଗୃହରେ ଏକ ସର୍ବଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲାପାଳ ଦାଶରଥି ଶତପଥୀ, ଏସ୍‌ପି ନୀତିଶେଖର, ଏଡିଏମ୍ ବସନ୍ତ କୁମାର ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଠାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବୁଦ୍ଧିଜୀବୀ ଆଶିଷ ସେନାପତି, ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ସ୍ୱାଧୀନତା ସଂଗ୍ରାମରେ ଏହି ପ୍ରମୁଖ ବରପୁତ୍ରଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ସେହିପରି ସହରର ଜିଲା ବିକାଶ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ଗାନ୍ଧିଜୟନ୍ତୀ ପାଳନ ହୋଇଥିଲା। ଉପସଭାପତି ବୈଷ୍ଣବ ଚରଣ ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଜୟ କୁମାର ସାମଲ, ଡା. ଉପେନ୍ଦ୍ର ନାଥ ପ୍ରଧାନ, ନିରଞ୍ଜନ ଜେନା, ପ୍ରତାପ ପତି, କୃତ୍ତିବାସ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଭବନଠାରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ଜିଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଚିନ୍ମୟ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ନଗର କଂଗ୍ରେସ ସଭାପତି ସୌମେନ୍ଦ୍ର ପୃଷ୍ଟି, ସମ୍ମିତ ଶ୍ରୀଚନ୍ଦନ, ଆଶିଷ ମେକାପ, ଶିବଚରଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।




ଜିଲା ଗ୍ରାମ୍ୟ ଉନ୍ନୟନ ସଭା ଗୃହରେ ଅନୁଷ୍ଠିତ ସର୍ବଧର୍ମ ସଭାରେ ମଞ୍ଚାସୀନ ଅତିଥି।

# ବୟୋଜ୍ୟେଷ୍ଠଙ୍କ ସମସ୍ୟା ସମାଧାନ ସମସ୍ତଙ୍କ ଦାୟିତ୍ୱ

**କେନ୍ଦ୍ରାପଡା ଅଫିସ୍, ୨।୧୦**

ଅର୍ଥନୈତିକ ଉଦାରୀକରଣ ଯୁଗରେ ଅଣୁ ପରିବାର ପ୍ରଚଳିତ ହେଉଛି। ଏଥିରେ ମାତ୍ର ୪-୫ ଜଣ ସଦସ୍ୟ ରହି ଜୀବନଶୈଳୀକୁ ସଙ୍କୁଚିତ କରିଛନ୍ତି। ତେବେ ଯୌଥ ପରିବାରରେ ବୟୋଜ୍ୟେଷ୍ଠଙ୍କ ଆଧିପତ୍ୟ ଥିଲା। ଏମାନଙ୍କର ଅନୁଭୂତିକୁ ନେଇ ପରିବାର ଚଳୁଥିଲା। ତେବେ ବୟସାଧିକ୍ୟ ଯୋଗୁ ବ୍ୟକ୍ତିଙ୍କର ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟା ଲାଗି ରହିଥାଏ। ଏହି ସମସ୍ୟାର ସମାଧାନ ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉକ୍ତ ଦିବସ ପାଳନ ଉପଲକ୍ଷେ ଏକ ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏମ୍‌ଓ ଡା. ବୈଷ୍ଣବ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଡା. ମିର୍ଜା ବାବର ବେଗ, ପୂର୍ବତନ ପ୍ରଶାସକ ବିଜୟ ନାୟକ, କରୁଣାକର ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ, ଶିକ୍ଷାବିତ୍ ଅଜୟ ସାମଲ, ଡିପିଏମ୍ ପ୍ରକାଶ ବାନାର୍ଜୀ ଯୋଗଦେଇଥିଲେ। ସଭାରେ ବରିଷ୍ଠ ନାଗରିକ ସେକ୍ ଇଦ୍ରିସ, ନୁଲା ବିବି, ରତ୍ନାକର ଦାସ, ରଘୁନାଥ ଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, କୃତ୍ତିବାସ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋକ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା



ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ବିଜେଡି ନେତା ଓ କର୍ମୀ।

**ଆଳି, ୨।୧୦ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ଜନ ସମ୍ପର୍କ ପଦଯାତ୍ରା। ଏହା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଆଳି ବ୍ଲକ ଅଞ୍ଚଳରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦେମାଳଠାରୁ ଆରମ୍ଭ ହୋଇ ମେଣ୍ଟପୁର, ନିଆଳ ପଞ୍ଚାୟତ ପରିକ୍ରମା କରିବା ପରେ ବାଳକାଟି ପଞ୍ଚାୟତରେ ଶେଷ ହୋଇଥିଲା। ଯୁବନେତା ଭୀଷ୍ମ ମହାନ୍ତିଙ୍କ ନେତୃତ୍ୱରେ ନିଆଳ ପଞ୍ଚାୟତରେ ଅନୁଷ୍ଠିତ ଏହି ପଦଯାତ୍ରାରେ ରାଜ୍ୟସଭା ଏମ୍‌ପି ପ୍ରତାପ କେଶରୀ ଦେବ ଯୋଗଦେଇଥିଲେ। ଏହି ପଦଯାତ୍ରାରେ ନିଆଳ ପଞ୍ଚାୟତର ବଳଭଦ୍ରପୁର ଶାସନ, ଗୋପୀନାଥପୁର, ରାଧାନଗର, ଛୋଟନାଥପୁର ଓ ଶିଳାସ୍ତମ୍ଭ ଆଦି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ନିଆଳ ସରପଞ୍ଚ ସୁକାନ୍ତି ମଲିକ, ସମିତିସଭ୍ୟ ସସ୍ମିତା ସାମଲ, ସରପଞ୍ଚଙ୍କ ପ୍ରତିନିଧି ଅଶୋକ ମଲିକ ଓ ନିଆଳ ପଞ୍ଚାୟତରେ ପଦଯାତ୍ରା ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଲକ୍ଷ୍ମୀଧର ମଲିକ ଓ ସନ୍ତୋଷ ବେହୁରିଆ ଉପସ୍ଥିତ ଥିଲେ। ମେଣ୍ଟପୁର ପଞ୍ଚାୟତର କଳାପାହାଡ଼, ରସୁଲପୁର, ଗୋପ, କର୍ଣ୍ଣପୁର, ତୁଳସୀ, ବାଳକାଟି ପଞ୍ଚାୟତର ବଡଆଙ୍କୋ, ସାନଆଙ୍କୋ, ଚୁନବନ୍ଧ ଆଦି ଗ୍ରାମ ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ୪ ନଂ. ଜୋନ୍ ଜିଲାପରିଷଦ ସଦସ୍ୟା ସତ୍ୟଭାମା ମଲ୍ଲିକ, ୩ନଂ. ଜୋନ୍ ଜଲା ପରିଷଦ ସଦସ୍ୟ ସୁମନ୍ତ ରାଉତ, ସରପଞ୍ଚ ପ୍ରତାପ ସାହୁ, ମନୋରଞ୍ଜନ ସାମଲ, ସମିତିସଭ୍ୟ ସେକ୍ ଆୟୁବ, ସନ୍ତୋଷ ସାମଲ, ଦିବାକର ନାୟକ, ସୁକାନ୍ତି ପରିଡ଼ା, ଦେମାଳ ପଞ୍ଚାୟତର ପର୍ଯ୍ୟବେକ୍ଷକ ସୁରେଶ ଜେନା, ଅଚ୍ୟୁତାନନ୍ଦ ବଳ, ରବୀନ୍ଦ୍ର ମହାନ୍ତି, ବାଳକାଟି ପର୍ଯ୍ୟବେକ୍ଷକ ପ୍ରଦ୍ୟୁମ୍ନ ଦାଶ, କେଦାରନାଥ ବେହେରା, ମେଣ୍ଟପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ଧନରଞ୍ଜନ ବୋଷ ଓ ସନାତନ ମିଶ୍ର ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ। ଏହି ପଦଯାତ୍ରାରେ ସମସ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟ ଓ ପ୍ରତି ୱାର୍ଡ କମିଟି ସଦସ୍ୟମାନେ ସାମିଲ ହୋଇଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

ନିଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OASIS MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

DIRECT JOINING
CALL CENTER, DATA ENTRY, TELE CALLER, DELIVERY EXE, BACK OFFICE, AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9853844830, 9937529015

WALK IN INTERVIEW
A reputed jewellery showroom requires experienced/ fresher personnel:
Sales Executive (10 no.s): Male
House Keeping (2 no.s) :
Driver (2 no.s) :
Walk in Dt: 29th Sept to 4th Oct.'18
HINDUSTAN JEWELLERS
H.O.: 15, Bomikhal, CTC Road, BBSR. Ph.:0674-2573191,7978065794

ଆବଶ୍ୟକ
ଭୁବନେଶ୍ୱର ରେ ଏକ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ, ରହିବା ଓ ଖାଇବା ପାଇଁ ସୁବିଧା ଅଛି।
ଦରମା - ୮୦୦୦ ରୁ ୯୦୦୦
ଯୋଗାଯୋଗ - 9937281776
Printonix, Room No : 02/58, 1st Floor, P.D Market, CRP Square, Bhubaneswar-12

ଗ୍ରାମୀଣ ବ୍ଲକରେ ସୁପରଭାଇଜର ପାଇଁ ୪୫୦ ମହିଳା ଓ ୭୫୦ ପୁରୁଷ ଆବଶ୍ୟକ। +୨ ପାସ୍, ଦରମା: ୨୧୭୦୦/-, ମାର୍କଲିଷ୍ଟ, ଆଧାରକାର୍ଡ, ବାୟୋଡାଟା ପଠାନ୍ତୁ।
୦୯୫୯୮୩୦୧୨୭୭

OFFICE STAFF ଆବଶ୍ୟକ
ଭୁବନେଶ୍ୱରରେ Office ରେ କାମ କରିବା ପାଇଁ 10th/above ଯୁବକ ଯୁବତୀ ଆବଶ୍ୟକ। ରହିବାର ସୁବିଧା ଅଛି। ମାସିକ ଦରମା upto Rs. 24000/-.
Contact: 9938414918

MNC କମ୍ପାନୀରେ ନିଯୁକ୍ତି
Vacancy- 12 (M/F) Qual.- 10th/ +2/+3, Age below : 27 years. Monthly Income : Rs.10000/- ଓ ରହିବା ସୁବିଧା। ଆସନ୍ତା ୫ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ
SAMBALPUR 9937323612 | BHUBANESWAR 9437186335

ଜାଗ୍ୟା ସେଣ୍ଟର
ବମ୍ବେ ଓ ଦିଲ୍ଲୀରେ ଘରୋଇ କାର୍ଯ୍ୟପାଇଁ ମେଡ, ଆୟା, ଧାଇ, ବେବି ଓ ପେସେଣ୍ଟ କେୟାର, ଗଭର୍ନେସ୍ ଓ କୁକ୍
ଆବଶ୍ୟକ। (କେବଳ ମହିଳାମାନଙ୍କ ପାଇଁ) ଦରମା - ୧୦ ରୁ ୧୫ ହଜାର। (ରହିବା ଓ ଖାଇବା ଫ୍ରି)
8117845642, 6370927914

Gym Trainer, Aerobic Jumba & modern Dance Teacher, Manager, Receptionist, Farm house care taker, Driver required at Bhubaneswar.
Contact: 8249630985

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : (10th,12th,+3) Salary : (13500-35000) ଏବଂ ସମସ୍ତ ସୁବିଧା + ଖାଇବା ଫ୍ରି
Mobile : 9090391585, 7694934663, 9090732106

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319634873

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ହୋମ୍ ଆସିଷ୍ଟାଣ୍ଟ/ ଘର ସଫେଇୱାଲା/ ଗ୍ରାଜୁଏଟ୍ ଇଂଲିଶ୍ କହିପାରୁଥିବା ଅଫିସ୍ ଆସିଷ୍ଟାଣ୍ଟ/ ବ୍ୟକ୍ତିଗତ ସେବକ/ କାର ଡ୍ରାଇଭର/ ପର୍ସନାଲ ଆସିଷ୍ଟାଣ୍ଟ/ ହେଲ୍ପର/ ଭଲ ଦରମା।
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ, 9884761210

ଫ୍ୟାନ୍ ଓ ମୋଟର ୱାଇଣ୍ଡିଙ୍ଗ କାମ ଜାଣିଥିବା ୱାଇଣ୍ଡର ଆବଶ୍ୟକ। ଭୁବନେଶ୍ୱର।
8328881723

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

See Career Appointment on every Wednesday & Saturday

EPSON EXCEED YOUR VISION Walk-In-Interview for Field Engineers
TECHNICIAN (Fresher) : Qual-ITI (Electrical/Electronics), Salary will be fixed after 3 months training with a stipend of ₹ 3000/-* per month. INDOOR LADIES ENGINEER, Qual-Dip./ITI
EXPERIENCED TECHNICIAN : Qual-ITI (Electrical/Electronics), Experience in Ink-Jet & Dot-Matrix Printer, Projector, Scanner. Salary starting from 6,000/-*, CO-ORDINATOR, Qual-Graduation
Interview on : 05.10.18 & 06.10.18 (10 AM to 02 PM)
MICRONIX SERVICES PVT. LTD.
A/8, Saheed Nagar, Bhubaneswar, Ph : 0674-2549941

Birla TMT Odisha
REQUIRES
SENIOR OFFICE ASSISTANT (FEMALE)
For Bhubaneswar (Pahala) Office.
Qualification: Graduate/MBA/B.Tech,
e-mail: easternsteelco.birla@gmail.com
WhatsApp: 9090333000

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ମେଶିନ ଅପରେଟର
ଯୋଗ୍ୟତା: ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।
ମେଶିନ ସହଯୋଗୀ
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

URGENT REQUIREMENTS
• Diploma : Electrical • MBA: Finance Immediate Joining
• B.Tech: Electrical • Graduation/Post Graduation (Any stream)
Place of Posting: Inside and Outside Odisha
Send your resume to frsh@dreamscorporate.co.in
Last date of registration:- on or before 10/10/2018.
Dreams Corporate, Bomikhal, Bhubaneswar. Mob. No.: 7064412786,9583597777, Ph No.: 0674-2571005

CENTRAL ELECTRICITY SUPPLY UTILITY OF ODISHA
IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com
APPOINTMENT OF ASST. VIGILANCE OFFICER ON CONTRACTUAL BASIS
Advt. No. : CESU/HR/Vig/23069 Date : 01.10.2018
Applications are invited on or before 20.10.2018 from at-least a retired Inspector of Police for the post of Asst. Vigilance Officer (AVO). For details please visit our official website : www.cescoorissa.com
Sd/- Sr. GM (HR)

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ। -ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଜାଗୁଳାଈଙ୍କ ପୀଠରେ ଶାରଦୀୟ ପାର୍ବଣ ଆରମ୍ଭ



ନାଉଗାଁ,୨।୧୦(ସ୍ୱ.ପ୍ର.): ତିହୁଡାସ୍ଥିତ ମା'ଜାଗୁଳାଇଙ୍କ ପୀଠରେ ମଙ୍ଗଳବାର ଶାରଦୀୟ ପାର୍ବଣ ଉତ୍ସବ ଆରମ୍ଭ ହୋଇଛି। ମା' ଜାଗୁଳାଇ ପରିଚାଳନା ସମିତି ତିହୁଡା ଆନୁକୁଲ୍ୟରେ ଆୟୋଜିତ ଏହି ପୂଜା ଉତ୍ସବ ଦଶହରା ପର୍ଯ୍ୟନ୍ତ ଚାଲିବ। ଉତ୍ସବରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା, ସତ୍ୟସେବା ମଣ୍ଡଳର ଗୁରୁପୂଜା, ସତ୍‌ସଙ୍ଗ, ବାବା ବୈକୁଣ୍ଠନାଥଙ୍କ ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସପ୍ତାହ ବ୍ୟାପି ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିବା ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ଓ ଗ୍ରାମବାସୀ ସୂଚନା ଦେଇଛନ୍ତି।

### ସତ୍ୟାନୁସନ୍ଧାନ ଉନ୍ମୋଚିତ



ବିରିଡି,(ଡି.ଏନ.ଏ.)/ବାଲିଆ,୨।୧୦: ବିରିଡ଼ିରୁ ପ୍ରକାଶିତ ସାପ୍ତାହିକ ଖବରକାଗଜ ସତ୍ୟାନୁସନ୍ଧାନ ମଙ୍ଗଳବାର ଏହି ବ୍ଲକର ଧାନକୁଦ ପୀଠରେ ଉନ୍ମୋଚିତ ହୋଇଛି। ଏହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ପ୍ରଶାନ୍ତ କୁମାର ମହାନ୍ତି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଦିଲୀପ କୁମାର ମହାନ୍ତି ମୁଖ୍ୟବକ୍ତା, ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ବିଶିଷ୍ଟ ସମବାୟବିତ୍ ଲିଙ୍ଗରାଜ ମଲ୍ଲ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ରବିନାରାୟଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖବରକାଗଜରେ ସତ୍ୟାନୁସନ୍ଧାନ ତଥା ରୁଚିଭିତିକ ଖବର ପ୍ରକାଶିତ ହେଲେ ବିଭିନ୍ନ ଅଞ୍ଚଳର ସମସ୍ୟା ଲୋକଲୋଚନକୁ ଆସିବା ସହିତ ସମସ୍ୟା ଦୂର ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏଥିସହ ଖବରକାଗଜର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଖବରକାଗଜର ପ୍ରକାଶକ ଓ ମୁଦ୍ରାକର ବଦ୍ରିପ୍ରସାଦ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଦିବସ



ରାହାମା,୨।୧୦(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପଙ୍କପାଳ ସମିତି ସଭ୍ୟ ପଦ୍ମନାଭ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କିଶୋର ମନୋହାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ରୂପେ ଶ୍ରୀଅରବିନ୍ଦ ଦର୍ଶନ ପ୍ରବକ୍ତା କିର୍ତ୍ତନ କୁମାର ବ୍ରହ୍ମା, ସମ୍ମାନିତ ଅତିଥିରୂପେ ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ବ୍ଲକ୍ ବିଜେଡି ସଭାପତି ଚିତ୍ତ ରଞ୍ଜନ ମିଶ୍ର, ଅଗପାଳ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା, ମଲ୍ଲାସାହୀ ସମିତିସଭ୍ୟା ପ୍ରଭାତୀ ଦାଶ, ସରୋଜିନୀ ବାରିକ୍, ଶିକ୍ଷାବିତ୍ ପ୍ରମୋଦ କୁମାର ଦାଶ, କେଲୁ ଚରଣ ମଲ୍ଲ, ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭ୍ୟ ଶଶୀଭୂଷଣ ଦାଶ, ନୀରଞ୍ଜନ ବେହେରାଙ୍କ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ପରିଚାଳନା କରିଥିଲେ।

## କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା

# ପାରାଦୀପରେ ବାପି, ବାଲିକୁଦା-ଏରସମାରେ ଜିତୁ

- ନାମ ଘୋଷଣା ନ ହେଲେ ମଧ କର୍ମୀ ଉତ୍ସାହିତ
- ଦ୍ୱିତୀୟ ପର୍ଯ୍ୟାୟରେ ତିର୍ତ୍ତୋଲ ପ୍ରାର୍ଥୀ ଚୟନ
- ଲାଭ-କ୍ଷତିକୁ ନେଇ ବିଚାର ବିମର୍ଶ

ଜଗତ୍‌ସିଂହପୁର ଅଫିସ,୨।୧୦

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଓଡ଼ିଶାରେ ପ୍ରାର୍ଥୀ ଚୂଡ଼ାନ୍ତ କରିବା କ୍ଷେତ୍ରରେ କଂଗ୍ରେସ ଆଗୁଆ ପଦକ୍ଷେପ ନେଇଛି। ପ୍ରାଥମିକ ପର୍ଯ୍ୟାୟରେ ଦଳ ୧୪୭ ରୁ ୪୪ଟି ନିର୍ବାଚନମଣ୍ଡଳୀରେ କାହାକୁ ପ୍ରାର୍ଥୀ କରିବ ତାହା ସ୍ଥିର କରିଛି। ତେବେ କେଉଁ ଆସନରୁ କାହାକୁ ପ୍ରାର୍ଥୀ କରାଯିବ ତାହା ବିଦ୍ଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ। ଜଗତ୍‌ସିଂହପୁର ଜିଲାର ୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ୩ଟି ପାଇଁ ପ୍ରାର୍ଥୀ ଚୟନ କରାଯାଇଛି। ସେଗୁଡିକ ହେଲା ଜଗତ୍‌ସିଂହପୁର, ପାରାଦୀପ ଓ ବାଲିକୁଦା-ଏରସମା। ଜଗତ୍‌ସିଂହପୁରରୁ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ବାଲିକୁଦା-ଏରସମାରୁ ଲଲାଟେନ୍ଦୁ ମହାପାତ୍ର (ଜିତୁ) ଓ ପାରାଦୀପରୁ ଅରିନ୍ଦମ ସର୍ଖେଲ୍ (ବାପି)ଙ୍କୁ ପ୍ରାର୍ଥୀ କରିବାକୁ ଦଳ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଜଗତ୍‌ସିଂହପୁରରୁ ବିଶ୍ୱାଳ ପ୍ରାର୍ଥୀ ହେବେ ବୋଲି ଯଦିଓ ଆଗରୁ ଜଣାପଡୁଥିଲା। କିନ୍ତୁ ବାଲିକୁଦା-ଏରସମା, ପାରାଦୀପ ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଦ୍ୱନ୍ଦ୍ୱ ରହିଥିଲା। ଏବେ ବାଲିକୁଦା-ଏରସମା ଓ ପାରାଦୀପରେ ପ୍ରାର୍ଥୀ ଚୟନ ହୋଇଥିବା ବେଳେ ତିର୍ତ୍ତୋଲ ପାଇଁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେବ। ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟରେ ତିର୍ତ୍ତୋଲ କଥା ଜଣାପଡିବ। ଚୟନ ହୋଇଥିବା ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଏବେ ନିର୍ବାଚନମଣ୍ଡଳୀରେ ଜୋରଦାର ଆଲୋଚନା ଆରମ୍ଭ ହୋଇଥିବାବେଳେ ସେମାନଙ୍କ ସମର୍ଥକମାନେ ଉତ୍ସାହିତ ହୋଇପଡିଛନ୍ତି।

ଯେଉଁମାନେ ବିଧାୟକ ଅଛନ୍ତି ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟିକେଟ୍ ଦିଆଯିବ ବୋଲି ପୂର୍ବରୁ ଦଳ ଘୋଷଣା କରିଥିଲା। ଏ ଦୃଷ୍ଟିରୁ ଜଗତ୍‌ସିଂହପୁର ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ବିଶ୍ୱାଳ ଟିକେଟ୍ ପାଇବେ ବୋଲି ସ୍ପଷ୍ଟ ହୋଇଥିଲା। ଅନ୍ୟ ଆଶନଗୁଡିକରେ ବିଜୟ ସମ୍ଭାବନା ଅଧିକ ଥିବା ନେତାଙ୍କୁ ବାଛିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାଙ୍କ ସପକ୍ଷରେ କେତେ ଭୋଟ ଯାଇଥିଲା ତାହାକୁ ମଧ ବିଚାରକୁ ନିଆଯାଇଥିଲା। ଗତ ନିର୍ବାଚନରେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ଦଳ ଲଲାଟେନ୍ଦୁ ମହାପାତ୍ରଙ୍କୁ ପ୍ରାର୍ଥୀ କରିଥିଲା। ସେ ୩୯,୯୮୧ (୨୧.୯୮%) ଭୋଟ ପାଇଥିଲେ, ଯାହାକି ୨୦୦୯ ନିର୍ବାଚନ ତୁଳନାରେ ୧୫.୪% କମ। ତଥାପି କଂଗ୍ରେସ ୨ୟ ସ୍ଥାନରେ ଥିଲା। ଭୋଟ ହାର କମିବା ପଛରେ ଅନେକ କାରଣ ଥିଲେ ସୁଦ୍ଧା ମୁଖ୍ୟତଃ ଅନ୍ୟତମ କଂଗ୍ରେସ ନେତା ସାରଦା ପ୍ରସନ୍ନ ଜେନା ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଜେନାଙ୍କୁ ମିଳିଥିଲା ୨୩,୯୪୮ (୧୩.୧୭%) ଭୋଟ, ଯାହାକି ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କୁ ଜିତିବାରେ ସହାୟକ ହୋଇଥିଲା। ମୁଦୁଲି ୩୮.୧୨% (୬୯,୩୩୫) ଭୋଟ ପାଇ ବିଧାୟକ ହୋଇଥିଲେ। ତାଙ୍କୁ ମିଳିଥିବା ଭୋଟ ୨୦୦୯ ତୁଳନାରେ ୧୯.୬୧% କମ ଥିଲା। ଯାହା ହେଉ ନା କାହିଁକି ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବହୁ ପ୍ରତିବନ୍ଧକ ସତ୍ତ୍ୱେ ଏତେ ଭୋଟ ପାଇଥିବାରୁ ଦଳ ଲଲାଟେନ୍ଦୁଙ୍କୁ ପ୍ରାର୍ଥୀ କରିପାରେ। ସେହିପରି ପାରାଦୀପରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ବାପି। ବାପିଙ୍କୁ ମିଳିଥିଲା ୪୬,୬୦୬ ଭୋଟ, ଯାହାକି ୨୦୦୯ ନିର୍ବାଚନ ତୁଳନାରେ ୨୧.୪୩% ଅଧିକ। ଏଠାରେ ବିଜେଡି ପ୍ରାର୍ଥୀ ଥିଲେ ଦାମୋଦର ରାଉତ। ରାଉତଙ୍କ ଭଳି ନେତାଙ୍କ ସହ ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରି ସର୍ଖେଲ ଏତେ ଭୋଟ ପାଇଥିବାରୁ ଦଳ ତାଙ୍କୁ ପ୍ରାର୍ଥୀ କରିବାକୁ ଚିନ୍ତା କରିଥାଇପାରେ। ବାଲିକୁଦା-ଏରସମା ଓ ପାରାଦୀପ ଆଶନରେ ଗତଥର ପ୍ରାର୍ଥୀ ହୋଇଥିବା ଏହି ଦୁଇ ନେତାଙ୍କୁ ଏଥର ଦଳୀୟ ଟିକେଟ୍ ମିଳିଲେ ଦଳ କେତେ ଲାଭ କି କ୍ଷତିରେ ପଡିବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏବେ ପାରାଦୀପ କଥା ଆଲୋଚନା କରାଯାଇପାରେ। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ଦାମବାବୁ ଏଥର ଦଳରେ ନାହାନ୍ତି। ତାଙ୍କ ସ୍ଥାନରେ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ୫ ଜଣ ବିଜେଡି ନେତା ଏଠାରୁ ପ୍ରାର୍ଥୀ ହେବାକୁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରି ଦେଇଛନ୍ତି। ସର୍ଖେଲ ପ୍ରାର୍ଥୀ ହେବା ଘୋଷଣା ହେଲେ ଦଳ ତାଙ୍କୁ ଟକ୍କର ଦେଲାଭଳି ନେତା ବାଛିବା ଦରକାର। ନ ହେଲେ ସର୍ଖେଲଙ୍କୁ ସୁହାଇବ। କାରଣ ଦାମ ମଧ ପାରାଦୀପରୁ ସ୍ୱାଧୀନ କିମ୍ବା ନୂଆ ଦଳ କରି ଛିଡ଼ା ହୋଇପାରନ୍ତି। ତେଣୁ ଏହି ନିର୍ବାଚନମଣ୍ଡଳୀରେ କେଉଁ ନେତାଙ୍କୁ ପ୍ରାର୍ଥୀ କରାଯିବ ସେନେଇ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ବାଲିକୁଦା-ଏରସମାରେ ମହାପାତ୍ରଙ୍କୁ କଂଗ୍ରେସ ଟିକେଟ୍ ମିଳିଲେ ସାରଦା ବିରୋଧ କରିବେ କି ଦଳୀୟ ଶୃଙ୍ଖଳା ଭିତରେ ରହି ସହଯୋଗ କରିବେ ତାହା ସମୟ କହିବ। ହେଲେ ବିଜେଡି ନେତା ତଥା ବିଧାୟକ ମୁଦୁଲିଙ୍କ ଏଥିମଧ୍ୟରେ ଶକ୍ତି ବୃଦ୍ଧି ହୋଇଛି। ସେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାଙ୍ଗକୁ ନୂଆକରି ଦଳ ଜିଲା କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ଏହାସତ୍ତ୍ୱେ ତାଙ୍କର ଭୟ ଛାଡିନି । କାରଣ ଦାମ ତାଙ୍କ ବିରୋଧରେ ଖୋଲାଖୋଲି କାମ କରିବେ ବୋଲି ପୂର୍ବରୁ ଘୋଷଣା କରି ସାରିଛନ୍ତି। ଏ ପରିସ୍ଥିତିରେ ମହାପାତ୍ରଙ୍କୁ ଦଳୀୟ ଟିକେଟ୍ ଦିଆଗଲେ ବିଜେଡି ଓ ଭାଜପାର ରଣନୀତି କଣ ହେଉଛି ଦେଖିବାର ରହିଲା। ଯେହେତୁ ବିଜେଡି ନେତା ମୁଦୁଲି ଅତୀତରେ କଂଗ୍ରେସ ଭୋଟ ବିଭାଜନ କରି ଫାଇଦା ପାଇଛନ୍ତି, ଏଥର ପ୍ରାର୍ଥୀ ହୋଇ ଅନୁରୂପ ରଣକୌଶଳ ଆପଣାଇବେ କି ଅନ୍ୟ ନିର୍ବାଚନ ମଣ୍ଡଳୀ ବାଛିବେ ତାହା ଜାଣିହେଉନି।




ବିରିଡ଼ିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ବିଧାୟିକା ରାଜଶ୍ରୀ ମଲିକ ଓ ଅନ୍ୟମାନେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିରିଡି,(ଡି.ଏନ.ଏ.)/ବାଲିଆ,୨।୧୦

ବିରିଡ଼ି ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳଙ୍କ ନେତୃତ୍ୱରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ବ୍ଲକ ବିଜେଡି ସଭାପତି ବିଭୁଦତ୍ତ ସାହୁ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ସରପଞ୍ଚ ପୁଷ୍ପପ୍ରକାଶ ପ୍ରଧାନ, ଅମିତ ରାଉଳ, ସମିତିସଭ୍ୟା ଅନୁସୂୟା ରାଉତରାୟ, କାଳନ୍ଦୀ ଚରଣ ବସ୍ତିଆ, ଶିବପ୍ରସାଦ ଜେନା, ସବିତା ଦାସ, ମହିଳା ସଭାନେତ୍ରୀ ମାହେଶ୍ୱତା ଜେନା, ବିଧାନଚନ୍ଦ୍ର ଜେନା, ବିଜୟଲକ୍ଷ୍ମୀ କାନୁନଗୋ, ଗଗନ ବିଶ୍ୱାଳ, ଅମିତ ରାଉଳ, ରମେଶ ସ୍ୱାଇଁ, ମାନସ ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ବୁଢାପଡାରୁ ପଦଯାତ୍ରାରେ ବାହରିଥିଲେ। ବିରିଡ଼ି ବ୍ଲକ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିରେ ସେମାନେ ପୁଷ୍ପମାଲ୍ୟ ଅର୍ପଣ କରି ବିରିଡ଼ି ଛକରେ ପହଞ୍ଚିଥିଲେ। ଏଥିରେ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇବା ସହ କେନ୍ଦ୍ର ସରକାରଙ୍କ ଓଡିଶାକୁ ଅବହେଳା ସମ୍ବନ୍ଧରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ପୁନର୍ବାର ବିଜେଡିକୁ ଜିତାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ସେମାନେ ଲୋକମାନଙ୍କୁ କହିଥିଲେ। ରବୀନ୍ଦ୍ର ସାହୁ, କାଳନ୍ଦି ବସ୍ତିଆ, ଗୋପାଳ ଓଝା, ଅକ୍ଷୟ କୁମାର ଦାସ, ଅରବିନ୍ଦ ରାୟ, ଗୋଲେଖ ରାଉତ, ଅଭୟ ମଲ୍ଲ, ବିଷ୍ଣୁ ଚରଣ ଲେଙ୍କା, ଝରଣା ସାହୁ, ବୈଜୟନ୍ତୀ ମହାନ୍ତି, ଡଲି ସେଠୀ, ଅନ୍ନପୁର୍ଣ୍ଣା ବେହେରା, ମମତା ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ସାଗରିକା ମୁଦୁଲି, କବିତା ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ତିର୍ତ୍ତୋଲ,(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଏହି ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ସାରୋଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ, ଏମପି ଡା.କୁଳମଣି ସାମଲ. ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ଲିପାଲି ରାଉଳ, ସନାତନ ଦଳାଇ, ସରପଞ୍ଚ ବନଜାବାସିନୀ ଦାସ, ସମିତିସଭ୍ୟା ପ୍ରିୟଙ୍କା ସ୍ୱାଇଁ, ପୂର୍ବତନ ଯୁବ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଯୁବନେତା ତପନ ମହାନ୍ତି, ବ୍ଲକ ସମ୍ପାଦକ ଅମର ଜ୍ୟୋତି ସାହୁ, ଶ୍ରୀନିବାସ ଦାଶ, ସୁବ୍ରତ ଦାଶ, ପୂର୍ବତନ ସରପଞ୍ଚ ରମାକାନ୍ତ ରାଉତରାୟ, ପ୍ରଫୁଲ୍ଲ ମହାନ୍ତି, ଅକ୍ଷୟ ସ୍ୱାଇଁ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

### କର୍ତ୍ତବ୍ୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

ବାଲିକୁଦା,୨।୧୦(ସ୍ୱ.ପ୍ର.)

ବାଲିକୁଦା କର୍ତ୍ତବ୍ୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କୁ ଫଳ, ପାଉଁରୁଟି ଓ ବିସ୍କୁଟ ବଣ୍ଟ କରାଯାଇଛି। ଟ୍ରଷ୍ଟର ୪ର୍ଥ ଜନ୍ମୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ଟ୍ରଷ୍ଟର ସଭାପତି ସର୍ବେଶ୍ୱର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ନିତ୍ୟାନନ୍ଦ ଦାସ, କୋଷାଧ୍ୟକ୍ଷ ବିଜୟ ସ୍ୱାଇଁ, ସଦସ୍ୟ କମଲ କିରଣ ବିଶ୍ୱାଳ, ଚନ୍ଦ୍ରକାନ୍ତ ସ୍ୱାଇଁ, ବିବେକ ସାହୁ, ବିଶ୍ୱରଞ୍ଜନ ଜେନା, ସୋୟେବ୍ ଅହମଦ୍, ଅମୀତ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଦାସ, ଲୋକନାଥ ଦାସ, ମହିମା ପ୍ରସାଦ ସାହୁ, ସପନ ମହାନ୍ତି, କୁଳମଣୀ ମଲ୍ଲିକ, ଅଂଶୁମାନ ଦାସ, ଲକ୍ଷ୍ମୀଧର ସାହୁ, ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଗାନ୍ଧୀ ଉଦ୍ୟୋଗ ମନ୍ଦିରରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାମାଜିକ କର୍ମୀ ରାଜ କିଶୋର ସାହୁ ସାମିଲ ଥିଲେ। ଏହି ଅବସରରେ ପଲିଥିନ ବର୍ଜନ ଓ ପଲିଥିନ ପ୍ରଚଳନକୁ ନିଷେଧ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଅଜୟ କୁମାର ସ୍ୱାଇଁ, ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ସୁବାସ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ବିଜୁ ଯୁବ ବାହିନୀ ପକ୍ଷରୁ ନିଶା ମୁକ୍ତି ଅଭିଯାନ

ବାଲିକୁଦା,୨।୧୦(ସ୍ୱ.ପ୍ର.)

ବାଲିକୁଦାର ପ୍ରତ୍ୟେକ ପଞ୍ଚାୟତରେ ଗଠିତ ହୋଇଥିବା ବିଜୁ ଯୁବ ବାହିନୀ ପକ୍ଷରୁ ନିଶା ମୁକ୍ତି ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କୃଷ୍ଣଦାସପୁର, ବାହାରଣା, ମାଛଗାଁ, ତଣ୍ଡିକୁଳ, ଅରିଲୋ, ଇଛାପୁର, ଗରାମ, ଅଳାବୋଳ, ଅଳାଭର ଭଳି ବ୍ଲକର ୩୦ ପଞ୍ଚାୟତରେ ଯୁବ ବାହିନୀ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ମୂଲୁଗାଁ ପଞ୍ଚାୟତ ଯୁବ ବାହିନୀ ପକ୍ଷରୁ ସିଂଗିରୀ ଗଣେଶଜୀଉ ମଠ ପଡିଆଠାରୁ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଯୁବବାହିନୀର ସଭାପତି ଦଧି ବାବନ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବ ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ପରିଡା, ମୁଖ୍ୟବକ୍ତା ଭାବେ ବାଲିକୁଦା-ଏରସମା ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଚୌଧୁରୀ, ଜିଆରଏସ ଚନ୍ଦନ ସ୍ୱାଇଁ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଦେବାଶିଷ ମଲ୍ଲିକ, ପ୍ରତାପ ଦେଠୀ ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ରାକେଶ୍ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଦୀପ୍ତିମୟୀ ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ଆମ୍ବଶାଳ ବିଜୁ ଯୁବ ବାହିନୀ ପକ୍ଷରୁ ଅନୁରୂପ ଭାବେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ସଭାପତି ଦିବ୍ୟ ରଞ୍ଜନ ଦାସଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ନାରା ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଦାମୋଦର ଭଟ୍ଟ, ସରପଞ୍ଚ ପ୍ରଭାତୀ କାଣ୍ଡି, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ନିଶା ସମାଜକୁ ବିପଥଗାମୀ କରେ ବୋଲି କହିଥିଲେ। ପଞ୍ଚାନନ ପରିଡା, ବିଜୁ ଯୁବ ବାହିନୀ ସମ୍ପାଦକ ଦେବବ୍ରତ ନାୟକ, କୋଷାଧକ୍ଷ ମିହିର ପଣ୍ଡା, ସଭ୍ୟ ଦୀପ୍ତିରଞ୍ଜନ ମହାନ୍ତି, ସାଗର ମହାନ୍ତି, ବାପୁଜୀ ସ୍ୱାଇଁ, ଅଶିତ୍ ସ୍ୱାଇଁ, ଚିରଂଜ୍ୟୋତି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ନିଶା ମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବାକୁ ହେଲେ ଆଜିର ଯୁବ ସମାଜ ଆଗେଇ ଆସିବା ଦରକାର ବୋଲି କହିଥିଲେ।



ବାଲିକୁଦାରେ ନିଶା ନିବାରଣ ଅଭିଯାନରେ ସାମିଲ ହୋଇଥିବା ଲୋକମାନେ।

## ସାରୋଳରେ ସଫଳ ଗାଁ ମହୋତ୍ସବ

ତିର୍ତ୍ତୋଲ,୨।୧୦(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ସାରୋଳ ଗ୍ରାମରେ ନ୍ୟାଶନାଲ କ୍ଲବ ଆନୁକୂଲ୍ୟରେ ସଫଳ ଗାଁ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ କ୍ଲବର ଉପଦେଷ୍ଟା ପ୍ରଦୀପ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଏମପି ଡା.କୁଳମଣି ସାମଲ ଯୋଗଦେଇ ଏଭଳି ଉତ୍ସବ ପାଳନ ଦ୍ୱାରା ଗ୍ରାମର ସ୍ୱାଭିମାନ ବଢିବା ସହ ଲୋକମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ଦିଲୀପ ଶତପଥୀ, ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ସରପଞ୍ଚ ବନଜାବାସିନୀ ଦାସ, ସମିତିସଭ୍ୟା ପ୍ରିୟଙ୍କା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ କର୍ମଚାରୀ ସଂଘ ରାଜ୍ୟ ସଭାପତି ପ୍ରଭାତ ମହାନ୍ତି, ଶୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ଶିକ୍ଷାବିତ ଗୋଲୋକ ବିହାରୀ ପଲାଇ, ପ୍ରଦୀପ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଭାସ୍କର ଶତପଥୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବହୁ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ସଭାପତି ପ୍ରୀତିରଞ୍ଜନ ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ଗଙ୍ଗାଧର ବିଶ୍ୱାଳ, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ରମାକାନ୍ତ ସାହୁ, ଜୟନ୍ତ ପାତ୍ର, ରାଧାକାନ୍ତ ସାଉହୁ, ତୁଷାର ବିଶ୍ୱାଳ, ଶରତ ଚନ୍ଦ୍ର ସାହୁ, ପ୍ରୀତିରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଅଧାପକ ଅଭୟ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ମୁଖପତ୍ର 'ସଫଳ ସାରୋଳ' ଉନ୍ମୋଚନ କରିଥିଲେ।



ଅତିଥିମାନେ ମୁଖପତ୍ର 'ସଫଳ ସାରୋଳ' ଉନ୍ମୋଚନ କରୁଛନ୍ତି।

## ସିଦ୍ଧେଶ୍ୱରୀ ୟୁପି ସ୍କୁଲ ପରିଚାଳନା କମିଟି ଗଠନ

ରଘୁନାଥପୁର,୨।୧୦(ଡି.ଏନ.ଏ.):

ରଘୁନାଥପୁର ବ୍ଲକ ଦେଉଳିସାହିସ୍ଥିତ ସିଦ୍ଧେଶ୍ୱରୀ ୟୁପି ସ୍କୁଲରେ ସୋମବାର ପରିଚାଳନା କମିଟି ଗଠନ ହୋଇଯାଇଛି। ଏଥି ନିମନ୍ତେ ଗତମାସ ୨୫ ତାରିଖରେ ସଭ୍ୟାସଭ୍ୟ ବଛା ହୋଇଥିଲା। ପ୍ରଧାନଶିକ୍ଷକ ଅଦ୍ୱୈତ ପ୍ରସାଦ ବସ୍ତିଆଙ୍କ ଉପସ୍ଥିତିରେ ନାଲିବର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର କୁମାର ନାୟକ ଯୋଗଦେଇ ନିର୍ବାଚନ କାର୍ଯ୍ୟ ତୁଲାଇଥିଲେ। ସୁବାସ ଚନ୍ଦ୍ର ବାରିକ ଓ ଶଙ୍କର ବସ୍ତିଆ ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭୋଟ ହେବା ପରେ ବାରିକ ଅଧିକ ଭୋଟ ପାଇ ପରିଚାଳନା କମିଟିର ସଭାପତି ହୋଇଥିଲେ।

## ବଞ୍ଚିଲେ ଚାକିରି କରି ସମସ୍ତଙ୍କ ଋଣ ଶୁଝିଦେବି

- ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା
- ମେଧାବୀ ଛାତ୍ରଙ୍କୁ କର୍କଟ
- ସହାୟତା ପାଇଁ ନିବେଦନ

ଜଗତ୍‌ସିଂହପୁର ଅଫିସ, ୨।୧୦

ମୋ ଦେହ କଥା ଜାଣି ଅନେକ ଲୋକ ସାହାଯ୍ୟ କରୁଛନ୍ତି। ସମବେଦନା ଜଣାଇବା ସହ ଟଙ୍କା ପଠାଉଛନ୍ତି। ଫୋନ୍ କରି ବୁଝିବା ସହ ମେସେଜ୍ ମଧ କରୁଛନ୍ତି। ଏହା ମୋ ମା'ଙ୍କ ମନୋବଳ ବଢାଉଛି। କିନ୍ତୁ ସେମାନଙ୍କ ପାଖରେ ମୁଁ ଋଣୀ ହେବାକୁ ଚାହୁଁନାହିଁ। ଠାକୁରଙ୍କୁ ଡାକୁଛି ପ୍ରଭୁ ମୋତେ ଭଲ କରି ଦିଅନ୍ତୁ। ମୁଁ ବଡ଼ ହେଲେ ଚାକିରି କରି ସେମାନଙ୍କ ଋଣ ଶୁଝିଦେବି। ଏଭଳି ହୃଦୟସ୍ପର୍ଶୀ କଥା କହିଛନ୍ତି କର୍କଟ ରୋଗରେ ଆକ୍ରାନ୍ତ ସ୍ଥାନୀୟ ଯଶୋବନ୍ତପୁରର ବାପଛେଉଣ୍ଡ ୧୪ ବର୍ଷର ବାଳକ ଜ୍ଞାନ ରଞ୍ଜନ ପ୍ରଧାନ। ଜ୍ଞାନ ଏବେ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ମା କଲ୍ୟାଣୀ(୩୯) ହିଁ ତାଙ୍କର ସବୁକିଛି। ୩ ବର୍ଷ ବୟସରେ ସେ ବାପାଙ୍କୁ ହରାଇଥିଲେ। ମା' ବହୁ କଷ୍ଟରେ ପାଳି ପୋଷି ତାଙ୍କୁ ଏତେବଡ଼ କରିଛନ୍ତି। ଏବେ ସେ କର୍କଟରେ ଆକ୍ରାନ୍ତ ହୋଇଥିବାବେଳେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ବାପା ଜୀବିତ ଥିବାବେଳେ ମଧ ପରିବାରରେ ଆର୍ଥିକ ଅନଟନ ଲାଗି ରହିଥିଲା। କିନ୍ତୁ ପରିବାରରେ ସୁଖ, ଶାନ୍ତି ଥିଲା। ଜଣେ ଦିନ ମଜୁରିଆ ଭାବେ ତାଙ୍କ ବାପା ମୂଲ ଲାଗି ଯାହା ରୋଜଗାର କରୁଥିଲେ ସେଥିରେ ୪ ପ୍ରାଣୀ କୁଟୁମ୍ବ ଚଳି ଯାଉଥିଲେ। ହେଲେ ସେମାନଙ୍କ ଜୀବନ ଆକାଶରେ ହଠାତ୍ ଘୋଟି ଯାଇଥିଲା ଅମା ଅନ୍ଧକାର। ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ଛାତ୍ରୀ ନିବାସ ମୁଖ୍ୟ ଫାଟକ କାମରେ ମିସ୍ତ୍ରୀ ସହ ତାଙ୍କ ବାପା ମୂଲିଆ ଭାବେ କାମ କରୁଥିଲେ। ହଠାତ୍ ସେ ସିଡିରୁ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘରୁ କେବେ ବାହାରକୁ ଗୋଡ କାଢି ନ ଥିବା ତାଙ୍କ ମା' ଶେଷରେ ପରିବାର ବୋଝ ମୁଣ୍ଡାଇଥିଲେ। ତଥାପି ୨ ପିଲା (ଜ୍ଞାନ ଓ ତାଙ୍କ ଭଉଣୀ)ଙ୍କ ମୁହଁକୁ ଚାହିଁ ବଞ୍ଚିବାକୁ ସଂଗ୍ରାମ କରିଥିଲେ। ଏସ୍‌ଭିଏମ୍ କଲେଜ ପରିଚାଳନା କମିଟି କଲ୍ୟାଣୀଙ୍କୁ ମାସିକ ୨ ହଜାର ଟଙ୍କା ପାରିଶ୍ରମିକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିଲା। ଏହି ଟଙ୍କାରେ କଲ୍ୟାଣୀ ପିଲା ଦୁହିଁଙ୍କୁ ପଢାଇବା ସହ ଜିଇଁବାକୁ ଚେଷ୍ଟା କରିଥିଲେ। ଝିଅ ମାଟ୍ରିକ୍‌ରେ ୮୫%ରୁ ଅଧିକ ନମ୍ବର ରଖି ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ଶିକ୍ଷାଲାଭ କରୁଛନ୍ତି। ଜ୍ଞାନ ଜଣେ ମେଧାବୀ ଛାତ୍ର। ୫ମରେ ବୃତ୍ତି ପାଇଥିଲେ। ୭ମ ଶ୍ରେଣୀରେ ଜାତୀୟ ଗ୍ରାମୀଣ ମେଧା ବୃତ୍ତି (ଏନ୍‌ଆରଟିଏସ୍) ପାଇଥିଲେ। ପିଲାଦୁହିଁଙ୍କ ପାଠ ପଢା ଦେଖି କଲ୍ୟାଣୀଙ୍କ ଦୁଃଖ ଦୂର ହୋଇଯାଉଥିଲା। ଆଶା ଥିଲା ପୁଅ ଭଲ ଚାକିରି ଖଣ୍ଡେ କରି ତାଙ୍କ ଦୁଃଖ ଦୂର କରିଦେବ। କିନ୍ତୁ ଦଇବ ଦାଉ ସାଧିଛି।

# ଏ ମାସର କୃଷିସୂଚନା





### ତୈଳବୀଜ

**ସୋରିଷ ସଅଳ କିସମ** (ତୋରିଆ) : ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।

– ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

– ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

**ଚିନାବାଦାମ :**– ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

– ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୩୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି ଓ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

**ସୂର୍ଯ୍ୟମୁଖୀ :**– ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା–ମଡର୍ନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.-୩୬ ଓ ଏମ୍.ଏସ୍.ଏଫ୍.ଏଚ୍.-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

– ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା କ୍ୟାପ୍‌ଟାନ୍ ଗୁଣ୍ଡ ମିଶାଇ ବିହନ ବିଶୋଧନ କରନ୍ତୁ କିମ୍ବା ୨ ଗ୍ରାମ୍ କାର୍ବୋସିନ୍ ସହିତ ଥିରାମ୍ ୧ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

**ରାଶି:** ଡିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ ଗୋଳାଇ ବିଶୋଧନ କରନ୍ତୁ ।

– ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ । **ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ଫଳଚାଷ:** ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ।

– ମାଟିର ବତର ଦେଖି ୧୦–୧୫ ଦିନରେ ଜଳ ସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଣ୍ଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୨ ମି.ଲି. / ଲିଟର ପାଣିରେ) ସିଞ୍ଚନ କରନ୍ତୁ।

**ଫୁଲଚାଷ:**ତରଳ ଖତ – ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

– ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଚଳିତ ମାସ ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ସେବତୀ – ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) ।

ଗୋଲାପ – ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଣ୍ଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

ଗ୍ଲାଡ଼ିଓଲସ୍ – ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।

**–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

### କୁକୁଡ଼ା ପାଳନ

■ବର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ ।

■ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ ।

■କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ



ସେଣ୍ଟିଗ୍ରେଡ୍ ରହିବା ଆବଶ୍ୟକ।

■ ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

## ପନିପରିବା ଚାଷ



**ଆ**ଳୁ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କୁଇଣ୍ଟାଲ୍ ବିହନ ଦରକାର ହୁଏ । ୨–୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

– ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ସକାଶେ ୩ ଗ୍ରାମ୍ ବ୍ଲାଇଟକ୍ସ-୫୦ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

– ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

– ସଅଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

– ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ଶୀତଦିନିଆ ପନିପରିବା, ଶାଗ ଓ ଧନିଆପତ୍ର ଚାଷ କରନ୍ତୁ ।

– ଜଳାଭାବ ସ୍ଥାନରେ ପ୍ରଚୁର ପରିମାଣରେ କୋଶଳା ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

– ପିଆଜ ତଳି ପ୍ରସ୍ତୁତି ଲାଗି ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

## ମାଛଚାଷ

**ବ**ର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ଗୋପାଳନ

**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ତ୍ରାକ୍ସ ଏବଂ ଗୋମଡ଼କ ବା ଗୋବସନ୍ତ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ତିନିମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଗୁହାଳର ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ।

### ଛେଳି ମେଣ୍ଢା ପାଳନ

– ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟର ଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।



# ଧାନଫସଲର ମାଟିଆଗୁଣ୍ଡି ପୋକ ନିୟନ୍ତ୍ରଣ



**ଦେବବ୍ରତ ପାଣିଗ୍ରାହୀ**

**ମା**ଟିଆଗୁଣ୍ଡି ପୋକ ଓଡ଼ିଶାର ଉଭୟ ଖରିଫ ଓ ରବି ଧାନଫସଲର ମାରାତ୍ମକ ପୋକଙ୍କ ମଧ୍ୟରୁ ଅନ୍ୟତମ । ଆମ ରାଜ୍ୟରେ ୨୦୧୭ ଖରିଫ ଧାନ ଫସଲର ଏହି କୀଟ ବ୍ୟାପକ କ୍ଷତି ଘଟାଇଥିଲା। ଚଳିତବର୍ଷ ଖରିଫ ଧାନ ଫସଲରେ ମଧ୍ୟ ଏହି କୀଟର ଆକ୍ରମଣ ରାଜ୍ୟର କେତେକ ଅଞ୍ଚଳରେ ଅତ୍ୟଧିକ ହେବାର ସୂଚନା ମିଳୁଛି। ସେପ୍ଟେମ୍ବର ଚତୁର୍ଥ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଓଡ଼ିଶାର ଜଳବାୟୁ ଓ ଧାନ ଫସଲରୁ ମିଳୁଥିବା ଖାଦ୍ୟ ଏହି ପୋକର ବଂଶବୃଦ୍ଧି ପାଇଁ ଅନୁକୂଳ ହୋଇଥିବା ଯୋଗୁ ଆଗାମୀ ଦିନରେ ଏହାର ପ୍ରାଦୁର୍ଭାବ ଯଥେଷ୍ଟ ବଢି ବ୍ୟାପକ କ୍ଷତି ହେବା ଅନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଚାଷୀଙ୍କ ଅବଗତି ନିମନ୍ତେ ଏହି ମାରାତ୍ମକ କୀଟର ସଫଳ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସମନ୍ୱିତ ନିୟନ୍ତ୍ରଣ ପ୍ରଣାଳୀ ବିଷୟରେ ସୂଚିତ କରାଯାଉଛି।

–ବର୍ତ୍ତମାନ ଓଡ଼ିଶାରେ ଅଧିକ ଆକ୍ରମଣାତ୍ମକ ବଂଶଜ, ବହୁଦୂର ଯାତ୍ରା କରିବାର କ୍ଷମତା, ବ୍ୟବହୃତ କୀଟନାଶକ ସହିଷ୍ଣୁ ପୋକଗୋଷ୍ଠୀର ଉପସ୍ଥିତି ରହିଛି ଓ ଅଧିକ ଡେଣାଧାରୀ ପୋକର ଉତ୍ପତ୍ତିର ସୂଚନା ମିଳୁଛି। ସେପ୍ଟେମ୍ବର ଶେଷ ସପ୍ତାହରୁ ନଭେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ଅପେକ୍ଷାକୃତ ପାଣିପାଗ ଓ ଧାନଫସଲରୁ ମିଳୁଥିବା ଖାଦ୍ୟ ଏହାର ପ୍ରଜନନ ଓ ବଂଶବୃଦ୍ଧି ପାଇଁ ଅନୁକୂଳ ।

–ଅଧିକ ଅମଳ ଆଶାରେ ଅଜ୍ଞତାବଶତଃ ଗଛକୁ ଗଛ କମ୍ ଦୂରତାରେ ରୋଇବା, ଅଧିକ ଯବକ୍ଷାରଜାନ ଓ କମ୍ ପଟାସ ସାରର ପ୍ରୟୋଗ ଅଧିକ ଅଣ୍ଡା ଦେଇ ବଂଶବୃଦ୍ଧିର ଆଶଙ୍କା ଓ ଅଧିକ ରସ ଶୋଷଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ସାରିଛି।



**ଆକ୍ରମଣଜନିତ ଲକ୍ଷଣ ଓ ଜୀବନଚକ୍ର:** ଏହା ଏକ ଛୋଟ ଧୂସର, ମାଟିଆ ଓ ବାଦାମୀରଙ୍ଗର କୀଟ, ସାଧାରଣତଃ ଏମାନେ ଧାନକ୍ଷେତର ପାଣି ଉପରକୁ ଥିବା ଧାନଗଛର ମୂଳ ଅଂଶରେ ବହୁସଂଖ୍ୟାରେ ରହନ୍ତି ଓ ରସ ଶୋଷି ଖାଆନ୍ତି। ସାଧାରଣତଃ ଏମାନେ ସ୍ଥିର ନ ରହି ମଝିରେ ମଝିରେ ଡେଇଁଥାନ୍ତି। ପତ୍ରାଚ୍ଛଦର ବାହାର ଅଂଶକୁ ଚିରି ଏହା ମଧ୍ୟରେ ଏମାନେ ଅଣ୍ଡା ଦେଇଥାନ୍ତି। ଏହି କଟା ସ୍ଥାନ ବାଦାମୀରଙ୍ଗର ହୋଇଥାଏ ଓ ଅଣ୍ଡା ଦେବା ସ୍ଥାନକୁ ସୂଚାଏ। ଅଣ୍ଡାରୁ ଅର୍ଭକ (ଛୋଟ ପୋକ) ୭–୧୦ ଦିନ ମଧ୍ୟରେ ବାହାରିଥାନ୍ତି ଓ ରସଶୋଷଣ ଆରମ୍ଭ କରନ୍ତି। ଜୀବନକାଳ ମଧ୍ୟରେ ଏମାନେ ୫ ଥର ଦେହରୁ କାତି ଛାଡି ବଢନ୍ତି ଓ ୧–୫ଟି କ୍ରମବର୍ଦ୍ଧିଷ୍ଣୁ ଜୀବନଚକ୍ର ଅତିବାହିତ କରି ୧୨–୧୩ ଦିନରେ ବୟସ୍କ ପୋକରେ ପରିଣତ ହୁଅନ୍ତି ଓ ଏହାର ୬–୩ ଦିନ ପରେ ମାଈପୋକ ଅଣ୍ଡା ଦେବା ଆରମ୍ଭ କରେ। ଅନୁକୂଳ ବାତାବରଣରେ ପୋକ ସଂଖ୍ୟା କମ୍ ଥାଇ ଅଧିକ ଖାଦ୍ୟ ଥିଲେ ବୟସ୍କ ପୋକଙ୍କ ଡେଣା ନ ଥାଏ। କିନ୍ତୁ ପୋକ ସଂଖ୍ୟା ବଢିଲେ ଅଧିକ ଡେଣା ଥିବା ପୋକ ସୃଷ୍ଟି ହୁଅନ୍ତି ଓ ନୂଆ ଅଞ୍ଚଳକୁ ଉଡିଯାଇ ଫସଲକୁ ଆକ୍ରମଣ କରନ୍ତି। ବହୁସଂଖ୍ୟକ ପୋକ ଏକ ସମୟରେ ଧାନଗଛର ମୂଳ ଭାଗକୁ ଆକ୍ରମଣକରି ରସ ଶୋଷି ନେଇ ଖଣ୍ଡିଆ କରିଦେବା ଯୋଗୁ ଖାଦ୍ୟ ଓ ପାଣି ଉପରି ଭାଗକୁ ଯାଇପାରେନାହିଁ। ତା'ପରେ ଗଛର ପତ୍ର ଆସ୍ତେ ଆସ୍ତେ ହଳଦିଆ ପଡିଯାଏ। ପୁନଶ୍ଚ ପୋକ ସଂଖ୍ୟା ବଢି ଅଧିକ ପରିମାଣରେ ଖାଇବା ଯୋଗୁ ଧାନଗଛ ଶୁଖି ମରିଯାଏ। ଫସଲ କିଆରିରେ ଗଛଗୁଡିକ ଚକଡା ଚକଡା ଧରି ମରିଯିବାରୁ ଓ ସବୁ ଗଛ ଶୁଖିଯିବାରୁ ନିଆଁ ଧାସରେ ଗଛ ପୋଡିଯିବାର ଭ୍ରମ ସୃଷ୍ଟିକରେ ଯାହାକୁ 'ଶସ୍ୟ ପୋଡ଼ା' ବା 'ହୋପର ବର୍ନ' ବୋଲି କୁହାଯାଏ ଓ ଏହି କୀଟକୁ 'ଚକଡ଼ା ପୋକ' କୁହାଯାଏ।

*–ସହଯୋଗୀ ଗବେଷଣା ନିର୍ଦ୍ଦେଶକ, ଆଞ୍ଚଳିକ ଗବେଷଣା ଓ ଜ୍ଞାନକୌଶଳ ସମ୍ପ୍ରସାରଣ କେନ୍ଦ୍ର, ମହିଷାପାଟ, ଢେଙ୍କାନାଳ, ମୋ:୯୪୩୭୨୭୨୦୦୯*

ପ୍ରଥମ ପୃଷ୍ଠାରୁ...

## ୧୦୩ % ଜମିରେ ...

୨୬୩୭୬/୭।୯।୨୦୧୮ରେ ବିଭାଗୀୟ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଦେଇଥିବା ଉତ୍ତରରେ ଏହା କୁହାଯାଇଛି। ବିଧାନସଭାକୁ ଏଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରାଯାଇଛି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାର ୧ ଲକ୍ଷ ୪୫ ହଜାର ଚାଷ ଜମିରୁ ପ୍ରାୟ ୬୫,୯୭୪ ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଏବଂ ପ୍ରାୟ ୩୫ ହଜାର ହେକ୍ଟର ଜମିରେ ରବି ଚାଷ ପାଇଁ ଜଳସେଚିତ ହୋଇଥାଏ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି। ଏଥିରେ ୨୪,୦୫୫ ହେକ୍ଟର ଜମିରେ ବୃହତ ଜଳସେଚନ, ୬୭୨୬ ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ, ୧୪,୦୯୪ ହେକ୍ଟର ଜମିରେ ଉଠା ଜଳସେଚନ, ୧୮ ହଜାର ହେକ୍ଟର ଜମିରେ ବୋରୱେଲ, ୮୦୦ ହେକ୍ଟର ଜମିରେ ଡଗ୍ ୱେଲ ଓ ୨୩୦୦ ହେକ୍ଟର ଜମିରେ ଅନ୍ୟାନ୍ୟ ଉତ୍ସରୁ ଜଳସେଚିତ ହେଉଛି। ବିଧାୟକ ଗଙ୍ଗଦେବଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଯାଇଛି ଯେ, ୨୦୧୪–୧୫ ବର୍ଷରୁ ୨୦୧୭–୧୮ ବର୍ଷ ମଧ୍ୟରେ ଜିଲାରେ ୧୭ ହଜାର ହେକ୍ଟର ଜମିରେ ଅଧିକ ଜଳସେଚନ ହୋଇପାରିଛି। ୨୦୧୪–୧୫ ଆର୍ଥିକ ବର୍ଷ ସୁଦ୍ଧା ଜିଲାରେ ୧ଲକ୍ଷ ୩୪ ହଜାର ହେକ୍ଟର ଜମିରେ ଜଳସେଚିତ ହେଉଥିଲା। ୨୦୧୭–୧୮ ବର୍ଷରେ ଜଳସେଚନ ପରିମାଣ ୧ଲକ୍ଷ ୫୧ ହଜାର ହେକ୍ଟର ଜମିକୁ ବୃଦ୍ଧି ପାଇଛି। ପ୍ରଶ୍ନ କରିଥିବା ବିଧାୟକ ମଧ୍ୟ ଉତ୍ତର ଉପରେ କୌଣସି ଯାଞ୍ଚ ନ କରି ସହଜରେ ଗ୍ରହଣ କରି ନେଇଛନ୍ତି। ରାଜ୍ୟ ସରକାର ୨୦୧୧–୧୨ ଆର୍ଥିକ ବର୍ଷରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିରେ ଯାଜପୁର ଜିଲାର ପ୍ରବାହିତ କେଲୁଅ, ବିରୁପା, ଟଣ୍ଡିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି। ବଡଚଣା ନିର୍ବାଚନ ମଣ୍ଡଳୀର ୨୦୦୦ ହେକ୍ଟର, ବରୀ ନିର୍ବାଚନ ମଣ୍ଡଳୀର ୩,୭୦୦ ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନ ମଣ୍ଡଳୀର ୧୭୦୦ ହେକ୍ଟର ଜମିରେ ଜଳସେଚନର ପ୍ରସ୍ତାବ ରହିଛି। ହେଲେ କେତେକ ସ୍ଥାନରେ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ନଦୀକୂଳରେ ଷ୍ଟ୍ରକ୍ଚର କାର୍ଯ୍ୟ ଅଧାରେ ରହିଛି। ଯୋଜନା ପ୍ରସ୍ତୁତ ହେବାର ୬ବର୍ଷ ବିତିଯାଇଥିଲେ ହେଁ ଇଞ୍ଚେ ଜମିକୁ ମଧ୍ୟ ଜଳଯୋଗାଣ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ-ଚିଫ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ୨୦୧୪–୧୫ ସୁଦ୍ଧା ରାଜ୍ୟରେ ୩୪.୮୬ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଥିଲା। ୨୦୧୭–୧୮ ବର୍ଷର ଶେଷ ସୁଦ୍ଧା ୪୦.୪୭ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସମ୍ଭାବ୍ୟ ସୃଷ୍ଟି ହୋଇପାରିଛି। ଏହି ୪ ବର୍ଷ ମଧ୍ୟରେ ରାଜ୍ୟରେ ୧୬.୦୯ ପ୍ରତିଶତ ଜଳସେଚନ ପରିମାଣ ବୃଦ୍ଧି ହୋଇଛି। ଏଥିପାଇଁ ଏହି ୪ ବର୍ଷରେ ୧୮୯୭୦.୨୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେବା ସହ ରାଜ୍ୟର ସମସ୍ତ ଜିଲାର ଜଳସେଚନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ତଥ୍ୟରେ ତ୍ରୁଟି ରହିଥାଇ ପାରେ। ଜିଲାରେ ସମୁଦାୟ ପ୍ରାୟ ୬୫ ହଜାର ହେକ୍ଟର ଜମିରେ ଜଳସେଚିତ ହେଉଛି।

## ନଭେମ୍ବର ପହିଲାରୁ ...

ଅଭିଯାନ ଜୋରଦାର କରିବା ପାଇଁ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଏମ୍. ମୁରୁଗୁସେନ କହିଛନ୍ତି। ତେବେ ପଲିଥିନ କଟକଣା ଯୋଗୁ ଖୁଚୁରା ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜରିମାନା ଭୟରେ ଖୁଚୁରା ବ୍ୟବସାୟୀମାନେ ପଲିଥିନ ଆଣିବା ବନ୍ଦ କରିଛନ୍ତି। ଯାହା ଗଚ୍ଛିତ ଅଛି ସେଗୁଡିକୁ ଶେଷ କରିବା ପାଇଁ ଜୋରସୋର ଉଦ୍ୟମ ଚଳାଇଛନ୍ତି। ପରିବା ବ୍ୟବସାୟୀ ନରେନ୍ଦ୍ର ନାୟକ କହିଛନ୍ତି, ସରକାର କଟକଣା ଲଗାଇଥିବାରୁ ଆମେ ଆଉ ପଲିଥିନ ଆଣୁ ନାହୁଁ। ଗରାଖମାନେ ଘରୁ ବ୍ୟାଗ ନେଇ ଆସିଲେ କୌଣସି ଅସୁବିଧା ହେବ ନାହିଁ। ପଲିଥିନ ନ ଥିବାରୁ ବ୍ୟବସାୟ ଟିକେ ମାନ୍ଦା ହୋଇଛି। ଅଧିକ ମୋଟାର ପଲିଥିନବ୍ୟାଗ କିଣିଲେ ଆମକୁ ଖର୍ଚ୍ଚାନ୍ତ ହେବାକୁ ପଡିବ। ତେବେ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି। ଗ୍ରାହକମାନେ ପଲିଥିନରେ ବ୍ୟବହାର୍ଯ୍ୟ ସାମଗ୍ରୀ ନେଉଥିବା ଦେଖାଯାଉଛି। ଗ୍ରାହକ ସୁଧାଂଶୁ ସାହୁ କହିଛନ୍ତି, ପଲିଥିନରେ ଜିନିଷ ନେବା ଅଭ୍ୟାସରେ ପରିଣତ ହୋଇଯାଇଛି। ଏଥିପାଇଁ ଆହୁରି ସମୟ ଲାଗିବ। ପଲିଥିନ ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ସମସ୍ତେ କଟକଣାକୁ ମାନିବା ଦରକାର।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି।

## 'ଗରିବଙ୍କ କଥା...

ଏହା ମୋତେ ବହୁତ ଖୁସି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗରିବ ଲୋକଙ୍କ ସେବା ପାଇଁ କେବେ ବି ଟଙ୍କାର ଅଭାବ ରହିବ ନାହିଁ। ଏହା ଆପଣମାନଙ୍କ ଟଙ୍କା। ଓଡ଼ିଶାବାସୀଙ୍କର ଟଙ୍କା। ଆପଣମାନଙ୍କ ପାଇଁ ଖର୍ଚ୍ଚ କରାଯାଉଛି। ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ଦେବି ନାହିଁ। ଗାନ୍ଧୀ ଜୟନ୍ତୀରେ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରିଥିଲେ। ସବୁ ଜିଲାର ହିତାଧିକାରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗାଯୋଗ କରାଯାଇଥିଲା। ବଲାଙ୍ଗୀର ବଙ୍ଗମୁଣ୍ଡା, ସୁନ୍ଦରଗଡ଼ର ରାଜଗାଙ୍ଗପୁର, ମୟୂରଭଞ୍ଜର ଖୁଣ୍ଟା ଓ ବାଲେଶ୍ୱରର ଜଳେଶ୍ୱରରେ ହିତାଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ବଙ୍ଗମୁଣ୍ଡାର ଅନୁଛାୟା କୁମ୍ଭାର, ରାଜଗାଙ୍ଗପୁରର ଇନ୍ଦୁମତି, ଖୁଣ୍ଟାର ମାମା ମୁର୍ମୁ ଏବଂ ଜଳେଶ୍ୱରର ଜଣେ ଭିନ୍ନକ୍ଷମ ଆନନ୍ଦ ମୁଖି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏହି ସୁବିଧା ପାଇଁ ଧନ୍ୟବାଦ ଦେଇଥିଲେ।

ସଚିବାଳୟରେ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଯୋଗ ଦେଇଥିଲେ। ଜିଲାସ୍ତରରେ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାରେ ୧୮ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ୧ ଟଙ୍କାରେ(ପ୍ରତି କିଲୋ) ମୁଣ୍ଡ ପିଛା ୫ କିଲୋ ହିସାବରେ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ୨୦୧୮–୧୯ ଆର୍ଥିକବର୍ଷର ଅତିରିକ୍ତ ବଜେଟରେ ୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଗରିବ ଲୋକମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଅକ୍ଟୋବର ୩ରୁ ୧୦ ତାରିଖ ମଧ୍ୟରେ ବ୍ଲକସ୍ତରରେ ଏସ୍‌ଏଫ୍‌ଏସ୍‌ଏସ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯିବ। ସେଠାରେ ବ୍ଲକ ଓ ଜିଲା ଜନପ୍ରତିନିଧିମାନେ ଉପସ୍ଥିତ ରହି ନୂତନ ରାଶନ କାର୍ଡ ବଣ୍ଟନ କରିବା ସହିତ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲିଖିତ ଚିଠି ମଧ୍ୟ ପ୍ରଦାନ କରିବେ। ସମସ୍ତ କଣ୍ଟ୍ରାକ୍ଟର ଗୋଦାମରୁ ଚାଉଳ ନେଇ ଡିଲର ପଏଣ୍ଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ତାରିଖରୁ ହିତାଧିକାରୀମାନେ ନିଜର ଚାଉଳ ସଂଗ୍ରହ କରିବେ।

## ନେତାଙ୍କ ଜାତିଗତ ...

ଜାତିଗତ ପ୍ରମାଣପତ୍ରକୁ ନେଇ ପ୍ରଶ୍ନ ଉଠିଛି। ବେଆଇନ ଜାତି ପ୍ରମାଣ ଦେଇ ଶିକ୍ଷା, ଚାକିରି, ନିର୍ବାଚନ, ପେନସନ ଆଦି ସୁବିଧା ହାସଲ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ମୋଟ ୭୦୫ ବେଆଇନ ଜାତିଗତ ପ୍ରମାଣପତ୍ର ନେଇ ଅଭିଯୋଗ ଆସିଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନରେ ମୋଟ ୯୪ଟି ଅଭିଯୋଗ ରହିଛି। ସେଥିରୁ କେନ୍ଦ୍ରାପଡା ଜିଲାର ୧୧ଜଣ ଅନୁସୂଚିତ ଜାତି ପ୍ରମାଣ ପତ୍ର ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ଦୀର୍ଘ ଦିନ ଧରି କେଉଟ ଓ କୈବର୍ତ୍ତ ଜାତି ପ୍ରମାଣ ପତ୍ରକୁ ନେଇ ବାଦ ବିବାଦ ଲାଗି ରହିଛି। ଇତିମଧ୍ୟରେ ବହୁ ବେଆଇନ ଜାତି ପ୍ରମାଣପତ୍ରଧାରୀ ସରକାରୀ ଚାକିରିରେ ଅବସ୍ଥାପିତ ହୋଇଥିବା ବେଳେ ତଦନ୍ତ ପରେ ସେମାନଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। କେନ୍ଦ୍ରାପଡ଼ା ଜିଲାରେ ଚଳିତ ବର୍ଷ ଜୁଲାଇ ଶେଷ ସୁଦ୍ଧା ୩ଟି ବେଆଇନ ଜାତି ପ୍ରମାଣ ପତ୍ରର ତଦନ୍ତ କରାଯାଇ ଥିବା ସରକାରୀ ରିପୋର୍ଟରୁ ଜଣାପଡିଛି। କେଉଟ ଜାତିରେ ଥିବା ଚୁଡାକୁଟା ଓ ମାଛଧରା ଅନୁସୂଚିତ ଜାତିରେ ସାମିଲ ହୋଇ ବିଭିନ୍ନ ଯୋଜନାର ସୁଫଳ ନେଉଥିବାରୁ ପ୍ରକୃତ ଅନୁସୂଚିତ ଜାତିର ଲୋକେ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଆଗାମୀ ଦିନରେ ବିରୋଧ କରାଯିବ ବୋଲି ଅନୁସୂଚିତ ଜାତିର ସ୍ଥାନୀୟ ନେତାମାନେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୨ରେ ପ୍ରକାଶିତ ଗେଜେଟ ବିଜ୍ଞପ୍ତି ପରେ ଅନେକ ଜାତିକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ନିର୍ଦ୍ଦିଷ୍ଟ ଭାବେ ଗୁଜରାଟ ଓ ରାଜସ୍ଥାନରେ ଥିବା ବଞ୍ଜାରା ଓ ଦେଓରର ପ୍ରତିଶବ୍ଦ ଭାବେ ଓଡ଼ିଶାରେ ଧୀବର, କେଉଟ, କୈବର୍ତ୍ତକୁ ଅନୁସୂଚିତ ଜାତି ମଧ୍ୟରେ ସାମିଲ କରାଯାଇଥିଲା। ତେବେ ଏହି ଜାତି ସମ୍ପର୍କରେ ତର୍ଜମା ପରେ ପଛୁଆ ବର୍ଗ ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ୧୯୯୯ରେ ସୁପାରିସ କରିଥିଲେ।



୨୦୩୦ ସୁଦ୍ଧା ଅଣ ଜୀବାଶ୍ମ ଇନ୍ଧନରୁ ୪୦% ଶକ୍ତି ଉତ୍ପାଦନ ଲାଗି ଭାରତ ଲକ୍ଷ୍ୟ ରଖିଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ପାର୍ବଣ ଋତୁରେ ବିକ୍ରି ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ କମ୍ପାନୀର କ୍ଷମତା ବୃଦ୍ଧିରେ ସହାୟକ ହେବ।
– କ୍ରିଷ୍ଣା ରାଘବନ, ବରିଷ୍ଠ ଉପସଭାପତି, ଫ୍ଲିପକାର୍ଟ

## ସଂକ୍ଷେପରେ

### ମହଙ୍ଗା ହେବ ଗୃହ ଋଣ



**ମୁମ୍ବାଇ,୨-୧୦:** ରିଜର୍ଭ ବ୍ୟାଙ୍କର ମନିଟାରି ପଲିସି କମିଟି(ଏମ୍‌ପିସି)ର ବୈଠକ ପୂର୍ବରୁ କ୍ରମାଗତ ତୃତୀୟ ଥର ଲାଗି ବ୍ୟାଙ୍କମାନେ ସୁଧ ହାର ବଢ଼ାଇଛନ୍ତି। ଚଳିତ ସପ୍ତାହରେ ଏମ୍‌ପିସି ବୈଠକ ହେବାକୁ ଯାଉଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ), ଆଇସିଆଇସିଆଇ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କମ୍ପାନୀ(ଏଚ୍‌ଡିଏଫସି) ସେମାନଙ୍କ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ ବେସଡ ଲେଣ୍ଡିଂ ରେଟ(ଏମ୍‌ସିଏଲଆର) ଏବଂ ରିଟେଲ ପ୍ରାଇମ ଲେଣ୍ଡିଂ ରେଟ୍‌କୁ ୫ରୁ ୧୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛନ୍ତି। ଅନ୍ୟ ଅର୍ଥରେ ବୁଝିଲେ ସେମାନେ ଗୃହ ଋଣ ମହଙ୍ଗା କରିଛନ୍ତି। ଏସ୍‌ବିଆଇ ଏମ୍‌ସିଏଲଆରରେ ୦.୦୫% ବୃଦ୍ଧି କରିଛି। ଏହା ସୋମବାରରୁ ଲାଗୁ ହୋଇଯାଇଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କ ଏମ୍‌ସିଏଲଆରରେ ୦.୧ ପ୍ରତିଶତ ବୃଦ୍ଧି କରିଛି। ଶନିବାର ପିଏନ୍‌ବି ସ୍ୱଳ୍ପ ମିଆଦୀ ଋଣର ଏମ୍‌ସିଏଲଆର୍‌କୁ ୦.୨% ବଢ଼ାଇଛି। ଅନ୍ୟପକ୍ଷରେ ଏଚ୍‌ଡିଏଫସି ଆର୍‌ପିଏଲ୍‌ଆରକୁ ତତ୍କାଳ ପ୍ରଭାବରେ ୦.୧୦ ପ୍ରତିଶତ ବଢ଼ାଇଛି। ଏହି ନିଷ୍ପତ୍ତି ଯୋଗୁ ଗୃହ ଋଣ ନେଉଥିବା ଗ୍ରାହକଙ୍କୁ ଅଧିକ ଇଏମ୍‌ଆଇ ଦେବାକୁ ପଡିବ।

### ଚଳିତ ଆର୍ଥିକବର୍ଷରେ ଲାଭକୁ ଫେରିବ ପିଏନ୍‌ବି

**ଥିରୁଭାନନ୍ତପୁରମ,୨-୧୦:** ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କାରଣରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର କ୍ଷତି ସହିଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ଲାଭକୁ ଫେରିବ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁନୀଲ ମେହଟ୍ଟା କହିଛନ୍ତି। ତାଙ୍କ ମତରେ ନୀରବ ମୋଦି ମାମଲା ଏବେ ବ୍ୟାଙ୍କ ପାଇଁ ଅତୀତ ହୋଇଗଲାଣି। ଆସନ୍ତା କ୍ୱାର୍ଟରଗୁଡ଼ିକରେ ବ୍ୟାଙ୍କ ଲାଭ କରିବାକୁ ଯାଉଥିବା ନେଇ ଆକାଉଣ୍ଟରେ ଦେଖିବାକୁ ମିଳିବ। କେରଳ ବନ୍ୟା ପୀଡିତଙ୍କୁ ସହାୟତା ବାବଦରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ୫ କୋଟି ଟଙ୍କାର ଏକ ଚେକ୍‌କୁ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ ପ୍ରଦାନ କରିଥିଲେ। ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ଉକ୍ତ ଅର୍ଥ ସଂଗ୍ରହ କରାଯାଇଥିଲା। ସେ କହିଛନ୍ତି ଯେ, ନୀରବ ମୋଦି ଋଣ ଠକେଇ ମାମଲାର ପର୍ଦ୍ଦାଫାଶ ପରେ ବ୍ୟାଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଫଳସ୍ୱରୂପ ବ୍ୟାଙ୍କର ଆର୍ଥିକ ସ୍ଥିତି ଧୀରେ ଧୀରେ ସୁଧୁରୁଛି। ହୋଇଥିବା ବଡ଼ଧରଣର କ୍ଷତି କମାଇବାରେ ବ୍ୟାଙ୍କ ସଫଳ ହୋଇଛି। ଉଲ୍ଲେଖଥାଉ କି, ଚଳିତ ଆର୍ଥିକ ବର୍ଷର ଜୁନ୍ କ୍ୱାର୍ଟରରେ ବ୍ୟାଙ୍କର ୯୪୦ କୋଟି ଟଙ୍କାର କ୍ଷତି ହୋଇଛି। ୨୦୧୭-୧୮ରେ ଏହାର ପରିମାଣ ମାତ୍ର ୩୪୨.୪୦ କୋଟି ଟଙ୍କା ଥିଲା।

### ବର୍ଷକ ଭିତରେ ପ୍ଲାଷ୍ଟିକମୁକ୍ତ ପ୍ରତିଷ୍ଠାନ ହେବ ଏସ୍‌ବିଆଇ: ରଜନୀଶ କୁମାର

**ନୂଆଦିଲ୍ଲୀ,୨-୧୦:** ଆସନ୍ତା ବର୍ଷକ ଭିତରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନିଜକୁ ପ୍ଲାଷ୍ଟିକମୁକ୍ତ ପ୍ରତିଷ୍ଠାନ ଭାବେ ଗଢ଼ିତୋଳିବ ବୋଲି ଗାନ୍ଧୀ ଜୟନ୍ତୀ ଅବସରରେ ଏହାର ଅଧକ୍ଷ ରଜନୀଶ କୁମାର କହିଛନ୍ତି। ସେ କହିଛନ୍ତି ଯେ,ଏସ୍‌ବିଆଇ ନିଜକୁ ପ୍ଲାଷ୍ଟିକମୁକ୍ତ ପ୍ରତିଷ୍ଠାନ ଭାବେ ଗଢ଼ିତୋଳିବା ପାଇଁ ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବ। ପ୍ରତ୍ୟେକ ଅଫିସରେ ପେଟ୍ ବୋତଲ ସ୍ଥାନରେ ପାଣି ଡିସ୍‌ପେନ୍ସର ବ୍ୟବହାର କରାଯିବ। ପ୍ଲାଷ୍ଟିକ ବଦଳରେ ପେପର ଫୋଲ୍ଡରକୁ କାର୍ଯ୍ୟରେ ଲଗାଯିବ। ଖାଦ୍ୟ ଓ ପରିଚ୍ଛନ୍ନତା କ୍ଷେତ୍ରରେ ପ୍ଲାଷ୍ଟିକ ବଦଳରେ ବାୟୋଡିଗ୍ରେଡେବଲ୍ ପଦାର୍ଥ ବ୍ୟବହୃତ ହେବ। ତୈଳର ବ୍ୟବହାର ବନ୍ଦ କରିବା ଲାଗି ବ୍ୟାଙ୍କ ପକ୍ଷରୁ ପ୍ରଥମ କରି ଏକ ଇଲେକ୍ଟ୍ରିକ ଗାଡ଼ି କିଣାଯାଇଛି। ୨୦୩୦ ସୁଦ୍ଧା ବ୍ୟାଙ୍କର ସମସ୍ତ ଗାଡ଼ି ଇଲେକ୍ଟ୍ରି ହୋଇଯିବ ବୋଲି କୁମାର କହିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଯୋଗ ଦେଇ କୁମାର ଉକ୍ତ ମତପୋଷଣ କରିଛନ୍ତି।

## ପୁଣି ଆରମ୍ଭ ହେବ ପୁରୁଣା ବ୍ୟବସ୍ଥା

# ନୂଆ ସିମ୍ ପାଇବାକୁ ଲାଗିଯିବ ୭ ଦିନ

**ନୂଆଦିଲ୍ଲୀ,୨-୧୦**

ନୂଆ ମୋବାଇଲ ଫୋନ୍ ସିମ୍ ପାଇଁ ଆଧାର ଦେବା ଜରୁରୀ ନୁହେଁ ବୋଲି ନିକଟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଣୁ ଆଧାର ନ ଦେଇ ଏବେ ନୂଆ ସିମ୍ ନେବା ସହଜ ହେବନି। ଏଥିପାଇଁ ଅନେକ ଧାଁଦୌଡ଼ କରିବାକୁ ପଡ଼ିବ। ନୂଆ ସିମ୍ ପାଇବାକୁ ହେଲେ ପ୍ରାୟ ଏକ ସପ୍ତାହ ଅପେକ୍ଷା କରିବାକୁ ପଡ଼ିବ। ଏଭଳି ବ୍ୟବସ୍ଥା ଆଧାର ଲାଗୁ ହେବା ପୂର୍ବରୁ ଚାଲିଥିଲା।

ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ଟେଲିକମ କମ୍ପାନୀମାନେ ନୂଆ ସିମ୍ ପାଇଁ ଗ୍ରାହକଙ୍କ ଠାରୁ ଆଧାର ନମ୍ବର ନେଇପାରିବେ ନାହିଁ। ଏହି କାରଣରୁ ଏବେ ନୂଆ ସିମ୍ ପାଇବାର ଅପେକ୍ଷା ପ୍ରାୟ ୨୮ ଗୁଣ ବଢ଼ିଯିବ। ଆଧାର ସହାୟତାରେ କମ୍ପାନୀମାନେ ମାତ୍ର ଅଧ ଘଣ୍ଟାଏରେ ନୂଆ ସିମ୍ ଆକ୍ଟିଭେଟ୍ ଅର୍ଥାତ୍ ଚାଲୁ କରିଦେଉଥିଲେ। ଏହି ୩୦ ମିନିଟ୍ ସମୟ ଭିତରେ ସେମାନେ ଆଧାର ସହାୟତାରେ ଗ୍ରାହକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଯାଞ୍ଚ କରି ନେଉଥିଲେ। କିନ୍ତୁ ଏବେ ଏଥିପାଇଁ ୬ ଦିନ ସମୟ ଲାଗିଯିବ। ବିନା ଆଧାରରେ ଏବେ ଟେଲିକମ କମ୍ପାନୀ ତଥ୍ୟର ଯାଞ୍ଚ ପାଇଁ ୨ରୁ ୩ ଦିନ ସମୟ ନେବେ। କମ୍ପାନୀ ପ୍ରତିନିଧି ଗ୍ରାହକଙ୍କ ଠିକଣାରେ ଯାଇ ତାଙ୍କ ଠାରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରି ଯାଞ୍ଚ କରିବେ। ଗ୍ରାହକଙ୍କ ସ୍ୱାକ୍ଷର ଥିବା ସମସ୍ତ କାଗଜପତ୍ରକୁ ଯାଞ୍ଚ ଲାଗି ସେମାନେ କମ୍ପାନୀକୁ ପଠାଇବେ। କମ୍ପାନୀ ପୁଣି ଫୋନ୍ ମାଧ୍ୟମରେ ତଥ୍ୟର ଯାଞ୍ଚ କରି ସତ୍ୟତା ପରଖିବେ। ଏହା ପରେ ଯାଇ ଗ୍ରାହକଙ୍କ ସିମ୍‌କୁ ଆକ୍ଟିଭ ଅର୍ଥାତ୍ ଚାଲୁ କରାଯିବ। ସୂଚନାଥାଉ କି, ଇ-କେୱାଇସିରେ ଆଧାର ବ୍ୟବହାର ବନ୍ଦ ପାଇଁ ୧୫ ଦିନ ଭିତରେ ଯୋଜନା ସମ୍ପର୍କରେ ଜଣାଇବାକୁ ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ସମସ୍ତ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଣୁ ଟେଲିକମ କମ୍ପାନୀମାନେ ପୁଣି ଥରେ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଯିବାକୁ ବାଧ୍ୟ ହେବେ।

### ଦାଖଲ କରିବାକୁ ପଡ଼ିବ ନୂଆ କେୱାଇସି

କେବଳ ଆଧାର ନମ୍ବର ଦେଇ ମୋବାଇଲ ସିମ୍ ନେଇଥିବା ବ୍ୟକ୍ତିବିଶେଷଙ୍କୁ ନିକଟ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ। ଆଧାର ଡିଲିଙ୍କ୍ ବା ସଂଯୋଗ ବିଚ୍ଛିନ୍ନ ହେଲା ପରେ ଗ୍ରାହକଙ୍କୁ ପୁଣି ଥରେ କେୱାଇସି(ନୋ ଇଓର କଷ୍ଟମର) ଫର୍ମ ପୂରଣ କରିବାକୁ ପଡିପାରେ। ଏଥିପାଇଁ ଟେଲିକମ କମ୍ପାନୀମାନେ କହିପାରନ୍ତି। କାରଣ ଆଧାର ନମ୍ବର ଦେଇ ସିମ୍ ନେଇଥିବା ଗ୍ରାହକ ନିଜର ପରିଚୟ, ଠିକଣା ଆଦି ତଥ୍ୟ ସମ୍ବଳିତ କାଗଜପତ୍ର ଟେଲିକମ କମ୍ପାନୀଙ୍କୁ ଦାଖଲ କରି ନ ଥିଲେ। ଲିଙ୍କ୍ କଟି ଯିବା କ୍ଷେତ୍ରରେ କମ୍ପାନୀମାନେ ଏଣିକି ସମସ୍ତ କାଗଜପତ୍ର ମାଗିବା ଥୟ। ମିଳିଥିବା ସୂଚନାନୁଯାୟୀ ଆଧାର ଡିଲିଙ୍କ୍ ବା ସଂଯୋଗ କାଟିବାକୁ ଚାହୁଁଥିବା ଗ୍ରାହକଙ୍କୁ ଅନ୍ୟ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ଏଥିରେ ଡ୍ରାଇଭିଂ ଲାଇସେନ୍ସ, ପାର୍ସପୋର୍ଟ, ରାଶନ କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସବୁକ୍, ଇଲେକ୍ଟ୍ରି ବିଲ୍ ଆଦି ହୋଇପାରେ। ତେବେ ଏ ସମ୍ପର୍କରେ ଟେଲିକମ୍ କମ୍ପାନୀମାନେ ଖୁବଶୀଘ୍ର ନିଷ୍ପତ୍ତି ନେବେ।



## ୪ବର୍ଷର ସର୍ବୋଚ୍ଚ ସ୍ତରରେ ଅଶୋଧିତ ତେଲ

# ଓପେକ୍ ବିରୋଧରେ ଆଣ୍ଟି ଟ୍ରଷ୍ଟ ବିଲ୍ ଆଣିବ ଆମେରିକା

**ୱାଶିଂଟନ,୨-୧୦**

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ୪ ବର୍ଷର ସର୍ବୋଚ୍ଚ ସୀମା ଛୁଇଁବା ପରେ ଆମେରିକାର ଚେତା ପଶିଛି। ମଙ୍ଗଳବାର ବ୍ରେଣ୍ଟ କ୍ରୁଡ ଦର ବ୍ୟାରେଲ ପିଛା ୮୪.୬୧ ଡଲାର ରହିଛି। ଏହା ୪ ବର୍ଷର ସର୍ବୋଚ୍ଚ ସ୍ତର ୮୫.୪୫ ଡଲାର ଛୁଇଁଥିଲା। ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ପାଦକ ଦେଶ ଓପେକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ଏବେ ଅଣ୍ଟାଭିଡ଼ିଛି। ଓପେକକୁ ଦଣ୍ଡିତ କରିବା ଲାଗି 'ନୋପେକ୍' ନାମରେ ଆମେରିକା ସଂସଦରେ ଏକ ଆଣ୍ଟିଟ୍ରଷ୍ଟ ବିଲ୍ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ବୁଧବାର ୟୁଏସ୍ ସିନେଟ୍ ସବ୍‌କମିଟି ଏହି ନୋପେକ୍ ବିଲ୍ ସମ୍ପର୍କରେ ଶୁଣାଣି କରିବେ। ଆମେରିକା କଂଗ୍ରେସରେ ଏହି ବିଲ୍ ଅନୁମୋଦନ ଲାଭ କଲେ ଓପେକ୍ ଦେଶକୁ ପୂର୍ବରୁ ମିଳୁଥିବା ସୁରକ୍ଷାକୁ ହଟାଇ ଦିଆଯିବ ଏବଂ ଆମେରିକା ସହଜରେ ସେ ଦେଶଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଓପେକ୍ ଦେଶଗୁଡିକ ତେଲ ଓ ଗ୍ୟାସ୍ ଉତ୍ପାଦନ କମାଇଲେ ଏହା ବିରୋଧରେ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଏହି ନୋପେକ୍ ବିଲ୍‌କୁ ଆମେରିକାର ବହୁ ପୂର୍ବତନ ରାଷ୍ଟ୍ରପତି ବିରୋଧ କରିଥିଲେ। କିନ୍ତୁ ବର୍ତ୍ତମାନର ପ୍ରଶାସନ ଏହି ବିଲ୍ ସପକ୍ଷରେ ରହିଛି। କାରଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଉତ୍ପାଦନ କମ୍ ହେଉଥିବା ନେଇ ଓପେକ୍ ଦେଶକୁ ବାରମ୍ବାର ଚେତାଇ ଆସୁଛନ୍ତି ଏବଂ ସମାଲୋଚନ କରୁଛନ୍ତି।

# ବୀମା ବ୍ରୋକିଂ: ୧୦୦% ଏଫଡିଆଇ ପାଇଁ ବିଚାର

**ନୂଆଦିଲ୍ଲୀ,୨-୧୦**

କେନ୍ଦ୍ର ସରକାର ବୀମା ବ୍ରୋକିଂ କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ସରକାରଙ୍କ ଏପରି ପଦକ୍ଷେପ ଦ୍ୱାରା ଏହି କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏଫଡିଆଇ ନୀତିରେ ବୀମା କ୍ଷେତ୍ରରେ ୪୯% ବିଦେଶୀ ନିବେଶକୁ ଅନୁମତି ଦିଆଯାଇଛି। ଉଦ୍ୟୋଗ ନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି)ର ସଂଜ୍ଞା ଅନୁଯାୟୀ ଏଫଡିଆଇ ନୀତିରେ ବୀମା ବ୍ରୋକିଂ, ବୀମା କମ୍ପାନୀ, ତୃତୀୟ ପକ୍ଷ ପ୍ରଶାସକ,ସର୍ଭେୟର ଏବଂ କ୍ଷତି ଆକଳନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି। ବୀମା ବ୍ରୋକିଂକୁ ୧୦୦% ଏଫଡିଆଇ ଲାଗୁ ହୋଇଥିବା ଅନ୍ୟ ମଧ୍ୟସ୍ଥ ସଂସ୍ଥାଙ୍କ ଭଳି ସମାନ ଦୃଷ୍ଟିରେ ଦେଖିବା ଉଚିତ୍ ବୋଲି ବିଭିନ୍ନ ସମୟରେ ଦାବି ହୋଇଆସୁଛି। ନିକଟରେ ଉଚ୍ଚସ୍ତରୀୟ ଆନ୍ତଃ ମନ୍ତ୍ରଣାଳୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ୪ ନିର୍ଦ୍ଦେଶକଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ

**ନୂଆଦିଲ୍ଲୀ,୨-୧୦**

ଋଣରେ ବୁଡ଼ି ରହିଥିବା ଇନଫ୍ରାଷ୍ଟ୍ରକଚର୍ ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ୪ ଜଣ ନିର୍ଦ୍ଦେଶକ ଅବସରପ୍ରାପ୍ତ ରବି ପାର୍ଥସାରଥି, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ପୂର୍ବତନ ଉପାଧ୍ୟକ୍ଷ ହରି ଶଙ୍କରନ, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ପୂର୍ବତନ ଏମ୍‌ଡି ରମେଶ ବାୱା ଏବଂ ଡାଇରେକ୍ଟର କେ.ରାମଚାନ୍ଦଙ୍କ ବିରୋଧରେ କେନ୍ଦ୍ର ସରକାର ବିମାନ ବନ୍ଦରରେ ଲୁକ୍‌ଆଉଟ ନୋଟିସ ଜାରି କରିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ନିଜ ଆବେଦନରେ କେନ୍ଦ୍ର ସରକାର ଦର୍ଶାଇଥିଲେ ଯେ, ଉପରୋକ୍ତ ୪ ଜଣ ନିର୍ଦ୍ଦେଶକ ଦେଶ ଛାଡ଼ି ପଳାଇବାର ସମ୍ଭାବନା ରହିଛି। ସେହି କାରଣରୁ ସରକାର ସେମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରିଛନ୍ତି। ଚିକିତ୍ସା ଲାଗି ପାର୍ଥସାରଥି ଏବେ ଲଣ୍ଡନରେ ଥିବା ବେଳେ ଅନ୍ୟ ୩ ଜଣ ତଦନ୍ତ ଶେଷ ପର୍ଯ୍ୟନ୍ତ ବିଦେଶ ଯାଇପାରିବେ ନାହିଁ।

## ହିରୋ ମୋଟୋକର୍ପର ବିକ୍ରି ରେକର୍ଡ

**ନୂଆଦିଲ୍ଲୀ,୨-୧୦**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଗୋଟିଏ ମାସରେ ରେକର୍ଡ ସଂଖ୍ୟକ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। କମ୍ପାନୀ ୨୦୧୮ ସେପ୍ଟେମ୍ବରରେ ୭.୬୯ ଲକ୍ଷ ଯାନ (ସ୍କୁଟର ଏବଂ ବାଇକ୍) ବିକ୍ରି କରିଥିବା ସୂଚନା ଦେଇଛି। ହିରୋ ମୋଟୋକର୍ପ ୫ମଥର ଲାଗି ଗୋଟିଏ ମାସରେ ୭ ଲକ୍ଷ ୟୁନିଟରୁ ଅଧିକ ଯାନ ବିକ୍ରି କରିଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ଥର ଲାଗି କମ୍ପାନୀ ଏହି ସଫଳତା ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ବିକ୍ରି ୪.୨ ନିୟୁତ ୟୁନିଟ୍ ରହିଛି। ପାର୍ବଣ ସମୟରେ ଭଲ ବିକ୍ରି ନେଇ ଏହା ଆଶାବାଦୀ ରହିଛି। ଏହା ନୂଆ କରି ପ୍ରିମିୟମ ସେଗମେଣ୍ଟରେ ଏକ୍ସଟ୍ରିମ ୨୦୦ ଆର୍ ବାଇକ ବଜାରକୁ ଆଣିଥିବା କମ୍ପାନୀ ପକ୍ଷରୁ ପ୍ରକାଶ।

## ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ପାର୍ବଣ ଅଫର

**ନୂଆଦିଲ୍ଲୀ,୨-୧୦**

ପ୍ରମୁଖ କମ୍ପାନୀ ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ବିଭିନ୍ନ ବର୍ଗରେ ୪୦ ନୂଆ ଉତ୍ପାଦ ବଜାରକୁ ଆସିଛି। ଗୋଦ୍‌ରେଜ୍ ବର୍ତ୍ତମାନ ପ୍ରିମିୟମ୍ ପୋର୍ଟଫୋଲିଓ ଉପରେ ନଜର ରଖିଥିବା ପ୍ରକାଶ କରିଛି। ରେଫ୍ରିଜରେଟର, ୱାଶିଂମେଶିନ, ଚେଷ୍ଟ ଫ୍ରିଜର ଭଳି ଅନ୍ୟ ବର୍ଗରେ ନୂଆ ଉତ୍ପାଦ ଶୃଙ୍ଖଳାକୁ ଏହା ବୃଦ୍ଧି କରିଛି। ସ୍ୱତନ୍ତ୍ର ଅଫର ଦ୍ୱାରା ଗ୍ରାହକମାନେ ୬୦ ଟଙ୍କା ଦେଇ ଗୋଦରେଜ୍ ଆପ୍ଲାଏନ୍ସର ପ୍ରିମିୟମ ଉତ୍ପାଦମାନ ଲାଭ କରିବାକୁ ସକ୍ଷମ ହେବେ। ବଳକା ଅର୍ଥକୁ ଗ୍ରାହକ ବିନା ସୁଧ ଇଏମ୍‌ଆଇ ଭାବେ ପ୍ରଦାନ କରିପାରିବେ। ଅଫର ଅକ୍ଟୋବର ୧ ଠାରୁ ନଭେମ୍ବର ୧୫ ଯାଏ ଚାଲିବ। ପାର୍ବଣ ସମୟରେ କମ୍ପାନୀ ୩୦% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଫ୍ରଷ୍ଟ ଫ୍ରି ଏବଂ ପ୍ରିମିୟମ୍ ଡାଇରେକ୍ଟ କୁଲ୍ କ୍ଷେତ୍ରରେ ଏହା ୩୨ ପ୍ରଡକ୍ଟ ଏବଂ ୱାଶିଂ ମେଶିନ କ୍ଷେତ୍ରରେ ୧୦ ପ୍ରଡକ୍ଟ ବଜାରକୁ ଆଣିଛି। ଗ୍ରାହକ ଆକର୍ଷକ ଫାଇନାନ୍ସ ସୁବିଧା ସହ ୯୯୯ ଟଙ୍କା ଦେଇ ଫ୍ରିଜ, ୱାଶିଂ ମେଶିନ, ମାଇକ୍ରୋୱେଭ୍ ନେଇ ପାରିବେ। ସେହିଭଳି ୨୪୯୯ ଟଙ୍କା ଦେଇ ଏସି, ଚେଷ୍ଟ ଫ୍ରିଜର ପାଇପାରିବେ। ଏହା ସହ ବିଭିନ୍ନ ଆକର୍ଷକ ଉପହାର ଜିତିବାର ସୁଯୋଗ ମଧ୍ୟ ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ। ଆବଶ୍ୟକତା ଆଧାରରେ ସର୍ବୋତ୍ତମ ଉତ୍ପାଦ ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା ଗୋଦରେଜ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ତଥା ଉପସଭାପତି କମଲ ନନ୍ଦୀ ସୂଚନା ଦେଇଚନ୍ତି। ମୂଲ୍ୟ ଯୁକ୍ତ ଉତ୍ପାଦ ଦ୍ୱାରା ଗ୍ରାହକଙ୍କ ଜୀବନରେ ଖୁସି ଆଣିବା ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ସଞ୍ଜୀବ ଜୈନ ସୂଚନା ଦେଇଛନ୍ତି।

## ଟାଟା ଏସ୍ ଗୋଲ୍ଡ ପକ୍ଷରୁ 'ଘର ଲାଓ ଗୋଲ୍ଡ' କଣ୍ଟେଷ୍ଟ

**ଭୁବନେଶ୍ୱର,୨ -୧୦**

ଟାଟା ମୋଟର୍ସ ପକ୍ଷରୁ ଏହାର କ୍ଷୁଦ୍ର ବାଣିଜ୍ୟିକ ଯାନ ଏସ୍ ଗୋଲ୍ଡ ଲାଗି 'ଘର ଲାଓ ଗୋଲ୍ଡ' କଣ୍ଟେଷ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ୫ ଭାଗ୍ୟଶାଳୀ ବିଜେତାଙ୍କୁ ବଲିଉଡ ଷ୍ଟାର ଅକ୍ଷୟ କୁମାରଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳି ପାରିବ। ଏହା ସହ ସେମାନେ ୩.୭୮ ଲକ୍ଷ ଟଙ୍କାର ଟାଟା ଏସ୍ ଗୋଲ୍ଡ କିଣିବାର ସୁଯୋଗ ପାଇପାରିବେ। ସେହିଭଳି ସପ୍ତାହରେ ପ୍ରତିଯୋଗୀ ଅତିରିକ୍ତ ୫ ହଜାର ଟଙ୍କାର ପୁରସ୍କାର ଜିତି ପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀଙ୍କୁ ୫ ସହଜ ପ୍ରଶ୍ନର ଉତ୍ତର ରଖିବାକୁ ପଡିବ। ଏହା ପରେ ସର୍ଟ ଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କୁ ଚୟନ କରାଯିବ। ଟାଟା ମୋଟର୍ସର ଏସ୍‌ଗୋଲ୍ଡ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ବିଶେଷ ଭାବେ ସକ୍ଷମ ହେଉଥିବା କମ୍ପାନୀର ବାଣିଜ୍ୟିକ ଯାନ ବିଜନେଶ ୟୁନିଟ ମାର୍କେଟିଂ ଏବଂ ବ୍ରାଣ୍ଡ କମ୍ୟୁନିକେଶନ ମୁଖ୍ୟ ୟୁ.ଟି. ରାମ ପ୍ରସାଦ ସୂଚନା ଦେଇଛନ୍ତି।

# ନୂତନତ୍ୱ ସହ ସେବା ଯୋଗାଉଛି ପାତ୍ର ଇଲେକ୍‌ଟ୍ରୋନିକ୍ସ



**ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଇଲେକଟ୍ରୋନିକ୍ସ ଆପ୍ଲାଏନ୍ସର ବ୍ୟବହାରରେ ଏବେ ବିଶେଷ ଅଭିବୃଦ୍ଧି ହେଉଥିବା ନଜରକୁ ଆସିଛି। ଗ୍ରାମାଞ୍ଚଳ ବଜାରରେ ଏହି ପ୍ରଡକ୍ଟ ପ୍ରତି ଏବେ ଚାହିଦା ବଢ଼ିଛି। ବଡ ସହର ବାଦ୍ ତୃଣମୂଳ ସ୍ତର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସେଲରଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ରହିଛି। ଇଲେକଟ୍ରୋନିକ୍ସ ସାମଗ୍ରୀ ରିଟେଲିଂ କ୍ଷେତ୍ରରେ ପାତ୍ର ଇଲେକଟ୍ରୋନିକ୍ସ ଏକ ପରିଚିତ ବ୍ରାଣ୍ଡ। ବ୍ୟବସାୟ ଅଭିଜ୍ଞତା ତଥା ବିଭିନ୍ନ ଯୋଜନା ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ କୈଳାସ ପାତ୍ର 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍କାର...**

■ **ଇଲେକ୍‌ଟ୍ରୋନିକ୍ସ ବାଣିଜ୍ୟ ସହ କେମିତି ଯୋଡି ହେଲେ?**

ହ୍ୱାଇଟ୍‌ଗୁଡ ବାଣିଜ୍ୟରେ ପ୍ରବେଶ କରିବା ପୂର୍ବରୁ କଟକର ପିଠାପୁରର ୮୦ ବର୍ଗଫୁଟର ଏକ ଛୋଟ ଦୋକାନ କରିଥିଲି। ଏଠାରେ ଇଲେକଟ୍ରୋନିକ୍ସ ସ୍ପେୟାରପାର୍ଟସ ଉପଲବ୍ଧ ହେଉଥିଲା। ଏହା ପରେ ପରେ ୨୦୦୩ରେ ବାଦାମବାଡିରେ ହ୍ୱାଇଟ୍‌ଗୁଡର ଏକ ଅତ୍ୟାଧୁନିକ ଶୋ'ରୁମ ସ୍ଥାପନ କରିଥିଲୁ। ତା'ପରଠାରୁ ଏ କ୍ଷେତ୍ରରେ ଯାତ୍ରା ଅବ୍ୟାହତ ରହିଛି। ପ୍ରଥମେ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସ ସହ ଯୋଡି ହୋଇଥିଲୁ।

■ **ଜଣେ ସଫଳ ବ୍ୟବସାୟୀ ଭାବେ ସଂଘର୍ଷକୁ କିଭଳି ବିଚାର କରନ୍ତି?**

ବ୍ୟବସାୟକୁ ଛିଡା କରିବାରେ ଅନେକ ସଂଘର୍ଷ କରିବାକୁ ପଡିଛି। ପ୍ରଥମେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ୪୫ ହଜାର ଟଙ୍କା ଋଣ ନେଇ ବାଣିଜ୍ୟ କାରବାର ଆରମ୍ଭ କରିଥିଲି। ଏହାପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ରାସ୍ତା ଅତିକ୍ରମ କରିଛି। ବାଣିଜ୍ୟରେ ଅଭିଜ୍ଞତା ଲାଭ କରିଛି। ପାତ୍ର ଇଲେକଟ୍ରୋନିକ୍ସ ଏବେ ଏକ ପରିଚିତ ବ୍ରାଣ୍ଡ। ଅନେକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଛି। ସଫଳତା ଲାଗି ନିରନ୍ତର କଠିନ ପରିଶ୍ରମ ଲୋଡ଼ା।

■ **ଉନ୍ନତ ଗ୍ରାହକ ସେବାକୁ ନେଇ କ'ଣ ମତ ଦେବେ?**

ଗ୍ରାହକ ସେବାକୁ ମୂଳରୁ ପ୍ରାଥମିକତା ଭାବେ ଗ୍ରହଣ କରିଛୁ। ସେବାରେ ନୂତନତ୍ୱକୁ ଅଗ୍ରାଧିକାର ଦେଇ ଆସୁଛୁ। ହ୍ୱାଇଟଗୁଡ କ୍ଷେତ୍ରରେ ଓଡିଶାରେ ପ୍ରଥମେ ଲାର୍ଜ ସାଇଜ ଶୋ'ରୁମ କନସେପ୍ଟ ନ ଥିଲା। ଏହାକୁ ରାଜ୍ୟରେ ପ୍ରଥମେ ଆରମ୍ଭ କରିଥିଲୁ। ଗ୍ରାହକ ଶୋ'ରୁମ ଆସି ପ୍ରଡକ୍ଟଗୁଡିକୁ କିଭଳି ଭଲ ଭାବେ ଦେଖି ପାରିବେ, ତୁଳନା କରିପାରିବେ ସେ ନେଇ ଡିସପ୍ଲେ ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିଥିଲୁ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇ ଦେଉଛୁ। ଏବେ ୩୫ କମ୍ପାନୀ ସହ ଯୋଡି ହୋଇ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ କରାଉଛୁ। ସେହିଭଳି ନୂଆ କରି ଫର୍ନିଚର ସେଗ୍‌ମେଣ୍ଟରେ ପ୍ରବେଶ କରିଛୁ।

■ **ପାତ୍ର ଇଲେକଟ୍ରୋନିକ୍ସ କାହିଁକି ଭିନ୍ନ?**

ଗ୍ରାହକଙ୍କୁ ବେଷ୍ଟ ପ୍ରାଇସ ପ୍ରଦାନ କରିବା ସହ ପ୍ରତ୍ୟକ୍ଷ ସମ୍ପର୍କରେ ରହୁଛୁ। ୬୦୦ରୁ ଅଧିକ କର୍ମଚାରୀଙ୍କ ଦ୍ୱାରା ସେବା ଯୋଗାଣ ହେଉଛି। ଗ୍ରାହକଙ୍କ ସୁବିଧା ଅସୁବିଧାକୁ ପ୍ରତ୍ୟକ୍ଷ ଭାବେ ବିଚାର କରୁଛୁ। ଏଥିଲାଗି ସେମାନଙ୍କ ଭଲ ପାଇବା ଏବଂ ଆଦୃତି ମିଳିଛି। ଗ୍ରାହକଙ୍କ ବିଶ୍ୱାସ ସହ ଆଗକୁ ବଢୁଛୁ। ଉନ୍ନତ ସର୍ଭିସ ତଥା ଡେଲିଭରି ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସବୁ ବେଳେ ନୂଆ ମାର୍କେଟିଂ କନସେପ୍ଟ ନେଇ ଗ୍ରାହକଙ୍କ ସହ ଯୋଡି ହେବାକୁ ପ୍ରୟାସରତ। ଏହି ଧାରାରେ ପ୍ରଥମେ ବାଲିଯାତ୍ରାରେ ସ୍ୱତନ୍ତ୍ର ଷ୍ଟଲ ଭଳି ପଦକ୍ଷେପ ନେଇଥିଲୁ।

■ **ହ୍ୱାଇଟଗୁଡ୍ କ୍ଷେତ୍ରରେ ବର୍ତ୍ତମାନ ବଡ ବଡ କମ୍ପାନୀ ଲାର୍ଜ ଫର୍ମାଟ୍ ଷ୍ଟୋର ଦ୍ୱାରା ଲାଷ୍ଟମାଇଲ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛନ୍ତି। ଏପରି କ୍ଷେତ୍ରରେ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି?**

ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ବିଭିନ୍ନ କମ୍ପାନୀ ଯୋଜନା ହାତକୁ ନେଉଛନ୍ତି। ଆମେ ଏଦିଗ ପ୍ରତି ସଚେତନ ରହିଛୁ। ଗ୍ରାହକଙ୍କୁ ଆମ ସହ ବାନ୍ଧି ରଖିବା ଲାଗି କାର୍ଯ୍ୟପନ୍ଥା ଗ୍ରହଣ କରୁଛୁ। ଗ୍ରାମାଞ୍ଚଳରେ ଚାହିଦା ଏବେ ଦ୍ରୁତ ଭାବେ ବୃଦ୍ଧି ହେଉଛି। ଏହି ଆଧାରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଶୋ'ରୁମ ମାନ ଖୋଲିଛୁ। ବର୍ତ୍ତମାନ ୧୫ ଶୋ'ରୁମ ଦ୍ୱାରା ସେବା ଯୋଗାଣ ଜାରି ରହିଛି। ଯେଉଁ ସ୍ଥାନରେ ବଜାର ନାହିଁ ସେ ସ୍ଥାନରେ ନୂଆ ବଜାର ସୃଷ୍ଟି କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଟ୍ରେଣ୍ଡକୁ ଅନୁଯାୟୀ ଆଗାମୀ ଦିନରେ ନୂଆ ଶୋ'ରୁମ ଖୋଲିବା ଯୋଜନା ରହିଛି। ବଜାର ଚାହିଦାକୁ ଧ୍ୟାନରେ ରଖି ଏ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

■ **ପାର୍ବଣରେ କିଛି ଅଫର ଆଣିବେ କି?**

ନିଶ୍ଚିତ। ବିଭିନ୍ନ ପ୍ରଡକ୍ଟ ଉପରେ ଉପହାର, ସ୍ୱତନ୍ତ୍ର ଯୋଜନା ଦ୍ୱାରା ବିଭିନ୍ନ କମ୍ପାନୀର ଏଲ୍‌ଇଡି (୪୩ ଇଞ୍ଚରୁ ଉର୍ଦ୍ଧ୍ୱ) କ୍ରୟରେ ୩୦ ହଜାର ଟଙ୍କା ମୂଲ୍ୟର ସୋଫାସେଟ୍, ଏସି କ୍ରୟରେ ୨୨ ହଜାର ଟଙ୍କା ମୂଲ୍ୟର ଡବଲ ବେଡ୍ ମିଳୁଛି। ସେହିଭଳି ଫ୍ରିଜ ସହ ୨୨,୬୨୨ ଟଙ୍କା ମୂଲ୍ୟର ୱାର୍ଡରୋବ, ଦୈନିକ ଲକି ଡ୍ର, ଗିଫ୍ଟ ଭାଉଚର, କ୍ୟାସବ୍ୟାକ୍, ଇଜି ଇଏମ୍‌ଆଇ (ସର୍ବାଧିକ ୩୬ଟି ପର୍ଯ୍ୟନ୍ତ) ଭଳି ଅନ୍ୟ ପଦକ୍ଷେପ ସାମିଲ ରହିଛି। ଏହା ବାଦ୍ ପ୍ରଡକ୍ଟ ଉପରେ ଇନସ୍ୟୁରାନ୍ସ, ଏକ୍ସଟେଣ୍ଡେଡ୍ ୱାରେଣ୍ଟି ମଧ୍ୟ ପ୍ରଦାନ କରାଯାଉଛି।

■ **ଗ୍ରାହକଙ୍କୁ କ'ଣ କହିବେ?**

ଆମେ ପ୍ରତିବର୍ଷ ପାର୍ବଣକୁ ଗ୍ରାହକଙ୍କ ସହ ପାଳନ କରିଥାଉ। ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ଶୁଭେଚ୍ଛା ପ୍ରଦାନ କରୁଛି। ଭଲରେ ପାର୍ବଣକୁ ପରିବାର ସହ ପାଳନ କରନ୍ତୁ। ଲୋକଙ୍କ ଜୀବନରେ ସୁଖ ସମୃଦ୍ଧି ନେଇ ମା'ଙ୍କ ନିକଟରେ ପ୍ରାର୍ଥନା କରୁଛି।

> ଲଗାତର ଭଲ ପ୍ରଦର୍ଶନ ସତ୍ତ୍ୱେ ମୋତେ ଡେଭିସ କପ୍ ଟିମ୍‌ରେ ସ୍ଥାନ ମିଳିଲାନି । ବର୍ଷ ଶେଷ ସୁଦ୍ଧା ଟପ୍ ୬୦ ର୍‍ୟାଙ୍କିଙ୍ଗ ମଧ୍ୟରେ ସ୍ଥାନ ପାଇବା ମୋର ଲକ୍ଷ୍ୟ ରହିଛି ।
> –ଜୀବନ ନେଦୁନଚେଝିୟାନ, ଭାରତୀୟ ଟେନିସ ଖେଳାଳି



> କ୍ରିଷ୍ଟିଆନୋ ରୋନାଲ୍‌ଡୋ ଚାମ୍ପିୟନ୍ସ ଲିଗ୍‌ର ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି ସତ କିନ୍ତୁ ଏହା ତାଙ୍କୁ ପରବର୍ତ୍ତୀ ମ୍ୟାଚ ପାଇଁ ରିଚାର୍ଜ କରାଇବ ।
> –ମାସିମିଲିଆନୋ ଆଲେଗ୍ରି, ଜୁଭେଣ୍ଟସ କୋଚ୍



## ସଂକ୍ଷେପରେ

### ରାଜ୍ୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ୬ରୁ

**କଟକ ଅଫିସ,୨।୧୦:** ରାଜ୍ୟ ତୀରନ୍ଦାଜୀ ଆସୋସିଏଶନ ଓ ଭଦ୍ରକ ଜିଲା ତୀରନ୍ଦାଜୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚଳିତମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ତୀରନ୍ଦାଜୀ ଚାମ୍ପିୟନଶିପ ଭଦ୍ରକର ଓଳାଙ୍ଗ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ୧୮ଟି ୟୁନିଟରୁ ପ୍ରାୟ ୨୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଇଣ୍ଡିଆନ, କମ୍ପାଉଣ୍ଡ, ରିକର୍ଭ ରାଉଣ୍ଡରେ ପ୍ରତିଯୋଗିତା ହେବ । ଉଭୟ ପୁରୁଷ ଓ ମହିଳା ବର୍ଗର ସିନିୟର, ଜୁନିୟର ବିଭାଗରେ ପ୍ରତିଯୋଗିତା ହେବା ସହ ଏଥିରୁ ଆସନ୍ତା ଜାତୀୟ ଚାମ୍ପିୟନଶିପ ନିମନ୍ତେ ରାଜ୍ୟ ଦଳ ବଛାଯିବ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି ।

### ରାଜକୋଟ ଟେଷ୍ଟରୁ କେମର ରୋଚ ବାଦ୍

**ରାଜକୋଟ,୨।୧୦(ପି.ଟି.):** ୱେଷ୍ଟଇଣ୍ଡିଜ୍ ଦଳର ପ୍ରମୁଖ ପେସର କେମର ରୋଚ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ପ୍ରଥମ ତଥା ରାଜକୋଟ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଈଙ୍କ ମୃତ୍ୟୁ ଖବର ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦେବା ପରେ ସେ ସ୍ୱଦେଶ ଫେରିଛନ୍ତି। ସେଠାରୁ ଫେରିବା ପରେ ସେ ଦଳରେ ଯୋଗଦେବେ। ‘‘ପରିବାର ସଦସ୍ୟଙ୍କ ବିୟୋଗ ଘଟିଥିବାରୁ ରୋଚ ଏପର୍ଯ୍ୟନ୍ତ ଫେରି ନାହାନ୍ତି। ସେ ଜଣେ ଅଭିଜ୍ଞ ଓ ଦକ୍ଷ ପେସର। ଦଳ ତାଙ୍କ ଅନୁପସ୍ଥିତି ଅନୁଭବ କରିବ ନିଶ୍ଚିତ। ସେ ପ୍ରଥମ ଟେଷ୍ଟବେଳେ ଦଳରେ ଯୋଗଦେବେ’’ ବୋଲି ଦଳର ମୁଖ୍ୟ କୋଚ୍ ଷ୍ଟୁଆର୍ଟ ଲ କହିଛନ୍ତି। ରୋଚ ଏପର୍ଯ୍ୟନ୍ତ ୪୮ ଟେଷ୍ଟ ଖେଳି ୧୬୩ ଉଇକେଟ ନେଇଛନ୍ତି। ତାଙ୍କ ଅନୁପସ୍ଥିତିରେ ଶାନନ ଗାବ୍ରିଏଲ (୩୭ ଟେଷ୍ଟ), ଜାସନ ହୋଲ୍ଡର (୩୪), କିମୋ ପଲ (୧) ଓ ଶେର୍ମାନ ଲୁଇସ ଦଳର ବୋଲିଂ ବିଭାଗ ସମ୍ଭାଳିବେ। ଏ ସମ୍ପର୍କରେ କୋଚ୍ ଲ କହିଛନ୍ତି, କେମାରଙ୍କ ସ୍ଥାନ ପୂରଣ କରିହେବ ନାହିଁ। କିନ୍ତୁ ଆମ ନିକଟରେ ପଲ ଓ ଲୁଇସଙ୍କ ଭଳି ପ୍ରତିଭାଶାଳୀ ବୋଲର ରହିଛନ୍ତି। ଏମାନଙ୍କ ନିକଟରେ ଅଭିଜ୍ଞତା ନ ଥିଲେ ମଧ୍ୟ ଦକ୍ଷତା ରହିଛି। ବେଳେବେଳେ ପ୍ରତିପକ୍ଷ ଦଳକୁ ଚକିତ କରିବା ଲାଗି ଅଜଣା ବୋଲରଙ୍କୁ ଖେଳାଇବାକୁ ପଡ଼େ।

### ଆର୍ଜେଣ୍ଟିନା ଗଲା ଭାରତୀୟ ହକି ଦଳ

**ନୂଆଦିଲ୍ଲୀ,୨।୧୦(ପି.ଟି.):** ଆର୍ଜେଣ୍ଟିନା ରାଜଧାନୀ ବୁଏନସ୍ ଆରିଜଠାରେ ଚଳିତ ମାସ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଯୁବ ଅଲିମ୍ପିକ ଗେମ୍ସ ଲାଗି ଭାରତୀୟ ପୁରୁଷ ଓ ମହିଳା ହକି ଦଳ ମଙ୍ଗଳବାର ଗସ୍ତ କରିଛନ୍ତି। ପ୍ରଥମ ଥର ଲାଗି ଯୁବ ଅଲିମ୍ପିକ୍ସର ହକି ଇଭେଣ୍ଟରେ ଭାରତୀୟ ଦଳ ଅଂଶଗ୍ରହଣ କରିବାକୁ ଯାଉଛି। ଭାରତୀୟ ମହିଳା ଦଳ ପୁଲ ଏ’ରେ ସ୍ଥାନ ପାଇଥିବାବେଳେ ୭ ତାରିଖରେ ଅଷ୍ଟ୍ରିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ସେହିଭଳି ପୁଲ ବି’ରେ ସ୍ଥାନ ପାଇଥିବା ଭାରତୀୟ ପୁରୁଷ ଦଳ ତା’ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ‘‘ଆମେ ଯୁବ ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି କରି ଆସିଛୁ। ଦଳରେ ସାମିଲ ଥିବା ୯ ଜଣ ଖେଳାଳି ସିନିୟର ୫-ଏ- ସାଇଡ୍ ଟୁର୍ନାମେଣ୍ଟରେ ଖେଳି ସାରିଛନ୍ତି। ଏହା ଆମ ଦଳର ପ୍ରତ୍ୟେକ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ, ଯାହାକି ଆମକୁ ଭଲ ଫଳାଫଳ ପାଇଁ ଦରକାର’’ ବୋଲି ମହିଳା ଦଳର କୋଚ୍ ବଲଜିତ ସିଂ ସାଇନି କହିଛନ୍ତି। ପୁରୁଷ ଦଳର କୋଚ୍ କାରିଆପ୍ପା କହିଛନ୍ତି, ଆମେ କଡ଼ା ଅଭ୍ୟାସ କରିଛୁ। ଏହି ସମ୍ମାନଜନକ ଇଭେଣ୍ଟରେ ଭଲ ଫଳାଫଳ ପାଇଁ ଆଶାବାଦୀ ଅଛୁ। ଟୁର୍ନାମେଣ୍ଟରେ ପ୍ରତ୍ୟେକ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସେମାନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ନିର୍ଭର କରେ। ଏଥିନେଇ ଦଳୀୟ ଖେଳାଳିମାନେ ସଚେତନ ଅଛନ୍ତି।

# ସିଆଇସି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରାଯିବ

**ନୂଆଦିଲ୍ଲୀ, ୨।୧୦(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସୂଚନା ଅଧିକାର ଆଇନ (ଆରଟିଆଇ) ପରିସରଭୁକ୍ତ କରିବାକୁ ସେଣ୍ଟ୍ରାଲ ଇନ୍‌ଫର୍ମେଶନ କମିଶନ (ସିଆଇସି) ନେଇଥିବା ନିଷ୍ପତ୍ତିକୁ ଏବେ ଚ୍ୟାଲେଞ୍ଜ୍ କରାଯିବ। ବିସିସିଆଇର ପଦାଧିକାରୀମାନେ ସିଆଇସିର ଏହି ନିଷ୍ପତ୍ତିକୁ ବିରୋଧ କରି ଆବେଦନ କରିବେ। ଏ ସଂକ୍ରାନ୍ତରେ ଅଧିକାରୀମାନେ କ୍ରିକେଟ ପ୍ରଶାସକ କମିଟି (ସିଓଏ)କୁ ଦାୟୀ କରିଛନ୍ତି। ସିଓଏ ଜାଣିଶୁଣି ଏହି ମାମଲାକୁ ହେୟଜ୍ଞାନ କରିବା ଫଳରେ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ତେଣୁ ସିଓଏର ଭୂମିକା ନେଇ ବୋର୍ଡ ତରଫରୁ ପ୍ରଶ୍ନ କରାଯାଇଛି।

ସିଆଇସିର ଏହି ନିଷ୍ପତ୍ତି ବିସିସିଆଇକୁ ଏକ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍)ରେ ପରିଣତ କରିଛି। ତେବେ ବିସିସିଆଇ ନିଜକୁ ସବୁ ବେଳେ ଏକ ଅଟୋନୋମସ ବା ସ୍ୱୟଂଶାସିତ ସଂସ୍ଥା ରୂପେ ପରିଚୟ ଦେଇଆସିଛି। ଯାହା ଫଳରେ ଆରଟିଆଇ ପରିସର ଭୁକ୍ତ ନ ହେବା ପାଇଁ ଯୁକ୍ତି କରି ଆସିଛି। କିନ୍ତୁ ଏବେ ଯେଉଁ ପରିସ୍ଥିତି ଉପୁଜିଛି ଏଥିପାଇଁ ବିସିସିଆଇ ସିଓଏକୁ ଦାୟୀ କରିଛି।

ଏ ସଂକ୍ରାନ୍ତରେ ସିଓଏ ଜାଣିଶୁଣି ଅବହେଳା କରିଛି ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୁଣି ଆରଟିଆଇ ଆକ୍ଟ ଅନୁସାରେ ବିସିସିଆଇ ସୂଚନା ସଂକ୍ରାନ୍ତୀୟ ଆବେଦନ ପାଇଁ ୧୫ ଦିନ ମଧ୍ୟରେ ପ୍ରଶାସନିକ ବ୍ୟବସ୍ଥାକୁ ଅନଲାଇନ ଓ ଅଫଲାଇନରେ ଉପଲବ୍ଧ କରାଇବାକୁ ସିଆଇସି ନିର୍ଦ୍ଦେଶ ଦେଇଛି।

ଗତ ଜୁଲାଇ ୧୦ ତାରିଖରେ ସିଆଇସିର ଏକ ଶୁଣାଣି ହୋଇଥିଲା। ସେତେବେଳେ ବିସିସିଆଇ କାହିଁକି ଆରଟିଆଇ ପରିସର ଭୁକ୍ତ ହେବ ନାହିଁ ସେ ନେଇ ପ୍ରଶ୍ନ ପଚରାଯାଇଥିଲା। ତେବେ ସେତେବେଳେ ବିସିସିଆଇ ତରଫରୁ କୌଣସି ଉତ୍ତର ଦିଆଯାଇ ନ ଥିଲା। ଏବେ ବିସିସିଆଇ ନିକଟରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ବିନୋଦ ରାଏ, ଡାଏନା ଇଦୁଲଜୀଙ୍କୁ ନେଇ ଗଠିତ ସିଓଏ ବୋର୍ଡର ବେକରେ ଆରଟିଆଇ ନାମକ ଏକ ବିଶାଳକାୟ ପକ୍ଷୀକୁ ବାନ୍ଧିଛି ବୋଲି ବୋର୍ଡର ଜଣେ ଅନ୍ୟ ଅଧିକରୀ କହିଛନ୍ତି।

ବିସିସିଆଇ ଆଂଶିକ ଭାବେ ଆରଟିଆଇ ପରିସରଭୁକ୍ତ ଚାହୁଁଛି ବୋଲି ଆମେ ଶୁଣିବାକୁ ପାଇଛୁ। ତେବେ ଦଳ ଚୟନ ଓ ଅନ୍ୟ ବିଷୟରେ ବୋର୍ଡ ତରଫରୁ କିଛି କୁହାଯାଉନାହିଁ। ପୁଣି ଯଦି ବିସିସିଆଇ ଚ୍ୟାଲେଞ୍ଜ କରେ ତେବେ ସେଥିରୁ କୌଣସି ଫଳ ମିଳିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି।

ବିସିସିଆଇ ଯଦି ଆରଟିଆଇ ପରିସରଭୁକ୍ତ ହେଲେ କିଭଳି ପରିସ୍ଥିତି ଉପୁଜିବ ସେ ନେଇ ଅଧିକାରୀ ଜଣକ କେତୋଟି ପ୍ରଶ୍ନ ପଚାରିଛନ୍ତି।

ଦଳ ଚୟନ ପକ୍ରିୟାରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜମାନଙ୍କ ଭୂମିକା ରହିଥିଲା କି ନା ସେ ନେଇ ପ୍ରଶ୍ନ ଉଠିବ। ପୁଣି ଶେୟାର ହୋଲ୍ଡିଂ ପ୍ୟାଟର୍ନ୍ସ ଓ ଅର୍ଥ ନିବେଶ ନେଇ ମଧ୍ୟ ପ୍ରଶ୍ନ ଉଠିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ପୁଣି କେତେଜଣ ଅଧିକାରୀଙ୍କ ବ୍ୟକ୍ତିଗତ ଆଚରଣ ଓ କର୍ମ କ୍ଷେତ୍ରରେ ମହିଳାଙ୍କୁ ଖରାପ ବ୍ୟବହାର କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠିବ।

ସେହିପରି ଭାରତୀୟ ଦଳର ଜଣେ ଜୁନିୟର କ୍ରିକେଟର ଜଣେ ସିନିୟର କ୍ରିକେଟରଙ୍କ ମ୍ୟାନେଜମେଣ୍ଟ ଫାର୍ମ ସହିତ ସମ୍ପର୍କରେ ଥିଲେ ତାଙ୍କୁ ଦଳରେ ଅଧିକ ଦିନଧରି ସାମିଲ କରାଯିବା ନେଇ ମଧ୍ୟ ପ୍ରଶ୍ନ ଉଠିବ। ସିଇଓ ଏହି ପ୍ରଶ୍ନଗୁଡିକର ଉତ୍ତର ଦେଇ ପାରିବ କି ନା ସେ ନେଇ କିଛି କୁହାଯାଇ ପାରିବ ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅପବ୍ୟବହାର କରାଯାଉଛି ଓ ଏହା ନିହାତି ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଅନ୍ୟପଟେ ବୋର୍ଡରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବାକୁ ସିଓଏ ବଦ୍ଧପରିକର ବୋଲି ବିନୋଦ କହିଛନ୍ତି। ତେବେ ସିଆଇସିର ନିର୍ଦ୍ଦେଶ ନେଇ ବିନୋଦ କିଛି କହିନାହାନ୍ତି। ସିଆଇସିର ନିର୍ଦ୍ଦେଶ ତଥା ରାୟକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରାଯାଉଛି ଓ ଖୁବଶୀଘ୍ର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଓଏ ପକ୍ଷରୁ କୁହାଯାଇଛି।

## ସେମିଫାଇନାଲ୍‌ରେ ସନ୍‌ରାଇଜ, ରୋଭର୍ସ

**କଟକ ଅଫିସ,୨।୧୦**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡିଭିଜନ ଲିଗ୍‌ର ସୁପର ଲିଗ୍ ମୁକାବିଲା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟର ପ୍ରଥମ ଦୁଇଟି ମ୍ୟାଚ୍‌ରେ ସନ୍‌ରାଇଜ୍ କ୍ଲବ ଓ ରୋଭର୍ସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜ କ୍ଲବ ୩–୦ ଗୋଲରେ ସନ୍‌ସାଇନକୁ ହରାଇଥିଲା। ଦଳ ପକ୍ଷରୁ ମହମ୍ମଦ ଫାୟାସ ୨୮ତମ ମିନିଟରେ, ଦୀନେଶ ଲାକ୍ରା ୫୧ତମ ଓ ଗୁରୁପ୍ରୀତ ସିଂ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୧–୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇଥିଲା । ଦଳ ପକ୍ଷରୁ ୩୦ତମ ମିନିଟରେ ଏ. ଗୁପ୍ତା ଏକମାତ୍ର ଗୋଲ ସ୍କୋର କରିଥିଲେ ।



ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟ କ୍ଲାସିକ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଭାଗନେଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ପ୍ରତିଯୋଗୀମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ମଙ୍ଗଳବାର ଉତ୍କଳ କରାଟେ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

## ପିସିବି କ୍ଷତିପୂରଣ ମାମଲା
## ବୟାନ ରଖିଲେ ସଲମନ ଖୁର୍ସିଦ

**ଦୁବାଇ, ୨।୧୦ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧରେ ପାକିସ୍ତାନ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ପିସିବି) ପକ୍ଷରୁ କରାଯାଇଥିବା କ୍ଷତିପୂରଣ ମାମଲାର ଚାଲିଥିବା ଶୁଣାଣିର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଡିସ୍‌ପ୍ୟୁଟ୍ ରିଜୋଲୁଶନ କମିଟି ମାମଲାର ଶୁଣାଣି କରୁଥିବା ବେଳେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସଲମନ ଖୁର୍ସିଦଙ୍କ ଉପସ୍ଥିତି ପିସିବିକୁ ଚକିତ କରିଥିଲା। ଖୁର୍ସିଦ ହେଉଛନ୍ତି ନିଜେ ଜଣେ ଆଇନଜ୍ଞ। ଭାରତ ଓ ପାକିସ୍ତାନ ୨୦୧୫ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବେ ବୋଲି ଉଭୟ ଦେଶର କ୍ରିକେଟ ବୋର୍ଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ପିସିବି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡଠାରୁ ୪୪୭ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛି। ଶୁଣାଣି ବେଳେ ଖୁର୍ସିଦ ଉପା–୨ ସରକାରଙ୍କ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ଯୋଗୁ ଭାରତୀୟ କ୍ରିକେଟ ଦଳକୁ ପାକିସ୍ତାନ ଗସ୍ତ ପାଇଁ ସରକାରୀ ଅନୁମତି ନ ଥିଲା ବୋଲି ସେ ଦର୍ଶାଇଥିଲେ। ସୀମା ଆରପାରିରୁ ଆତଙ୍କବାଦୀ କାର୍ଯ୍ୟକଳାପ ସ୍ଥଗିତ ନ ହେଲା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ କ୍ରିକେଟ ସମ୍ଭବ ନୁହେଁ ବୋଲି ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। ଖୁର୍ସିଦ ୨୦୧୪ ପର୍ଯ୍ୟନ୍ତ କ୍ଷମତାରେ ଥିବା ଉପା–୨ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ।

# ଶୀର୍ଷସ୍ଥାନ ବଜାୟ ଲକ୍ଷ୍ୟରେ ଭାରତ

**ଦୁବାଇ, ୨।୧୦ (ପି.ଟି)**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ୪–୧ ବ୍ୟବଧାନରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ବଜାୟ ରଖିଛି। ଗୁରୁବାରଠାରୁ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଏହି ଘରୋଇ ସିରିଜରେ ଭଲ ପ୍ରଦର୍ଶନ କରି ଭାରତ ତା’ର ନମ୍ବର ୧ ସ୍ଥାନ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଶୀର୍ଷ ସ୍ଥାନ ବଜାୟ ରଖିବାକୁ ହେଲେ ଭାରତ ଏବେ କୌଣସି ପଏଣ୍ଟ ନ ହରାଇବାକୁ ଚେଷ୍ଟା କରିବ।

ଭାରତ ଏବେ ୧୧୫ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଆଗାମୀ ସିରିଜରେ ୱେଷ୍ଟଇଣ୍ଡିଜକୁ ୨–୦ରେ ପରାସ୍ତ କରିପାରିଲେ ଭାରତ ଗୋଟିଏ ପଏଣ୍ଟ ଲାଭ କରିବ। ତେବେ ଯଦି ୨–୦ରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୁଏ ଭାରତର ପଏଣ୍ଟ ସଂଖ୍ୟା ୧୦୮କୁ ଖସିବ। ଏପରି ସ୍ଥଳେ ଅଷ୍ଟ୍ରେଲିଆ ୨–୦ରେ ପାକିସ୍ତାନକୁ ହରାଇଲେ ଭାରତକୁ ହଟାଇ ୧ ନମ୍ବର ସ୍ଥାନ ହାସଲ କରିବ। ସେହିପରି ୨–୦ରେ ୱେଷ୍ଟଇଣ୍ଡିଜ ସିରିଜ ଜିତିଲେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ତା’ର ବ୍ୟବଧାନକୁ କମାଇବାକୁ ସକ୍ଷମ ହେବ। କିନ୍ତୁ ର୍‍ୟାଙ୍କିଙ୍ଗରେ ୱେଷ୍ଟଇଣ୍ଡିଜ୍ ଉନ୍ନତି ନ କରି ପୂର୍ବପରି ଅଷ୍ଟମ ସ୍ଥାନରେ ରହିବ।

ରବିବାରଠାରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପାକିସ୍ତାନ ଆୟୋଜକ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଅବତୀର୍ଣ୍ଣ ହେବ। ଉଭୟ ଦଳ ନିକଟରେ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବାର ସୁଯୋଗ ରହିଛି। ୨–୦ରେ ଅଷ୍ଟ୍ରେଲିଆକୁ ପରାସ୍ତ କଲେ ପାକିସ୍ତାନ ଶ୍ରୀଲଙ୍କାକୁ ହଟାଇ ଷଷ୍ଠ ସ୍ଥାନ ଅଧିକାର କରିବ। ତେବେ ଯଦି ଅଷ୍ଟ୍ରେଲିଆ ୧–୦ରେ ସିରିଜ ଜିତିଲେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିବ।

ଦୁଇଟିଯାକ ଟେଷ୍ଟ ଜିତିଲେ ପାକିସ୍ତାନ ୯୭ ପଏଣ୍ଟ ପାଇ ଡେସିମାଲ ପଏଣ୍ଟରେ ଶ୍ରୀଲଙ୍କା ଆଗରେ ରହିବ। ସେହିପରି ଏବେ ୧୦୬ ପଏଣ୍ଟ ହାସଲ କରିଥିବା ଅଷ୍ଟ୍ରେଲିଆ ସିରିଜ ଜିତିଲେ ଡେସିମାଲ ପଏଣ୍ଟରେ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇବ। ୧–୦ରେ ସିରିଜ ଜିତିଲେ ଅଷ୍ଟ୍ରେଲିଆ ୧୦୭ ଓ ୨–୦ରେ ସିରିଜ ଜିତିଲେ ୧୦୯ ପଏଣ୍ଟ ପାଇ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି କରିବ।

ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କ ଆଗାମୀ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ତାଙ୍କ ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିବେ। ସେ ବାସନ୍ଦ ହୋଇଥିବା ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍‌ଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ଆଗରେ ରହି ୧ ନମ୍ବର ସ୍ଥାନରେ ରହିଛନ୍ତି।

ସେହିପରି ଚେତେଶ୍ୱର ପୂଜାରା ଷଷ୍ଠ ଓ ଲୋକେଶ ରାହୁଲ ୧୯ତମ ସ୍ଥାନରେ ରହି ବ୍ୟାଟିଂ ତାଲିକାରେ ଭାରତୀୟ ହିସାବରେ ଆଗରେ ରହିଛନ୍ତି। ବୋଲିଂ ତାଲିକାରେ ଭାରତୀୟ ସ୍ପିନ୍ ଯୋଡି ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ଚତୁର୍ଥ ଓ ଅଷ୍ଟମ ସ୍ଥାନରେ ରହିଛନ୍ତି। ଘରୋଇ ପରିବେଶରେ ଭଲ ପ୍ରଦର୍ଶନ କରି ଏହି ଦୁଇ ତାରକା ସ୍ପିନର ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛନ୍ତି।

ୱେଷ୍ଟଇଣ୍ଡିଜର କେଗ୍ ବ୍ରାଥୱେଟ ୧୩ତମ ସ୍ଥାନରେ ରହିଛନ୍ତି। ସେହିପରି ଦଳର ୩ ଦ୍ରୁତ ବୋଲର ଶାନନ ଗାବ୍ରିଏଲ ୧୧, ଜାସନ ହୋଲ୍ଡର ୧୩ ଓ କେମର ରୋଚ ୧୯ତମ ସ୍ଥାନରେ ରହି ଶ୍ରେଷ୍ଠ ୨୦ରେ ସାମିଲ ହୋଇଛନ୍ତି। ଭାରତରେ ଭଲ ପ୍ରଦର୍ଶନ କରି ଏମାନେ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଉସ୍‌ମାନ ଖ୍ୱାଜା ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ଅନୁପସ୍ଥିତିରେ ୨୦ତମ ସ୍ଥାନରେ ରହିଛନ୍ତି ଓ ସେ ଦଳର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେହିପରି ବୋଲିଂରେ ମିଚେଲ ଷ୍ଟାର୍କ ଓ ନାଥନ ଲିୟନ ଯଥାକ୍ରମ ୧୪ ଓ ୧୬ ତମ ସ୍ଥାନରେ ଦଳର ଅଗ୍ରଣୀ ବୋଲର ବିବେଚିତ ହୋଇଛନ୍ତି।

ପାକିସ୍ତାନ ଓପନର ଆଝାର ଅଲ୍ଲୀ ଦକ୍ଷିଣ ଆଫ୍ରିକାର ହାସିମ ଅମଲାଙ୍କ ପଛକୁ ରହି ୧୫ତମ ସ୍ଥାନରେ ରହିଛନ୍ତି। ସେହିପରି ଲେଗ ସ୍ପିନର ୟାସିର ଶାହ ୧୮ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ୟାସିର ଏକଦା ବୋଲିଂ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଥିଲେ। ୪ ବର୍ଷ ତଳେ ୟୁଏଇରେ ପାକିସ୍ତାନ ୨–୦ରେ ଅଷ୍ଟ୍ରେଲିଆକୁ ଟେଷ୍ଟ ସିରିଜରେ ହରାଇଥିଲା ଓ ଏହି ସିରିଜରେ ୟାସିର ୧୨ଟି ଉଇକେଟ ହାସଲ କରିଥିଲେ।

## ପାଇଲଟ୍ ହେବା ଲାଗି କ୍ରିକେଟ ଛାଡ଼ିଲେ କାର୍ଟର

**ସେଣ୍ଟ୍ରାଲ,୨।୧୦:** ହଂକଂ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ରିସ କାର୍ଟରଙ୍କ କ୍ୟାରିୟର ଏବେ ଟେକ୍ ଅଫ୍ କରିବାକୁ ଯାଉଛି। କିନ୍ତୁ ଜଣେ କ୍ରିକେଟର ଭାବେ ନୁହେଁ। ୨୧ ବର୍ଷୀୟ ଖେଳାଳି ଏବେ ପାଇଲଟ୍ ହେବାର ଇଚ୍ଛା ପୂରଣ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି। ନିକଟରେ ଶେଷ ହୋଇଥିବା ଏସିଆ କପ୍‌ରେ କାର୍ଟର ହଂକଂ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେ ଅଷ୍ଟ୍ରେଲିଆକୁ ଫେରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଠାରେ ସେ ନିଜ ଫ୍ଲାଇଟ ସ୍କୁଲରେ ଅଧ୍ୟୟନ ଶେଷ କରିପାରିବେ। ସେ ହଂକଂ କ୍ରିକେଟ (ସିଏଚ୍‌କେ) ସହ ଚୁକ୍ତି କରିଥିବା ସତ୍ତ୍ୱେ ଏଭଳି ନିଷ୍ପତ୍ତି ନେଇଛନ୍ତି। କାରଣ ଏଠାରେ କ୍ରିକେଟ ଖେଳିବା ପାଇଁ ସୁଯୋଗ ଖୁବ କମ୍। ମୁଁ ସର୍ବଦା ଜଣେ ପାଇଲଟ୍ ହେବାକୁ ଚାହୁଁଥିଲି। କ୍ରିକେଟ ଲାଗି ପାଠପଢ଼ାକୁ ପଛରେ ରଖିଥିଲି। ମାତ୍ର ଏବେ ଚିନ୍ତା କରୁଛି, ମୁଁ ସର୍ବଦା ଯାହା ଚାହୁଁଛି ତାହାକୁ ଗୁରୁତ୍ୱ ଦେବାର ସମୟ ଆସିଯାଇଛି। ହଂକଂରେ ଅର୍ଥ ଅଭାବରୁ ଜଣେ କ୍ରିକେଟର ହେବା କଷ୍ଟକର। ଏଠାକାର ଲୋକେ କଠିନ ପରିଶ୍ରମ କରି କ୍ରିକେଟ ଖେଳୁଛନ୍ତି। ମାତ୍ର ସେମାନଙ୍କୁ ସମର୍ଥନ ମିଳୁନହିଁ। ହଂକଂରେ ଜନ୍ମିତ କାର୍ଟର ୨୦୧୫ରେ କ୍ୟାରିୟର ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ ସେ ୧୧ ଦିନିକିଆ ଖେଳିଛନ୍ତି। ସେ ଅନ୍ତିମ ଥର ଭାରତ ବିପକ୍ଷ ଏସିଆ କପ୍‌ର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲେ। ‘‘କାର୍ଟରଙ୍କ ଭଳି ଖେଳାଳିଙ୍କୁ ଦଳରେ ରଖିବା ସହଜ ନୁହେଁ। କାରଣ ହଂକଂଠାରେ ରହିବା ଓ ଚଳିବା ବିଶ୍ୱରେ ସବୁଠୁ ମହଙ୍ଗା। ସେହି ହିସାବରେ କ୍ରିକେଟରଙ୍କୁ ଚୁକ୍ତିରେ ଅର୍ଥ ମିଳୁନାହିଁ। ଏଣୁ କ୍ରିକେଟ ଖେଳି କ୍ୟାରିୟର କରିବା କିମ୍ବା ପରିବାର ଚଳାଇବା ସମ୍ଭବ ହେଉନାହିଁ’’ ବୋଲି କୋଚ୍ ସିମନ କୁକ କହିଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**
**ଗଞ୍ଜାମ - ୭୬୧୦୨୦**

ନଂ. ୨୦୮୦ ତା୦୧।୧୦।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ଛତ୍ରପୁର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଛତ୍ରପୁର ଏନ୍.ଏ.ସି. ଅଞ୍ଚଳରେ ଥିବା ରିକାପଲ୍ଲୀ ହାଟ ନିକଟରେ ଥିବା ୧୨ ଗୋଟି ଦୋକାନ ଗୃହ ଏବଂ ଅପରବସ୍‌ଷ୍ଟାଣ୍ଡରେ ଥିବା ୪ ଗୋଟି ଦୋକାନ ଗୃହ ୦୧, ୦୬, ୦୭ ଓ ୦୮ ଏହିପରି ସର୍ବମୋଟ ୧୬ ଗୋଟି ଦୋକାନ ଗୃହକୁ ମାସିକ ଲାଇସେନ୍ସ ଫିଜ୍ ସ୍ୱତ୍ୱରେ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଛତ୍ରପୁର ଅଞ୍ଚଳର ବାସିନ୍ଦା ଏହି କାର୍ଯ୍ୟାଳୟରୁ ଆସନ୍ତା ତା୦୩।୧୦।୨୦୧୮ଠାରୁ ୧୫।୧୦।୨୦୧୮ ପର୍ଯ୍ୟନ୍ତ ୧୦ ଘଣ୍ଟା ଠାରୁ ୫ ଘଣ୍ଟା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ନିର୍ବାହୀ ଅଧିକାରୀଙ୍କ ନାମରେ ଟ.୫୦୦/– ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ଟଙ୍କା ଦାଖଲ କରି ଆବେଦନ ଫର୍ମ ନେଇପାରିବେ। ଉକ୍ତ ଫର୍ମ ଆସନ୍ତା ତା୦୩।୧୦।୨୦୧୮ରିଖଠାରୁ ତା୧୫।୧୦।୨୦୧୮ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଅପରାହ୍ନ ୫ ଘଣ୍ଟା ସମୟ ପର୍ଯ୍ୟନ୍ତ ଦାଖଲ କରିବେ। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ତା୨୦।୧୦।୨୦୧୮ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଆବେଦନପତ୍ରଗୁଡିକୁ ଯାଞ୍ଚ କରାଯିବ। ସମ୍ପୂର୍ଣ୍ଣ ନିୟମାବଳୀ ଓ ସର୍ତ୍ତ କାର୍ଯ୍ୟାଳୟରୁ କ୍ରୟ କରିଥିବା ନିବିଦା ପତ୍ରରେ ଉଲ୍ଲେଖ କରାଯାଇଛି।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର, ଗଞ୍ଜାମ



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287

813-O

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender /16-2018-19/BPR**

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 16-2018-19/BPR | Road Works | 17 Nos. | From Rs. 93.84 lakhs to Rs. 203.57 Lakhs | “B” or “A” Class as applicable | 03 (Three) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/ 16-2018-19/BPR | 05.10.2018 at 10.00 AM | 25.10.2018 upto 3.00 PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0029/1819 *Sd./- J.Beura, Superintending Engineer, R.W.Circle, Berhampur*



**NOTIFIED AREA COUNCIL, TARBHA**
**No. 1441** **Date: 01.10.2018**

**QUOTATION CALL NOTICE**

The Executive Officer, NAC, Tarbha invites Sealed Quotations from the intending Firms/ Manufacturers/ Suppliers for Supply of E-VEHICLE GARBAGE CONTAINER of any Reputed Company make to NAC, Tarbha as per the description below. The quotation should be submitted by Regd. Post/Speed Post/ in person by dated 12.10.2018 upto 1.00 P.M. which will be opened on the same day at 4.00 P.M. in presence of the quotationer or their authorized representative. The quotation must be accompanied with following documents, failing which the quotation shall be rejected out rightly. The rate must be included with all taxes and transportation.

1. Valid PAN Card
2. Valid GST
3. Company Registration Certificate
4. EMD amounting to Rs. 5000/- vide DD/ Banker's Cheque

DESCRIPTION

3 Wheeler E-Vehicles (Battery Running) with 800 KG Capacity Container including 1 Unit Battery and other Accessories complete.

The authority reserves the right to reject any or all the quotations without assigning any reason thereof.

**Sd./- Executive Officer, N.A.C., Tarbha**



ଏମ୍ଏସ୍‌କେ ପ୍ରସାଦଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଜାତୀୟ ଦଳ ମନୋନୟନ ବେଳେ କେଉଁ ମାନଦଣ୍ଡ ଅନୁସରଣ କରୁଛନ୍ତି, ତାହା ବୁଝିବା କଷ୍ଟକର।
–ହରଭଜନ ସିଂ, ସିନିୟର ଅଫ୍ ସ୍ପିନର



ପୃଥ୍ୱୀ ଶ' ରଣଜୀ ଟ୍ରଫିରେ ମୁମ୍ବାଇ ତରଫରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥାନ୍ତି, ଭାରତୀୟ ଦଳ ତାଙ୍କଠାରୁ ସେପରି ପ୍ରଦର୍ଶନ ଆଶା କରୁଛି ।
–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଉପ ଅଧିନାୟକ

## ସଂକ୍ଷେପରେ

### ପାରା ଏସିଆନ ଗେମ୍ସ ବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ



**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି):** ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୦୧୮ ଏସିଆନ ପାରା ଗେମ୍ସ ଚଳିତ ମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଅଂଶଗ୍ରହଣ କରିବେ। ମଙ୍ଗଳବାର ଖେଳାଳି ଭାବେ ପ୍ରମୋଦ ଓ ଟିମ୍ ଅଫିସିଆଲ ଭାବେ ଶିବ ପ୍ରସାଦ ଦାସ ଜାକର୍ତ୍ତା ଯାତ୍ରା କରିଛନ୍ତି। ପ୍ରତିଯୋଗିତାରେ ଭାରତରୁ ମୋଟ ୧୮ ଖେଳାଳି ଓ ୬ ଅଫିସିଆଲ ଭାଗନେବେ। ପୂର୍ବରୁ ହୁଇଲ୍ ଚେୟାର ଫେନ୍‌ସିଂରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୨ ପ୍ରତିଯୋଗୀ ଭି.ରମେଶ ରାଓ ଏବଂ ରାଖାଲ କୁମାର ସେଠୀ ଜାକର୍ତ୍ତା ଯାଇଛନ୍ତି।

### ୟୁଥ୍ ଅଲିମ୍ପିକ୍ସରେ ଭାଗନେବେ ସ୍ନେହା

**ବାରିପଦା ଅଫିସ,୨।୧୦:** ଆର୍ଜେଣ୍ଟିନାରେ ଅକ୍ଟୋବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ୟୁଥ୍ ଅଲିମ୍ପିକ ଗେମ୍ସ ଅନୁଷ୍ଠିତ ହେବ। ଏଥିପାଇଁ ଭାରୋତ୍ତୋଳିକା ସ୍ନେହା ସୋରେନ ମଙ୍ଗଳବାର ନୂଆଦିଲ୍ଲୀରୁ ଆର୍ଜେଣ୍ଟିନା ଅଭିମୁଖେ ଯାତ୍ରା କରିଛନ୍ତି। ସେ ୪୮ କିଗ୍ରା ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସ୍ନେହା ମୟୂରଭଞ୍ଜ ଜିଲା ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମର କୋଚ୍ ପରେଶଚନ୍ଦ୍ର ମହାନ୍ତଙ୍କ ଅଧୀନରେ ଅଭ୍ୟାସ କରୁଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ନାରାୟଣ ସାହୁ, ମୟୂରଭଞ୍ଜ ଜିଲା ଚେୟାରମ୍ୟାନ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସଭାପତି ନବକୁମାର ସାହୁ, ସମ୍ପାଦକ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ସ୍ନେହାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ୧୯ ବର୍ଷରୁ କମ୍ ମୁମ୍ବାଇ ଦଳରେ ଅର୍ଜୁନ

**ମୁମ୍ବାଇ,୨।୧୦:** ଭିନୁ ମଙ୍କଡ଼ ଟ୍ରଫି ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଲାଗି ମଙ୍ଗଳବାର ମୁମ୍ବାଇ ଦଳ ଘୋଷଣା କରାଯାଇଛି। ଏହି ଦଳରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ସ୍ଥାନ ପାଇଛନ୍ତି। ତାଙ୍କୁ ଜୁଲାଇରେ ୧୯ ବର୍ଷରୁ କମ୍ ଜାତୀୟ ଦଳ ପକ୍ଷରୁ ଖେଳିବାକୁ ସୁଯୋଗ ଦିଆଯାଇଥିଲା। ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ୨ ଟେଷ୍ଟ ମ୍ୟାଚ୍‌ରେ ସେ ୩ ଉଇକେଟ ନେଇଥିଲେ।

# ପ୍ରୋ–କବାଡ଼ି: ମନସ୍ୱିନୀ ରେଫରି

**ରସୁଲପୁର,୨।୧୦(ଡି.ଏନ.ଏ.)**

ଯାଜପୁର ଜିଲା କବାଡି ଆସୋସିଏଶନର କ୍ରୀଡାବିତ୍ ତଥା ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ମନସ୍ୱିନୀ ସାହୁ କବାଡି ରେଫରିଭାବେ ଖେଳ ପରିଚାଳନା ଦିଗରେ ପାଦେ ଆଗକୁ ବଢିଛନ୍ତି । ଭାରତରେ ଅନ୍ତର୍ଜାତୀୟ କବାଡି ତାରକାମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ପ୍ରୋ–କବାଡି ପ୍ରତିଯୋଗିତା(ସିନିୟର) ପରିଚାଳନା ପାଇଁ ମନସ୍ୱିନୀଙ୍କୁ ସ୍ୱୀକୃତି ମିଳିଛି। ଚଳିତ ମାସ ୭ତାରିଖରେ ହେବାକୁ ଥିବା ୬ଷ୍ଠ ପ୍ରୋ–କବାଡି ଲିଗ୍ ପରିଚାଳନା ପାଇଁ ସେ ଚେନ୍ନାଇ ଯାତ୍ରା କରିବେ । ଅକ୍ଟୋବର ୪ରେ ଚେନ୍ନାଇରେ ପହଞ୍ଚି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେ ଚେନ୍ନାଇ, ଉତ୍ତରପ୍ରଦେଶ, ଜୟପୁର, ଅହମ୍ମଦାବାଦ, ପୁଣେ, ଦିଲ୍ଲୀ ଆଦି ୬ଟି ସ୍ଥାନରେ ମ୍ୟାଚ୍ ପରିଚାଳନା କରିବେ । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମାନେଜର ଅଭୟ ମହାନ୍ତି, ଶ୍ରାବଣୀ ମହାନ୍ତି, ଓଡିଶା କବାଡି ଆସୋସିଏଶନର ସଂପାଦକ ଅଜୟ ବେହେରା, ଯାଜପୁର ଜିଲା ଆଥେଲେଟିକ୍ ଆସୋସିଏଶନର ସଂପାଦକ ସମ୍ବିତ୍ ମହାନ୍ତି, ଯାଜପୁର କବାଡି ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସହ–ସମ୍ପାଦକ ସମରେନ୍ଦ୍ର ଦାଶ, ବରିଷ୍ଠ ସଦସ୍ୟ ବିଭୁକଲ୍ୟାଣ ଦାସ, ଶାନ୍ତନୁ ମଲିକ, କ୍ରୀଡା ଶିକ୍ଷକ ଅନାଦି ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏଥି ସକାଶେ ଆସୋସିଏଶନ ପକ୍ଷରୁ ମନସ୍ୱିନୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଛି ।



ମଙ୍ଗଳବାର ମନସ୍ୱିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସେପ୍ଟେମ୍ବର ୧୬ ରୁ ୧୮ ପର୍ଯ୍ୟନ୍ତ ମୁମ୍ବାଇଠାରେ ପ୍ରୋ–କବାଡି ରେଫରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଓଡିଶାରୁ ୨ଜଣ ମହିଳା ମନୋନୀତ ହୋଇଥିଲେ । ଯାଜପୁର ଜିଲା ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ପାଳସାହି ଗ୍ରାମର ନାରାୟଣ ସାହୁଙ୍କ ଝିଅ ମନସ୍ୱିନୀ ଏହି ଶିବିରକୁ ମନୋନୀତ ହୋଇଥିଲେ । ପ୍ରଶିକ୍ଷଣ ଶିବିରରେ ତାଙ୍କ ଖେଳ ପରିଚାଳନା ଦକ୍ଷତା ପର୍ଯ୍ୟବେକ୍ଷକଙ୍କୁ ଆକର୍ଷିତ କରିଥିଲା । ଏଥି ପୂର୍ବରୁ ୨୦୧୬ ମସିହାରୁ ସର୍ବଭାରତୀୟ କବାଡି ଫେଡରେଶନ୍ ପକ୍ଷରୁ ଆୟୋଜିତ ଖେଳ ପରିଚାଳନା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେବେଠାରୁ ସେ ବହୁ ସର୍ବଭାରତୀୟ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଖଣ୍ଡିତରଠାରେ ଆୟୋଜିତ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଛଡା ମଧ୍ୟପ୍ରଦେଶ, ରାଇଗଡ, ରାୟପୁର, ଭାଟପରା ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ସର୍ବଭାରତୀୟ କବାଡି ପ୍ରତିଯୋଗିତାର ଖେଳଗୁଡିକୁ ସଫଳତାର ସହ ପରିଚାଳନା କରିବାର ଅନୁଭୂତି ତାଙ୍କ ନିକଟରେ ରହିଛି। ମନସ୍ୱିନୀ ତାଙ୍କର ସଫଳତା ପାଇଁ ଓଡିଶା କବାଡି ଆସୋସିଏଶନ, ଯାଜପୁର କବାଡି ଆସୋସିଏଶନ, ଲିଙ୍କନ ଫାର୍ମାସିଉଟିକାଲ ଭଳି ଅନୁଷ୍ଠାନର ବିଶେଷ ଅବଦାନ ରହିଛି ବୋଲି କହିଛନ୍ତି। ଏହାଛଡା ମା, ବାପାଙ୍କ ଆଶୀର୍ବାଦ, କବାଡି ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା ଓ ପ୍ରଶଂସକଙ୍କ ପ୍ରେରଣା ପାଇ ସେ ସଫଳତା ଅର୍ଜନ କରିଛନ୍ତି ବୋଲି କହିଛନ୍ତି।

# ଟେନିସ୍ ଖେଳାଳିଙ୍କ ଡୋପ୍ ଟେଷ୍ଟ

**ନୂଆଦିଲ୍ଲୀ, ୨।୧୦ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଏହାର ଜାଲକୁ ସଂପ୍ରସାରିତ କରିଛି। ସ୍ଥାନୀୟ ଡେଲ୍‌ଟା କମ୍ପ୍ଲେକ୍ସଠାରେ ଜାତୀୟ ଟେନିସ୍ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଟେନିସ ଖେଳାଳିଙ୍କଠାରୁ ସାମ୍ପଲ ସଂଗ୍ରହ କରିଛି। ସୋମବାର ଅର୍ଜୁନ କାଢେ, ସିଦ୍ଧାନ୍ତ ବନ୍ଥିଆ, ଇସାକ୍ ଇକ୍‌ବାଲ ଏବଂ ପୂର୍ବତନ ୧୪ ବର୍ଷରୁ କମ୍ ଚାମ୍ପିୟନ ଅଜୟ ମଲିକଙ୍କ ସମେତ ୨୦ଜଣ ଖେଳାଳିଙ୍କଠାରୁ ରକ୍ତ ଓ ମୂତ୍ର ସାମ୍ପଲ ସଂଗ୍ରହ କରାଯାଇଛି। କେତେଜଣ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ପୂର୍ବରୁ ଏବଂ ଅନ୍ୟମାନଙ୍କୁ ମ୍ୟାଚ ପରେ ସାମ୍ପଲ ସଂଗ୍ରହ କରାଯାଇଥିଲା ବୋଲି ନାଡା ମୁଖ୍ୟ ନବୀନ ଅଗ୍ରୱାଲ ସୂଚନା ଦେଇଛନ୍ତି। କେବଳ ନ୍ୟାଶନାଲ ଚାମ୍ପିୟନଶିପ୍ ନୁହେଁ ଚଳିତବର୍ଷ ଇଣ୍ଟରନ୍ୟାନାଲ ସର୍କିଟରେ ପ୍ରତିଯୋଗିତା ବାହାରେ ନାଡା ଭାରତର ଟପ୍ ଖେଳାଳିମାନଙ୍କର ଡୋପ୍ ଟେଷ୍ଟ କରାଇଛି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଅଙ୍କିତା ରାଇନା ଏବଂ ଟପ୍ ପୁରୁଷ ସିଙ୍ଗଲ୍ସ ଖେଳାଳି ୟୁକି ଭାମ୍ବ୍ରିଙ୍କ ଅବସ୍ଥିତି ସମ୍ପର୍କରେ ନାଡା ଖୋଜ ଖବର ନେଇଥିଲା। ସେମାନଙ୍କର ଡୋପ୍ ଟେଷ୍ଟ ମଧ୍ୟ କରାଇଥିଲା।

# ସାଇଁଶୋ ଚାମ୍ପିୟନ

**କଣ୍ଟାପଡା, ୨।୧୦ (ଡି.ଏନ୍.ଏ.):** ଗାନ୍ଧୀ ଜୟନ୍ତୀ ଅବସରରେ ବରାହୀପୁର ଗୋପୀନାଥ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ତଣ୍ଡିକଣାର କୃଷକ ବନ୍ଧୁ ଫୁଟବଲ ଟିମକୁ ଟାଇବ୍ରେକର ୬–୫ ଗୋଲରେ ହରାଇ ସାଇଁଶୋ ଫୁଟବଲ ଟିମ ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରରେ ବଜାର ସାହିକୁ ହରାଇ ତଣ୍ଡିକଣା ଫୁଟବଲ ଟିମ ସେମିରେ ପ୍ରବେଶ କରିଥିବାବେଳେ ୨ୟ କ୍ୱାର୍ଟରରେ କୁରାଙ୍ଗକୁ ହରାଇ ବରାହୀପୁର, ୩ୟ କ୍ୱାର୍ଟରରେ ପୁରଣକୁ ହରାଇ ସାଇଁଶୋ ଓ ୪ର୍ଥ କ୍ୱାର୍ଟରରେ ଗବବସ୍ତକୁ ହରାଇ ଗୋବିନ୍ଦପୁର ସେମିରେ ପ୍ରବେଶ କରିଥିଲେ। ପ୍ରଥମ ସେମି ଫାଇନାଲରେ ବରାହୀପୁରକୁ ୪–୩ ଟାଇବ୍ରେକରରେ ହରାଇ ତଣ୍ଡିକଣା ଓ ୨ୟ ସେମିରେ ଗୋବିନ୍ଦପୁରକୁ ୨–୦ ଟାଇବ୍ରେକରରେ ହରାଇ ସାଇଁଶୋ ଫାଇନାଲରେ ପ୍ରବେଶ କରିଥିଲା। ଟୁର୍ନାମେଣ୍ଟକୁ ବ୍ରହ୍ମାନନ୍ଦ ଦାସ, ସଞ୍ଜୀବ ଦାସ ଓ ଚିତ୍ତରଞ୍ଜନ ପ୍ରଧାନ ପରିଚଳନା କରିଥିଲେ। ବିଜୟୀ ଦଳକୁ ୨୦୦୦ ଓ ରନର୍ସ ଅପକୁ ୧୦୦୦ଟଙ୍କା ପୁରସ୍କାର ଦିଆଯାଇଥିଲା।

■ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜ

# ଇଂଲଣ୍ଡକୁ ହରାଇଲା ଭାରତ



ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଟି୨୦ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍।

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଭାରତ–ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୭ ଉଇକେଟରେ ଇଂଲଣ୍ଡକୁ ହରାଇ ୧–୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଏଡ୍ ହୋସେଲ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଓଡ଼ିଶାର ନକୁଳ ନାୟକ ପ୍ରଥମ ବଲ୍‌ରେ ମ୍ୟାଟ୍ଟ ଡିନ୍‌ଙ୍କୁ ଆଉଟ କରି ଭାରତ ପାଇଁ ଚମତ୍କାର ଆରମ୍ଭ କରିଥିଲେ। ମାତ୍ର ଲ୍ୟୁକ ସଗ୍ ଓ ପିଟର ବ୍ଲୁଇଟ ସତର୍କତାର ସହ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ମଧ୍ୟଭାଗରେ ଭାରତୀୟ ବୋଲରମାନେ ରନହାରରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇଥିଲେ ହେଁ ଶେଷ ଭାଗରେ ଜଷ୍ଟିନ ୧୦ ବଲ୍‌ରୁ ୨୨ ରନ କରିବାରୁ ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୦ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ପିଟର ସର୍ବାଧିକ ୪୦ ରନ ସ୍କୋର କରିଥିଲେ। ଭାରତର ଆରମ୍ଭ ବହୁତ ବଢ଼ିଆ ରହିଥିଲା। ସୁନୀଲ ରମେଶ ଓ ନକୁଳ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ବିଜୟକୁ ସହଜ କରି ଦେଇଥିଲେ। ନକୁଳ ୨୭ ରନ କରି ଆଉଟ ହୋଇଥିବାବେଳେ ରମେଶ ୧୦୮ ରନରେ ଅପରାଜିତ ରହିଥିଲେ। ଭାରତ ମାତ୍ର ୧୨.୩ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ସିରିଜର ପରବର୍ତ୍ତୀ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

# ପାରା ଏସିଆନ ଗେମ୍ସ: ଥାଙ୍ଗାଭେଲୁ ଜାତୀୟ ପତାକା ବାହକ

**ନୂଆଦିଲ୍ଲୀ, ୨।୧୦ (ପି.ଟି.):** ଅକ୍ଟୋବର ୬ରୁ ୧୩ ପର୍ଯ୍ୟନ୍ତ ଜାକର୍ତ୍ତାଠାରେ ତୃତୀୟ ପାରା ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଜାତୀୟ ପତାକା ଧରିବା ଲାଗି ମଙ୍ଗଳବାର ରିଓ ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଥାଙ୍ଗାଭେଲୁ ମାରିୟାପ୍ପାନଙ୍କୁ ମନୋନୀତ କରାଯାଇଛି। ଆଥଲେଟ୍, କୋଚ୍, ସହଯୋଗୀ ଷ୍ଟାଫ, ତତ୍ତ୍ୱାବଧାରକ ଏବଂ ଅଫିସିଆଲଙ୍କ ସମେତ ୩୦୨ ଜଣିଆ ଦଳ ଜାକର୍ତ୍ତା ପାରା ଏସିଆନ ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, 'ଏଣ୍ଟ୍ରି ଫି' ପଇଠ କରି ନ ଥିବାରୁ ପ୍ରଥମ ପର୍ଯ୍ୟାୟରେ ସୋମବାର ଜାକର୍ତ୍ତାଠାରେ ପହଞ୍ଚିଥିବା ଭାରତୀୟ ପ୍ରତିନିଧି ଦଳଙ୍କୁ ଗେମ୍ସ ଭିଲେଜ ମଧ୍ୟକୁ ଛଡ଼ା ଯାଇ ନ ଥିଲା। ମାତ୍ର ପରବର୍ତ୍ତୀ କାଳରେ ଏହି ସମସ୍ୟାର ସମାଧାନ ହୋଇଯାଇଛି।






# ପରାଜୟ ସହ ବାଦ୍ ପଡ଼ିଲା ଓଡ଼ିଶା

**କଟକ ଅଫିସ,୨।୧୦**

## ବିଜୟ ହଜାରେ ଟ୍ରଫି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ନୂଆଦିଲ୍ଲୀରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ମଙ୍ଗଳବାର ଛତିଶଗଡ଼ଠାରୁ ଓଡ଼ିଶା ୪୮ରନ୍‌ରେ ପରାସ୍ତ ହେବା ପରେ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଏଲିଟ୍ ଗ୍ରୁପ–ବିରେ ସ୍ଥାନ ପାଇଥିବା ଓଡ଼ିଶା ଏପର୍ଯ୍ୟନ୍ତ ୬ ମ୍ୟାଚ୍ ଖେଳି ୧ ବିଜୟ ଓ ୧ ଡ୍ର ଓ ୪ ପରାଜୟ ସହ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି । ହାତରେ ୨ଟି ମ୍ୟାଚ୍ ବାକି ରହିଛି । ଆସନ୍ତା ୪ରେ ଓଡ଼ିଶା ସୌରାଷ୍ଟ୍ରକୁ ଭେଟିବ । ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଓଡ଼ିଶା ଛତିଶଗଡ଼ ବିପକ୍ଷ ମ୍ୟାଚ୍ ଜିତିବା ଆବଶ୍ୟକ ଥିଲା । ଏହି ଗ୍ରୁପ୍‌ରେ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ ୬ଟି ଲେଖାଏ ମ୍ୟାଚ୍‌ରୁ ଓ ହାଇଦ୍ରାବାଦ ୭ଟି ମ୍ୟାଚ୍‌ରୁ ୧୮ ପଏଣ୍ଟ ଲେଖାଏ ହାସଲ କରି ପଏଣ୍ଟ ଟେବୁଲରେ ଅଗ୍ରଣୀ ରହିଛନ୍ତି ।

ଛତିଶଗଡ଼ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓପନର ରିଷଭ ତିୱାରୀ ଓ ଆଶୁତୋଷ ସିଂ ପ୍ରଥମ ଉଇକେଟ ଭାଗୀଦାରିରେ ୪୭ରନ୍ ଯୋଡ଼ିଥିଲେ । ରିଷଭଙ୍କୁ ୨୫ରନ୍‌ରେ ଗୋବିନ୍ଦ ପୋଦ୍ଦାର ଏଲବିଡବ୍ଲ୍ୟୁ କରି ଦଳ ନିମନ୍ତେ ପ୍ରଥମ ବ୍ରେକଥ୍ରୁ ଦେଇଥିଲେ। ଆଶୁତୋଷଙ୍କ ୩୮ ଓ ଅଧିନାୟକ ହରପ୍ରିତ ସିଂ ଭାଟିଆଙ୍କ ୪୩ରନ ବଳରେ ଦଳ ୧୦୦ରନ୍ ଅତିକ୍ରମ କରିଥିଲା । ଓଡ଼ିଶା ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ଛତିଶଗଡ଼ର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନମାନଙ୍କ ଉଇକେଟ ଦଖଲ କରିବା ଫଳରେ ଦଳ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଅମନଦୀପ ଖାରେ ୨୯, ସୁମିତ ରୁଇକାର ୧୬, ସକିବ ଅହମ୍ମଦ ୩୮ରନ୍ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ଛତିଶଗଡ଼ ସମସ୍ତ ଉଇକେଟ ହରାଇ ୨୧୨ ରନ୍ କରିଥିଲା । ଓଡ଼ିଶା ପକ୍ଷରୁ ଅନୁରାଗ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ପପୁ ରାୟ, ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି । ଜବାବରେ ଓଡ଼ିଶା ୨୩ରନ୍‌ରେ ୨ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ଓପନର ଅନୁରାଗ ଷଡ଼ଙ୍ଗୀ ୨୧ ଓ ଅଧିନାୟକ ଗୋବିନ୍ଦ ୧ରନ୍‌ରେ ଆଉଟ ହୋଇଥିଲେ । ପରେ ଅନ୍ୟତମ ଓପନର ରାଜେଶ ଧୂପର ଓ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ମଧ୍ୟରେ ୬୭ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ସୃଷ୍ଟି ହୋଇଥିଲା । ମାତ୍ର ରାଜେଶ ଓ ବିପ୍ଳବ ଉଭୟ ୩୮ରନ୍ ଲେଖାଏ କରିଥିବା ବେଳେ ପ୍ୟାଭିଲିୟନ ଫେରିଯିବା ପରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ପରେ କ୍ରିଜକୁ ଆସିଥିବା ଶୁଭ୍ରାଂଶୁ ସେନାପତି ୨, ସୁଜିତ ଲେଙ୍କା ୧୬, ଅଭିଷେକ ରାଉତ ୯ରନ୍‌ରେ ଆଉଟ ହୋଇଥିଲେ । ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ପ୍ରୟାସ ସିଂ ୨୫ରନ୍ କରିଥିବା ବେଳେ ଦୀପକ ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ ୩ରନ୍ ଲେଖାଏ ଓ ପପୁ ରାୟ ୬ରନ୍‌ରେ ଆଉଟ ହୋଇଥିଲେ । ଫଳରେ ଓଡ଼ିଶା ୧୬୪ରନ୍‌ରେ ଅଲଆଉଟ ହୋଇଥିଲା । ଛତିଶଗଡ଼ ପକ୍ଷରୁ ପଙ୍କଜ ରାଓ ଓ ଶିବେନ୍ଦ୍ର ସିଂ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ ।

### ଯୋଗଦେଲେ ରୋଶନ, ଆଶୁତୋଷ, ଶୁଭମ

ଚଳିତ ବିଜୟ ହଜାରେ ଟ୍ରଫିର ବଳକା ଦୁଇଟି ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି । ଦଳରେ ରହିଥିବା ପେସ୍ ବୋଲର ଦେବବ୍ରତ ପ୍ରଧାନଙ୍କ ସ୍ଥାନରେ ଆଶୁତୋଷ ଦାସ, ଉଇକେଟ କିପର ସୁଜିତ ଲେଙ୍କାଙ୍କ ସ୍ଥାନରେ ପି.ରୋଶନ କୁମାର ରାଓ ଓ ସ୍ପିନର କ୍ରିଷ୍ଣା ପଲାଇଙ୍କ ସ୍ଥାନରେ ଶୁଭମ ନାୟକଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ସୂଚନା ଦେଇଛନ୍ତି ।


40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ ସରସ୍ୱତୀ ବେଶ



ନାଉଗାଁ,୨।୧୦(ସ୍ୱ.ପ୍ର.): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ପୋସ୍ଥିତ ମା ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ମଙ୍ଗଳବାର ଶାରଦୀୟ ପାର୍ବଣ ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମ ଦିନରେ ମା ସିଦ୍ଧିଦାତ୍ରୀ ସରସ୍ୱତୀ ବେଶରେ ସଜ୍ଜିତ କରାଯାଇଥିଲା। ପ୍ରଥମେ ଦେବୀ ଉତ୍‌ଥାପନ, ସହସ୍ରକୁମ୍ଭାଭିଷେକ, ଚଣ୍ଡୀ ପାଠ ଆଦି କାରାଯିବା ସହିତ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ କରାଯାଇଥିଲା। ମା'ଙ୍କ ଏହି ବେଶ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ସେବକମାନଙ୍କ ଦ୍ୱାରା କରାଯାଇଥିଲା। ଦଶହରା ପର୍ଯ୍ୟନ୍ତ ପ୍ରତ୍ୟେହ ମା'ଙ୍କୁ ବିଭିନ୍ନ ରୁପରେ ସୁସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ନୀତିରେ ପୂଜା କରାଯିବ। ମା'ଙ୍କ ଏହି ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପ୍ରତ୍ୟେହ ମା'ଙ୍କ ପୀଠରେ ହେଉଥିବା ପାର୍ବଣ ଉତ୍ସବକୁ ଗ୍ରାମବାସୀଙ୍କ ସମେତ ଆଶ୍ରମବାସୀ ଓ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ପରିଚାଳନା କରୁଛନ୍ତି।

### ବିଜୁ ଯୁବବାହିନୀର ସଚେତନତା ଯାତ୍ରା

ବିରିଡି,୨।୧୦(ଡି.ଏନ.ଏ.): ବିରିଡ଼ି ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ମଙ୍ଗଳବାର ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବ୍ଲକର ୨୧ ପଞ୍ଚାୟତରେ ନିଶା ନିବାରଣ ପାଇଁ ପଦଯାତ୍ରା କରାଯାଇଥିଲା। ନିଶାଠାରୁ ଦୂରେଇ ରହିବା, ନିଶାଦ୍ୱାରା ହେଉଥିବା ହିଂସାକୁ ରୋକିବା ପାଇଁ ବିଜୁ ଯୁବବାହିନୀର ସଭ୍ୟାସଭ୍ୟ ଶପଥ ନେଇଥିଲେ। ଏଥିସହିତ ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରିଥିଲେ। ପଦଯାତ୍ରା କରିବା ସମୟରେ ଏ ସମ୍ବନ୍ଧୀୟ ପ୍ରଚାରପତ୍ର ବାଣ୍ଟିଥିଲେ। ଯୁବବାହିନୀର ସଂଯୋଜିକା ସୁନୀତା ସାହୁ ପରିଚାଳନା କରିଥିଲେ।

■ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା

# ୧୫ ହଜାର ପରିବାରକୁ ଦିଆଗଲା ରାଶନ କାର୍ଡ



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଓ ଅନ୍ୟମାନେ।

**ଜଗତ୍‌ସିଂହପୁର ଅଫିସ,୨।୧୦**

ରାଜ୍ୟ ସରକାର ନୂଆକରି ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗାନ୍ଧୀ ଜୟନ୍ତୀରୁ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ସେହି ଅନୁଯାୟୀ ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଉତ୍ସବ ଆୟୋଜନ ହୋଇଥିଲା। ଏଥିରେ ଜିଲାର ୧୫,୧୬୬ଟି ପରିବାରର ୫୧,୫୭୯ ଜଣ ହିତାଧିକାରୀଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ରାଶନ କାର୍ଡ ପ୍ରଦାନ କରାଯାଉଥିବା କୁହାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି କୁଳମଣି ସାମଲ, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ଜିଲାପାଳ ଯାମିନୀ ଷଡ଼ଙ୍ଗୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସହକାରୀ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ନିଶା ନିବାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବକମାନେ।

**ତିର୍ତ୍ତୋଲ,୨।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିଶାକୁ ନା ସଚେତନତା ଶୋଭାଯାତ୍ରା ସହ ପଲିଥିନ ବନ୍ଦ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଇବ୍ରିସିଂ ପଞ୍ଚାୟତରେ ଏକ ସଚେତନତା ଶୋଭାଯାତ୍ରା ବିଜୁ ଯୁବ ବାହିନୀ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ବାହାରି ଉତ୍ତରେଶ୍ୱରୀ ପୀଠ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଚେତନତା କାର୍ଯ୍ୟକ୍ରମରେ ନିଶା ମୁକ୍ତ ସମାଜ ଗଠନ ପାଇଁ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ସଭାପତି ଗୌତମ ଦାସ, ସମ୍ପାଦକ ବିଜୟ କୁମାର ଦାସ, ସଂଗ୍ରାମ କେଶରୀ ସ୍ୱାଇଁ, ସୁକାନ୍ତ କୁମାର ଦାସ, ପ୍ରସନ୍ନ ବାରିକ, ବିକ୍ରମ କେଶରୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କନକପୁର ପଞ୍ଚାୟତରେ ବିଜୁ ଯୁବ ବାହିନୀ ତରଫରୁ ସଭାପତି ସିଦ୍ଧାର୍ଥ ଶଙ୍କର ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ତେନ୍ତୁଳିପଦା ପଞ୍ଚାୟତରେ ସଭାପତି ସତ୍ୟପ୍ରକାଶ ଦାସ, ସୁବ୍ରତ ଦାସ, ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ସୁଦର୍ଶନ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।







## ସଂକ୍ଷେପରେ

### ଗୀତା ଆବୃତ୍ତି ପ୍ରତିଯୋଗିତା

**କଳିଙ୍ଗନଗର, ୨।୧୦(ଡି.ଏନ୍.ଏ.):** ଦାନଗଦୀ ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତ ବାରାଖାଇ ପଲ୍ଲିଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନ ମିଶନର ସ୍ୱାମୀ ବିଶ୍ୱରୁପାନନ୍ଦ ଗିରି ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ପଣ୍ଡା ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ କହିଥିଲେ। ପ୍ରଜ୍ଞାନ ମିଶନ୍ ପକ୍ଷରୁ ପ୍ରହ୍ଲାଦ ମୁଦୁଲି, ପ୍ରମୋଦ କୁମାର ବାରିକ, ମାୟାଧର ରଥ, ସ୍ଥାନୀୟ ସଂଯୋଜକ ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ବିଚାରକଭାବେ ବିଷ୍ଣୁଚରଣ ସାହୁ, ରବୀନ୍ଦ୍ର କୁମାର ପତି, ପ୍ରମୋଦ କୁମାର ବରାଳ, ଗୋପିନାଥ ପଣ୍ଡା, ଉପେନ୍ଦ୍ର କୁମାର ପଣ୍ଡା ଓ ବିଷ୍ଣୁ ନାରାୟଣ ସାମଲ ପ୍ରମୁଖ ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ କୃତିତ୍ୱଲାଭ କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବୟସ୍କ ଦିବସ ପାଳିତ

**ଧର୍ମଶାଳା, ୨।୧୦(ଡି.ଏନ୍.ଏ.):** ଧର୍ମଶାଳା ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ କୁମାରୀ, ଶୈଳବିହାରୀ ଗଣେଶ ମଣ୍ଡପ ପରିସରରେ ଇଞ୍ଜିନିୟର ବେଣୁଧର ଦାଶଙ୍କ ସଭାପତିତ୍ୱରେ ମଙ୍ଗଳବାର ବୟସ୍କ ଦିବସ ପାଳିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଓ ଶିଶୁସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲା ଆବାହକ ରୁଦ୍ରନାରାୟଣ ପୃଷ୍ଟି ଓ ସମ୍ମାନିତ ବକ୍ତାଭାବେ ଉପେନ୍ଦ୍ର ଶାରଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରାମଚନ୍ଦ୍ର ସାହୁ ଯୋଗଦେଇଥିଲେ। ଗୋପୀନାଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

### ଯାଜପୁରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଶୁଭାରମ୍ଭ

# ୨୫,୮୬୩ ଜଣ ପାଇବେ ଖାଉଟି କାର୍ଡ

**ଯାଜପୁର ଅଫିସ,୨।୧୦**



ଅତିଥିମାନେ ଖାଉଟିକାର୍ଡ ଶୁଭାରମ୍ଭ କରୁଛନ୍ତି ।

ରାଜ୍ୟରେ କେହି ଅନାହାରରେ ରହିବେ ନାହିଁ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିଁ ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ହେବା ସହ କ୍ଷୁଧାରୁ ମୁକ୍ତି ଦେଇପାରିବ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ରାଜ୍ୟଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ ହୋଇଥିଲା। ଏଥିରେ ମନ୍ତ୍ରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାର ସମସ୍ତ ଗରିବ ପରିବାର ଏହି ଯୋଜନାରେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଥିଲେ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପରିବାରକୁ କିଲୋ ପ୍ରତି ୧ଟଙ୍କା ମୂଲ୍ୟରେ ମୁଣ୍ଡ ପିଛା ୫ କି.ଗ୍ରା. ଚାଉଳ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଯୋଗ୍ୟ ହିତାଧିକାରୀ ଯେପରି କେହି ଏଥିରୁ ବଞ୍ଚିତ ନ ହୁଅନ୍ତି ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସରକାର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଲୋକସଭା ଏମ୍‌ପି ରୀତା ତରାଇ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଦେବାଶିଷ ନାୟକ, ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭାପତି ନରେଶଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟଖାଦ୍ୟ ସୁରକ୍ଷା ଯୋଜନାର ଆଭିମୁଖ୍ୟ, ଉପଯୋଗିତା ଓ ସାଧାରଣ ଲୋକଙ୍କୁ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଏହି ଲୋକହିତକର ତଥା ଐତିହାସିକ ଯୋଜନାର ଶୁଭାରମ୍ଭ ସମୟରେ ଜିଲା ହେଡକ୍ୱାଟର ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ନ ଥିଲେ । ଏ ନେଇ ହିତାଧିକାରୀ ତଥା ଜନସାଧାରଣଙ୍କ ମଧ୍ୟରେ ସାମାନ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧକ୍ଷତା କରିବା ସହ ଏହି ଯୋଜନାରେ ଜିଲାର ୨୫ହଜାର ୮୬୩ ଜଣଙ୍କୁ ଖାଉଟି କାର୍ଡ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି କାର୍ଡ ବଣ୍ଟନ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ବ୍ଲକର ହିତାଧିକାରୀଙ୍କୁ ଅକ୍ଟୋବର ୩ରୁ ୧୦ତାରିଖ ମଧ୍ୟରେ ବଣ୍ଟନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଯାଜପୁର ବିଡିଓ ସୌରଭଚକ୍ରବର୍ତ୍ତି, ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଓସୱାନ୍‌ହଲଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭିଡିଓ କନଫରେନ୍ସ ମାଧ୍ୟମରେ କରାଯାଇଥିଲା ।

# ସ୍ୱଚ୍ଛତା ପାଇଁ ଗଣଦୌଡ଼

**କାଳିଆପାଣି, ୨।୧୦(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟକରୁଥିବା ଇମ୍ଫା କମ୍ପାନୀ ପକ୍ଷରୁ ସ୍ୱଚ୍ଛତା ପାଇଁ ଗଣଦୌଡ଼ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଟାହାଟ ପଡ଼ିଆଠାରୁ ସକାଳ ୮ରୁ ଆରମ୍ଭ ହୋଇ ଟାଟାବଜାର ମୁଖ୍ୟ ରାସ୍ତାଦେଇ ଇମ୍ଫା କମ୍ପାନୀ ମୁଖ୍ୟ ଦ୍ୱାରରେ ପହଞ୍ଚିଥିଲା। ଏହି ମାରାଥନ ଦୌଡ଼ରେ ସ୍ଥାନୀୟ ଅଞ୍ଚଳର ୪ ଶହରୁ ଊର୍ଦ୍ଧ୍ୱ ଯୁବପିଢ଼ୀ ଯୋଗଦେଇଥିଲେ। କମ୍ପାନୀ ଉପସଭାପତି ସୁଧାଂଶୁ ପାଢ଼ୀ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । କମ୍ପାନୀ କାର୍ଯ୍ୟାଳୟରେ ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମଜଦୁର ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ତଥା ବିଜୁ ମହିଳା ରାଜ୍ୟ ଉପସଭାପତି ଭଗବତି ମହାନ୍ତ, ସରପଞ୍ଚ କଳ୍ପନା ଜେନା, ବିଶ୍ୱଜିତ ମହାନ୍ତି, ସମିତି ସଭ୍ୟା ସଙ୍ଗିତା ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛତା ଉପରେ ମତ ରଖିଥିଲେ। ଗଣଦୌଡ଼ରେ ପ୍ରଥମସ୍ଥାନ ଗ୍ରହଣ କରିଥିବା ସୁମିତ କୁମାର ବାଗଙ୍କୁ ଆର୍ଥିକ ପୁରସ୍କାର ୧୦ ହଜାର, ଦ୍ୱିତୀୟ ସ୍ଥାନ ଜୟପାଲ ମୁଣ୍ଡାଙ୍କୁ ୫ ହଜାର, ତୃତୀୟ ସ୍ଥାନ ପାଇଁ ସୂର୍ଯ୍ୟମଣି ସାହୁଙ୍କୁ ୨ ହଜାର ୫୦୦ ଟଙ୍କା ଇମ୍ଫା କମ୍ପାନୀ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନ ଗ୍ରହଣ କରିଥିବା ଦୁଃଖବନ୍ଧୁ ମାଝୀ, ଭଗବାନ ମାଝୀ, ଦୁର୍ଗାମୁଣ୍ଡାଙ୍କୁ କାଳିଆପାଣି ଥାନା ଓ କାଳିଆପାଣି ସରପଞ୍ଚଙ୍କ ପକ୍ଷରୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଛି। ଇମ୍ଫା କମ୍ପାନୀ ବରିଷ୍ଠ ଲୋକ ସମ୍ପର୍କ ପରିଚାଳକ ଜନମୋହନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କମ୍ପାନୀ ପକ୍ଷରୁ ଲୋକ ସମ୍ପର୍କ ଅଧିକାରୀ ମିଲନ ରଞ୍ଜନ କର, ମନୀଷା ମହାନ୍ତି, ଶୁଭାଶିଷ ପଟ୍ଟନାୟକ, ଅଂଶୁମାନ ମହାପାତ୍ର, ସନ୍ଦିପ ମିଶ୍ର, ଜ୍ୟୋତି ମହାରାଣ, ଦେବାଶିଷ ସାମଲ, ଧୀରଜ ପାଣ୍ଡେ, ଅଭୟ ପାଣ୍ଡେ, ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ବହୁ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଇମ୍ଫା କମ୍ପାନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଆମ ପୋଲିସ, ରୋଟାରୀ କ୍ଲବ ପକ୍ଷରୁ ସଫେଇ

**ଧର୍ମଶାଳା, ୨।୧୦(ଡି.ଏନ୍.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ଧର୍ମଶାଳା ଥାନା ଆମ ପୋଲିସ ଓ ଜାରକା ରୋଟାରୀ କ୍ଲବ ପକ୍ଷରୁ ମଙ୍ଗଳବାର ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସର ଓ ଡ୍ରେନ୍ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଜାରକା ରୋଟାରୀ କ୍ଲବ ପକ୍ଷରୁ ସଭାପତି ପ୍ରଦୀପ ବରାଳ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ବିନୋଦ ପରିଡ଼ା, ମାଧୁରୀ ଶତପଥୀ, ମିନତୀ ସାହୁ, ଯୁବ କଂଗ୍ରେସ ସଭାପତି ସଞ୍ଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଝାଡେଶ୍ୱର କଲେଜରେ ଗାନ୍ଧୀ ଜୟନ୍ତୀ

**କଳିଙ୍ଗନଗର, ୨।୧୦(ଡି.ଏନ୍.ଏ.)**

ଦାନଗଦି ବ୍ଲକ ଅନ୍ତଗତ ଟୋଲକାନି ଝାଡେଶ୍ୱର ମହାବିଦ୍ୟାଳୟରେ ମଙ୍ଗଳବାର ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଏକ ଶୋଭା ଯାତ୍ରାରେ ରାମଧୁନ ଗାଇ ବିଭିନ୍ନ ଗ୍ରାମ ବୁଲିଥିଲେ । କଲେଜ ପରିଷରରେ ଯୁଗଳ କିଶୋର ହୋତାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର କରାଯାଇଥିଲା ।





ଯେଉଁମାନଙ୍କର ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ନାହିଁ, ସେମାନେ ଦିନେ ନା ଦିନେ ଭିକ୍ଷୁକ ପାଲଟିଯିବେ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ସଂକ୍ଷେପରେ

### ନଦୀରେ ବୁଡି ବୃଦ୍ଧ ମୃତ

ରସୁଲପୁର,୨।୧୦(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ କାନପୁର ଗ୍ରାମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୃଦ୍ଧ ସେକ୍ ଭିକା(୭୫) ନଦୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ବୃଦ୍ଧ ଜଣକ ସୋମବାର ସନ୍ଧ୍ୟାରେ ଶୌଚ ହେବା ପାଇଁ ଖରସ୍ରୋତା ନଦୀକୁ ଯାଇଥିଲେ । ନଦୀରେ ଗୋଡ ଖସିଯିବାରୁ ସେ ବୁଡି ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଯାଇଥିଲା। ମଙ୍ଗଳବାର ସକାଳେ ଶ୍ରୀବନ୍ତପୁର ନିକଟରେ ନଦୀକୂଳରେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କ ମୃତଦେହ ପାଣିରୁ ଉଦ୍ଧାର କରି କବର ଦେଇଥିଲେ ।

### ନୂତନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିରଜାକ୍ଷେତ୍ର,୨।୧୦(ଡି.ଏନ୍.ଏ): ଯାଜପୁରର ନୂତନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଟାଉନ-ଷଠିପୁର ରାସ୍ତାର ସୁନ୍ଦରପୁରରେ ୨କୋଟି ୯୮ ଟଙ୍କା ବ୍ୟୟରେ ହୋଇଥିବା ୩ମହଲା ବିଶିଷ୍ଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଏମ୍‌ପି ରୀତା ତରାଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଯାଜପୁର ବ୍ଲକ ଅଧକ୍ଷ ପ୍ରଦୀପ ନାୟକ, ଜିଲାପାଳ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ତହସିଲଦାର ସୁନୀଲ କୁମାର ମେହେର, ଏମ୍‌ଭିଆଇ ବସନ୍ତ କୁମାର ସେନାପତି, ଆରଟିଓ ଇନ୍ଦ୍ରମଣି ନାୟକ, ଆସିଷ୍ଟାଣ୍ଟ ଆରଟିଓ ସଚ୍ଚିଦାନନ୍ଦ ପଣ୍ଡା, ଯାଜପୁର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର, ଚଇନପୁର ସରପଞ୍ଚ ମୋତି ଜେନା, ମାଳଆନନ୍ଦପୁର ସମିତି ସଭ୍ୟ ରାଜକିଶୋର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ରୋଗୀ ସାଜି ଅଭିନବ ଉପାୟରେ ଟଙ୍କା ଆଦାୟ

ଯାଜପୁର ଅଫିସ,୨।୧୦: ଜଣେ ଠକ ଅଭିନବ ଉପାୟରେ ହାଇଡ୍ରୋସ ରୋଗରେ ପୀଡ଼ିତ ଥିବା ଦର୍ଶାଇ ଅପରେସନ ପାଇଁ ଟଙ୍କା ଆଦାୟ କରି ଶେଷରେ ଧରା ପଡିଥିବା ଭଳି ଏକ ଘଟଣା ବ୍ୟାସନଗର ସହରରେ ଦେଖିବାକୁ ମିଳିଛି। ସୂଚନା ଯେ, ଗତ ଶୁକ୍ରବାର ଯାଜପୁର ରୋଡ଼ରେ ଜଣେ ୨୫ବର୍ଷର ଯୁବକ ଛୋଟେଇ ଛୋଟେଇ ବୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଦେଖି ଶ୍ରମିକ ନେତା ମାୟାଧର ନାୟକ ୨୦ଟଙ୍କା ଦେଇ ବିଦା କରିଦେଇଥିଲେ । ହେଲେ ସେ ଟଙ୍କା ନ ନେଇ ହାଇଡ୍ରୋସ୍ ବଢ଼ିଛି ଅପରେସନ କରିବି, ହଜାରେ ଦୁଇ ହଜାର ଟଙ୍କା ଦିଅନ୍ତୁ ବୋଲି କହିଥିଲେ। ଟ୍ରଲି, ରିକ୍ସା ଚଳାଇ ପେଟ ପୋଷୁଥିଲି, ଏବେ ଅକ୍ଷମ ହୋଇପଡ଼ିଛି। ଡାକ୍ତର କହୁଛନ୍ତି ୩ ହଜାର ଟଙ୍କା ଅପରେସନରେ ଖର୍ଚ୍ଚ ହେବ। ତେଣୁ ସହାୟତା କରିବାକୁ ସେ ଆକୁଳ ନିବେଦନ କରିଥିଲେ। ଏ ସମ୍ପର୍କରେ ଶ୍ରମିକ ନେତା ନାୟକ ଯାଜପୁରରୋଡ଼ କ୍ଷେତ୍ରୀୟ ଚିକିତ୍ସାଳୟର ମେଡ଼ିକାଲ ଇନଚାର୍ଜ ପ୍ରସନଜିତ କରଙ୍କ ସହ ପରାମର୍ଶ କରି ସେଠାକୁ ପଠାଇଥିଲେ। ଡାକ୍ତରଖାନାରେ ଡାକ୍ତର କର ରୋଗୀକୁ ବସାଇ ହାଇଡ୍ରୋସ ଦେଖାଇବାକୁ କହିଥିଲେ। ପ୍ରଥମେ ରୋଗୀ ନ ଦେଖାଇବାକୁ ଅଡି ବସିଥିଲା । ପରେ ଜୋର କରିବାରୁ ରୋଗୀଙ୍କ ହାଇଡ୍ରୋସ ନ ଥିଲା ଏବଂ ସବୁ ସ୍ୱାଭାବିକ ଥିବା ଡାକ୍ତର ଶ୍ରମିକ ନେତା ନାୟକଙ୍କୁ ଜଣାଇଥିଲେ। ସେ ମିଛ କହି ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଅନୁପ୍ରବେଶକାରୀଙ୍କ ଆବାସସ୍ଥଳ କଳିଙ୍ଗନଗର

# ସୁରକ୍ଷା ଢାଲ ସାଜିଛି ପ୍ରଶାସନ

କଳିଙ୍ଗନଗର, ୨।୧୦(ଡି.ଏନ୍.ଏ.)

ଧାତବ ଶିଳ୍ପ ରାଜଧାନୀ କଳିଙ୍ଗନଗର ପାଲଟିଛି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆଶ୍ରୟସ୍ଥଳ। ଦ୍ରୁତ ଶିଳ୍ପାୟନକୁ ଲକ୍ଷକରି ଅଞ୍ଚଳରେ ଦୈନନ୍ଦିନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏଠାରେ କିଛିଦିନ ବସବାସ କରିବାପରେ ଏହି ଜାଗାକୁ ନିଜର ଭିଟାମାଟି ବୋଲି ଦାବି କରିବା ଏବେ ସ୍ଥାନୀୟଅଂଚଳ ବାସିନ୍ଦାଙ୍କ ପାଇଁ କାଳସାଜିଛି । ଶିଳ୍ପାଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ପାଇଁ ପୋଲିସ ନିକଟରୁ ସେମାନଙ୍କର ନୋ ଅବ୍‌ଜେକ୍‌ସନ (ଏନ୍‌ଓସି) ସାର୍ଟିଫିକେଟ ବାଧ୍ୟତା ମୂଳକ ଥିବାବେଳେ ଅନୁପ୍ରବେଶକାରୀଙ୍କ କ୍ଷେତ୍ରରେ ଏହା ଲାଗୁ ହୋଇ ନାହିଁ। ଫଳରେ ସେମାନଙ୍କୁ ଏଠାରେ ସହଜରେ କାରାଖାନାଗୁଡିକରେ କାମ ମିଳୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଏହି ଅନୁପ୍ରବେଶକାରୀମାନେ ଏବେ ଧାମରା, ସାତଭାୟା, ଭିତରକନିକା ଓ ପାରାଦୀପ ଅଞ୍ଚଳ ଦେଇ ପ୍ରବେଶ କରୁଥିବା ଅଞ୍ଚଳବାସୀ କହିଛନ୍ତି ।

ମିଳିଥିବା ସୂଚାନ ମୁତାବକ ଗତ ୫ ବର୍ଷ ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଧବଳ ଗିରି, ସାପଗାଡିଆ, ଦାନଗଦୀ ତ୍ରିଜଙ୍ଗା ପଞ୍ଚାୟତର ଶିଙ୍ଗାଗାଡ଼ିଆ, ଧୂଳିଗଡ ପଞ୍ଚାୟତର ବେଙ୍ଗପାଟିଆ, ରଣାଗୁଣ୍ଡି ପଞ୍ଚାୟତର ବଙ୍ଗାଳି ସାହି ଏବଂ ନଡିଆଭଙ୍ଗା ପଞ୍ଚାୟତର ବଙ୍ଗାଳିସାହି ଏବେ ବାଂଲାଦେଶୀ ଅନୁପ୍ରବେଶକରୀଙ୍କ ଆଡ୍ଡା ସ୍ଥଳି ପାଲଟିଛି। ଏମାନଙ୍କୁ ଥଇଥାନ ନିମନ୍ତେ ସ୍ଥାନୀୟ ଅଞ୍ଚଳର କେତେକ ଦଲାଲ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ଶିଳ୍ପାଞ୍ଚଳରେ ବ୍ୟାପକ ଜଙ୍ଗଲ ଜମି ଓ ସରକାରୀ ଜମି ଖାଲି ପଡିଥିବାରୁ ଦଲାଲମାନେ ସେମାନଙ୍କୁ ଏସବୁ ଜମିକୁ ଯୋଗାଇ ଦେଉଛନ୍ତି। ବିଶେଷ କରି ଦାନଗଦୀ ବ୍ଲକର ୩ଟି ପଞ୍ଚାୟତରେ ଥିବା ବହୁ ଜଙ୍ଗଲ ଜମିକୁ ଜବର ଦଖଲ କରି ବାସଗୃହ ଚାଷ କରାଯାଉଛି। ବହୁବାର ଅନୁପ୍ରବେଶ କାରୀଙ୍କୁ ଚିହ୍ନଟ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଥିଲେ ମଧ ପ୍ରଶାସନିକ ଓ ରାଜନୈତିକ ଆନ୍ତରିକତା ଅଭାବରୁ ଏହା କରାଯାଇପାରୁ ନାହିଁ। ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳର କେତେକ ରାଜନୈତିକ ବ୍ୟକ୍ତି ବିଶେଷ ଏମାନଙ୍କ ଭୋଟର ପରିଚୟ ପତ୍ର, ଆଧାର କାର୍ଡ ସହ ବିଭିନ୍ନ ସରକାରୀ ଯୋଜନା ପ୍ରଦାନ ନେଇ ଉଦ୍ୟମ କରିଥାନ୍ତି। ଏମିତିକି ନିର୍ବାଚନ ପୂର୍ବରୁ ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯାଇଥାଏ । ଏଥିପାଇଁ ତହସିଲ ଓ ବ୍ଲକ କର୍ମଚାରୀମାନେ ମୋଟା ଅଙ୍କରେ ଅର୍ଥ ନେଇ ସେମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ପ୍ରୟାସ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଦାନଗଦୀ ତହସିଲ ନିକଟରେ ଏବେ ସ୍ଥାୟୀ ପଟ୍ଟା ନିମନ୍ତେ ମଣ୍ଟୁ ମଣ୍ଡଲ, ଘନଶ୍ୟାମ ମଣ୍ଡଲ, ବିଜୟ ମଣ୍ଡଲ, ଦେବାଂଶୁ ସରକାର, ମନୋହାର ମଣ୍ଡଲ, ଫଙ୍କନ ମଣ୍ଡଲ, ଶାନ୍ତି ମଣ୍ଡଲ, ଫଙ୍କନ ମଣ୍ଡଲ, ସୁଶାନ୍ତ ମଣ୍ଡଲ, ଜଗ୍‌ଦିସ ମଣ୍ଡଲ, ରଞ୍ଜିତ ମଣ୍ଡଲ, ନିରାନ ମଣ୍ଡଲ, ଅନିରୁଦ୍ଧ ମଣ୍ଡଲ, ମହେନ୍ଦ୍ର ମଣ୍ଡଲଙ୍କ ସମେତ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବାଂଲାଦେଶୀ ସ୍ଥାୟୀ ପଟ୍ଟା ନିମନ୍ତେ ଆବେଦନ କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ ଯୋଜନାରେ ରାଶନ କାର୍ଡ, ଭୋଟର ଆଇ କାର୍ଡ, ଆଧାର କାର୍ଡ, ବିଜୁପକ୍କାଘର, ଇନ୍ଦିରା ଆବାସ ଓ ମୋକୁଡିଆ ଆଦି ହାତେଇ ନେବାରେ ସକ୍ଷମ ହୋଇଥିବା ଜଣାପଡିଛି। ଅପରପଟେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରୁ କେତେକ ଯୋଗ୍ୟ ହିତାଧିକାରୀ ଏଭଳି ସରକାରୀ ଯୋଜନାରୁ ଏବେବି ବଞ୍ଚିତ ହୋଇଥିବା କହିଛନ୍ତି। ଏହି ବାଂଲାଦେଶୀ ଅନୁପ୍ରବେଶ କାରୀମାନଙ୍କ ମଧ୍ୟରୁ କେତେକ ବିଭିନ୍ନ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ମଧ ଜଣାପଡିଛି। ଏକ ସ୍ୱତନ୍ତ୍ର ଟିମ୍ ଯୋଗେ ଏମାନଙ୍କୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏମାନଙ୍କ ବଢୁଥିବା ସଂଖ୍ୟା ଭବିଶ୍ୟତରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ରାଜ୍ୟ ତଥା ଦେଶପାଇଁ ବିପଦ ସୃଷ୍ଟି ହେବା ନେଇ ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ବୁଲବୁଲ ବେହେରାଙ୍କୁ ପଚାରିବାରେ, ପଟ୍ଟା ପାଇଁ ୫୦୦ରୁ ଉର୍ଦ୍ଧ୍ୱ ଅନୁପ୍ରବେଶକାରୀଙ୍କ ଆବେଦନ ଆସିଥିବା କହିଥିବା ବେଳେ ଆଉ କିଛି କହି ନ ଥିଲେ।



- ଅନୁପ୍ରବେଶକାରୀଙ୍କ କ୍ଷେତ୍ରରେ ଲାଗୁହେଉନି ନୋ ଅବଜେକ୍ସନ ସାର୍ଟିଫିକେଟ
- ୫ ଶହରୁ ଉର୍ଦ୍ଧ୍ୱ ଅନୁପ୍ରବେଶକାରୀ ଜମି ପଟ୍ଟା ପାଇଁ ଆବେଦନ କରିଛନ୍ତି

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

ବିରଜାକ୍ଷେତ୍ର,୨।୧୦(ଡି.ଏନ୍.ଏ)

ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା, ପୂର୍ଣ୍ଣ ଅନୁଦାନ ପ୍ରଦାନ ସହିତ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜଗୁଡ଼ିକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଯାଜପୁର ଜିଲାର ସ୍କୁଲ କଲେଜ ଶିକ୍ଷକ କର୍ମଚାରୀମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ଘଣ୍ଟିଆ ଅନଶନ କରିଥିଲେ। ବେଆଇନ ସତ୍ୟପାଠ କିମ୍ବା ଲିଖିତ ସୂଚନା ନ ଦେବାପାଇଁ ଧାରଣାରେ ଥିବା ସ୍କୁଲ କଲେଜ ଶିକ୍ଷକ ଅଧ୍ୟାପକମାନେ ଶପଥ କରିଥିଲେ। ଦୀର୍ଘ ୪୩ଦିନ ଧରି ଗଣତାନ୍ତ୍ରିକ ପଦ୍ଧତିରେ ଭିନ୍ନ ଭିନ୍ନ ଉପାୟରେ ସରକାରଙ୍କ ଉଦାସୀନତା, ଚଞ୍ଚକତା ପ୍ରତିବାଦରେ ଗ୍ରାମଠାରୁ ରାଜଧାନୀ ପର୍ଯ୍ୟନ୍ତ ପରିଚାଳନା କମିଟି, ଅଭିଭାବକ, ପୁରାତନ ଛାତ୍ର, ବୁଦ୍ଧିଜୀବୀ, ଜନସାଧାରଣଙ୍କୁ ଆନ୍ଦୋଳନ ଚାଲୁ ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ, ଆନ୍ଦୋଳନକୁ ଅଧିକ ସକ୍ରିୟ ତଥା ଦାବି ହାସଲ ପାଇଁ ସହାୟକ ହେବ ବୋଲି ଓଷ୍ଟା ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଉଦ୍‌ବୋଧନ ଦେଇଥିଲେ। ଧାରଣାସ୍ଥଳରେ ଓଷ୍ଟା ପ୍ରାକ୍ତନ ସମ୍ପାଦକ ଧନଞ୍ଜୟ ରାଉତରାୟ, ଦିଗମ୍ବର ସାହୁ, ପୀତାମ୍ବର ଜେନା, ଶିଶିର ଶତପଥି, ପ୍ରଭାତ ନନ୍ଦ, ବିଜୟ କୁମାର ଦାସ, କୈଳାସ ମହାନ୍ତି, ସୁବାସ ପ୍ରଧାନ, ବ୍ରଜକିଶୋର ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ମା' ବିରଜାଙ୍କ ଷୋଡ଼ଶୋପଚାର ପୂଜା ଆରମ୍ଭ

ବିରଜାକ୍ଷେତ୍ର,୨।୧୦(ଡି.ଏନ୍.ଏ)

ଦୁର୍ଗାପୂଜା ନିମନ୍ତେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦ୍ୱିତୀୟାଷ୍ଟମୀଠାରୁ ବିଶେଷ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇଛି। ଏହି ଷୋଡ଼ଶୋପଚାର ପୂଜା ୧୬ଦିନ ଧରି ଚାଲିବ। ୧୬ଦିନ ଭିତରେ ୧୬ କଳସ ଯଜ୍ଞ ମଣ୍ଡପରେ ସ୍ଥାପନ ହେବ। ଷୋଡ଼ଶୋପଚାର ପୂଜା ନିମନ୍ତେ ମଙ୍ଗଳବାର ପ୍ରାତଃରୁ ମା'ଙ୍କୁ ସ୍ନାନ କରାଯାଇ ବେଶ କରାଯିବା ପରେ ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ନୀତି ଲାଗିବା ପରେ ପହୁଡ଼ ହୋଇଥିଲା। ଅପରାହ୍ନରେ ମା'ଙ୍କ ପହୁଡ଼ ଖୋଲିବା ପରେ ସନ୍ଧ୍ୟା ସମୟରେ ବିଶେଷ ଷୋଡ଼ଶୋପଚାର ପୂଜା ନିମନ୍ତେ ମା' ବିରଜା ମନ୍ଦିର ପଛପଟେ ଥିବା ବ୍ରହ୍ମାକୁଣ୍ଡକୁ କଳସ ଶୋଭାଯାତ୍ରା ଯାଇଥିଲା। ବ୍ରହ୍ମାକୁଣ୍ଡରେ ପୂଜକ ସଂକଳ୍ପ କରିବା ପରେ ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ୧୦ଟି କଳସରେ ବ୍ରହ୍ମାକୁଣ୍ଡରୁ ପାଣି ଅଣାଯାଇ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପରେ ଭରା କଳସକୁ ବିଧି ଅନୁଯାୟୀ ସ୍ଥାପନ କରାଯାଇଥିଲା। ମା' ବିରଜାଙ୍କ ନାମରେ ଗୋଟିଏ କଳସ ସ୍ଥାପନ ହେବା ପରେ ଗଣାଧିପତି, ବ୍ରାହ୍ମୀ, ମାହେଶ୍ୱରୀ, ବୈଷ୍ଣବୀ, କୌମାରୀ, ବାରାୟୀ, ମାହେନ୍ଦ୍ରୀ, ଚାମୁଣ୍ଡା, ମହାଲକ୍ଷ୍ମୀ ନାମରେ ଅନ୍ୟ ୯ଟି କଳସ ସ୍ଥାପନ ହୋଇଥିଲା। କଳସ ସ୍ଥାପନ ପରେ ମା'ଙ୍କୁ ବୈତରଣୀ ଜଳରେ ମହାସ୍ନାନ କରାଯାଇ ବେଶ କରାଯିବା ପରେ ରୀତିନୀତି ଅନୁଯାୟୀ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇଥିଲା। ଏହାପରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇ ରୀତିନୀତି ଅନୁଯାୟୀ ନୀତି ହେବାପରେ ପହୁଡ଼ ହୋଇଥିଲା। ଏହି ଷୋଡ଼ଶୋପଚାର ପୂଜା ସମୟରେ ମା'ଙ୍କର ବିଶେଷ ନୀତି ହୋଇଥାଏ। ଏହି ଷୋଡ଼ଶୋପଚାର ପୂଜା ୧୬ଦିନ ଧରି ଅନୁଷ୍ଠିତ ହେବ। କଳସ ଯାତ୍ରାରେ ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ପ୍ରସନ୍ନ କୁମାର ପତି, ପ୍ରଫୁଲ୍ଲ କୁମାର ପତି, ଜ୍ଞାନରଞ୍ଜନ ପତି, ମନୋରଞ୍ଜନ ପତି, ବିରଜା କିଙ୍କର ପତି, ପ୍ରମୋଦ କୁମାର ପତି, ସରୋଜ କୁମାର ପତି, ପୂଜକ ନାଗେନ୍ଦ୍ର ଭୂଷଣ କର, ଆର୍ସା ଅମୂଲ୍ୟ ପାଣି, ଚରୁ ଅଶୋକ କୁମାର ପାଣି, ସମିଧ ଧନଞ୍ଜୟ ପାଣି, ତରାସ ନିତ୍ୟାନନ୍ଦ ରଣା, ଛତା ଭାଗବତ ରଣା, ଅକ୍ଷୟ ରଣା, ଚାମର ସରୋଜ ସିଂ, ମଶାଲ ଭାଗବତ ବାରିକ ପ୍ରମୁଖ ସାମିଲ ଥିଲେ। ଘଣ୍ଟ, ବାଦ୍ୟ, ତୂରୀ ବଜାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିରର ଟ୍ରଷ୍ଟି ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ।



ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ଧର୍ମଶାଳା ବଜ୍ରଗିରି ମହାବିଦ୍ୟାଳୟର ଛାତ୍ରୀଛାତ୍ର।

### ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କୁଷ୍ଠରୋଗ ଚିହ୍ନଟ ଅଭିଯାନ

ଜେନାପୁର,୨।୧୦(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗତ ୨୭ତାରିଖରୁ ୬ତାରିଖ ପର୍ଯ୍ୟନ୍ତ ୭ଦିନ ଧରି କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନିହାର ରଞ୍ଜନ କରଙ୍କ ନେତୃତ୍ୱରେ ଆୟୁସ ଡାକ୍ତର ସୁଧାଂଶୁ ଶେଖର ପୃଷ୍ଟି, ଜେନାପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁସ ଡାକ୍ତର ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଆଶା କର୍ମୀ ୪୬ ସ୍ୱେଚ୍ଛାସେବୀ ୪୮, ମହିଳା ସ୍ୱାସ୍ଥ୍ୟକର୍ମୀ ୭, ମେଲ ୱାର୍କର ୧, ୩ ସୁପର ଭାଇଜରଙ୍କ ଜରିଆରେ କୁଷ୍ଠ ରୋଗ ଓ ତାହାର ନିରାକରଣ ଉପରେ ସଚେତନତା ସୃଷ୍ଟି କରିବା ସହ ଚିକିତ୍ସା ସମ୍ପର୍କରେ ଗାଁ ଗାଁ ବୁଲି ପ୍ରତ୍ୟେକ ପରିବାରକୁ ଏହି ରୋଗ ସମ୍ପର୍କରେ ସଚେତନ କରାଯାଉଛି।

### ଶୌଚାଳୟ ନିର୍ମାଣର ୨ବର୍ଷ ପରେ ବି ମିଳୁନି ଅର୍ଥ

ଜେନାପୁର,୨।୧୦(ଡି.ଏନ.ଏ.)

ସ୍ୱଚ୍ଛଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ବହୁ ହିତାଧିକାରୀ ପାଇଖାନା ଖଣ୍ଡିଏ ନିର୍ମାଣ କରି ପ୍ରୋତ୍ସାହନ ରାଶି ପାଇବା ପାଇଁ ଦୌଡି ଦୌଡି ନିରାଶ ହେଉଥିବା ଦେଖିବାକୁ ମିଳୁଛି। ଏହାର ଉଦାହରଣ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନସ୍ଥ କଦମ୍ବ ପାଟଣା ଗ୍ରାମର ଗଗନ ପରିଡା (୪୫)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ କରଜ କରି ଏକ ପାଇଖାନା ନିର୍ମାଣ କରିଛନ୍ତି। ମାତ୍ର ୨ବର୍ଷ ହେଲା ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିନାହିଁ। ଏହି ପାଇଖାନା ପଇସା ପାଇବା ପାଇଁ ବହୁବାର ୩୦କି.ମି. ସାଇକେଲ ଯୋଗେ ଧର୍ମଶାଳା ବ୍ଲକକୁ ଯାଇଥାନ୍ତି। ସେଠାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଗୁହାରି କରିଥିଲେ ମଧ ଏ ଯାଏ ପାଇଖାନା ପଇସା ମିଳି ନ ଥିବା କହିଛନ୍ତି। ଯଦି ତୁରନ୍ତ ଏହି ରାଶି ମିଳିଯାଏ କରଜ ସୁଝି ପାରିବେ ବୋଲି ସେ କହିଛନ୍ତି। ସେହିପରି ମର୍ଜିତାପୁର ପଞ୍ଚାୟତ ସାଥୁଆପାଟଣା ଗ୍ରାମର କୀର୍ତ୍ତନ ବିହାରି ସାହୁ ମଧ ପାଇଖାନା ନିର୍ମାଣ କରି ବହୁବାର କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ମଧ କୌଣସି ଫଳ ମିଳିନାହିଁ। ଏହି ଅନୁଦାନ ପ୍ରଦାନ ପୂର୍ବରୁ ବିଭାଗୀୟ ଅଧୀକାରୀମାନେ ପ୍ରତ୍ୟେକ ପାଇଖାନା ପିଛା ହାତଗୁଞ୍ଜା ନେଉଥିବା ସୂଚନା ମିଳିଛି। ଅନେକ ପଡିଶାଘର ପାଇଖାନାକୁ ଦେଖାଇ ବିଲ୍ କରାଉଥିବା ବେଳେ ପୁଣି କେତେକ ଆଦୌ ପାଇଖାନା ନିର୍ମାଣ ନ କରି ବିଲ ପାଇ ଯାଉଛନ୍ତି। ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୨ଟି ସ୍ଥାନରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ପଦାରେ ପଡ଼ିଲା ଘରୋଇ କନ୍ଦଳ



ଚମ୍ପାପୁରଠାରେ ଅନୁଷ୍ଠିତ ସଭାରେ ଅମର ପ୍ରସାଦ ଶତପଥୀ



ଚଣ୍ଡିଖୋଲଠାରେ ପୁରୁଖା ବିଜେଡି ନେତୃବୃନ୍ଦଙ୍କ ପଦଯାତ୍ରା।

ଚଣ୍ଡିଖୋଲ,୨।୧୦(ଡ଼ି.ଏନ.ଏ)

ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ସାରା ରାଜ୍ୟରେ ପାଳନ କରାଯାଇଛି। ପ୍ରଥମ ଦିନରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ୨ଟି ସ୍ଥାନରେ ସମାନ୍ତରାଳ ଭାବେ ଏହି ପଦଯାତ୍ରା ଭିନ୍ନଭିନ୍ନ ଭାବେ ପାଳନ କରାଯାଇଛି। ସକରାରୀ ମୁଖ୍ୟ ସଚେତକ ତଥା ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ବୈରୀ ଗାନ୍ଧୀପୀଠଠାରୁ ଚମ୍ପାପୁରସ୍ଥିତ ଗାନ୍ଧୀ ସ୍ମୃତିପୀଠ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା ବେଳେ ପୁରୁଖା ବିଜେଡି ନେତାମାନେ ଏକତ୍ରିତ ହୋଇ ଧାନମଣ୍ଡଳଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରିଥିଲେ। ଯାହାକୁ ନେଇ ବଡ଼ଚଣା ବିଜେଡିରେ ଗୋଷ୍ଠୀ କନ୍ଦଳ ଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଏହି ଘଟଣା ପରେ ବିଜେଡି ଦୁଇ ଫାଳ ହୋଇଯାଇଥିବା

**ବଡ଼ଚଣା ନିର୍ବାଚନ ମଣ୍ଡଳୀ**

ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ଗୋଷ୍ଠୀ ବିଧାୟକ ଶତପଥୀଙ୍କ ସପକ୍ଷରେ ଥିବା ବେଳେ ଅପର ଗୋଷ୍ଠୀ ତାଙ୍କ ପ୍ରତି ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ବଡ଼ଚଣା ବିଧାୟକ ଶତପଥୀଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଆସି ଚମ୍ପାପୁର ଗାନ୍ଧୀସ୍ମୃତି ପୀଠଠାରେ ପହଞ୍ଚିବା ପରେ ଆବାହକ ନିରଞ୍ଜନ ସେନାପତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ସମୟରେ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ସଭାପତି ଅରବିନ୍ଦ ସାମଲ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ବିନୋଦିନୀ ସାହୁ, ଯିବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡ଼ି ସଭାପତି ଯତିନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ପଞ୍ଚାନନ ଧଳ, ସାରଦା ପ୍ରସନ୍ନ ମହାନ୍ତି, ଆଶଲତା ସ୍ୱାଇଁ, ଦୁର୍ଗତିନାଶିନୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ ପୁରୁଖା ବିଜେଡି ନେତାମାନେ ଧାନମଣ୍ଡଳଠାରୁ ଏକ ଶୋଭାଯାତ୍ରାରେ ଆସି ଚଣ୍ଡିଖୋଲ ଛକରେ ପହଞ୍ଚିଥିଲେ। ସେଠାରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ଇତିଶ୍ରୀ ସାମଲ ଯୋଗଦେଇ ବଡ଼ଚଣାରେ ଦୁର୍ନୀତି ବଢୁଥିବାରୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଗରିବଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚି ପାରୁନାହିଁ ବୋଲି କହିଥିଲେ। ଯେଉଁଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବଡ଼ଚଣାରେ ଦୁର୍ନୀତିମୁକ୍ତ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ଯୁବ ବିଜେଡ଼ି ସଭାପତି ପ୍ରମୋଦ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତ, ରବୀନ୍ଦ୍ର ଶାନ୍ତି, ରାଜ୍ୟ ବିଜେଡ଼ି ସମ୍ପାଦିକା ମନୋରମା ଆଚାର୍ଯ୍ୟ, ପ୍ରାକ୍ତନ ବ୍ଲକ ମହିଳା ବିଜେଡ଼ି ସଭାପତି ଦମୟନ୍ତୀ ସାମଲ, ବ୍ଲକ ବିଜେଡ଼ି ପୂର୍ବତନ ଉପସଭାପତି ପ୍ରଦୀପ୍ତ ଜେନା, ଧିରେନ୍ଦ୍ର ରାଉତ, ସରପଞ୍ଚ ଭାରତୀ ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇ ବଡ଼ଚଣାରେ ଦୁର୍ନୀତିମୁକ୍ତ ନୂଆ ବିକଳ୍ପ ନେତୃତ୍ୱ ଆବଶ୍ୟକ ଥିବା ପ୍ରକାଶ କରିଥିଲେ। ଗାନ୍ଧୀ ଜୟନ୍ତୀରୁ ଶପଥ ନେଇ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଲା ବୋଲି କହିଥିଲେ। ତେବେ ଗୋଟିଏ ନିର୍ବାଚନ ମଣ୍ଡଳୀରେ ବିଜେଡିର ଦୁଇ ପଦଯାତ୍ରା ଦଳର ଘରୋଇ କଳିକୁ ପଦାରେ ପକାଇଥିବା ଆଲୋଚନା ହେଉଛି।

## ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

# 'ସାମ୍ପ୍ରତିକ ସମାଜରେ ଗାନ୍ଧୀ ବିଚାରଧାରାର ଆବଶ୍ୟକତା ରହିଛି'

ଯାଜପୁର ଅଫିସ,୨।୧୦

ଗାନ୍ଧୀ କେବଳ ଦେଶର ପିତା ନୁହଁନ୍ତି ବରଂ ସମଗ୍ର ବିଶ୍ୱର ନେତା ଥିଲେ। ପିଢି ପରେ ପିଢି ଗାନ୍ଧି ଦର୍ଶନ ସମଗ୍ର ବିଶ୍ୱକୁ ପ୍ରେରଣା ଦେଇଆସିଛି। ମଙ୍ଗଳବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭାପତି ନରେଶଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଜୀବନ ତ୍ୟାଗ ଓ ସରଳତାର ପ୍ରତିଫଳନ ବୋଲି କହିଥିଲେ। ଅହିଂସା ଓ ସତ୍ୟର ମନ୍ତ୍ରରେ ଦୀକ୍ଷିତ ମହାତ୍ମା ସବୁ ସମୟରେ ବିଶ୍ୱ ପାଇଁ ଆଦର୍ଶ ଓ ଅନୁକରଣୀୟ ବୋଲି କହିବା ସହ ଯୁବପିଢି ଓ ଛାତ୍ରୀଛାତ୍ର ଗାନ୍ଧୀଙ୍କ ଆଦର୍ଶ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ କହିଥିଲେ ସ୍ୱାଧୀନତା ସଂଗ୍ରାମରେ ବାପୁଜୀଙ୍କ ଅବଦାନ, ଆତ୍ମବିଶ୍ୱାସ, ନିଷ୍ଠା, ସମୟାନୁବର୍ତ୍ତିତା ଓ ଅନ୍ୟ ସଂଗ୍ରାମୀଙ୍କୁ ପ୍ରେରଣା ହିଁ ତାଙ୍କ ମହନୀୟ ବ୍ୟକ୍ତିତ୍ୱର ସର୍ବଶ୍ରେଷ୍ଠ ପରିଚୟ ବୋଲି ମତବ୍ୟକ୍ତ କରିବା ସହ ସାମ୍ପ୍ରତିକ ସମାଜରେ ଗାନ୍ଧୀ ବିଚାରଧାରାର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅକ୍ଷୟ କୁମାର ଦାସ ଗାନ୍ଧି ଦର୍ଶନ, ବିଚାରଧାରା, ସତ୍ୟ ପ୍ରତି ଅନୁରକ୍ତି ଓ ଶାସ୍ତ୍ରୀଜୀଙ୍କ ଜୀବନାଦର୍ଶନ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରତ୍ୟେକ ସେହି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ସାମଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅତିଥି ପରିଚୟ, ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛ ଭାରତ ଓ ସୁସ୍ଥ ପରିବେଶ ସୃଷ୍ଟି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ଏକ ଶୋଭାଯାତ୍ରା ଜିଲା ସ୍କୁଲ ପଡିଆଠାରୁ ବାହାରି ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲା। ପରେ ଗାନ୍ଧୀଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଜିଲା ସ୍କୁଲ ଠାରେ ଓ ସଂସ୍କୃତି ଭବନରେ ଥିବା ବିଭିନ୍ନ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବରିଷ୍ଠ ଖବରଦାତା ବାଇଧର ମହାପାତ୍ର, ସାମାଜିକ କର୍ମୀ ନିଶିତ ଦାସ, ବରିଷ୍ଠ ନାଗରିକ ପ୍ରଫୁଲ ସାମଲ, ପରମାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶ୍ରୀକ୍ଷେତ୍ର ପରିକ୍ରମା କଲେ ମା’ ମଙ୍ଗଳା

**ପୁରୀ ଅଫିସ, ୨।୧୦:** ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଷୋଳପୂଜା। ଏହି ଷୋଳପୂଜାର ପ୍ରଥମ ଦିନ ବାସେଲିସାହି ବନଦୁର୍ଗା ଛକସ୍ଥିତ ମା’ ମଙ୍ଗଳା ଶ୍ରୀକ୍ଷେତ୍ର ପରିକ୍ରମା କରିଛନ୍ତି। ସକାଳେ ପୀଠରୁ ଶୋଭାଯାତ୍ରାରେ ବାହାରି ମାର୍କଣ୍ଡ ପୁଷ୍କରିଣୀକୁ ଯାଇଥିଲେ। ସେଠାରେ ମା’ଙ୍କ ସ୍ନାନ ଓ ସହସ୍ର କୁମ୍ଭାଭିଷେକ ସମ୍ପନ୍ନ ହୋଇଥିଲା। ଏହାପରେ ମା’ ମାର୍କଣ୍ଡ ମନ୍ଦିର ଗମ୍ଭୀରାକୁ ପ୍ରବେଶ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ଶ୍ରୀକ୍ଷେତ୍ରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ମାର୍କଣ୍ଡ ମନ୍ଦିରଠାରୁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଦେଇ ଦକ୍ଷିଣକାଳୀଙ୍କ ପୀଠ, ବାସେଲୀ ଠାକୁରାଣୀଙ୍କ ପୀଠ, ଜମ୍ବେଶ୍ୱର ମହାଦେବଙ୍କ ପୀଠକୁ ଯାଇଥିଲେ। ବାଟରେ ବହୁ ଜଗାରେ ପନ୍ତି ଭୋଗ ହୋଇଥିଲା। ଏହାପରେ ମା’ ଦୁର୍ଗାମାଧବ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

### ମିଳିତ ଶିକ୍ଷକ, ଅଧ୍ୟାପକ କର୍ମଚାରୀ ମଞ୍ଚର ଗଣ ଅନଶନ

**ପୁରୀ ଅଫିସ, ୨।୧୦:** ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ପୁରୀ ଜିଲା ଶାଖା ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୧୨ଘଣ୍ଟିଆ ଗଣ ଅନଶନ କରାଯାଇଥିଲା। ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ, କଲେଜକୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସମସ୍ତ ସରକାରୀ ସୁବିଧା, ଶିକ୍ଷକ, ଅଧ୍ୟାପକଙ୍କ ଶପଥପାଠ ନିର୍ଦ୍ଦେଶନାମା ପ୍ରତ୍ୟାହାର, ସପ୍ତମ ବେତନ କମିଶନ ଲାଗୁ କରିବା ଲାଗି ସେମାନେ ଦାବି କରିଛନ୍ତି। ମିଳିତ ମଞ୍ଚର ପୁରୀ ଜିଲା ଆବାହକ ମହେନ୍ଦ୍ର କୁମାର ରଣସିଂ, ଶିକ୍ଷକ ଦର୍ପଣ ଯୁଗ୍ମ ସମ୍ପାଦକ ସୁକାନ୍ତ ବେହେରା, ୬୬୨କଲେଜ ବର୍ଗ ସଭାପତି ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ଅକ୍ଷୟ କୁମାର ରାୟସିଂ, ବିଚିତ୍ରାନନ୍ଦ ପାତ୍ର, ସୁରତ ସ୍ୱାଇଁ, କିଶୋର ମହାନ୍ତି, ଯାମିନିକାନ୍ତ ନାୟକ, କୃଷ୍ଣଚନ୍ଦ୍ର ଦାଶ, ବିଶ୍ୱନାଥ ବଳିଆରସିଂ, ମାନସ ରଞ୍ଜନ ସାମନ୍ତରାୟ, ସରୋଜିନୀ ମିଶ୍ର, ଦେବଦତ୍ତ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ■ ଶ୍ରୀମନ୍ଦିର ସଂସ୍କାର ମାମଲା

# ଅଣ୍ଡରଟେକିଂ ଲେଖିବେ ସେବାୟତ

- ■ ୩ ମାସ ମଧ୍ୟରେ ସବୁ ନିଯୋଗ କରିବେ ନିର୍ବାଚନ
- ■ ନିଯୋଗକୁ ଚିଠି ଲେଖିଲା ମନ୍ଦିର ପ୍ରଶାସନ
- ■ ରହିଛି ୧୦ ସର୍ତ୍ତ, ୭ ଦିନ ଭିତରେ ଦେବାକୁ ନିର୍ଦ୍ଦେଶ

**ପୁରୀ ଅଫିସ, ୨।୧୦**

ସେବା ଅଧିକାରକୁ ସୁରକ୍ଷିତ ରଖିବାକୁ ହେଲେ ସେବକଙ୍କୁ ଶୃଙ୍ଖଳିତ ହେବାକୁ ପଡିବ। ଆଚାର, ବ୍ୟବହାରରେ ପରିବର୍ତ୍ତନ ସାଙ୍ଗକୁ ୧୦ଟି ସର୍ତ୍ତ ମାନିବାକୁ ହେବ। ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରିଙ୍କୁ ସେବାୟତଙ୍କୁ ଅଣ୍ଡରଟେକିଂ ଲେଖିଦେବାକୁ ପଡିବ। ଏଥିପାଇଁ ଅକ୍ଟୋବର ପହିଲାରେ ମୁଖ୍ୟ ପ୍ରଶାସକ ସବୁ ନିଯୋଗକୁ ଚିଠି ଲେଖିଛନ୍ତି। ଚିଠି ପାଇବାର ୭ ଦିନ ମଧ୍ୟରେ ଅଣ୍ଡରଟେକିଂ ଦେବା ପାଇଁ ଦର୍ଶାଯାଇଛି। ଏଥିରେ ୧୦ଟି ସର୍ତ୍ତ ରହିଛି। ସବୁ ନିଯୋଗ ୩ ମାସ ମଧ୍ୟରେ କର୍ମକର୍ତ୍ତା ନିର୍ବାଚନ କରି ତାହାର ତାଲିକା ଦେବାକୁ ଏଥିରେ ଉଲ୍ଲେଖ ରହିଛି।

ଏହି ସର୍ତ୍ତଗୁଡ଼ିକ ହେଲା (୧) ନିଯୋଗର ସମସ୍ତ ସଦସ୍ୟ ଶ୍ରୀମନ୍ଦିରରେ ସେମାନଙ୍କର ସେବା ପାଳି ଦିନମାନଙ୍କରେ ସ୍ୱତଃପ୍ରବୃତ୍ତ, ଶୁଦ୍ଧପୂତ ଭାବେ ଏବଂ ନିଷ୍ଠାର ସହିତ ଧାର୍ଯ୍ୟ ସମୟରେ ଶ୍ରୀଜୀଉଙ୍କ ସେବା ସମ୍ପାଦନ କରିବେ। (୨) ନିଯୋଗର କୌଣସି ସଦସ୍ୟ ଶ୍ରୀମନ୍ଦିର ପରିସରରେ କୌଣସି ବ୍ୟକ୍ତିଙ୍କୁ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଅସୌଜନ୍ୟ ବ୍ୟବହାର କରିବେ ନାହିଁ କିମ୍ବା ଅଶାଳୀନ ଭାଷା ଓ ଭାବଭଙ୍ଗୀ ପ୍ରଦର୍ଶନ କରିପାରିବେ ନାହିଁ। ବିଶେଷକରି ମହିଳା ଦର୍ଶନାର୍ଥୀଙ୍କୁ ସମ୍ମାନ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ। (୩) କୌଣସି ସଦସ୍ୟ ଶ୍ରୀମନ୍ଦିର ପରିସରରେ ଭକ୍ତ ଓ ଦର୍ଶନାର୍ଥୀଙ୍କଠାରୁ ଦାନ, ଦକ୍ଷିଣା ଗ୍ରହଣ କରିପାରିବେ ନାହିଁ କିମ୍ବା ଏଥିପାଇଁ ଜୁଲମ କରିପାରିବେ ନାହିଁ। (୪) ଶ୍ରୀମନ୍ଦିର ପରିସରକୁ କୌଣସି ପ୍ରକାର ମାଦକ ଦ୍ରବ୍ୟ କିମ୍ବା ପାନ ଗୁଟ୍‌ଖା ଆଦି ଆଣିପାରିବେ ନାହିଁ କିମ୍ବା ସେବନ କରିପାରିବେ ନାହିଁ। (୫) ଶ୍ରୀମନ୍ଦିର ପରିସରରେ ମଳ, ମୂତ୍ର ତ୍ୟାଗ କରିବେ ନାହିଁ କିମ୍ବା ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ କୌଣସିଠାରେ ଛେପ ପକାଇବେ ନାହିଁ। (୬) ନିଯୋଗର ପ୍ରତ୍ୟେକ ସଦସ୍ୟ ଶ୍ରୀମନ୍ଦିରର ପବିତ୍ରତା, ପରିଚ୍ଛନ୍ନତା ପ୍ରତି ଯତ୍ନବାନ ହେବେ। ଏହି ବାବଦରେ ଶ୍ରୀମନ୍ଦିର ପ୍ରଶାସନ ଯେଉଁ ନିର୍ଦ୍ଦେଶ ଦେବେ ତାହାକୁ ପାଳନ କରିବେ। (୭) ଶ୍ରୀମନ୍ଦିର ପରିସରକୁ ବାହାରର ନିଷିଦ୍ଧ ଖାଦ୍ୟ ଦ୍ରବ୍ୟ ନେବେ ନାହିଁ କିମ୍ବା ସେବନ କରିବେ ନାହିଁ। (୮) ଶ୍ରୀମନ୍ଦିର ପ୍ରଶାସନ ସମୟକୁ ସମୟ ପ୍ରଣୟନ କରୁଥିବା ନିୟମ ନିର୍ଦ୍ଦେଶନାମାକୁ ବିନା ଦ୍ୱିଧାରେ ପାଳନ କରିବେ। (୯) ଆସନ୍ତା ୩ ମାସ ମଧ୍ୟରେ ଗୁପ୍ତ ଭୋଟ ଜରିଆରେ ଉତ୍ତମ ସଦସ୍ୟମାନଙ୍କୁ ନିଯୋଗର କର୍ମକର୍ତ୍ତା ଭାବେ ନିର୍ବାଚନ କରି ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବେ। (୧୦) ଏଥିରେ କୌଣସି ଖିଲାପ ହେଲେ ନିୟମ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ନିଯୋଗ ଓ ନିଯୋଗର ସଦସ୍ୟମାନେ ବିନା ଦ୍ୱିଧାରେ ପାଳନ କରିବେ। ଏଭଳି ୧୦ ସୂତ୍ରୀ ସର୍ତ୍ତାବଳୀ ଶ୍ରୀମନ୍ଦିର ପ୍ରଶାସନ ସବୁ ନିଯୋଗକୁ ପଠାଇଛି। ନିଯୋଗର ସଭାପତି, ସମ୍ପାଦକ ଏଥିରେ ଦସ୍ତଖତ କରିବେ।

ଏ ସମ୍ପର୍କରେ ଡ. ପ୍ରଫୁଲ୍ଲ ରଥ କହିଛନ୍ତି, ଆମର ଅଯୋଗ୍ୟତାରୁ ଶ୍ରୀମନ୍ଦିରର ଧର୍ମୀୟ ବ୍ୟବସ୍ଥା ଭିତରକୁ ସୁପ୍ରିମ୍‌କୋର୍ଟଙ୍କୁ ଡାକି ଆଣିଛେ। ସେବାୟତଙ୍କ ଉପରେ ଭକ୍ତ, ସରକାର, ସୁପ୍ରିମ୍‌କୋର୍ଟ ସମସ୍ତେ ଅସନ୍ତୁଷ୍ଟ। ସେବାୟତମାନେ ହେଉଛନ୍ତି ଆଧ୍ୟାତ୍ମିକ ଏବଂ ଧାର୍ମିକ ବ୍ୟକ୍ତି। ସେମାନେ ବିରୋଧରେ ଯଦି ଅଭିଯୋଗ ନ ଥାନ୍ତା ତେବେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା। ତେଣୁ ସର୍ବୋଚ୍ଚ ଅଦାଲତ ଶ୍ରୀମନ୍ଦିରରେ ବିଶୃଙ୍ଖଳାକୁ କିପରି ରୋକାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଣ୍ଡରଟେକିଂ ମାଗିବା ହେଉ ଅବା ଯାହା ବି ସଂସ୍କାର ପାଇଁ ପଦକ୍ଷେପ ନିଆଯାଉଛି ତାହାକୁ ସମର୍ଥନ କରିବା ଦରକାର।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ପୁରୀ ଆସିଥିଲେ। ୨୧ ଓ ୨୨ ତାରିଖ ଦୁଇଦିନ ଧରି ଶ୍ରୀମନ୍ଦିର ସଂସ୍କାର ମାମଲାରେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ପରିଦର୍ଶନ କରି ନିଜେ ବାସ୍ତବ ସ୍ଥିତି ପରଖିଥିଲେ। ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ପାଇଁ ସବୁ ପକ୍ଷ ଆମିକସ୍ କ୍ୟୁରିଙ୍କ ସମ୍ମୁଖରେ ମତ ରଖିଥିଲେ। ତେଣୁ ଦିଲ୍ଲୀ ଫେରିଯିବା ପରେ ସଂଗୃହୀତ ତଥ୍ୟକୁ ତର୍ଜମା କରି ସେ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିଲେ। ସେବାୟତମାନେ ବିଭିନ୍ନ ସର୍ତ୍ତ ଉପରେ ଅଣ୍ଡରଟେକିଂ ଲେଖି ଦେବା ପରେ ସେ ସୁପ୍ରିମ୍‌କୋର୍ଟରେ ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବେ ବୋଲି ଚିଠିରେ ଉଲ୍ଲେଖ କରିଥିଲେ।

## ■ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ପାଇଁ ସଚେତନତା

# ପୁରୀରୁ କୋଣାର୍କ ସାଇକେଲ ଯାତ୍ରା

**ପୁରୀ ଅଫିସ, ୨।୧୦**

ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ସଚେତନାର ବାର୍ତ୍ତା ନେଇ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ଏକ ସାଇକେଲ ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହୋଟେଲ ମହୋଦଧି ପ୍ୟାଲେସଠାରୁ ଏହି ସାଇକେଲ ରାଲି ବାହାରି ବଡ଼ଦାଣ୍ଡ, ଶ୍ରୀମନ୍ଦିର ଦେଇ କୋଣାର୍କରେ ପହଞ୍ଚିଥିଲା। ରାଲିରେ ସାମିଲ ଥିବା ଦୁଇଟି ମାସ୍କଟ ଦେଖଣାହାରିଙ୍କ ଆକର୍ଷଣ ସାଜିଥିଲେ। ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାଲିକୁ ଶୁଭାରମ୍ଭ କରିଥିଲେ। ଏଥିରେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଜୋଷୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, କାମାତ୍ ଗ୍ରୁପ୍ ଓଡ଼ିଶାର ଆଞ୍ଚଳିକ ପରିଚାଳକ ଭରତ ବିଶ୍ୱାଳ ପ୍ରମୁଖ ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କାମାତ୍ ହୋଟେଲ ଗ୍ରୁପ୍, ସ୍ୱାଧୀନ ଆବାସିକ ମହାବିଦ୍ୟାଳୟ ନିମାପଡ଼ା, ସାମୁଦ୍ରିକ ଜୀବ ଗବେଷଣା ସଂସ୍ଥା ଦକ୍ଷିଣ ଫାଉଣ୍ଡେଶନ ସହଯୋଗରେ ଆୟୋଜନ କରାଯାଇଥିଲ। ସାଇକେଲ ରାଲିରେ ୫୦ ଜଣ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ଆବାହକ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯାହା**
**ବାନ୍ଧି ମାଇଲେ ସେଇଆ ।**

ଯେକୌଣସି ପ୍ରକାରର ଆଘାତ ଶରୀର ପକ୍ଷେ ଯନ୍ତ୍ରଣାଦାୟକ ହୋଇଥାଏ। ମାରିବାର ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୋକା ଦେଇଗଲୁ ମତେ ନାଗର**
**ମୋ ସଂସାର ହେବ ତୋ ପାଇଁ କାଳ ।**

ବିଶ୍ୱାସ ଓ ଭରସାକୁ ପାଥେୟକରି ଗଢ଼ି ଉଠିଥାଏ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଧୋକାଦେବାକୁ ଆରମ୍ଭ କରେ, ଭରସା ତୁଟିଯାଏ। ବେଶିଦିନ ରହିପାରେ ନାହିଁ ସମ୍ପର୍କ। ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ, ଯାହାକୁ ସହ୍ୟ କରିବା କଷ୍ଟକର ହୋଇଯାଇଥାଏ। ଏପରି ସ୍ଥଳେ ପ୍ରେମ ପଥରେ ଧୋକା ଦେଇଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତହେବା ସହ ଅଭିସମ୍ପାତ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗାନ୍ଧୀ ଜୟନ୍ତୀ ଆତ୍ମଚିନ୍ତନର ଦିବସ

**ପୁରୀ ଅଫିସ, ୨।୧୦**

ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଗାନ୍ଧୀଘାଟସ୍ଥିତ ଗାନ୍ଧୀସ୍ମୃତି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଥିଲେ, ଆଜିର ଦିନ ଭାରତ ତଥା ବିଶ୍ୱର ଏକ ମହାନ ଦିନ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ସ୍ୱାଧୀନ ହେଲା ଏବଂ ଆମେ ସ୍ୱାଧୀନତା ଲାଭର ସୁଫଳ ପାଉଛୁ। ଗାନ୍ଧୀ ଜୟନ୍ତୀ ଆତ୍ମଚିନ୍ତନର ଦିବସ। ଗାନ୍ଧିଜୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ନୀତି ଓ ଆଦର୍ଶ ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଥିଲା। ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ରାମଧୁନ ପରିବେଷଣ କରାଯାଇଥିବା ବେଳେ ଛାତ୍ରୀଛାତ୍ର ପ୍ରଭାତଫେରି କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ଥାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍– (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ। ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର, ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + ୨୦,୦୦୦ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ASTRO / VASTU
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ’ଣ ଆପଣ ଚିନ୍ତିତ କି?
୨ ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର, ମନ୍ତ୍ରର ସମ୍ରାଟ
ଇଚ୍ଛା ଅନୁସାରେ ବଶୀକରଣ, ପ୍ରେମବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗରେ ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ। ଯଦି କାହାର ପତି ବା ପ୍ରେମୀ ଅନ୍ୟଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
7991080816
Bhubaneswar-09

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3–4 ଦିନରେ ଘରେ ବସି ପାଆନ୍ତୁ। ସୁଧ 2%, ରିହାତି 50%। ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891


**ପାଠକଙ୍କ ପାଇଁ ସୂଚନା** — ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ଯୁବତୀଙ୍କୁ ପ୍ରତାରଣା: ଠକ ଯୁବକ ଗିରଫ



**ଭାପୁର,୨।୧୦(ଡି.ଏନ୍.ଏ.):** ଫତେଗଡ ଥାନା ଅଞ୍ଚଳର ଜଣେ କଲେଜ ପଢୁଆ ଯୁବତୀଙ୍କୁ ପ୍ରତାରଣା କରି ୧ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର ଖଣ୍ଡପଡା କୋର୍ଟ ଚାଲାଣ କରିଛି। ସେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବରପଦା ଗ୍ରାମର ସନ୍ତୋଷ ପ୍ରଧାନ (୩୪)। ଅଭିଯୋଗରୁ ପ୍ରକାଶ ଯେ, କିଛିଦିନ ପୂର୍ବେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଯୁକ୍ତ ୩ ପାସ୍ କରିଥିବା ଜଣେ ଯୁବତୀଙ୍କ ସହ ସନ୍ତୋଷଙ୍କ ସମ୍ପର୍କ ଗଢି ଉଠିଥିଲା। ସନ୍ତୋଷ ନିଜକୁ ପୋଲିସ ଅଫିସର କହି ଯୁବତୀ ଓ ତାଙ୍କ ପରିବାର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଏପରି କି ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଘରକୁ ଯିବାଆସିବା କରୁଥିଲେ। ଇତିମଧ୍ୟରେ ଟଙ୍କା ଦରକାର ଥିବା କହି ସେ ୩/୪ ଥରରେ ଯୁବତୀଙ୍କ ମା'ଙ୍କଠାରୁ ୧ ଲକ୍ଷ ୬୦ ହଜାର ଟଙ୍କା ନେଇଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହକୁ ଏଡ଼ାଇ ଚାଲିଥିଲେ। ଏପରିସ୍ଥଳେ ସମ୍ପୃକ୍ତ ଯୁବକ ସୋମବାର ଅଧିକ ଟଙ୍କା ନେବାକୁ ଯୁବତୀଙ୍କ ଘରକୁ ଆସିଥିବା ବେଳେ ଗ୍ରାମବାସୀ ତାଙ୍କୁ ଧରି ମାଡ଼ ମାରିଥିଲେ। ଆହତ ଅବସ୍ଥାରେ ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଯୁବତୀଙ୍କ ମା' ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୯୦/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି।

# ଧାରଣାରେ ବସିଲେ ଶିକ୍ଷକ, ଡାକ୍ତର



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଧ୍ୟାପକ, ଶିକ୍ଷକଙ୍କ ଧାରଣା।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାକ୍ତରମାନେ ଧାରଣାରେ ବସିଛନ୍ତି।

**ନୟାଗଡ଼ ଅଫିସ,୨।୧୦**

- ୪ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକଙ୍କ ଅନଶନ
- ୭ଦଫା ଦାବି ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାକ୍ତରଙ୍କ ଧାରଣା

ପବିତ୍ର ଗାନ୍ଧୀ ଜୟନ୍ତୀରେ ଶିକ୍ଷକ ଓ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଅଧ୍ୟାପକମାନେ ୪ଦଫା ଦାବି ନେଇ ପୂର୍ବରୁ ରାଜରାସ୍ତାକୁ ଓହ୍ଲାଇଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇନାହିଁ। ଫଳରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନକ୍ରମେ ସେମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସରକାରଙ୍କ ଉଦାସୀନତା ପ୍ରତିବାଦରେ ଏଭଳି ନୀତି ଆପଣେଇଥିବା କହିଛନ୍ତି ଶିକ୍ଷକ ଅଧ୍ୟାପକମାନେ। ସେହିଭଳି ୭ଦଫା ଦାବିରେ ଡାକ୍ତରମାନେ ମଧ୍ୟ ଧାରଣାରେ ବସିଛନ୍ତି। ଓଡ଼ିଶା ମେଡିକାଲ୍ ସର୍ଭିସ ଆସୋସିଏଶନ (ଓମ୍‌ସା) ଡାକରାରେ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ଓଏମ୍ ଆଣ୍ଡ ଏଚ୍‌ଏସ୍ ସହ କ୍ୟାଡ଼ର ଡାକ୍ତରଙ୍କ ପାଇଁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ଡାକ୍ତରଙ୍କୁ ନିର୍ଭୟରେ କାର୍ଯ୍ୟ କରିବାର ସୁଯୋଗ ଦେବା, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି, ୨୦୧୮ ଓଏମ୍ ଆଣ୍ଡ ଏଚ୍‌ଏସ୍ ଡାକ୍ତର ଏବଂ ଡେଣ୍ଟାଲ ସର୍ଜନଙ୍କ ପାଇଁ କ୍ୟାଡ଼ର ପୁନର୍ଗଠନ, ଅବସର ବୟସସୀମା ୬୨ବର୍ଷ ବୃଦ୍ଧିକୁ ବିରୋଧ, କାର୍ଯ୍ୟ ସମୟ ନିର୍ଘଣ୍ଟ ଜବ୍‌ଚାର୍ଟ ପ୍ରଚଳନ ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଛୁଟି ସୁବିଧା ଆଦି ଅନ୍ୟତମ। ଏଡ଼ିଏମ୍‌ଓ ଡା. ଶ୍ୱେତ ମହାପାତ୍ର, ଆଶିଷ ଦୀକ୍ଷିତ, ସଂଘମିତ୍ରା ଦାଶ, ପରେଶ ସ୍ୱାଇଁ, ସୁରେଶ ଚନ୍ଦ୍ର ମିଶ୍ର, ଶତ୍ରୁଘ୍ନ ନାୟକ, ଅକ୍ଷୟ ସାହୁ, ଗାୟତ୍ରୀ ଦେବୀ, ପ୍ରସନ୍ନ ପ୍ରସାଦ ସାହୁ, ବାଲାଜୀ ସୂରିଆ ରାଓ, ଏସ୍ କେ ରାଏ ପ୍ରମୁଖ ଡାକ୍ତରମାନେ ଏହି ଧାରଣାରେ ଯୋଗ ଦେଇଥିଲେ। ସେହିଭଳି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଅଧ୍ୟାପକ ଶିକ୍ଷକମାନେ ଯୋଗ୍ୟ ବିବେଚିତ ଦିନଠାରୁ ଚାକିରୀ ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ, ବାଦ୍ ପଡ଼ିଥିବା ସ୍କୁଲ କଲେଜଗୁଡ଼ିକୁ ଅନୁଦାନ ପ୍ରଦାନ, ସତ୍ୟପାଠ ପ୍ରତ୍ୟାହାର ଓ ସପ୍ତମ ବେତନ କମିଶନ ଲାଗୁ କରିବା ଭଳି ୪ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଛନ୍ତି। ମିଳିତ ମଞ୍ଚର ସକ୍ରିୟ ସଦସ୍ୟ ତଥା ରାଜ୍ୟ ସଂଯୋଜକ ମାଣିକେଶ୍ୱର ସ୍ୱାଇଁ, ଜିଲା ସଂଯୋଜକ ମୁରଲୀଧର ବେହେରାଙ୍କ ସମେତ ୪୮୮ ବର୍ଗ, ୬୬୨ ବର୍ଗ କଲେଜ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ସମେତ ଓଷ୍ଟାର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ।

# ସାହାଯ୍ୟ ପାଇଁ ଅନଶନରେ ବସିଲେ ଖବରଦାତା

**ନୟାଗଡ଼ ଅଫିସ,୨।୧୦**

ଯିଏ ଅନ୍ୟମାନଙ୍କ ପାଇଁ ସେବା ଯୋଗାଉଥିଲେ ସିଏ ଆଜି ସାହାଯ୍ୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନଶନରେ ବସିଛନ୍ତି। ମିଳିଥିବା ସୂଚନା ଅନୁସାରେ ନୟାଗଡ଼ ବ୍ଲକ ଲେଙ୍କୁଡ଼ିପଡ଼ା ଗ୍ରାମର ସୁଦାମ ଚରଣ ନାୟକ ପୂର୍ବରୁ ଏକ ଦୈନିକ ଖବରକାଗଜର ଖବରଦାତା ଥିଲେ। ହେଲେ ବୟସ ହୋଇଯିବାରୁ ସେ ଆଉ କିଛି କରିପାରୁ ନାହାନ୍ତି। ପରିବାର ନ ଥିବାରୁ ନିଃସ୍ୱ ଭାବେ ଜୀବନ ବିତାଉଛନ୍ତି। ଏପରିସ୍ଥଳେ ସାହାଯ୍ୟ ସହଯୋଗ ପାଇଁ ସେ ବିଭିନ୍ନ ଆଡ଼େ ଅନୁରୋଧ କରି ମଧ୍ୟ ନିରାଶ ହେଲେ। ଶେଷରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ଆସନ୍ତା ୯ତାରିଖରେ ଆତ୍ମାହୁତି ଦେବେ ବୋଲି ମଧ୍ୟ କହିଥିଲେ। ପରେ ନୟାଗଡ଼ର ଖବରଦାତାମାନେ ପହଞ୍ଚି ତାଙ୍କୁ ବୁଝାଶୁଝା କରିବା ସହ ସାହାଯ୍ୟ ପାଇଁ ହାତ ବଢ଼ାଇଥିଲେ। ସୁଦାମ ରୋଗଗ୍ରସ୍ତ ଥିବାରୁ ଖବରଦାତାମାନେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସେ ଚିକିତ୍ସିତ ହେଉଛନ୍ତି। ଭଲ ହେବା ପରେ ତାଙ୍କର ଯତ୍ନ ନିଆଯିବ ବୋଲି ଶ୍ରୀକାନ୍ତ ଖଟେଇ, ପ୍ରମୋଦ ନାୟକଙ୍କ ସମେତ ଏକାଧିକ ଖବରଦାତା ପ୍ରତିଶ୍ରୁତି ଦେଇଛନ୍ତି।



ସୁଦାମ।

# ବଳାତ୍କାରୀଙ୍କୁ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀଙ୍କ ଦାବି

**ରଣପୁର,୨।୧୦(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ ରବିବାର ରାତିରେ ଜଣେ ବିଧବା ମହିଳା(୪୦)ଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦେବାକୁ ମହିଳାଙ୍କ ଗ୍ରାମର ଲୋକେ ଥାନାରେ ଦାବି କରିଛନ୍ତି। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାକୁ ନେଇ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ମଙ୍ଗଳବାର ରଣପୁର ଥାନାରେ ବଳାତ୍କାର କରିଥିବା ଯୁବକ କେଦାର ପ୍ରଧାନ(୪୩)ଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ଏକ ୪ଦଫା ସମ୍ବଳିତ ଦାବି ପତ୍ର ରଣପୁର ଥାନା ଅଧିକାରୀ ଚକ୍ରପତି କଅଁରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ବିଧବା ମହିଳାଙ୍କ କଟକ ବଡ ଡାକ୍ତରଖାନାରେ ହେଉଥିବା ସମସ୍ତ ଚିକିତ୍ସା ଖର୍ଚ୍ଚ ପ୍ରସାଶନ କିମ୍ୱା ରାଜ୍ୟ ସରକାର ବହନ କରିବା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି କିମ୍ୱା ନୟାଗଡ ଜିଲାପାଳଙ୍କ ତରଫରୁ ସରକାରୀ ସାହାଯ୍ୟ ପ୍ରଦାନ କରାଯିବା, ଦୋଷୀକୁ କଠୋରରୁ କଠୋର ଶାସ୍ତି ଦିଆଯିବା ଅର୍ନ୍ତଭୁକ୍ତ । ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ପୋଲିସ ରଣପୁର କୋଟକୁ ଚାଲାଣ କରିଥିଲା ବେଳେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ, ବଳାତ୍କାର ଶିକାର ମହିଳା ଜଣଙ୍କ ଗରିବ ଶ୍ରେଣୀର ହୋଇଥିଲା ବେଳେ କ୍ୟାନ୍‌ସର ରୋଗରେ ପୀଡିତ ହୋଇ ତାଙ୍କ ସ୍ୱାମୀ କିଛି ମାସ ତଳେ ପ୍ରାଣ ହରାଇଛନ୍ତି । ରବିବାର ସନ୍ଧ୍ୟାରେ ମହିଳା ତାଙ୍କ ବନ୍ଧୁ ଘରକୁ ବୁଲିବା ପାଇଁ ଆସିଥିଲେ । ରାତ୍ର ୯ଟାରେ ନିଜ ଘରକୁ ଯାଉଥିଲା ବେଳେ ତାଙ୍କୁ ଏକୁଟିଆ ଦେଖି କେଦାର ପ୍ରଧାନ (୪୩) ଯୋରଜବରଦସ୍ତି ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରି ସେଠାରୁ ଫେରାର ହୋଇଯାଇଥିଲେ । ମହିଳାଙ୍କ ଚିତ୍କାର ଶୁଣି କିଛି ଲୋକ ସେଠାରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ସୋମବାର ରଣପୁର ଥାନାରେ ଅଭିଯେରଗ ପରେ ପୋଲିସ ୨୦୧/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କେଦାର ଙ୍କୁ ଗିରଫ କରିଥିଲା ।

# ହୁଡ଼ାରେ ମାଟି ପକାଇବାକୁ ନେଇ ଆକ୍ରମଣ

**ଖଣ୍ଡପଡା,୨।୧୦(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଗଡିଆସାହି ଫାଣ୍ଡି ଅଧୀନ କୁଞ୍ଜବେଲୀ ଗ୍ରାମରେ ଜମିବାଡିକୁ କେନ୍ଦ୍ରକରି ପଡୋଶୀଙ୍କ ଆକ୍ରମଣରେ ଦମ୍ପତି ଗୁରୁତର ହୋଇଛନ୍ତି। ଗୁରୁତର ରବୀନ୍ଦ୍ର କୁମାର ବାରିକ(୪୫) ଓ ତାଙ୍କ ସ୍ତ୍ରୀଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ,ଜମି ହୁଡାରେ ମାଟି ପକାଇବାକୁ କେନ୍ଦ୍ରକରି କୁଞ୍ଜବେଲୀ ଗ୍ରାମର ଭୋବନା ବାରିକ ଗାଁ ମଝିରେ ରବୀନ୍ଦ୍ରଙ୍କୁ ଗାଳିଗୁଲଜ କରି ମାଡ ମାରିବାକୁ ଉଦ୍ୟତ ହୋଇଥିଲେ । ପରେ ଏହି ଘଟଣାକୁ କେନ୍ଦ୍ରକରି ଗଣ୍ଡଗୋଳର ସୁତ୍ରପାତ ହୋଇଥିଲା । ଭୋବନାଙ୍କ ସହ ଅନ୍ୟ ୪ ଜଣ ମିଳିତ ହୋଇ ରବୀନ୍ଦ୍ରଙ୍କୁ ଏକ ହାତକୋଡିରେ ହଠାତ୍ ଆକ୍ରମଣ କରିବା ଯୋଗୁଁ ସେ ଗୁରୁତର ହୋଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ସ୍ତ୍ରୀ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ କୁଞ୍ଜବେଲୀ ଗ୍ରାମର ଭୋବନା ବାରିକଙ୍କ ସମେତ ଅନ୍ୟ ୪ ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିବା ଖଣ୍ଡପଡା ଥାନା ସୂତ୍ରରୁ ପ୍ରକାଶ।





ଯେଉଁମାନଙ୍କର ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ନାହିଁ, ସେମାନେ ଦିନେ ନା ଦିନେ ଭିକ୍ଷୁକ ପାଲଟିଯିବେ।

- ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ଓଡ଼ଗାଁ,୨।୧୦(ସ୍ୱ.ପ୍ର.): ଓଡ଼ଗାଁ ଥାନା ପଥରା ଛକସ୍ଥିତ ବୃଦ୍ଧାଶ୍ରମ ନିକଟରେ ମଙ୍ଗଳବାର ସକାଳେ ପିକଅପ୍ ଭ୍ୟାନ ଧକ୍କାରେ ନିକଟସ୍ଥ ଭଗବତୀପ୍ରସାଦ ଗ୍ରାମର ବୁଧିଆ ପାତ୍ର(୬୦) ଗୁରୁତର ହୋଇଛନ୍ତି। ବୁଧିଆ ସାଇକେଲରେ ଘରକୁ ଫେରୁଥିବା ବେଳେ ଭଞ୍ଜନଗରରୁ ଟାଙ୍ଗୀ କଟକ ଫେରୁଥିବା ଏକ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଗୁରୁତର ବୁଧିଆଙ୍କୁ ପିକ୍ଅପ ଡ୍ରାଉଭର ଗାଡିରେ ଧରି ସ୍ଥାନୀୟ ଡାକ୍ତରଖାନାକୁ ନେଇଆସିଥିଲେ। ଫଳରେ ବୃଦ୍ଧ ଜଣକ ବର୍ତ୍ତି ଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଡ୍ରାଇଭର ଗୌରାଙ୍ଗ ସାହୁଙ୍କ ଏତାଦୃଶ କାର୍ଯ୍ୟ ନିମନ୍ତେ ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ସହିତ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ବୁଧିଆ ବିପଦମୁକ୍ତ ଥିବା ପରିବାର ସୂତ୍ରରୁ ଜଣାଯାଇଛି। ପୋଲିସ ଗାଡି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ମାମଲାର ତଦନ୍ତ କରୁଛି।

### ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ



ନୟାଗଡ଼ ଅଫିସ,୨।୧୦: ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ମଙ୍ଗଳବାର ଜିଲା ପ୍ରଶାସନ ତରଫରୁ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଜିର ସମାଜରେ ଗାନ୍ଧିଜୀଙ୍କର ନୀତି, ଆଦର୍ଶ ଓ ତ୍ୟାଗକୁ ପାଥେୟ କରି ଚାଲିଲେ ଗ୍ରାମାଞ୍ଚଳର ବିକାଶ ସହ ସେ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ। ସେହିଭଳି ଶାସ୍ତ୍ରୀଙ୍କ ଅହିଂସା ନୀତି ଓ ଜୀବନ ଦର୍ଶନ ଦ୍ୱାରା ପ୍ରଭାବିତ ହେଲେ ସମାଜର ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସର୍ବଧର୍ମ ପ୍ରାର୍ଥନା ସଭାରେ ପ୍ରଫେସର ଦୁଃଖିଶ୍ୟାମ ଦାଶ ପବିତ୍ର ହିନ୍ଦୁ ଧର୍ମଗ୍ରନ୍ଥ ଗୀତା ଆବୃତ୍ତି କରିଥିଲେ। ଫାଦର ମାଥ୍ୟୁସ୍ ବାଇବେଲ୍ ପଠନ କରିଥିବାବେଳେ ମୌଲାନା ଅବଦୁଲ ରାହିମ୍ କୋରାନ ପାଠ କରିଥିଲେ। ପରେ ସଭାରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ ଗାନ୍ଧିଜୀଙ୍କ ସର୍ବଧର୍ମ ନୀତି, ଜୀବନ ଦର୍ଶନ, ସତ୍ୟ, ଶାନ୍ତି ଓ ମୈତ୍ରୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସକାଳୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସହରରେ ଗାନ୍ଧିଜୀଙ୍କ ପ୍ରିୟ ରାମଧୁନ୍ ଡାକବାଜି ଯନ୍ତ୍ର ଦ୍ୱାରା ଗାନ କରାଯାଇଥିଲା। ପୂର୍ବାହ୍ନ ୯ଘଟିକା ସମୟରେ ତ୍ରିନାଥ ଛକଠାରେ ଅବସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ହୋଇଥିବାରୁ ଉଭୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

### ନୀଳମାଧବ କଲେଜରେ ସର୍ଜିକାଲ ଷ୍ଟ୍ରାଇକ ଦିବସ

ଖଣ୍ଡପଡା,୨।୧୦(ସ୍ୱ.ପ୍ର.): କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସର୍ଜିକାଲଷ୍ଟ୍ରାଇକ ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସୁକାନ୍ତ କୁମାର ନାୟକ ଅଧକ୍ଷତା କରିଥିଲେ। ଅନ୍ୟତମ ଅତିଥିଭାବେ ଭୁବନେଶ୍ୱର ଆର୍ମି ଅଫିସର ମେଜର ଚକ୍ରଧର ସାହୁ, ଜୟ୍ ପ୍ରକାଶ ସିହ୍ନା ପ୍ରମୁଖ ଯୋଗଦେଇ ସୀମାପାର ଉତ୍ତେଜନା ଓ ଉଗ୍ରବାଦକୁ କିପରି ଭାବରେ ଦମନ କରାଯାଇଥିଲା ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସର୍ଜିକାଲଷ୍ଟ୍ରାଇକ ହେବା ଫଳରେ ଦେଶର ଯବାନମାନଙ୍କ ମନୋବଳ ବୃଦ୍ଧି ପାଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଚକ୍ଷଣ ବୁଦ୍ଧି ଏବଂ ସ୍ପଷ୍ଟ ଆତଙ୍କବାଦ ବିରୋଧ ନୀତି ପାଇଁ ଏହା ସମ୍ଭବ ହୋଇ ପାରିଛି। ଏହା ଭାରତ ପାଇଁ ଏକ ବିରାଟ ସଫଳତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଓଡ଼ଗାଁ,୨।୧୦(ସ୍ୱ.ପ୍ର.): ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ ପରିସରରେ ମଙ୍ଗଳବାର ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭକ୍ତରଞ୍ଜନ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବିଦ୍ୟାଧର ସାହୁ, ପ୍ରାକ୍ତନ ସରପଞ୍ଚ ବୀରେନ୍ଦ୍ର କୁମାର ସାହୁ, ଖବରଦାତା ଅଶୋକ କୁମାର ମହାପାତ୍ର, ଗିରିଡିପଲ୍ଲୀ ସମିତି ସଭ୍ୟ ବିଜନ କୁମାର ପାଇକରାୟଙ୍କ ସମେତ ପଞ୍ଚାୟତର ସମସ୍ତ ନିର୍ବାଚିତ ୱାର୍ଡ ସଦସ୍ୟ ଉପସ୍ଥିତ ଥିଲେ।

---

### ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# ଜିଲାର ୩୮,୬୪୬ ହିତାଧିକାରୀ ସାମିଲ

ନୟାଗଡ଼ ଅଫିସ,୨।୧୦

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟରେ ଆରମ୍ଭ ହୋଇଛି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା। ଏଥିରେ ନୟାଗଡ଼ ଜିଲାର ୧୩, ୬୩୯ ପରିବାରର ୩୮,୬୪୬ ହିତାଧିକାରୀ ସାମିଲ ହୋଇଛନ୍ତି। ଏହି ଅବସରରେ ସ୍ଥାନୀୟ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ଏକ ସଭା କରାଯାଇ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡା. ଅରୁଣ କୁମାର ସାହୁ, ରଣପୁର ବିଧାୟକ ରବିନାରାୟଣ ନନ୍ଦ, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନା ବିଷୟରେ କହିଥିଲେ। ପରେ ଜିଲାର ୮ ବ୍ଲକର ଶତାଧିକ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ଭାପୁର ବ୍ଲକର ୧୨୧୪ ପରିବାରର ୩୬୩୧ ହିତାଧିକାରୀ, ଦଶପଲ୍ଲା ବ୍ଲକର ୧୩୫୦ ପରିବାରର ୪୦୦୮, ଗଣିଆ ବ୍ଲକର ୫୬୩ ପରିବାରର ୧୬୭୩, ଖଣ୍ଡପଡ଼ା ବ୍ଲକର ୧୪୯୩ ପରିବାରର ୪୭୪୪, ନୟାଗଡ଼ ବ୍ଲକର ୨୨୬୪ ପରିବାରର ୫୨୭୦, ନୂଆଗାଁ ବ୍ଲକର ୧୬୪୧ ପରିବାରର ୪୪୭୮, ଓଡ଼ଗାଁ ବ୍ଲକର ୩୦୮୪ ପରିବାରର ୯୩୨୧ ଓ ରଣପୁର ବ୍ଲକର ୨୦୩୦ ପରିବାରର ୫୫୨୧ ହିତାଧିକାରୀ ସାମିଲ ହୋଇଥିବା କୁହାଯାଇଥିଲା।



ଜଣେ ହିତାଧିକାରୀଙ୍କୁ ରଣପୁର ବିଧାୟକ ରାଶନକାର୍ଡ଼ ପ୍ରଦାନ କରୁଛନ୍ତି।

**ବିଧାୟକମାନଙ୍କ ଦ୍ୱାରା ବଣ୍ଟନ କରାଗଲା ରାଶନ କାର୍ଡ଼**

ସୂଚନାଯୋଗ୍ୟ ଜିଲାର ୬୦୩୫୮ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ପାଇଁ ଲକ୍ଷ୍ୟ ରହିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ୩୮୬୪୬ ଜଣ ସାମିଲ ହୋଇଛନ୍ତି। ଅବଶିଷ୍ଟ ହିତାଧିକାରୀଙ୍କୁ ଆସନ୍ତା ୧୦ତାରିଖ ସୁଦ୍ଧା ସାମିଲ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ଉପାଧ୍ୟକ୍ଷ ଅଖିଳ କୁମାର ଜାନି, ଏସ୍‌ପି ଶଶିଭୂଷଣ ଶତପଥୀ, ପିଡ଼ି ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ କୌଣସି କାରଣରୁ ସେ ଅନୁପସ୍ଥିତ ରହିଥିଲେ।

---

### ପାର୍ବଣ ଋତୁ ଆରମ୍ଭ: ଶକ୍ତିପୀଠ ଉତ୍ସବମୁଖର

# ଭଦ୍ରକାଳୀ ବେଶରେ ଦର୍ଶନ ଦେଲେ ମା' ବିମଳା

ଖଣ୍ଡପଡା,୨।୧୦(ସ୍ୱ.ପ୍ର.)

ଭାଦ୍ରବ ମାସ ମୂଳାଷ୍ଟମୀ ତିଥିରେ ଦ୍ୱିତୀୟା ଓଷା ପାଳନ ହେଉଥିବାବେଳେ ଶକ୍ତିପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ମଙ୍ଗଳବାରଠାରୁ ବିଭିନ୍ନ ଶକ୍ତିପୀଠରେ ଷୋଡଶ ଉପଚାର ପୂର୍ବକ ଷୋହଳ ଦିନ ଧରି ପୂଜା ବିଧି ଆରମ୍ଭ ହୋଇଛି । ଏ ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିରରେ ଷୋଡଶ ଦିନାତ୍ମକ ଦୁର୍ଗାମାଧବ ପୂଜା ଆରମ୍ଭ ହୋଇଯାଇଛି। ସହସ୍ର କୁମ୍ଭ ଅଭିଷେକ ବିଧି ସହ ଅପରାହ୍ନରେ ଦେବୀ ଦୁର୍ଗା ନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ କରିଥିଲେ। ମା' ବିମଳାଙ୍କ ଭଦ୍ରକାଳୀ ବେଶ ଦର୍ଶନ କରିବାକୁ ଭକ୍ତମାନଙ୍କ ସମାଗମ ହୋଇଥିଲା ମଙ୍ଗଳବାରଠାରୁ ନବମୀ ତିଥି ପର୍ଯ୍ୟନ୍ତ ଏଠାରେ ଦୁର୍ଗାମାଧବଙ୍କ ପୂଜା ଅନୁଷ୍ଠିତ ହେବ । ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ମହାସ୍ନାନ ପରେ ମା'ଙ୍କ ପାଖରେ ଖଣ୍ଡା ପୂଜା ଅନୁଷ୍ଠିତ ହୋଇଛି । ମା'ଙ୍କ ଭଦ୍ରକାଳୀ ପୂଜାର୍ଚ୍ଚନା ସହ ଖଣ୍ଡପଡ଼ାର ଆରାଧ୍ୟା ଶକ୍ତିପୀଠ ମା'ବାଉତୀ, ମା'ବାହାଡାଶୁଣି, ମା'ପାଟଚଣ୍ଡୀ, ମା'ଡୁମ୍ବାଲୁଣୀଙ୍କ ନିକଟରେ ମଧ୍ୟ ନିୟମାନୁସାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଏ ସମୟରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ କଣ୍ଟିଲୋ ଏବଂ ଖଣ୍ଡପଡ଼ାବାସୀଙ୍କୁ ବିଭୋର କରିଛି। ଶାରଦୀୟ ନିର୍ମଳ ଆକାଶ ଏବଂ ବେଳେବେଳେ ମେଘର ଦୃଶ୍ୟ ମଧ୍ୟରେ ଧରାପୃଷ୍ଠକୁ ମା'ଙ୍କ ଆବିର୍ଭାବ ହୋଇଛି। କୁହାଯାଉଛି ଯେ ପାର୍ବଣ ଋତୁ ନିମନ୍ତେ ପ୍ରକୃତିଦେବୀ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।



ଭଦ୍ରକାଳୀ ବେଶରେ ମା' ବିମଳା।

---

# ସନ୍ତାନଙ୍କ ସୁଖ କାମନା କରି ଦ୍ୱିତୀୟା ଓଷା

ଖଣ୍ଡପଡା,୨।୧୦(ସ୍ୱ.ପ୍ର.)

ଓଡ଼ିଆ ସଂସ୍କୃତିରେ ଦ୍ୱିତୀୟା ଓଷା ବା ଦ୍ୱିତୀବାହନ ଓଷାର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ଅଛି । ଏହାକୁ ସହର ଓ ଗ୍ରାମାଞ୍ଚଳରେ ପାଳନ କରାଯାଏ। ଆଶ୍ୱିନ କୃଷ୍ଣପକ୍ଷ ସପ୍ତମୀ ଓ ଅଷ୍ଟମୀ ତିଥିରେ ୨ଦିନ ବ୍ୟାପୀ ଏହି ଓଷା ପାଳନ କରାଯାଏ। ସନ୍ତାନସନ୍ତତିଙ୍କ ଶୁଭମନାସୀ ଖଣ୍ଡପଡ଼ା ଅଞ୍ଚଳର ମହିଳାମାନେ ସୋମବାର ଓ ମଙ୍ଗଳବାର ୨ ଦିନ ଧରି ପୂଜା କରିଥିଲେ। କଣ୍ଟିଲୋ, ଖଣ୍ଡପଡ଼ା, ଖଳିସାହି, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ଧାନଚେଙ୍ଗଡା, ଜଗନ୍ନାଥପ୍ରସାଦ, କୋସକା, ମର୍ଦ୍ଦରାଜପୁର ଆଦି ଅଞ୍ଚଳର ମହିଳାମାନେ ଦ୍ୱିତୀୟା ଓଷା ପାଳନ କରିଛନ୍ତି । ପ୍ରଥମ ଦିବସରେ ଏକବାର ନିର୍ଜଳା ଉପବାସ ଓ ଦ୍ୱିତୀୟ ଦିବସରେ ସାରାଦିନ ସମ୍ପୂର୍ଣ୍ଣ ନିର୍ଜଳା ଉପବାସ କରି ସୂର୍ଯ୍ୟାସ୍ତ ପରେ ଗ୍ରାମ ନିକଟସ୍ଥ ନଦୀ, ପୋଖରୀରେ ସ୍ନାନ କରି ମହିଳାମାନେ ଗଙ୍ଗାମାତାଙ୍କୁ ପୂଜା କରିଥିଲେ । ବାଲୁକା ଲିଙ୍ଗ ସ୍ଥାପନା କରାଯାଇଥିଲା। ବାଲୁକା ଲିଙ୍ଗର ଚାରିପାଖରେ ସାତଟି ଅପମାରଙ୍ଗ କାଠି ପୋତି ତା' ଉପରେ କାକୁଡି ଓ ହଳଦୀ ଲଗା ଅରୁଆ ଚାଉଳରେ ସଜାଇ ସ୍ନାନ ସମାପନ କରି ବ୍ରତଧାରିଣୀ ଘରକୁ ଫେରିଥିଲେ। ସ୍ନାନ ପରେ ଏମାନେ ନୂତନ ବସ୍ତ୍ର ଉପରେ ଚାଲି ଚାଲି ପୂଜା ମଣ୍ଡପରେ ପହଞ୍ଚି ବନ୍ଦାପନା କରିଥିଲେ । ପରେ ବ୍ରତ ଧାରିଣୀମାନେ ନିଜ ନିଜର ନୂତନ ବସ୍ତ୍ର ପରିଧାନ କରି ଘରେ ଭୋଗ ଡାଲାରେ ପୂଜା ପାଇଁ ରଖିଥିବା କଦଳୀ, ନଡିଆ, କମଳା, କରମଙ୍ଗା, ପିଜୁଳି, କାକୁଡି, ବୁଟ, ମୁଗ, ଓଉ, ଜହ୍ନି, କଖାରୁ, ଲେମ୍ବୁ, ଗୁଆ ଆଦି ୨୧ ପ୍ରକାର ଭୋଗ ସାମଗ୍ରୀ ଏବଂ ୧୦୮ ଦୁବ ଅରୁଆ ଚାଉଳ, ଫୁଲ ଧରି ପୂଜାସ୍ଥଳକୁ ଆସିଥିଲେ। ବିଭିନ୍ନ ପୂଜା ସାମଗ୍ରୀ ଆଣି ବିଧିପୂର୍ବକ କୋଠି ପ୍ରସ୍ତୁତ କରି କଦଳୀ ଗଛପୋତି ମୁରୁଜ ଦେଇ ବାଲୁକାରେ ସୂର୍ଯ୍ୟ ଦେବତାଙ୍କୁ ସ୍ଥାପନା କରାଯାଇଥିଲା । ଶଙ୍ଖଧ୍ୱନି ଓ ହୁଳହୁଳି ଧ୍ୱନିର ଆଧାତ୍ମିକ ପରିବେଶ କମ୍ପି ଉଠିଥିଲା। ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଓଷା ବହି ପଠନ କରାଯାଇଥିଲା। ପୂଜାବେଦୀରେ ଏକ ପାଣିକଖାରୁକୁ ବଳି ଦିଆଯାଇଥିଲା । ବୁଧବାର ସକାଳେ ବିଭିନ୍ନ ପନିପରିବା ଦ୍ୱାରା ତରକାରି ପ୍ରସ୍ତୁତ କରାଯାଇ ତାହା ସାହିପଡ଼ିଶାଙ୍କୁ ଶ୍ରଦ୍ଧାପୂର୍ବକ ବଣ୍ଟନ କରାଯିବ। ଏହାଦ୍ୱାରା ପୂଜା ଉଦ୍‌ଯାପିତ ହୋଇଥାଏ।



ଦ୍ୱିତୀୟ ଓଷା ପାଳନ କରାଯାଉଛି।

**ବ୍ରତଧାରିଣୀଙ୍କ ହୁଳହୁଳି ଧ୍ୱନିରେ କମ୍ପିଲା ପୂଜାସ୍ଥଳ**

---

# ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସଂକଳ୍ପ

ଦଶପଲ୍ଲା,୨।୧୦(ଡି.ଏନ.ଏ.)

ସବୁ ଅନର୍ଥର ମୂଳ କାରଣ ହେଉଛି ନିଶା। ଏହାଦ୍ୱାରା ଅପରାଧ ବୃଦ୍ଧି ସହ ଅନେକ ବ୍ୟକ୍ତି ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ସେଥିପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ବିଜୁ ଯୁବ ବାହିନୀ ପକ୍ଷରୁ 'ନିଶାକୁ ନା' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିବା ସହ ନିଶାମୁକ୍ତି ପାଇଁ ସଂକଳ୍ପ ନେଇଛନ୍ତି। ଦଶପଲ୍ଲା ଏନ୍‌ଏସି ଅଧୀନ ସାତପାଟଣା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ଏନ୍‌ଏସି ଉପାଧ୍ୟକ୍ଷ ପ୍ରକାଶ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପଟ୍ଟନାୟକ, ବିଜୁ ଯୁବ ବାହିନୀ ସଭାପତି ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଘୋଲାହାଣ୍ଡି ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ସୁଧାଂଶୁ ଶେଖର ପ୍ରଧାନ ଓ ସମ୍ପାଦକ ଉମାଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତଠାରେ ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

---

# ଗାୟତ୍ରୀ ପରିବାରର ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

ଓଡ଼ଗାଁ,୨।୧୦(ସ୍ୱ.ପ୍ର.)

ସ୍ଥାନୀୟ ଗାୟତ୍ରୀ ପରିବାର ଟ୍ରଷ୍ଟ ଆନୁକୂଲ୍ୟରେ ମଙ୍ଗଳବାର ବ୍ୟସନ ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟମାନେ ସପରିବାର ସ୍ଥାନୀୟ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସମସ୍ତେ ବ୍ୟସନ ମୁକ୍ତ ହେବା ନିମନ୍ତେ ସ୍ଲୋଗାନ ଦେବା ସହିତ ନିଶା ନିବାରଣ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ ଲୋକଙ୍କୁ ସଚେତନ କରିଥିଲେ । ବୀରେନ୍ଦ୍ର କୁମାର ସାହୁ, ନୃସିଂହ ଚରଣ ସାହୁ, ଭଗବାନ ମନ୍ତ୍ରୀ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ନାରାୟଣ ସାହୁ, ନାରାୟଣ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗାୟତ୍ରୀ ନଗର ପ୍ରଜ୍ଞାପୀଠରେ ଶୋଭାଯାତ୍ରା ପହଞ୍ଚିଲା ପରେ ସେଠାରେ ପ୍ଲାଷ୍ଟିକ, ପଲିଥିନ ଓ ନିଶାଦ୍ରବ୍ୟ ବ୍ୟବହାରର କୁପରିଣତି ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସମସ୍ତେ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।



ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ଗାୟତ୍ରୀ ପରିବାର।

---

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ନୟାଗଡ଼ ଅଫିସ,୨।୧୦

ମଙ୍ଗଳବାର ବିଜେଡି ତରଫରୁ ନୟାଗଡ଼ଠାରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଜୟପ୍ରକାଶ ନାରାୟଣ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଏହି ୧୫ଦିନ ମଧ୍ୟରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୩୦୦ କିଲୋମିଟର ବୁଲିବା ଲକ୍ଷ୍ୟ ରହିଥିବା କହିଛନ୍ତି ବିଧାୟକ ଡ. ଅରୁଣ କୁମାର ସାହୁ। ଚଣ୍ଡୀବସ୍ତ ପଞ୍ଚାୟତର ହାଟଦ୍ୱାରଠାରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୧୫ କିଲୋମିଟର ବୁଲି ଗାଁ ଲୋକଙ୍କ ପାଖରେ ପହଞ୍ଚିଛନ୍ତି ବିଧାୟକ ସାହୁ। ପଦଯାତ୍ରା ମଙ୍ଗରାଜପୁର, ଖମାର ସାହି, ମୁକ୍ତାପୁର, ମାଙ୍କପଲ୍ଲୀ, ଚଣ୍ଡୀବସ୍ତ, ତୁଳସୀପୁର, ସଡ଼କସାହି, କଳାହାଣ୍ଡି, ଜୟପୁର, ସୁପର୍ଣ୍ଣଦେଇପୁର, ସାନଜୟପୁର ଆଦି ଗ୍ରାମ ବୁଲି ମୁଥାଗାଡ଼ିଆଠାରେ ପହଞ୍ଚିଥିଲା। ଏହି ଅବସରରେ ମୁଥାଗାଡ଼ିଆଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସାହୁ କହିଥିଲେ, ୧୫ଦିନରେ ନୟାଗଡ଼ ନିର୍ବାଚନମଣ୍ଡଳୀର ୪୭ ଗ୍ରାମର ଜନସାଧାରଣଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପଦଯାତ୍ରା ନିଷ୍ପତ୍ତି ନିଆଯାଇଛି। ପଦଯାତ୍ରାରେ ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରା, ଉପାଧ୍ୟକ୍ଷ ସୁବାସ କଅଁର, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ମହିଳା ଜିଲା ସଭାନେତ୍ରୀ ଜୟଶ୍ରୀ ଦାସ, ମହିଳା ରାଜ୍ୟ ସମ୍ପାଦିକା ମାଳତୀ ଗୁରୁ, ଜନାର୍ଦ୍ଦନ ଦଳବେହେରା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।



ବିଧାୟକଙ୍କ ସହିତ ପଦଯାତ୍ରାରେ ବାହାରିଥିବା କର୍ମୀମାନେ।

---

# ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ଡାକ୍ତରଖାନା ସଫେଇ

ଭାପୁର,୨।୧୦(ଡି.ଏନ୍.ଏ.): ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଭାପୁର ଶାଖାର କର୍ମଚାରୀମାନେ ଗାନ୍ଧୀ ଜୟନ୍ତୀରେ ଭାପୁର ଡାକ୍ତରଖାନା ଓ ବଜାର ସଫେଇ କରିଥିଲେ। ସକାଳ ୧୦ଟା ସମୟରେ ବ୍ୟାଙ୍କ ଶାଖା ପରିଚାଳକ ପ୍ରସନ୍ନ କୁମାର ପାଳ, ସମବାୟ ସମ୍ପ୍ରସାରଣ ଅଧିକାରୀ ତ୍ରିଲୋଚନ ସ୍ୱାଇଁ, ବ୍ଲକର ବିଭିନ୍ନ ସମବାୟ ସମିତିର ସଭାପତିମାନେ ଏକାଠି ହୋଇ ସଫେଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଦେବରାଜ ପଣ୍ଡା, ସମବାୟ ସମିତି ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ଗଙ୍ଗାଧର ବାରିକ, ଗୋପୀନାଥ ପଲେଇ ପ୍ରମୁଖ ସାମିଲ ହୋଇଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଗାଁ ଗାଁ ବୁଲି ରାମଧୁନ ଗାଇ ଗାନ୍ଧୀଙ୍କୁ ସ୍ମରଣ କରିଥିଲେ।

---

# ପରମ୍ପରା: ଖଣ୍ଡପଡ଼ାରେ ଶ୍ରୀହନୁମାନ କାଠିପୂଜା

ଖଣ୍ଡପଡା,୨।୧୦(ସ୍ୱ.ପ୍ର.)

ଶ୍ରୀହନୁମାନ କାଠିପୂଜା ଖଣ୍ଡପଡା ଗଡ଼ଜାତ ଅଞ୍ଚଳର ଏକ ସ୍ୱତନ୍ତ୍ର ତଥା ବିଶେଷ ପରମ୍ପରା । ରାଜରାଜୁଡା ଅମଳରୁ ପାଳିତ ହୋଇ ଆସୁଥିବା ଏହି ପୂଜା ଉତ୍ସବ ପାଇଁ ମଙ୍ଗଳବାର ଖଣ୍ଡପଡା ସହର ଉତ୍ସବମୁଖର ହୋଇ ଉଠିଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ହନୁମାନ କାଠି ଦର୍ଶନ ସହ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ହନୁମାନ କାଠି ବିଜେ ହେଉଥିବା ରାସ୍ତା ଦୁଇ ପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଣିପାତ କରୁଥିବା ଦେଖାଯାଇଥିଲା।

ଖଣ୍ଡପଡା ରାଜ ପରିବାରର ଦାୟାଦ ତଥା ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ କହିବାନୁଯାୟୀ, ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷା ତିଥିରେ ଖଣ୍ଡପଡା ରାଜବାଟୀ ପରିସରରେ ଥିବା ପର୍ବଘରେ ଦୀର୍ଘ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ହନୁମାନ କାଠି ପୂଜା ଷୋଡଶ ଉପଚାରରେ ହୋଇଆସୁଛି । ମା'ଙ୍କ ଆଜ୍ଞାମାଳ ପାଇବା ପରେ ଏହି ପୂଜା ରାତି ପ୍ରାୟ ୧୦ଟା ପରଠାରୁ ୩ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ୧୬ ଦିନ ବ୍ୟାପୀ ପୂଜାର୍ଚ୍ଚନାର ଆଦିପର୍ବ ଭାବରେ ଏହା ଖୁବ୍ ପରିଚିତ । ସନ୍ଧ୍ୟା ଆଳତୀ ପରେ ହନୁମାନଙ୍କ ଆଜ୍ଞାମାଳ ପ୍ରାପ୍ତି ହୁଏ । ନିଶାର୍ଦ୍ଧ ରାତିରେ ସେବକମାନେ ହନୁମାନଙ୍କ କାଠିକୁ ଖଳିସାହି ତୋଟା ହନୁମାନଙ୍କଠାରୁ ଗୋଟିଏ ୧୬ ହାତ ଲମ୍ବର କାଠି (ଯିଏ ରଜା ଥାଆନ୍ତି ତାଙ୍କ ହାତର ମାପ ଅନୁସାରେ ୧୬ ହାତ) ଶୁଦ୍ଧ କଟୁଆଳମାନଙ୍କ ଦ୍ୱାରା ଖଳିସାହିଠାରୁ ଆରମ୍ଭ କରି ବରଡ଼ାବାଡି, ଇଚ୍ଛାପୁର, ପୁଆଣିଆଁ, ଖଣ୍ଡପଡା ସହରାଞ୍ଚଳ ଦେଇ ଜଗନ୍ନାଥ ଜୀଉଙ୍କ ଦର୍ଶନ କରି ରାଜବାଟିରେ ପୂଜା ପାଆନ୍ତି । ଏହି ଅବସରରେ ପ୍ରତି ଦୁଆରେ ପୂର୍ଣ୍ଣକୁମ୍ଭ ଓ ଦୀପ ପ୍ରଜ୍ୱଳନ ସହ ଭୋଗଲାଗି ହୋଇଥାଏ । ସେହିପରି ସାମନ୍ତଙ୍କ ପରିବାରଗୁଡ଼ିକରେ ଭୋଗଲାଗି ହେବା ପାଇଁ ଶ୍ରୀହନୁମାନଙ୍କ କାଠିକୁ ବିଜେ କରାଯାଇଥାଏ । ତା' ପରେ ଖଣ୍ଡପଡା ରାଜ ପରିବାରର ଦାୟାଦ ତଥା ରାଜା ତାଙ୍କୁ ଖଣ୍ଡପଡା ରାଜବାଟୀରେ ଦର୍ଶନ ପୂର୍ବକ ପୂଜାର୍ଚ୍ଚନା କରିଥାନ୍ତି । ଏହି ପରମ୍ପରାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥାଏ । ପରେ ଖଣ୍ଡପଡା ରାଜବାଟୀର ଇଷ୍ଟଦେବୀ ବାଉରୀ ଠାକୁରାଣୀ ସୁସଜ୍ଜିତ ଭାବେ ଏକ ବିରାଟ ପଟୁଆରରେ ରାଜବାଟି ଭିତରେ ଥିବା ମନ୍ଦିରରୁ ବାହାରି ପର୍ବଘରକୁ ବିଜେ ହୋଇଥାନ୍ତି । ସେହିଠାରେ ଉଭୟ ହନୁମାନଙ୍କ କାଠି ଓ ବାଉରୀ ଠାକୁରାଣୀ ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି। ସେଠାରେ ତାଙ୍କର ପାରମ୍ପରିକ ନୀତିକାନ୍ତି ଦଶହରା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଦଶହରା ଦିନ ଠାକୁରାଣୀ ପୂଜାସ୍ଥଳୀକୁ ବିଜେ ହୋଇଥାନ୍ତି ।



୧୬ ହାତ ଲମ୍ବର ହନୁମାନଙ୍କ କାଠିକୁ ସେବକମାନେ ବିଜେ କରାଉଛନ୍ତି।

**ସଂକ୍ଷେପରେ**

## ପ୍ଲାଷ୍ଟିକ୍, ପଲିଥିନ୍ ବର୍ଜନ ପାଇଁ ସଚେତନତା

**ବ୍ରହ୍ମପୁର ଅଫିସ୍,୨।୧୦:** ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରର କୁପ୍ରଭାବ ଉପରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡାଙ୍କ ପରାମର୍ଶ କ୍ରମେ ଓ ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ପ୍ରେରଣାରେ ଜିଲାସ୍ତରୀୟ ସ୍ୱଚ୍ଛତା ପକ୍ଷ ଓ ପଲିଥିନ୍ ବ୍ୟବହାରର କୁଫଳ ଉପରେ ଶୋଭାଯାତ୍ରା ସହର ପରିକ୍ରମା କରାଯାଇଥିଲା। ଏହି ସଚେତନତା ରାଲିକୁ ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଏସ୍.ମୋହନ ରାଓ ଏବଂ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ସ୍କାଉଟ୍‌ସ ଓ ଗାଇଡ୍‌ସମାନଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ପରିବେଶ ନଷ୍ଟ ହେବା, ମାଟି, ମଣିଷ ଓ ପଶୁପକ୍ଷୀମାନଙ୍କୁ ଆଗାମୀ ଦିନରେ ଏହାର କୁପ୍ରଭାବ ଉପରେ ବିଶଦ୍ ଭାବେ ଅବଗତ କରାଇ ଏଥିରୁ ନିଜେ ନିଜ ପରିବାରକୁ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ସ୍କାଉଟ୍‌ସ ଓ ଗାଇଡ୍‌ସମାନେ ବିଦ୍ୟାଳୟରୁ ବାହାରି ବିଭିନ୍ନ ସ୍ଲୋଗାନ୍‌ଯୁକ୍ତ ପ୍ଲାକାର୍ଡ ଧରି ଗଣେଶ ନଗର, ହରିହର ନଗର ଓ ହାଉସିଂ ବୋର୍ଡ ଅନ୍ତର୍ଗତ ଜନସାଧାରଣଙ୍କୁ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରର କୁଫଳ ସମ୍ବନ୍ଧରେ ସଚେତନ କରାଇଥିଲେ। ଏହି ରାଲିକୁ ବିଦ୍ୟାଳୟର ସହ-ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ସ୍କାଉଟ ମାଷ୍ଟର ଜି. ବାଡତ୍ୟା, ବି. ଦାଶ ଓ ଗାଇଡ୍ କ୍ୟାପ୍ଟେନ୍ ପି. ଆଚାର୍ଯ୍ୟ, ଏସ୍. ପ୍ରଧାନ ପ୍ରତ୍ୟକ୍ଷଭାବେ ପରିଚାଳନା କରିଥିଲେ।

# ପଲିଥିନ, ପ୍ଲାଷ୍ଟିକ ମୁକ୍ତ କରିବାକୁ ସହରବାସୀ ଆଗଭର ହୁଅନ୍ତୁ : ଦୂତୀ

**ବ୍ରହ୍ମପୁର ଅଫିସ,୨।୧୦**

- ପଲିଥିନ ପ୍ଲାଷ୍ଟିକ ବର୍ଜନ ନେଇ ମିନି ମାରାଥନ
- ବିଏମ୍‌ସିକୁ ବାହ୍ୟ ମଳମୁକ୍ତ ଘୋଷଣା
- ୧୫ ଏସ୍‌ଏଚଜିଙ୍କୁ ଦିଆଗଲା ଶୌଚାଳୟ ପରିଚାଳନା ଦାୟିତ୍ୱ

ମହାନଗରକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ସହରରେ ପରିଣତ କରିବା ଲକ୍ଷ୍ୟ ନେଇ ବ୍ରହ୍ମପୁର ମହାନଗର ନିଗମ ଓ ଜିଲା କ୍ରୀଡା ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ମିନି ମରାଥନ ମଙ୍ଗଳବାର ଆୟୋଜିତ ହୋଇଯାଇଛି । ଏହି ଅବସରରେ ବ୍ରହ୍ମପୁରକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ବିଏମ୍‌ସି ପକ୍ଷରୁ ଘୋଷଣା କରାଯାଇଥିଲା । ଆନ୍ତର୍ଜାତୀୟ ଖେଳାଳି ଦୂତୀ ଚାନ୍ଦ ଅତିଥି ଭାବେ ଯୋଗଦେଇ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ମାରାଥନ ଷ୍ଟାଡିୟମରୁ ବାହାରି ଇଞ୍ଜିନିୟରିଂ ସ୍କୁଲ ଛକ ଦେଇ ଟାଉନହଲରେ ପହଞ୍ଚିଥିଲା । ଏହାପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଟାଉନହଲରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ଯୁବନେତା ବିକ୍ରମ ପଣ୍ଡା, ଭାରୋତ୍ତୋଳନକାରୀ କେ. ରବି କୁମାର, ଆର୍ନ୍ତଜାତୀୟ ଖେଳାଳି ଦୂତୀ ଚାନ୍ଦ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ପ୍ରଫୁଲ୍ଲ ଜଗନ୍ନାଥ ପାଢୀ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲାପାଳ ଅଧ୍ୟକ୍ଷତା କରି କହିଥିଲେ, ପ୍ଲାଷ୍ଟିକ ଆମ ପରିବେଶ ପାଇଁ ବହୁତ ଖାରାପ । ପରିବେଶକୁ ସଫା, ସୁନ୍ଦର ରଖିବାକୁ ହେଲେ ପ୍ଲାଷ୍ଟିକକୁ ମନା କରିବାକୁ ପଡିବ । ପ୍ଲାଷ୍ଟିକ, ପଲଥିନର ବ୍ୟବହାର ଆମ ପାଇଁ ଯେତେ ଉପଯୋଗୀ ସେତେ କ୍ଷତିକାରକ। ବର୍ତ୍ତମାନ ଏହା ସାରାପୃଥିବୀରେ ପରିବେଶ ପ୍ରଦୁଷଣର ମୁଖ୍ୟ କାରଣ। ସହରକୁ ସୁସ୍ଥ ଓ ସୁନ୍ଦର ଭାବେ ଗଢିତୋଳିବାକୁ ହେଲେ ପ୍ଲାଷ୍ଟିକ, ପଲିଥିନ ମୁକ୍ତ କରିବାରେ ସମସ୍ତେ ଆଗଭର ହେବାକୁ ଦୂତୀ ଆହ୍ୱାନ ଦେଇଥିଲେ। ପଲିଥିନ, ପ୍ଲାଷ୍ଟିକ ବଦଳରେ କାଗଜ ଓ କନାରେ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ନିଜେ ଓ ନିଜ ପରିବେଶକୁ ସୁସ୍ଥ ରଖିହେବ ବୋଲି ସେ କହିଥିଲେ। ଜିଲାପାଳ ବ୍ରହ୍ମପୁର ମହାନଗର ନିଗମକୁ ବାହ୍ୟ ମଳ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିଲେ । ଜିଲା କ୍ରୀଡା ପରିଷଦ ସାଧାରଣ ସମ୍ପାଦକ ଅଶୋକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ରୀଡା ପରିଷଦ ଓ ବିଏମ୍‌ସିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ୨୨ କମ୍ୟୁନିଟି ଟଏଲେଟର ପରିଚାଳନା ପାଇଁ ୧୫ ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ବିଭିନ୍ନ ବର୍ଗରେ ହୋଇଥିବା ମାରାଥନ ଦୌଡରେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ମାରାଥନରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ପାତ୍ର ପ୍ରଥମ, ବି. ଆଦିନାରାୟଣ ଦ୍ୱିତୀୟ, ଅମୂଲ୍ୟ କୁମାର ମହାଲିକ ତୃତୀୟ ହୋଇଥିଲେ। ସେହିପରି ମହିଳା ବର୍ଗରେ ଏ. ରତ୍ନ ରାଓ ପ୍ରଥମ, ବି. ଲିପ୍ସାରାଣୀ ଦ୍ୱିତୀୟ, ବିଭାବତୀ ନାୟକ ତୃତୀୟ ହୋଇଥିଲେ । ପୁରୁଷ ବର୍ଗରେ ସୁଜିତ ଲାକ୍ରା ପ୍ରଥମ ହୋଇଥିବା ବେଳେ ରଙ୍ଗାଲାଲ ନାୟକ ଦ୍ୱିତୀୟ, ପି. ସୂର୍ଯ୍ୟ ଭେଙ୍କେଟ ତୃତୀୟ ହୋଇଥିଲେ ।


ମିନି ମାରାଥନକୁ ଦୂତୀ ଚାନ୍ଦ ପତାକାଦେଖାଇ ଶୁଭାରମ୍ଭ କରୁଛନ୍ତି।

## ବିଷ ପିଇ ୨ ମୃତ

**ବ୍ରହ୍ମପୁର ଅଫିସ,୨।୧୦**

ପୃଥକ ପୃଥକ ସ୍ଥାନରେ ବିଷ ପିଇ ୨ ଜଣ ଅସୁସ୍ଥ ହୋଇ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ମଙ୍ଗଳବାର ସେମାନଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ବାରୁଆ ଥାନା ଅଧୀନ ସୋମପେଟା ନିକଟସ୍ଥ ଇସ୍କାଲାପାଲମ୍ ଅଞ୍ଚଳର ବି.ଗାଙ୍ଗେୟା(୬୫) ଏବଂ ଅନ୍ୟ ଜଣ ହେଲେ କବିସୂର୍ଯ୍ୟନଗର ଥାନା ଗୁଡିଆଳି ଗ୍ରାମର ବନବାସ ଭୂୟାଁ(୪୦)। ପ୍ରକାଶଯେ, ଇସ୍କାଲାପାଲମ୍ ଅଞ୍ଚଳର ବି.ଗାଙ୍ଗେୟା ଦୀର୍ଘ ଦିନ ଧରି ପକ୍ଷାଘାତର ଶିକାର ହୋଇ ଶଯ୍ୟାରେ ପଡିଥିବା ବେଳେ ସୋମବାର ସନ୍ଧ୍ୟାରେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ ପରିବାର ବର୍ଗ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ମଙ୍ଗଳବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସେହିପରି, ବନବାସ ଗତ ୩୦ ତାରିଖରେ ଶ୍ୱଶୁର ଘର ଭୁଷୁଣ୍ଡା ଗ୍ରାମକୁ ଯାଇଥିଲେ। ସେହି ଦିନ ସନ୍ଧ୍ୟାରେ କୌଣସି କାରଣରୁ ଭୁଷୁଣ୍ଡା ଗ୍ରାମ ଛକରେ ସଂଜ୍ଞାହୀନ ଅବସ୍ଥାରେ ପଡିଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମଙ୍ଗଳବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କୀଟନାଶକ ପିଇ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ବୈଦ୍ୟନାଥପୁର ଥାନାରେ ନଂ. ୪୯୨/୧୮ ଏବଂ ୪୯୩/୧୮ରେ ପୃଥକ ପୃଥକ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଯାଇଛି ।

## ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତକୁ ନେଇ କଂଗ୍ରେସ ପକ୍ଷରୁ ଧାରଣା



**ରଣପୁର, ୨।୧୦ (ସ୍ୱ.ପ୍ର.):**ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ଓ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଡାକ୍ତରଖାନାରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। କେଉଁ ଡାକ୍ତରଖାନାରେ ଡାକ୍ତର ନାହାନ୍ତି ତ ପୁଣି କେଉଁଠି କର୍ମଚାରୀମାନଙ୍କ ଅଭାବ ରହିଛି । ସ୍ୱାସ୍ଥ୍ୟସେବା ନେଇ ସାଧାରଣ ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହାକୁ ବିରୋଧ କରି ମଙ୍ଗଳବାର ଗାନ୍ଧୀ ଜୟନ୍ତୀରେ ରଣପୁର କଂଗ୍ରେସ ତରଫରୁ ସରକାରୀ ଡାକ୍ତରଖାନା ଆଗରେ ଥିବା ରଘୁଦିବାକର ମଣ୍ଡପରେ ନୀରବ ପ୍ରତିବାଦ କରାଯାଇ ଧାରଣା ଦିଆଯାଇଥିଲା। ରଣପୁର ଜୋନ ସଭାପତି ବିଶ୍ୱରଞ୍ଜନ ଆଚାର୍ଯ୍ୟ, ବିପିନି ବିହାରୀ ନାୟକଙ୍କ ନେତୃତ୍ୱରେ ଧାରଣା ଦିଆଯିବା ପୂର୍ବରୁ ଗାନ୍ଧୀଙ୍କ ତୈଳ୍ୟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସତ୍ୟବ୍ରତ ନାୟକ, ବରିଷ୍ଠ କଂଗ୍ରେସ ନେତା ଡଃ ସନ୍ତୋଷ ଲେଙ୍କା, ଶୁଭଶ୍ରୀ ପଣ୍ଡା, ଆଇନଜୀବୀ ସତ୍ୟରଞ୍ଜନ ମଡା, ଉମେଶ ଚନ୍ଦ୍ର ସାହୁ, ପ୍ରତିମା ଜେନା ପ୍ରମୁଖ ଯୋଗଦେଇଥିଲେ।

# ଗଣିଆ, ଓଡ଼ଗାଁରେ ଗାନ୍ଧୀ ଜୟନ୍ତୀ

**ଗଣିଆ,୨।୧୦(ଡି.ଏନ.ଏ.)**

ଗଣିଆ ବ୍ଲକର ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ମଙ୍ଗଳବାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଗୁଡ଼ିକରେ ସକାଳୁ ପ୍ରଭାତଫେରି କରାଯିବା ସହିତ ଗାନ୍ଧୀଙ୍କ ପ୍ରିୟ ସଙ୍ଗୀତ 'ରଘୁପତି ରାଘବ ରାଜା ରାମ' ବୋଲା ଯାଇଥିଲା। ଗଣିଆସ୍ଥିତ କିଶୋର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ପ୍ରଭାତଫେରି, ଗାନ୍ଧିଜୀଙ୍କ ପ୍ରିୟ ସଙ୍ଗୀତ ଗାନ କରିବା ସହିତ ବିଦ୍ୟାଳୟ ପରିସର ଓ ଗଣିଆ ବଜାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ,ତର୍କ ଓ କୁଇଜ୍ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତିରେକେ ଛାତ୍ରୀଛାତ୍ରମାନେ ବିଜ୍ଞାନ ମେଳାରେ ସୌର ଶକ୍ତିରୁ କିଭଳି ବିଦ୍ୟୁତ ଉତ୍ପାଦନ ହୋଇପାରିବ ଓ କୋଇଲା ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ଅଙ୍ଗାରକାମ୍ଳ ଦ୍ୱାରା ବାୟୁ ପ୍ରଦୂଷଣକୁ ରୋକାଯାଇ ପାରିବ ସେ ସମ୍ପର୍କରେ ୬ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଅନ୍ୟପକ୍ଷେ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଛାମୁଣ୍ଡିଆ ଗ୍ରାମପଞ୍ଚାୟତଠାରେ ଆୟୋଜିତ ଗ୍ରାମସଭାରେ ସରପଞ୍ଚ ମଙ୍ଗୁଲୁ ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଜିପିଟିଏ ତଥା କନିଷ୍ଠ ଯନ୍ତ୍ରୀ ଦୀପକ ରଞ୍ଜନ ରାଉତ ଓ ଗ୍ରାମ ରୋଜଗାର ସେବକ ଗୋପାଳ କୃଷ୍ଣ ଧଳ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମସଭାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଶ୍ରମ ଅଟକଳ ଏବଂ ପ୍ରକଳ୍ପ ତାଲିକା ପ୍ରସ୍ତୁତ ଓ ଚୂଡ଼ାନ୍ତ କରାଯାଇଥିଲା।

**ଓଡ଼ଗାଁ,(ସ୍ୱ.ପ୍ର.):**ସ୍ଥାନୀୟ ବ୍ଲକ ଛକସ୍ଥିତ ଗାନ୍ଧୀ ପାର୍କଠାରେ ଶହୀଦ ସ୍ମୃତି ପରିଷଦ ତରଫରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଭୋର ସମୟରେ ସ୍କୁଲ ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି କରିବା ସହିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚିଥିଲେ। ସେଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଅତିଥିମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।


ଗଣିଆଠାରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

## ମେଡିକାଲ କର୍ମଚାରୀ ସଂଘ ଜିଲା ଶାଖା ସମାବେଶ

**ବ୍ରହ୍ମପୁର ଅଫିସ,୨।୧୦**

ବ୍ରହ୍ମପୁର ନଗର ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ମଙ୍ଗଳବାର ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସ୍ୱତନ୍ତ୍ର ସମାବେଶ ହୋଇଥିଲା । ଅବସର ଗ୍ରହଣ କରିଥିବା କର୍ମଚାରୀ କେ. ଭୀମା ରାଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ବରିଷ୍ଠ ଉପଦେଷ୍ଟା ରବି ରଥ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡ଼ା. ସଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଓଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କୁ ଅବସରକାଳୀନ ପେନସନ କାଗଜପତ୍ର ପ୍ରଦାନ କରାଯାଇଥିଲା। ନଗର ଚିକିତ୍ସାଳୟ ଅଧୀକ୍ଷକ ତଥା ଏଡିଏମଓ ଡା. ପି. କୁର୍ମୈୟା ସମ୍ମାନିତ ଅତିଥି ଥିଲେ । ସଂଘ ଜିଲା ଶାଖା ସମ୍ପାଦକ ବି. ନରସିଂହ ରାଓ, ରାଜ୍ୟ ସଂଘ ଉପସଭାପତି ସୁକାନ୍ତ ମୁଖୀ, ଉପଦେଷ୍ଟା ପ୍ରଦ୍ୟୁମ୍ନ ନାୟକ, ରେଣୁପ୍ରିୟା ପାଢ଼ୀ, ବିପିନି ବିହାରୀ ନାୟକ, ଟୁନା ଜେନା, ରବୀନ୍ଦ୍ର ନାୟକ ଓ ଅନ୍ୟମାନେ ରାଓଙ୍କ ଅବସର ଜୀବନର ସୁଖ ସମୃଦ୍ଧି କାମନା କରିଥିଲେ ।

# ଝାଡୁ ଧରିଲେ ବିଡିଓ

**ନୟାଗଡ଼ ଅଫିସ,୨।୧୦**

ନୟାଗଡ଼ ବିଡ଼ିଓ ମନୋଜ ପାତ୍ର ମଙ୍ଗଳବାର ଝାଡୁ ଧରି ଇଟାମାଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ସଫା କରିଥିବା ଦେଖିବାକୁ ମିଳିଥିଲା। ଇଟାମାଟି ଆଞ୍ଚଳିକ ମହିଳା ଉନ୍ନୟନ କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପାତ୍ର ଯୋଗ ଦେଇ ଝାଡୁ ସହିତ କୋଦାଳ ଧରି ବିଭିନ୍ନ ସ୍ଥାନ ସଫେଇ କରିଥିଲେ। ତାଙ୍କ ସହିତ ବ୍ଲକର କିଛି କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ। ପ୍ରଥମେ ଇଟାମାଟି ବଜାର ଓ ପରେ ମେଡ଼ିକାଲ୍ ଛକ, ପାର୍କ ଛକ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ସଫେଇ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୋନାଲିକା ମନ୍ଥନ, ବବିତା ଜେନା, ଫିଡ୍‌କୋର କର୍ମଚାରୀ, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ସମସ୍ତ ୱାର୍ଡ଼ମେମ୍ବର, ନାରାୟଣ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ସାମିଲ ହୋଇ ସଫେଇ କରିଥିଲେ। ଏକବର୍ଷ ତଳେ ଆରମ୍ଭ ହୋଇଥିବା ଇଟାମାଟି ଆଞ୍ଚଳିକ ମହିଳା ଉନ୍ନୟନ କମିଟି ତରଫରୁ ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଥିଲା।


ବିଡ଼ିଓ ମନୋଜ ପାତ୍ର ସଫେଇ କରୁଛନ୍ତି।

## ଯୁବ ଛାତ୍ରସଂସଦର ନିଶା ନିବାରଣ ପଦଯାତ୍ରା

**ନୟାଗଡ଼ ଅଫିସ,୨।୧୦**

ଅଖିଳ ଭାରତ ଯୁବ ଛାତ୍ର ସଂସଦ ଓ ନୟାଗଡ଼ ଯୁବ ଛାତ୍ର ସଙ୍ଗଠନର ମିଳିତ ସହଯୋଗରେ ମଙ୍ଗଳବାର ନିଶା ନିବାରଣ ପାଇଁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମଗ୍ର ରାଜ୍ୟକୁ ନିଶାମୁକ୍ତ କରିବା ନିମନ୍ତେ ଯୁବପିଢିଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ତ୍ରିନାଥ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରୁ ଏହି ପଦଯାତ୍ରା ବାହାରି ସହର ମଧ୍ୟ ଦେଇ ଟ୍ରାଫିକ୍ ଛକଠାରେ ପହଞ୍ଚିଥିଲା। ରାଜସ୍ୱ ଆଦାୟ ନାମରେ ମଦ ବେପାର କେତେ ସୁନା ସଂସାର ଉଜାଡୁଛି ବୋଲି ଛାତ୍ରମାନେ ନାରା ଦେଇଥିଲେ। ପରେ ଟ୍ରାଫିକ୍ ଛକଠାରେ ନିଶା ସେବନ ଦ୍ୱାରା ମଣିଷର କ'ଣ କ୍ଷତି ହେଉଛି ସେ ଉପରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଯୁବ ଛାତ୍ର ସଂସଦର ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ, ସମ୍ପାଦକ ମାମୁନ ରୌପ, ବଳଭଦ୍ର ପାତ୍ର, ସ୍ୱୟଂଜିତ ପଟ୍ଟନାୟକ, ତାପସ ପ୍ରଧାନ, ସାହାବାଦ୍ ଖାଁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।



ଯୁବକମାନେ ଟ୍ରାଫିକ୍ ଛକଠାରେ ସଚେତନତା ସୃଷ୍ଟି କରୁଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖଣ୍ଡପଡା,୨।୧୦(ସ୍ୱ.ପ୍ର.)**

ଗାନ୍ଧୀଜୟନ୍ତୀଠାରୁ ସାରା ରାଜ୍ୟରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅଭିଯାନ ଆରମ୍ଭ ହୋଇଛି। ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଗଡିଆସାହି ପଞ୍ଚାୟତରୁ ବିଜେଡି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଶହ ଶହ ଦଳୀୟ କର୍ମକର୍ତ୍ତା, ସଂଗଠକ ହାତରେ ପ୍ଲାକାର୍ଡ଼ ଧରି ଗଡିଆସାହି ପଞ୍ଚାୟତ ଅଧୀନ ପଥରଗଣ୍ଡ ଗ୍ରାମ ପରିକ୍ରମା କରି ଗ୍ରାମଦେବୀ ପିତାବଳୀ ପୀଠରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଗଡିଆସାହିଠାରେ ବିଧାୟକ ଦଳୀୟ ପତାକା ଦେଖାଇ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ପଦଯାତ୍ରା ମର୍ଦ୍ଦରାଜପୁର ପଞ୍ଚାୟତ ହରିଚନ୍ଦନପୁରଠାରୁ ବାହାରି ଗ୍ରାମ ପରିକ୍ରମା କରିବା ପରେ ସେଠାରେ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା । ଓଡିଶାର ବିକାଶ ପାଇଁ ବିଜେଡିର ପ୍ରତିବଦ୍ଧତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିବା କୁହାଯାଇଛି। ଆୟୋଜିତ କର୍ମୀ ସମ୍ମିଳନୀରେ ନେତୃବୃନ୍ଦମାନେ ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ । ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ମଜ୍‌ବୁତ୍ କରିବା ନିମନ୍ତେ ସମସ୍ତ କର୍ମକର୍ତ୍ତା ଆପ୍ରାଣ ଉଦ୍ୟମ ଜାରି ରଖିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ୍ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂହ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ପର୍ଯ୍ୟବେକ୍ଷିକା ବିଶ୍ୱଜ୍ୟୋତି ବେହେରା, ମହିଳାନେତ୍ରୀ ପ୍ରଭାସିନୀ ନନ୍ଦ, ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଛି, ଗଡିଆସାହି ସରପଞ୍ଚ ତଥା ସଭାପତି ବିପିନ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସମବାୟବିତ୍ ପ୍ରଫୁଲ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।


ଖଣ୍ଡପଡ଼ାଠାରେ ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀ।

**ରଣପୁର,(ସ୍ୱ.ପ୍ର.):** ଗାନ୍ଧୀ ଜୟନ୍ତୀ ଅବସରରେ ମଙ୍ଗଳବାର ନୟାଗଡ ଜିଲା ରଣପୁର ବିଜୁ ଜନତା ଦଳ ତରଫରୁ ଡମସାହି, ରଙ୍କଦେଉଳୀ ପଞ୍ଚାୟତରେ ଜନସମ୍ପର୍କ ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦ ଯାତ୍ରାକୁ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ଉଦ୍‌ଘାଟନ କରିଥିଲେ । ଏଥିରେ ବରିଷ୍ଠ ବିଜେଡି ନେତା ସିର୍ଦ୍ଧାଥ ପଣ୍ଡା, ରଣପୁର ବିଜୁ ଜନତା ଦଳର ସଭାପତି ତଥା ଆଇନଜୀବୀ ବନମାଳୀ ମହାପାତ୍ର, ମହିଳା ନେତ୍ରୀ ସ୍ମିତା ସିଂହ, ରଣପୁର ବ୍ଲକ ପୂର୍ବତନ ଚେୟାରମ୍ୟାନ୍ ପ୍ରଭାତ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ । ଉଭୟ ପଞ୍ଚାୟତକୁ ପଦଯାତ୍ରା କରି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ବଜ୍ରକୋଟ ପଞ୍ଚାୟତର ଜୟରାମ ଖଟେଇ, ରାଜକିଶୋର ପାଇକରାୟ, ବାଇଧର ପ୍ରଧାନ, ଭୀମସେନ ମାର୍ଥା, ବାବୁଲି ସ୍ୱାଇଁ, ବୁଧିଆ ନାୟକ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ସ୍ଥାନୀୟ ବିଧାୟକ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ରଣପୁର ବିଜୁ ଜନତା ଦଳକୁ ବିପୁଳ ମାତ୍ରାରେ ଜିତାଇବା ପାଇଁ ସମସ୍ତେ ଶପଥ ନେଇଥିଲେ ।

**ଦଶପଲ୍ଲା,(ଡି.ଏନ.ଏ.):** ରାଜ୍ୟରେ ୧ ମାସ ବ୍ୟାପୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଆଦିବାସୀବହୁଳ ଘୁଗୁଡିପଡ଼ା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ତତ୍ତ୍ୱାବଧାନରେ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବହୁ ଜନସାଧାରଣ ଏଥିରେ ସାମିଲ ହୋଇଛନ୍ତି। ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଦଳୀୟ ସଂଗଠନ କିପରି ମଜବୁତ ହୋଇପାରିବ ଏବଂ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ବଜାୟ ରହିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ପଦଯାତ୍ରା ବେଳେ ବହୁ ଦଳୀୟ କର୍ମୀ, ନେତା ଓ ଜନସାଧାରଣ ଉପସ୍ଥିତ ଥିଲେ।